

**ରୀଚାଙ୍କ ଲଢୁଆ ଇନିଂସ୍**
▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-104 ◆FRIDAY ◆10 OCTOBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୧୦୪ ◆ଶୁକ୍ରବାର ◆୧୦ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଜାନୁଆରୀରେ ଷଡ଼ଯନ୍ତ୍ର; ମାର୍ଚ୍ଚରେ ଭଣ୍ଡୁର

**ପୁଲିସ ଚାକିରି ବିକ୍ରି**

### ଆଭ୍ୟନ୍ତରୀଣ କନ୍ଦଳ ଯୋଗୁଁ ସଫଳ ହେଲାନି ଯୋଜନା
### ଖୋଦ୍ ରିଚ୍‌ମାଇଣ୍ଡର ଅଂଶୀଦାର କରିଥିଲେ ଅଭିଯୋଗ
### ଦୁର୍ନୀତି ଗନ୍ଧ ବାରି ଇସ୍ତଫା ଦେଇଥିଲେ ତତ୍କାଳୀନ ଅଧ୍ୟକ୍ଷ
### ଏଯାଏଁ ସାର୍ବଜନୀନ ହେଲାନି ପୂର୍ବ ଘଟଣାର ତଦନ୍ତ ରିପୋର୍ଟ

■ **ଭୁବନେଶ୍ୱର, ୯ ।୧୦ (ସମିସ):** ପୁଲିସ ଏସ୍‌ଆଇ ଚାକିରି ବିକ୍ରି ରାକେଟ୍ ଧରିପଡ଼ିବାର ୧୦ଦିନ ବିତିଥିଲେ ମଧ୍ୟ ମାଷ୍ଟରମାଇଣ୍ଡଙ୍କ ପାଖରେ ପହଞ୍ଚି ପାରିନି କ୍ରାଇମ୍‌ବ୍ରାଞ୍ଚ । ସବୁ ତଦନ୍ତ ସିଲିକନ୍ ଓ ପଞ୍ଚସପ୍ଟ ଲିମିଟେଡ୍ ପାଖରେ ତଦନ୍ତ ଅଟକି ଯାଇଛି, ଏପରିକି ଓପିଆର୍‌ବି ବା ଆଇଟିଆଇ ଲିମିଟେଡ୍‌ର କୌଣସି ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ସାମାନ୍ୟ ପଚରାଉଚରା କରାଯାଇ ନାହିଁ । ରାଜ୍ୟର ଏହି ଚର୍ଚ୍ଚିତ ଦୁର୍ନୀତିର ମୁଖ୍ୟ କାର୍ପଟଦାରଙ୍କ ସମ୍ପର୍କରେ ଜାଣିବାକୁ ସବୁ ମହଲରେ ଆଗ୍ରହ ସୃଷ୍ଟି ହୋଇଥିଲେ ହେଁ ଓପିଆର୍‌ବି ରହସ୍ୟମୟ ନିରବତା ଅବଲମ୍ବନ କରୁଛି । ଏପରିକି ଘଟଣାର ତଦନ୍ତ ଅଗ୍ରଗତି ସମ୍ପର୍କରେ କ୍ରାଇମବ୍ରାଞ୍ଚ ମାତ୍ର ଗୋଟିଏ ପ୍ରେସ୍ ବିବରଣୀ ଜାରି କରି ଏବେ ନିରବ । ତେବେ ଏହାରି ଭିତରେ ଆଉ ଯେଉଁ ତଥ୍ୟଟି ସାମ୍ନାକୁ ଆସିଛି, ତାହା ଅତ୍ୟନ୍ତ ସାଂଘାତିକ ମନେ ହେଉଛି । ଗତ ମାର୍ଚ୍ଚ ମାସରେ ଏହି ପରୀକ୍ଷାକୁ ଅଚାନକ ଭାବେ ସ୍ଥଗିତ ରଖିବା ପଛରେ ରହସ୍ୟ ସୂତାର ଗଣ୍ଠି ଫିଟିବାରେ ଲାଗିଛି । ପ୍ରଥମ ପର୍ଯ୍ୟାୟରେ ଆଇଟିଆଇଠାରୁ ପରୀକ୍ଷା ପରିଚାଳନା ଠିକା ପାଇଥିବା ଗୁଜରାଟର ରିଚ୍‌ମାଇଣ୍ଡ ଅଂଶୀଦାରଙ୍କ ମଧ୍ୟରେ ବିବାଦ ଓ ଏହାପରେ ଚାକିରି ବିକ୍ରି ପାଇଁ ହୋଇଥିବା ଷଡ଼ଯନ୍ତ୍ର ସମ୍ପର୍କରେ ଜଣା ପଡ଼ିଥିଲା । ଜଣେ ଅଂଶୀଦାରଙ୍କ ଅଭିଯୋଗ ଆଧାରରେ ସେତେବେଳେ ରିଚ୍‌ମାଇଣ୍ଡକୁ ପରୀକ୍ଷା ପରିଚାଳନାରୁ ବାଦ୍ ଦିଆଯାଇଥିଲା ଓ ଏହାର ତଦନ୍ତ ପାଇଁ ଓପିଆର୍‌ବି ଏକ ଆଭ୍ୟନ୍ତରୀଣ କମିଟି ଗଠନ କରିଥିଲା । ମାତ୍ର ଏହି କମିଟି କ'ଣ ରିପୋର୍ଟ ଦେଲା, ତାହା ଆଜିଯାଏଁ ସାର୍ବଜନୀନ ହୋଇନାହିଁ । ଅପରପକ୍ଷରେ ଚାକିରି ବିକ୍ରି ଷଡ଼ଯନ୍ତ୍ର ସମ୍ପର୍କରେ ସୁରାକ ପାଇବା ପରେ ତତ୍‌କାଳୀନ ଓପିଆର୍‌ବି ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ଆଇପିଏସ୍ ସନ୍ତୋଷ ଉପାଧ୍ୟାୟ ପଦରୁ ଓହରି ଯାଇଥିବା ସୂଚନା ମିଳିଛି ।




ଅନୁସନ୍ଧାନରୁ ଜଣାପଡ଼ିଛି ଯେ କେନ୍ଦ୍ରୀୟ ପିଏସ୍‌ୟୁ ସଂସ୍ଥା ଆଇଟିଆଇ ଲିମିଟେଡ୍ ଏହି ପରୀକ୍ଷା ପାଇଁ ଟେଣ୍ଡର ନେଇଥିବାବେଳେ ରିଚ୍‌ମାଇଣ୍ଡ ଏହାଠାରୁ ସବ୍-କଣ୍ଟ୍ରାକ୍ଟ ପାଇଥିଲା । ଗତ ମାର୍ଚ୍ଚ ୮ ଓ ୯ ତାରିଖରେ ଏସ୍‌ଆଇ ପରୀକ୍ଷା କରିବା ପାଇଁ ଆଡ୍‌ମିଟ୍ କାର୍ଡ ପ୍ରକାଶ ପାଇବାରୁ ବହୁ ପୂର୍ବରୁ ଅର୍ଥାତ୍ ଜାନୁଆରୀ ମାସରୁ ଚାକିରି ବିକ୍ରି ପାଇଁ ଷଡ଼ଯନ୍ତ୍ର ହୋଇଥିଲା । ଫେବ୍ରୁଆରୀ ଶେଷ ସପ୍ତାହ ଓ ମାର୍ଚ୍ଚ ପ୍ରଥମ ସପ୍ତାହରେ ଅନେକ ପରୀକ୍ଷାର୍ଥୀ ପ୍ରଶ୍ନପତ୍ର ଅଭ୍ୟାସ ପାଇଁ ରାଜ୍ୟରୁ ଉଭାନ୍ ହୋଇ ଯାଇଥିଲେ । ମାର୍ଚ୍ଚ ୩ ତାରିଖରୁ ରାଜ୍ୟରୁ ଉଭାନ୍ ହୋଇଯାଇଥିବା ପରୀକ୍ଷାର୍ଥୀଙ୍କ ସାଙ୍ଗସାଥୀମାନେ ସେତେବେଳେ ଏ ସଂକ୍ରାନ୍ତରେ ୟୁଟ୍ୟୁବ୍‌ରେ ଭିଡିଓ ଅପ୍‌ଲୋଡ୍ କରିଥିଲେ ହେଁ ତାହାକୁ ଏତେ ଗୁରୁତ୍ୱ ଦିଆଯାଇ ନ ଥିଲା । ତେବେ ପ୍ରଶ୍ନପତ୍ର ଲିକ୍ କରି ଚାକିରି ବିକ୍ରି କରିବା ▶ପୃଷ୍ଠା-୧୦

## ସାମ୍ବାଦିକ ସମ୍ମିଳନୀ ଡାକି ବାତିଲ କଲା ଓପିଆର୍‌ବି

■ **ଭୁବନେଶ୍ୱର, ୯ ।୧୦ (ସମିସ):** ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ଘଟଣା ସାରା ଦେଶରେ ଆଲୋଡନ ସୃଷ୍ଟି କରିଛି । ମଧ୍ୟପ୍ରଦେଶର ବ୍ୟାପମ୍ ସ୍କାମ୍‌ଠାରୁ ମଧ୍ୟ ଏହି ଚାକିରି ବିକ୍ରି ଘୋଟଲା ବଡ଼ଧରଣର ହୋଇଥିବା ଜାତୀୟ ଗଣମାଧ୍ୟମରେ ଖବର ବାଜିଲାଣି । ପ୍ରାୟ ଦେଢ଼ ଲକ୍ଷରୁ ଅଧିକ ଆଶାୟୀଙ୍କ ସମେତ ସାରା ଦେଶବାସୀ ଘୋଟାଲା ପ୍ରସଙ୍ଗରେ ଅଧିକାରିକ ବିବୃତ୍ତିକୁ ଅପେକ୍ଷା କରିଛନ୍ତି । ଏପରି ସ୍ଥିତିରେ ରାଜ୍ୟ ସରକାର, ପୁଲିସ୍ ମହାନିର୍ଦ୍ଦେଶକ କିମ୍ବା ଓଡ଼ିଶା ପୁଲିସ୍ ନିଯୁକ୍ତ ବୋର୍ଡର ଅଧ୍ୟକ୍ଷ ଏଯାଏଁ ମୁହିଁ ଖୋଲୁ ନାହାନ୍ତି । ଆଜି ଅପରାହ୍ଣ ସାଢ଼େ ୪ଟାରେ କଳ୍ପନାସ୍ଥିତ କାର୍ଯ୍ୟାଳୟରେ ଓପିଆର୍‌ବି ଅଧ୍ୟକ୍ଷ ସୁଶାନ୍ତ କୁମାର ନାଥ ସାମ୍ବାଦିକ ସମ୍ମିଳନୀ ଡ଼ାକିଥିଲେ । ଗଣମାଧ୍ୟମ ଜରିଆରେ ପରୀକ୍ଷାର୍ଥୀଙ୍କ ଉଦ୍ଦେଶ୍ୟରେ ସନ୍ଦେଶ ଦିଆଯିବ ବୋଲି ଉଲ୍ଲେଖ କରିଥିଲେ । ହେଲେ ସାମ୍ବାଦିକ ସମ୍ମିଳନୀ ଆରମ୍ଭ ହେବା ପୂର୍ବରୁ ତାହାକୁ ବାତିଲ୍ କରିଦିଆଗଲା । ନର୍ଦ୍ଦିଷ୍ଟ କେଉଁ କାରଣ ପାଇଁ ବାତିଲ୍ କରାଗଲା ଦର୍ଶାଇ ନ ଥିବାବେଳେ ଅନିବାର୍ଯ୍ୟ କାରଣବଶତଃ ସାମ୍ବାଦିକ ସମ୍ମିଳନୀକୁ ସ୍ଥଗିତ ରଖାଯାଇଥିବା ଓ ପରବର୍ତ୍ତୀ ସାମ୍ବାଦିକ ସମ୍ମିଳନୀର ସମୟ ଓ ସ୍ଥାନ ଧାର୍ଯ୍ୟ କରାଯାଇ ଖୁବ ଶୀଘ୍ର ସୂଚନା ଦିଆଯିବ ବୋଲି କୁହାଗଲା । କ୍ରାଇମବ୍ରାଞ୍ଚ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରୁଛି । ମାମଲାରେ ଜଡ଼ିତ ସମସ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ଆଶାୟୀମାନଙ୍କୁ ଅନୁରୋଧ କରିବା ସହ ଉପଯୁକ୍ତ ପ୍ରକ୍ରିୟା ଅନୁସରଣ କରି ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ ବୋଲି ଓପିଆର୍‌ବି ଅଧ୍ୟକ୍ଷ ଆଶ୍ୱାସନା ଦେଲେ । ମାତ୍ର ରାଜ୍ୟବାସୀ ଏତେ ବଡ଼ ଘୋଟାଲାର ବିଭିନ୍ନ ଦାଗ ଓ ସେମାନଙ୍କ ମନରେ ଥିବା ଅନେକ ପ୍ରଶ୍ନର ଉତ୍ତର ଅପେକ୍ଷାରେ ଥିବାବେଳେ ସାମ୍ବାଦିକ ସମ୍ମିଳନୀ ଡ଼ାକି ବାତିଲ୍ କରିବା ଆହୁରି ସନ୍ଦେହ ସୃଷ୍ଟି କରିଛି । ଉପରୁ ଚାପ ଯୋଗୁଁ ସାମ୍ବାଦିକ ସମ୍ମିଳନୀ ବାତିଲ କରାଗଲା ବୋଲି କୁହାଯାଉଥିଲେ ହେଁ ଓପିଆର୍‌ବି ନିଜ ଜାଲରେ ଛନ୍ଦି ହେବା ଆଶଙ୍କାରେ ସାମ୍ବାଦିକ ସମ୍ମିଳନୀକୁ ସ୍ଥଗିତ ରଖିଥିବା କୁହାଯାଉଛି ।

## ହଙ୍ଗେରୀର ଲାସ୍‌ଜ୍ଲୋଙ୍କୁ ସାହିତ୍ୟରେ ନୋବେଲ



■ **ଷ୍ଟକହାମ୍, ୯ ।୧୦ (ଏଜେନ୍ସି):** ୭୧ ବର୍ଷୀୟ ହଙ୍ଗେରୀ ଲେଖକ ଲାସ୍‌ଜ୍ଲୋ କ୍ରାସ୍‌ଜ୍ନାହୋରକାଇଙ୍କୁ ଚଳିତ ବର୍ଷ ସାହିତ୍ୟ ପାଇଁ ନୋବେଲ ପୁରସ୍କାର ପ୍ରଦାନ କରାଯିବ । ସ୍ୱିଡିସ୍ ଏକାଡେମୀ ପକ୍ଷରୁଆଜି ଏହି ଘୋଷଣା କରାଯାଇଛି । ଲାସ୍‌ଜ୍ଲୋଙ୍କ ଲେଖା ତଥା ସାହିତ୍ୟକୃତୀ ବହୁତ ପ୍ରଭାବଶାଳୀ ଓ ଦୂରଦୃଷ୍ଟିସମ୍ପର୍ଣ୍ଣ ବୋଲି ଏକାଡେମୀ ତରଫରୁ କୁହାଯାଇଛି । ବିଶ୍ୱରେ ଦେଖାଦେଇଥିବା ଆତଙ୍କର ବାତାବରଣରେ ମଧ୍ୟ ।।ରେ ସେ ନିର୍ଭିକ ଭାବେ କଳା ତଥା ସାହିତ୍ୟର ଶକ୍ତି ପ୍ରଦର୍ଶନ କରିବାର ସଫଳ ହୋଇଛନ୍ତି । ପୁରସ୍କାର ବାବଦରେ ତାଙ୍କୁ ୧୦ କୋଟି ୩୦ ଲକ୍ଷ ଟଙ୍କା, ଏକ ସ୍ୱର୍ଣ୍ଣ ପଦକ ଓ ପ୍ରମାଣପତ୍ର ପ୍ରଦାନ କରାଯିବ । ଡିସେମ୍ବର ୧୦ରେ ସ୍ୱିଡେନ ରାଜଧାନୀ ଷ୍ଟକହାମ୍‌ରେ ଆୟୋଜିତ ହେବାକୁ ଥିବା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନୋବେଲ ପୁରସ୍କାର ଆନୁଷ୍ଠାନିକ ଭାବେ ପ୍ରଦାନ ▶ପୃଷ୍ଠା-୧୦

## ସରକାରଙ୍କ କାର୍ଯ୍ୟ ସମୀକ୍ଷା କଲେ ବିଜେପି ମହାମନ୍ତ୍ରୀ

### ପଚାରି ବୁଝିଲେ ସରକାରଙ୍କ ୧୫ମାସର ଉପଲବ୍ଧି

### ରାଜ୍ୟର ଆଇନଶୃଙ୍ଖଳା ସ୍ଥିତିକୁ ନେଇ ଚିନ୍ତା ପ୍ରକଟ
### ଯୋଗଦେଲେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ
### ସରକାର-ସଂଗଠନ ମଧ୍ୟରେ ସମନ୍ୱୟ ପାଇଁ ପରାମର୍ଶ

■ **ଭୁବନେଶ୍ୱର, ୯।୧୦ (ସମିସ):** ଗୁରବାର ରାଜ୍ୟ ବିଜେପି କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ରାଜ୍ୟ ମନ୍ତ୍ରୀ ପରିଷଦର ସଦସ୍ୟମାନଙ୍କଠାରୁ ସରକାରଙ୍କ ଗତ ୧୫ ମାସର ଉପଲବ୍ଧି ପଚାରି ବୁଝିଛନ୍ତି ବିଜେପି ରାଷ୍ଟ୍ରୀୟ ସଙ୍ଗଠନ ମହାମନ୍ତ୍ରୀ ବି.ଏଲ.ସନ୍ତୋଷ । ସରକାରଙ୍କ ପ୍ରଦର୍ଶନ ଓ ମନ୍ତ୍ରୀମାନଙ୍କ ବ୍ୟକ୍ତିଗତ ରିପୋର୍ଟର୍ କାର୍ଡକୁ ସଂଗଠନ ମହାମନ୍ତ୍ରୀ ସମୀକ୍ଷା କରିଥିବା ଜଣାପଡ଼ିଛି । ଏହି ଅବସରରେ ସେ ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତିକୁ ନେଇ ଶ୍ରୀ ସନ୍ତୋଷ ଚିନ୍ତା ପ୍ରକଟ କରିବା ସହ ସରକାର ଏ ଦିଗରେ ଅଧିକ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି ।

ଗୁରବାର ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଜନଜାତି ସଙ୍କୁଳ ବିକାଶ ପରିଯୋଜନା କର୍ମଶାଳା ପରେ ମନ୍ତ୍ରୀ ପରିଷଦର ସଦସ୍ୟଙ୍କ ସହ ରାଷ୍ଟ୍ରୀୟ ସଂଗଠନ ମହାମନ୍ତ୍ରୀ ବୈଠକ କରିଛନ୍ତି । ବୈଠକରେ ରାଜ୍ୟ ସରକାରଙ୍କ ନିର୍ବାଚନ ପ୍ରତିଶ୍ରୁତି ଏବଂ ରାଜ୍ୟ ସରକାରଙ୍କ ୧୫ ମାସର ଉପଲବ୍ଧି ସମ୍ପର୍କରେ ବିଶଦ୍ ଆଲୋଚନା ହୋଇଛି । ଏଯାବତ୍ କେଉଁ କେଉଁ ପ୍ରତିଶ୍ରୁତି ପୂରଣ ହୋଇଛି, କେଉଁ କେଉଁ ପ୍ରତିଶ୍ରୁତି ଉପରେ ସରକାର କାର୍ଯ୍ୟ କରୁଛନ୍ତି ଏବଂ ଆଗାମୀ ଦିନରେ ରାଜ୍ୟ ସରକାର କେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି, ସେନେଇ ପଚାରି ବୁଝିଥିଲେ ଶ୍ରୀ ସନ୍ତୋଷ । ସଂଗଠନ ଏବଂ ସରକାର ମଧ୍ୟରେ ସମନ୍ୱୟକୁ ନେଇ ବିଜେପି ଶୀର୍ଷ ନେତୃତ୍ୱ ସବୁବେଳେ ଗୁରୁତ୍ୱ ଦେଇ ଆସୁଥିବା ବେଳେ ବୈଠକରେ ଏହାକୁ ଗୁରୁତ୍ୱାରୋପ ▶ପୃଷ୍ଠା-୧୦




# ଶାନ୍ତି ଚୁକ୍ତି ନେଇ ହମାସ- ଇସ୍ରାଏଲ ସହମତି

ୱାସିଂଟନ, ୯ ।୧୦(ଏଜେନ୍ସି): ଗତ ଦୁଇବର୍ଷ ହେବ ଗାଜାରେ ଇସ୍ରାଏଲ ଓ ହମାସ ମଧ୍ୟରେ ଚାଲିଥିବା ସଂଘର୍ଷ ଏବେ ଶେଷ ହେବା ନେଇ ଆଶା ସଞ୍ଚାର ସୃଷ୍ଟି ହୋଇଛି। ଆମେରିକା ମଧ୍ୟସ୍ଥତାରେ ଶାନ୍ତି ଚୁକ୍ତିର ପ୍ରଥମ ପର୍ଯ୍ୟାୟ ନେଇ ଇସ୍ରାଏଲ ଓ ହମାସ ସହମତି ପ୍ରକାଶ କରିଛନ୍ତି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗୁରୁବାର ବିଳମ୍ବିତ ରାତିରେ ସାମାଜିକ ଗଣମାଧ୍ୟମରେ ଏ ସଂକ୍ରାନ୍ତରେ ଘୋଷଣା କରିଛନ୍ତି। ଖୁବଶୀଘ୍ର ସବୁ ପଣବନ୍ଦୀଙ୍କୁ ମୁକ୍ତ କରାଯିବ ଓ ଇସ୍ରାଏଲ ମଧ୍ୟ ତା'ର ସେନାକୁ ଏକ ନିର୍ଦ୍ଧାରିତ ରେଖାକୁ ଫେରାଇଆଣିବ ବୋଲି ସେ ଟ୍ରୁଥ ସୋସିଆଲରେ ଉଲ୍ଲେଖ କରିଛନ୍ତି। ଏହା ମଜଭୂତ ଓ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ପାଇଁ ଏକ ପ୍ରଥମ ପଦକ୍ଷେପ ବୋଲି ସେ କହିଛନ୍ତି। ସୋମବାର ସୁଦ୍ଧା ଇସ୍ରାଏଲର ପଣବନ୍ଦୀଙ୍କୁ ମୁକ୍ତ କରାଯିବ ବୋଲି ଆଶା କରାଯାଉଛି ବୋଲି ସେ କହିଛନ୍ତି। ପୁଣି ଏହି ସପ୍ତାହ ଶେଷ ଆଡକୁ ଟ୍ରମ୍ପ ଇଜିପ୍ଟ ଯାଇପାରନ୍ତି। ଇଜିପ୍ଟରେ ଅକ୍ଟୋବର ୮ ରେ ଶାନ୍ତି ଚୁକ୍ତି ନେଇ ପରୋକ୍ଷରେ ଆଲୋଚନା ହୋଇଛି। ଶାନ୍ତି ଚୁକ୍ତିର ୭୨ ଘଣ୍ଟା ମଧ୍ୟରେ ସବୁ ପଣବନ୍ଧୀଙ୍କୁ ମୁକ୍ତି କରାଯିବ। ଶାନ୍ତି ଚୁକ୍ତି ଅନୁସାରେ ଇସ୍ରାଏଲ ବନ୍ଧକ ରଖିଥିବା ସବୁ ୨, ୦୦୦ ପାଲେଷ୍ଟାଇନ୍ କଏଦୀଙ୍କୁ ଛାଡିବ। ପ୍ରତିବଦଳରେ ଜୀବୀତ ଥିବା ଇସ୍ରାଏଲର ସବୁ ବନ୍ଧକଙ୍କୁ ହାମାସ ମଧ୍ୟ ମୁକ୍ତ କରିବ। ମୃତ୍ୟୁବରଣ କରିଥିବା ବନ୍ଧକଙ୍କ ମୃତଦେହ ମଧ୍ୟ ଫେରାଇ ଦିଆଯିବ ବୋଲି କୁହାଯାଇଛି। ଇସ୍ରାଏଲ ମଧ୍ୟ ଗାଜାରୁ ତା'ର ସେନାକୁ ହଟାଇବ ବୋଲି କୁହାଯାଇଛି।

# ଜୈସ ଗଢୁଛି ମହିଳା ଆତଙ୍କବାଦୀ ସଂଗଠନ

ଇସଲାମାବାଦ୍, ୯ ।୧୦(ଏଜେନ୍ସି): କୁଖ୍ୟାତ ପାକିସ୍ତାନ ଆତଙ୍କବାଦୀ ସଂଗଠନ ଜୈସ- ଇ- ମହମ୍ମଦ ପ୍ରଥମଥର ପାଇଁ ତା'ର ସଂଗଠନରେ ଏକ ସ୍ୱତନ୍ତ୍ର ମହିଳା ୟୁନିଟ୍ ଅର୍ଥାତ ବିଭାଗ ସୃଷ୍ଟି କରିବାକୁ ଯାଉଛି। ଏହାର ନାମ 'ଜମାନ-ଅଲ-ମୋମିନାତ' ରଖାଯାଇଛି। ଜଣାଶୁଣା ଆତଙ୍କାବାଦୀ ନେତା ମୌଲାନା ମାସୁଦ ଆଝାର ନାମରେ ଆସିଥିବା ଏକ ଚିଠିରୁ ଏହି ସୂଚନା ମିଳିଛି ବୋଲି ଗଣମାଧ୍ୟମଗୁଡିକ ଉଲ୍ଲେଖ କରିଛନ୍ତି। ପାକିସ୍ତାନର ବାହାବଳପୁରର ମରକଜ ଉସମାନ- ଓ- ଅଲିରେ ଅକ୍ଟୋବର ୮ ତାରିଖରେ ଏହି ମହିଳା ୟୁନିଟ୍ ପାଇଁ ମହିଳା ଆତାଙ୍କବାଦୀଙ୍କ ଭର୍ତ୍ତି କରିବା ପ୍ରକ୍ରିୟା ଆରମ୍ଭ ହୋଇଛି। ମାସୁଦ ଆଝାରର ଭଉଣୀ ସାଦିଆ ଆଝାର ଏହି ମହିଳା ସଂଗଠନର ନେତୃତ୍ୱ ନେବ। ଅପରେସନ ସିନ୍ଦୂରରେ ସାଦିଆର ସ୍ୱାମୀ ୟୁସୁଫ ଆଝାର ମେ ୭ ତାରିଖରେ ଭାରତୀୟ ବାୟୁସେନାର ଆକ୍ରମଣରେ ନିହତ ହୋଇଥିଲା। ଏହି ସଂଗଠନରେ ଆତଙ୍କବାଦୀଙ୍କ ପତ୍ନୀ ଓ ଗରିବ ମହିଳାଙ୍କୁ ଭର୍ତ୍ତି କରାଯାଉଛି। ଏହି ମହିଳାମାନେ ବାହାବଳପୁର, କରାଚୀ, ମୁଜାଫରାବାଦ୍, କୋଟଲି, ହରିପୁର ଓ ମାନସେରାରେ ଥିବା ମାଦ୍ରାସାରେ ପଢୁଛନ୍ତି। ଏହି ମହିଳା ଆତଙ୍କବାଦୀମାନଙ୍କୁ ଆତ୍ମଘାତୀ ଆକ୍ରମଣ ପାଇଁ ପ୍ରସ୍ତୁତ କରାଯିବ ବୋଲି ଅନୁମାନ କରାଯାଉଛି। ଉଲ୍ଲେଖଥାଉକି, ଆଇଏସ୍ଆଇଏସ୍ ଓ ବୋକୋ ହାରାମ ଭଳି ଆତଙ୍କବାଦୀ ସଂଗଠନଗୁଡିକ ମହିଳା ଆତଙ୍କବାଦୀଙ୍କୁ ଆତ୍ମଘାତୀ ଆକ୍ରମଣ ପାଇଁ ବ୍ୟବହାର କରୁଛନ୍ତି। ଯଦିଓ ଜୈଶ- ଇ- ମହମ୍ମଦ, ଲସ୍କର, ହିଜବୁଲ ଭଳି ସଂଗଠନ ଏପର୍ଯ୍ୟନ୍ତ ମହିଳାଙ୍କୁ ଏହି କାର୍ଯ୍ୟପାଇଁ ନିୟୋଜିତ କରିନାହାନ୍ତି। ଭାରତର ଅପରେସସନ ସିନ୍ଦୂର ପରେ ଆତଙ୍କବାଦୀ ସଂଗଠନଗୁଡିକର ଠିକଣା ଏବେ ପାକିସ୍ତାନର ଉତ୍ତରପ୍ରାନ୍ତରେ ଥିବା ଖାଇବର ପଖତୁନଖ୍ୱାକୁ ସ୍ଥାନାନ୍ତର କରାଯାଉଛି।

# ଅଯୋଧ୍ୟାରେ ବିସ୍ଫୋରଣ; ଘର ଭୁଶୁଡ଼ି ୫ ମୃତ

ଅଯୋଧ୍ୟା, ୯।୧୦ (ଏଜେନ୍ସି): ଅଯୋଧ୍ୟାର ପୁରା କାଲାନ୍ଦର ଥାନା ଅନ୍ତର୍ଗତ ପଗଲା ଭରି ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ଭୟଙ୍କର ବିସ୍ଫୋରଣ ହୋଇଛି। ଏଥିଯୋଗୁଁ ଏକ ଦୁଇ ମହଲା କୋଠା ସମ୍ପୂର୍ଣ୍ଣ ଭୁଶୁଡ଼ି ଯାଇଛି। ଏଥିରେ ୫ ଜଣଙ୍କ ମୃତ୍ୟୁ ହୋଇଛି। ଅବଶେଷ ତଳେ ଅନେକ ମଧ୍ୟ ଫସି ରହିଥିବା କୁହାଯାଉଛି। ଉଦ୍ଧାରକାର୍ଯ୍ୟ ଜାରି ରହିଛି। ସ୍ଥାନୀୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରୁଛନ୍ତି।ଏ ପର୍ଯ୍ୟନ୍ତ ବିସ୍ଫୋରଣର କାରଣ ଜଣାପଡି ନ ଥିବାବେଳେ ସ୍ଥାନୀୟ ଅଧିକାରୀ ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ହୋଇଥିବା କହିଛନ୍ତି। ସେହିପରି ଅନ୍ୟ ଏକ ରିପୋର୍ଟରେ କୁହାଯାଇଛି ଯେ ଏହି ଘରେ ବେଆଇନ ବାଣ କାରଖାନା ଚାଲିଥିଲା। ବାଣ ପ୍ରସ୍ତୁତି ସମୟରେ ନିଆଁ ଲାଗି ବିସ୍ଫୋରଣ ହୋଇଥିଲା।

# ଆଇଜି ଆତ୍ମହତ୍ୟା ଘଟଣା: ହଟିବେ ହରିୟାଣା ଡିଜିପି

ଚଣ୍ଡିଗଡ଼, ୯।୧୦ (ଏଜେନ୍ସି): ହରିୟାଣା ଆଇପିଏସ ଅଧିକାରୀ ଆଇଜି ୱାଇ ପୁରନ କୁମାରଙ୍କ ଆତ୍ମହତ୍ୟା ମାମଲା ସାରା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏହାକୁ ନେଇ ରାଜ୍ୟ ସରକାର ଡିଜିପି ଶତ୍ରୁଜିତ କପୁର ଏବଂ ରୋହତକ ଏସ୍‌ପି ନରେନ୍ଦ୍ର ବିଜାରଣିଆଙ୍କୁ ହଟାଇ ପାରନ୍ତି। ସୁଇସାଇଡ ନୋଟରେ ନାମ ଥିବା ଡିଜିପି, ଏସ୍‌ପିଙ୍କ ସମେତ ସବୁ ଅଧିକାରୀଙ୍କ ବିରୋଧରେ ମାମଲା ରୁଜୁ ସହିତ ଗିରଫ କରିବା ପାଇଁ ମୃତ ଆଇଜିଙ୍କ ଆଇଏଏସ ପତ୍ନୀ ଅମନୀତ ପି. କୁମାର ମୁଖ୍ୟମନ୍ତ୍ରୀ ନାଏବ ସିଂହ ସାଇନିଙ୍କ ନିକଟରେ ଦାବି କରିଛନ୍ତି। ଏଥିଯୋଗୁଁ ଗୁରୁବାର ମଧ୍ୟ ଆଇଜିଙ୍କ ମୃତଦେହର ବ୍ୟବଚ୍ଛେଦ ହୋଇପାରି ନାହିଁ। ଚଣ୍ଡିଗଡ଼ର ସେକ୍ଟର-୧୬ ସ୍ଥିତି ସରକାରୀ ହସ୍ପିଟାଲର ଶବଗୃହରେ ତାଙ୍କ ମୃତଦେହ ରଖାଯାଇଛି। ପତ୍ନୀଙ୍କ ଦାବି ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟମନ୍ତ୍ରୀ ସମୟ ମାଗିଛନ୍ତି। ଏହା ପରେ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି। ଏଥିରେ ମୁଖ୍ୟ ସଚିବ ଅନୁରାଗ ରସ୍ତୋଗି, ଡିଜିପି ଶତ୍ରୁଜିତ କପୁର ଏବଂ ମନ୍ତ୍ରୀ କୃଷ୍ଣଲାଲ ପନୱାର ସାମିଲ ହୋଇଥିଲେ। ବୈଠକ ପରେ ଗଣମାଧ୍ୟମ ସହ ଆଲୋଚନା ନ କରି ଡିଜିପି ପଳାଇ ଥିଲେ। କପୁରଙ୍କୁ ହଟାଇ ଓପି ସିଂହଙ୍କୁ ନୂଆ ଡିଜିପି ନିଯୁକ୍ତି କରାଯାଇପାରେ।

## ସରୋଗେସି ଆଇନକୁ ନେଇ ସୁପ୍ରିମକୋର୍ଟଙ୍କ ରାୟ

# ମା'-ବାପା କିଏ, ତାହା ସ୍ଥିର କରିପାରିବେନି ସରକାର



ନୂଆଦିଲ୍ଲୀ, ୯।୧୦ (ଏଜେନ୍ସି): ସରୋଗେସି ଆଇନକୁ ନେଇ ସୁପ୍ରିମକୋର୍ଟ ଗୁରୁବାର ବଡ଼ ରାୟ ଦେଇଛନ୍ତି। ୨୦୨୨ ପୂର୍ବରୁ ଭ୍ରୁଣ (ଫର୍ଟିଲାଇଜ ଏଗ୍) ଫ୍ରିଜ କରାଇ ଥିଲେ, ସରୋଗେସି ଆଇନ ଅଧିନରେ ଆଶ୍ୱସ୍ତି ମିଳିପାରେ ବୋଲି ଜଷ୍ଟିସ ବିଭି ନାଗରତ୍ନା ଏବଂ ଜଷ୍ଟିସ କେଭି ବିଶ୍ୱନାଥାନଙ୍କ ଖଣ୍ଡପୀଠ କହିଛନ୍ତି। ଏହି ମାମଲାରେ କେନ୍ଦ୍ର ପକ୍ଷରୁ ବର୍ଦ୍ଧିତ ବୟସ ଉପରେ ଚିନ୍ତା ପ୍ରକଟ କରାଯାଇଥିଲା। ମାତ୍ର ସୁପ୍ରିମକୋର୍ଟ ଏହାକୁ ନେଇ କେନ୍ଦ୍ରକୁ ଭର୍ତ୍ସନା କରିଥିଲେ। ଆଉ କହିଥିଲେ ଯେ କିଏ ମା'-ବାପା ହେବେ ତାହା ସରକାର ଧାର୍ଯ୍ୟ କରିପାରିବେ ନାହିଁ। କାରଣ ପ୍ରାକୃତିକ ପ୍ରକ୍ରିୟାରେ ବି ବୟସ ନେଇ କୌଣସି ସୀମା ନାହିଁ। ଏହି ସମ୍ପୂର୍ଣ୍ଣ ମାମଲା ସରୋଗେସି ଆଇନ-୨୦୨୧ ସମ୍ବନ୍ଧିତ। ଏହା ୨୦୨୨ ଜାନୁଆରୀରେ କାର୍ଯ୍ୟକାରୀ ହୋଇଥିଲା। ଆଇନ ଅନୁଯାୟୀ ୨୬-୫୫ ବର୍ଷର ପୁରୁଷ ଏବଂ ୨୩-୫୦ ବର୍ଷର ମହିଳାଙ୍କୁ ସରୋଗେସି ପାଇଁ ଅନୁମତି ଦିଆଯିବ। ଏହି ଆଇନ ବିରୋଧରେ ଅନେକ ଆବେଦନ ଦାଏର କରାଯାଇଛି। ଚେନ୍ନଇର ଇନଫର୍ଟିଲିଟି ସ୍ପେସିଆଲିଷ୍ଟ ଡ. ଅରୁଣ ମୁଥୁୱେଲ ମୁଖ୍ୟ ଆବେଦନକାରୀ ଅଛନ୍ତି। ସେ ବାଣିଜ୍ୟିକ ସରୋଗେସିରୁ କଟକଣା ହଟାଇବା ପାଇଁ ଦାବି କରିଥିଲେ। ମାସାଧିକ କାଳ ଏହା ଉପରେ ଶୁଣାଣି କରି ସୁପ୍ରିମକୋର୍ଟ ଗତ ଜୁଲାଇରେ ରାୟ ସଂରକ୍ଷିତ ରଖିଥିଲେ।

ଖଣ୍ଡପୀଠ ରାୟ ଶୁଣାଇ କହିଛନ୍ତି ଯେ ଆଇନ ହେବା ପୂର୍ବରୁ ଦମ୍ପତିମାନେ ଭ୍ରୁଣ ଫ୍ରିଜ୍ କରାଇ ଥିଲେ। ସେତେବେଳେ ଏ ନେଇ କୌଣସି ବୟସ ସୀମା ନ ଥିଲା। ତେଣୁ ତାଙ୍କ ପାଖରେ ପୂର୍ବରୁ ସରୋଗେସି ଅଧିକାର ରହିଛି। ତେଣୁ ପୁରୁଣା ମାମଲା ଉପରେ ନୂଆ ଆଇନ ଲାଗୁ ହେବ ନାହିଁ। ଦମ୍ପତିଙ୍କ ସ୍ପର୍ମ ଏବଂ ଏଗ୍ ବାହାର କରି ଭ୍ରୁଣ ପ୍ରସ୍ତୁ ପରେ ଫ୍ରିଜ କରିଦିଆଯାଇଥିଲେ ସରୋଗେସି ପ୍ରକ୍ରିୟା ଆରମ୍ଭ ହେଲା ବୋଲି ଧରାଯିବ। ଏହା ପରେ ଦମ୍ପତିଙ୍କ କାମ ଶେଷ ହୋଇ ଯାଇଥାଏ। ପରବର୍ତ୍ତୀ ପ୍ରକ୍ରିୟା ସରୋଗେଟ ମାଆଙ୍କ ସମ୍ବନ୍ଧିତ ହୋଇଥାଏ। ତେବେ ଶୁଣାଣି ସମୟରେ ବୟସ୍କ ମାତାପିତା ପିଲାଙ୍କ ଯତ୍ନ ନେଇପାରିବେନି ବୋଲି କେନ୍ଦ୍ର ପକ୍ଷରୁ ଯୁକ୍ତି କରାଯାଇଥିଲା। ମାତ୍ର ଖଣ୍ଡପୀଠ ଏହାକୁ ଖାରଜ କରିଦେଇଥିଲେ। ମାତାପିତା ହେବାକୁ କିଏ ଯୋଗ୍ୟ ଏବଂ ଅଯୋଗ୍ୟ ତାହା ସରକାର ଧାର୍ଯ୍ୟ କରିପାରିବେ ନାହିଁ ବୋଲି କୋର୍ଟ କହିଥିଲେ। ଅଭିଭାବକଙ୍କ କ୍ଷମତା ଉପରେ ପ୍ରଶ୍ନ ଉଠାଇବା ଅନୁଚିତ। ପ୍ରଜନନରେ ସ୍ୱାଧୀନତାକୁ ଆଇନ ମାନ୍ୟତା ଦେଉଛି। ବୟସ ସମ୍ବନ୍ଧିତ ଚିନ୍ତା ସଂସଦର ବିଷୟ, କିନ୍ତୁ ପୁରୁଣା ମାମଲାରେ ଏହାକୁ କାର୍ଯ୍ୟକାରୀ କରାଯାଇପାରିବ ନାହିଁ।

# ବିହାରରେ ବାଦ୍ ପଡ଼ିଥିବା ଭୋଟରଙ୍କୁ ମିଳିବ ମାଗଣା ଆଇନ ସହାୟତା: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୯।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ସ୍ୱତନ୍ତ୍ର ଭୋଟର ତାଲିକା ଯାଞ୍ଚ ତଥା ଏସଆଇଆର ବିରୋଧରେ ଦାଏର ଆବେଦନ ଉପରେ ଗୁରୁବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି। ଆବେଦନକାରୀଙ୍କ ପାଖରେ ତଥ୍ୟର ଅଭାବ ଏବଂ ଭାବପ୍ରବଣତା ଅଧିକ ରହିଛି ବୋଲି ଜଷ୍ଟିସ ଜୟମାଲ୍ୟ ବାଗଚୀ କହିଛନ୍ତି। କାରଣ ଭୁଲ୍ ଭାବେ ଭୋଟର ତାଲିକାରୁ ବାଦ୍ କରାଯାଇଥିବା ବହୁତ କମ୍ ଲୋକ ଯାଞ୍ଚ ଆବେଦନ କରୁଥିବା ଓକିଲ ଯୁକ୍ତି ବାଢିଥିଲେ। ତେବେ ସୁପ୍ରିମକୋର୍ଟ କହିଥିଲେ ଯେ ପ୍ରକ୍ରିୟାରେ ଯାହା ବି ଫଳାଫଳ ବାହାରୁନା କାହିଁକି, ଚୂଡ଼ାନ୍ତ ତାଲିକାରୁ ବାଦ୍ ପଡିଥିଲା ଲୋକଙ୍କ ଆଇନଗତ ସୁରକ୍ଷା କରିବା ବାଧ୍ୟତାମୂଳକ। ତେଣୁ ସେ ଏଭଳି ଲୋକଙ୍କୁ ମାଗଣା ଆଇନ ସହାୟତା ଦେବାକୁ ରାଜ୍ୟ ଲିଗାଲ ସର୍ଭିସ ଅଥରିଟି (ଏଲଏସଏ)କୁ ନିର୍ଦ୍ଦେଶ ଦେଇଛନ୍ତି। ବାଦ୍ ପଡ଼ିଥିବା ଲୋକଙ୍କ ତାଲିକା ସଂଗ୍ରହ କରି ଚିଠା ପ୍ରସ୍ତାବ ପ୍ରସ୍ତୁତ କରିବାକୁ ଏବଂ ଆଇନଗତ ସହାୟତା ଦେବାକୁ କୋର୍ଟ ଏଲଏସଏକୁ କହିଛନ୍ତି।

ଆବେଦନକାରୀ ଦର୍ଶାଇ ଥିଲେ ଯେ ଚୂଡ଼ାନ୍ତ ତାଲିକାରୁ ବାଦ ପଡ଼ିଥିବା ପ୍ରାୟ ୩.୬୬ ଲକ୍ଷ ଲୋକ ଆବେଦନ କରିପାରି ନଥିଲେ। କାରଣ ଭୋଟର ତାଲିକାରୁ ବାଦ ଦିଆଯାଇଥିବା ନେଇ ନିର୍ବାଚନ କମିଶନଙ୍କ ପକ୍ଷରୁ କୌଣସି ବିଜ୍ଞପ୍ତି ଜାରି କରାଯାଇ ନ ଥିଲା। ଲୋକଙ୍କୁ ନିଜେ ଯାଞ୍ଚ କରିବା ପାଇଁ ଛାଡ଼ି ଦେଇଥିଲେ। ତେଣୁ ଇସି ପ୍ରକ୍ରିୟାରେ ଅବହେଳା କରିଛନ୍ତି ବୋଲି ଆବେଦନକାରୀ ଏଡିଆର ପକ୍ଷରୁ ଓକିଲ ପ୍ରଶାନ୍ତ ଭୂଷଣ ଯୁକ୍ତି ବାଢିଥିଲେ। ଏ ନେଇ ବାଦ ପଡିଥିବା ଶହେ ଲୋକଙ୍କୁ କୋର୍ଟରେ ହାଜର କରାଯାଇଥିଲା। କିନ୍ତୁ ସେମାନଙ୍କୁ ଇସିଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଇ ନ ଥିଲା। ମାତ୍ର ବାଦ ପଡିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ନୋଟିସ ଦିଆଯାଇଥିବା ଇସିଙ୍କ ପକ୍ଷରୁ କୁହାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଦାଏର ସତ୍ୟପାଠ ଉପରେ ମଧ୍ୟ ପ୍ରଶ୍ନ ଉଠା ଯାଇଥିଲା। ଶହେ ଲୋକଙ୍କ ବିବରଣୀ ମଧ୍ୟ ସନ୍ଦେହଘେରେରେ ଥିବା କୁହାଯାଇଥିଲା। ନିର୍ବାଚନ କମିଶନ ବିବରଣୀଗୁଡ଼ିକୁ ପୁଣି ଯାଞ୍ଚ ପାଇଁ ସମୟ ମାଗିଥିଲେ, ଯେଉଁଥିରେ ଦର୍ଶାଯାଇଥିଲା ଯେ ଭୋଟର ତାଲିକା ୧୭ ତାରିଖରେ ଅକାମୀ ହୋଇଯିବ। ଏହାକୁ ନେଇ ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଥିଲେ ଯେ ଆମେ ଏହା ଉପରେ ବିଚାର କରିବୁ। ଯଦି ସମୟସୀମା ନାହିଁ, ତେବେ ଆମେ ସେଗୁଡ଼ିକୁ ସ୍ଥିର କରିପାରିବା। ନଚେତ ଧାଡିକିଆ ନିର୍ଦ୍ଦେଶ ସହିତ ଆବେଦନ ଖାରଜ କରିଦିଆଯିବ। ପୁଣିଥରେ ଏ ନେଇ କୋର୍ଟ ଆବେଦନକାରୀଙ୍କୁ ଆଶ୍ୱାସନା ଦେଇଛନ୍ତି।

# ଏନ୍‌ଡିଏ, ଇଣ୍ଡିଆର ଛିଡୁନି ଭାଗ; ଆସିଲା ପିକେଙ୍କ ପ୍ରାର୍ଥୀ ତାଲିକା

ପାଟନା, ୯।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନକୁ ନେଇ ରାଜନୀତି ସରଗରମ ହେବାରେ ଲାଗିଛି। ଲୋକଙ୍କୁ ନିଜ ଆଡକୁ ଆକୃଷ୍ଟ କରିବା ପାଇଁ ରାଜନୈତିକ ଦଳଗୁଡିକ ମାଗଣା ପ୍ରତିଶ୍ରୁତି ଦେବାରେ ଲାଗିଛନ୍ତି। କିନ୍ତୁ ପ୍ରମୁଖ ଶାସକ ଏବଂ ବିରୋଧୀ ମେଣ୍ଟର ଅଙ୍କ କଷା ଏ ପର୍ଯ୍ୟନ୍ତ ଛିଡି ପାରୁନାହିଁ। ମାତ୍ର ରାଜନୈତିକ ରଣନୀତିକାର ପ୍ରଶାନ୍ତ କିଶୋର (ପିକେ)ଙ୍କ ଦଳ ଜନ ସୁରାଜ ପାର୍ଟି ଆଗରେ ରହିଛି। ଆସନ ବଣ୍ଟନକୁ ନେଇ କ୍ଷମତାସୀନ ଦଳ ଅକଳରେ ପଡିଛି। କିଏ କେତେ ଆସନରେ ଲଢ଼ିବ ତାହାକୁ ନେଇ ବିଜେପି, ନୀତୀଶ କୁମାରଙ୍କ ଜେଡିୟୁ, ଜିତନ ରାମ ମାନ୍‌ଝୀଙ୍କ ହାମ୍, ଚିରାଗ ପାଶ୍ୱାନଙ୍କ ଆରଏଲଜେପି ଏବଂ ଉପେନ୍ଦ୍ର କୁଶ୍ୱାହଙ୍କ ଆରଏଲଏସପି ମଧ୍ୟରେ ଚିନ୍ତା ବୃଦ୍ଧି ପାଇଛି। ଏ ନେଇ ବିଜେପି ବିଭିନ୍ନ ଦଳଙ୍କ ସହ ଆଲୋଚନା ଜାରି ରଖିଛି। ଆଉ ଏହା ସକରାତ୍ମକ ରହିଥିବା କୁହାଯାଉଛି। ୧୩ ତାରିଖରେ ଏନ୍‌ଡିଓ ପକ୍ଷରୁ ଆସନ ବୁଝାମଣା ନେଇ ଘୋଷଣା କରାଯାଇପାରେ।

ଅନ୍ୟପଟେ ଇଣ୍ଡିଆ ମେଣ୍ଟର କଂଗ୍ରେସ, ଆରଜେଡି, ଭିଆଇପି, ସିପିଆଇ, ସିପିଆଇଏମଏଲ ଭଳି ଦଳ ସାମିଲ ରହିଛନ୍ତି। ଏହି ମେଣ୍ଟରେ ମଧ୍ୟ ଆସନ ବଣ୍ଟନକୁ ନେଇ ଅକଳ ଗୁଡମ ହୋଇଛି। କଂଗ୍ରେସ ଅଧିକ ଆସନ ମାଗୁଥିବାବେଳେ ଆରେଜେଡି ଏଥିରେ ରାଜି ହେଉନାହିଁ। ଗତ ବର୍ଷ ଯେତିକି ଆସନରେ କଂଗ୍ରେସ ଲଢିଥିଲା ସେତିକି ଦେବାକୁ ଚାହୁଁଛି। ନିଜ ପାଇଁ ଅଧିକ ଆସନ ଦାବି କରୁଛି। ଏଥିପାଇଁ ଗତ ଥରର ସମୀକରଣକୁ ଦର୍ଶାଉଛି। ସେହିପରି ମହାମେଣ୍ଟରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀକୁ ନେଇ ମଧ୍ୟ ବିବାଦ ରହିଛି। ତେଜସ୍ୱୀ ଯାଦବଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିବାକୁ ଆରଜେଡି ଚାହୁଁଛି। କିନ୍ତୁ କଂଗ୍ରେସ ମୁଖ୍ୟମନ୍ତ୍ରୀ ଚେହେରା ବିନା ଲଢିବାକୁ ଚାହୁଁଛି। କିଏ କେତେ ଆସନରେ ଲଢିବା ତାହାକୁ ନେଇ ଦଳଗୁଡିକ ମଧ୍ୟରେ ବିବାଦ ଲାଗି ରହିଛି। ଏହା ମଧ୍ୟରେ ଜନସୁରାଜ ପାର୍ଟି ଗୁରୁବାର ନିଜର ପ୍ରଥମ ପ୍ରାର୍ଥି ତାଲିକା ଜାରି କରିଛି। ଏଥିରେ ୫୧ ଜଣଙ୍କ ନାମ ରହିଛି। ମାତ୍ର ଯାହାକୁ ଟିକଟ ମିଳିନି ସେମାନେ ହଙ୍ଗାମା ଆରମ୍ଭ କରିଦେଇଛନ୍ତି।

# ଟ୍ରମ୍ପଙ୍କ ସହ କଥା ହେଲେ ମୋଦୀ

ୱାସିଂଟନ, ୯।୧୦ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ କଥା ହୋଇଛନ୍ତି। ଗାଜା ଅସ୍ତ୍ରବିରତି ଯୋଜନାର ସଫଳତାକୁ ନେଇ ମୋଦୀ ଏହି ଅବସରରେ ଶୁଭେଚ୍ଛା ଜଣାଇଛନ୍ତି। ପଣବନ୍ଦୀଙ୍କୁ ମୁକ୍ତ ଏବଂ ଲୋକଙ୍କୁ ସହାୟତା କରିବାରେ ଏହି ଯୋଜନା ଉପଯୋଗୀ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଭାରତ ଏଭଳି ପ୍ରୟାସକୁ ସର୍ବଦା ସମର୍ଥନ କରିବ। ଆଜି ସନ୍ଧ୍ୟାରେ



ଫୋନ କରି ଟ୍ରମ୍ପଙ୍କ ସହିତ କଥା ହେବାପରେ ପ୍ରଧାନମନ୍ତ୍ରୀ 'ଏକ୍ସ'ରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, 'ଆଜି ମୁଁ ମୋର ମିତ୍ର, ଆମେରିକାର ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପଙ୍କ ସହିତ କଥା ହୋଇ ଗାଜା ଶାନ୍ତି ଯୋଜନାର ସଫଳତା ପାଇଁ ଅଭିନନ୍ଦନ ଜଣାଇଲି। ଭାରତ ଓ ଆମେରିକା ମଧ୍ୟରେ ଚାଲିଥିବା ବାଣିଜ୍ୟ କଥାବାର୍ତ୍ତାର ଅଗ୍ରଗତି ସଂପର୍କରେ ମଧ୍ୟ ଟ୍ରମ୍ପଙ୍କ ସହ କଥା ହୋଇଛି।' ବାଣିଜ୍ୟ ଆଲୋଚନାରେ ଭଲ ଅଗ୍ରଗତି ହୋଇଛି ବୋଲି ସୂଚନା ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଆଗାମୀ ଦିନରେ ମଧ୍ୟ ସେ ଏସଂପର୍କରେ ଆଲୋଚନା ଜାରି ରଖିବେ। ଏହା ସହିତ ପ୍ରଧାନମନ୍ତ୍ରୀ ମୋଦୀ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କୁ ମଧ୍ୟ ଫୋନ୍ କରି ଗାଜା ଶାନ୍ତି ଯୋଜନା ସଂପର୍କରେ ଆଲୋଚନା କରିଛନ୍ତି।

# ୨୫ ମୃତ୍ୟୁ ପରେ ଚେତା ପଶିଲା

ନୂଆଦିଲ୍ଲୀ, ୯ ।୧୦(ଏଜେନ୍ସି): ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ବିଷାକ୍ତ କୋଲଡ୍ରିଫ କଫ୍ ସିରପ୍ ପିଇ ୨୫ ଜଣ ଶିଶୁଙ୍କ ମୃତ୍ୟୁ ପରେ କେନ୍ଦ୍ର ସରକାରଙ୍କ ଚେତା ପଶିଛି। ଔଷଧ କମ୍ପାନୀଗୁଡିକର ଯାଞ୍ଚ ଓ ନମୁନା ପରୀକ୍ଷା କରିବାକୁ କେନ୍ଦ୍ରୀୟ ଡ୍ରଗ୍ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେସନ (ସିଡିଏସ୍‌ସିଓ) ନିଷ୍ପତ୍ତି ନେଇଛି। ସରକାର ମଧ୍ୟ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶକୁ ସିରପ ପ୍ରସ୍ତୁତ କରୁଥିବା କମ୍ପାନୀଗୁଡିକର ତାଲିକା ମାଗିଛନ୍ତି। କମ୍ପାନୀଗୁଡିକର ମାନ ଓ ସୁରକ୍ଷା ଯାଞ୍ଚ କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ୩ଟି ସିରପ ଯଥା କୋଲଡ୍ରିଫ, ରେସ୍ପିଫ୍ରେସ-ଟିଆର ଓ ରିଲାଇଫ୍‌ର ବିକ୍ରିକୁ ବଜାରେ ସମ୍ପୂର୍ଣ୍ଣ ରୂପେ ନିଷେଧ କରାଯାଇଛି ବୋଲି ସିଡିଏସ୍‌ପିଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନକୁ କହିଛି। ପୁଣି ସବୁ ଔଷଧ ପସ୍ତୁତି କରିବା ପୂର୍ବରୁ କଞ୍ଚାମାଲ ଓ ପସ୍ତୁତ ହୋଇସାରିଥିବା ଔଷଧର ପରୀକ୍ଷା କରିବାକୁ ସିଡିଏସ୍‌ସିଓ ସବୁ ରାଜ୍ୟକୁ ନିର୍ଦ୍ଦେଶ ଦେଇଛି। ଏ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଚିନ୍ତା ପ୍ରକଟ କରିଛି।

**ସାରାଦେଶରେ କଫ୍ ସିରପ୍ କମ୍ପାନୀର ଯାଞ୍ଚ ହେବ**

**ରାଜ୍ୟମାନଙ୍କୁ ତାଲିକା ମାଗିଲା କେନ୍ଦ୍ର**

ମଧ୍ୟପ୍ରଦେଶ ଓ ତାମିଲନାଡୁ ପୁଲିସର ମିଳିତ କାର୍ଯ୍ୟାନୁଷ୍ଠାନ କ୍ରମେ ଶ୍ରୀସାନ ଫାର୍ମା କମ୍ପାନୀର ନିର୍ଦ୍ଦେଶକ ଗୋବିନ୍ଦନ ରଙ୍ଗନାଥନଙ୍କୁ ଗୁରୁବାର ଗିରଫ କରାଯାଇଛି। ମଧ୍ୟପ୍ରଦେଶ ସରକାର ଦ୍ୱାରା ଗଠନ କରାଯାଇଥିବା ସ୍ପେଶିଆଲ ଇନ୍‌ଭେଷ୍ଟିଗେଟିଭ ଟିମ୍ (ଏସ୍‌ଆଇଟି) ବୁଧବାର ରାତିରେ ଚେନ୍ନାଇରୁ ରଙ୍ଗନାଥନ ଓ ତାଙ୍କ ପତ୍ନୀଙ୍କୁ ଗିରଫ କରିଛି। ଏସ୍‌ଆଇଟି ତାଙ୍କଠାରୁ କମ୍ପାନୀର ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ଔଷଧର ନମୁନା ଓ ପ୍ରଡକସନ ରେକର୍ଡ ଜବତ କରିଛି। ତାଙ୍କ ଉପରେ ୨୦ ହଜାର ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ସେ ତାଙ୍କ ପତ୍ନୀଙ୍କ ସହ ଫେରାର ଥିଲେ। ଚେନ୍ନାଇରେ ତାଙ୍କର ଚେନ୍ନାଇ- ବେଙ୍ଗାଲୁରୁ ରାଜପଥରେ ଥିବା ୨, ୦୦୦ ବର୍ଗଫୁଟ୍‌ର ଆପାର୍ଟମେଣ୍ଟକୁ ସିଲ୍ କରିଦିଆଯାଇଛି। ସେହିପରି କେଡାମ୍ବାକାମ୍‌ରେ ଥିବା ତାଙ୍କ କାର୍ଯ୍ୟାଳୟକୁ ମଧ୍ୟ ବନ୍ଦ କରିଦିଆଯାଇଛି। ଇତିମଧ୍ୟରେ ଏହି ବିଷାକ୍ତ କଫ୍ ସିରପ ସେବନ କରି ମଧ୍ୟପ୍ରଦେଶରେ ମୃତ୍ୟୁବରଣ କରିଥିବା ଶିଶୁଙ୍କ ସଂଖ୍ୟା ୨୫ରେ ପହଞ୍ଚିଛି। ରଙ୍ଗନାଥନକୁ ଚେନ୍ନାଇର କୋର୍ଟରେ ହଜାର କରାଯିବା ପରେ ଟ୍ରାନଜିଟ୍ ରିମାଣ୍ଡ ଅନୁସାରେ ତାଙ୍କୁ ମଧ୍ୟପ୍ରଦେଶର ଛିନ୍ଦୱାଡ଼ା ନିଆଯାଇଥିଲା। କୋଲଡ୍ରିଫ୍ ତିଆରି କରୁଥିବା ଶ୍ରୀସେନ ଫାର୍ମାସ୍ୟୁଟିକାଲ କମ୍ପାନୀର ଲାଇସେନ୍ସକୁ ମଧ୍ୟ ରଦ୍ଦ କରିଦିଆଯାଇଛି।


# ଭାରତରେ ତାଲିବାନ ବିଦେଶ ମନ୍ତ୍ରୀ



ନୂଆଦିଲ୍ଲୀ, ୯ ।୧୦(ଏଜେନ୍ସି): ଆଫଗାନିସ୍ତାନର କାର୍ଯ୍ୟକାରୀ ବିଦେଶ ମନ୍ତ୍ରୀ ଅମୀର ଖାନ୍ ମୁତ୍ତାକୀ ଶୁକ୍ରବାର ଭାରତରେ ପହଞ୍ଚିଛନ୍ତି। ସେ ଗୋଟିଏ ସପ୍ତାହ ଭାରତରେ ରହିବେ। ୨୦୨୧ ଅଗଷ୍ଟରେ ଆଫାଗାନିସ୍ତାନର ଶାସନଭାର ତାଲିବାନ ହାତକୁ ଯାଇଥିଲା। ସେ ପ୍ରଥମ ତାଲିବାନ ମନ୍ତ୍ରୀ ଭାବେ ଭାରତ ଗସ୍ତ କରିଛନ୍ତି। ତେଣୁ ଗସ୍ତର ଗୁରୁତ୍ୱ ଯଥେଷ୍ଟ ରହିଛି। ମୁତ୍ତାକୀଙ୍କୁ ଦିଲ୍ଲୀ ବିମାନ ବନ୍ଦରରେ ଜୋରଦାର ସ୍ୱାଗତ କରାଯାଇଥିଲା ବୋଲି ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି। ତାଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କ ଓ ବିଭିନ୍ନ ଆଞ୍ଚଳିକ ସମସ୍ୟା ନେଇ କଥାବାର୍ତ୍ତା କରିବାକୁ ବେଶ୍ ଉତ୍ସାହିତ ଅଛୁ ବୋଲି ସେ ଉଲ୍ଲେଖ କରିଛନ୍ତି। ଦୁଇ ଦେଶ ମଧ୍ୟରେ ସମ୍ପର୍କର ଉନ୍ନତିକୁ ପାକିସ୍ତାନ ହଜମ କରିପାରିନାହିଁ। ମୁତ୍ତାକୀଙ୍କ ଯାତ୍ରାରେ ଭାରତ ପାଇଁ ଏକ କୂଟନୈତିକ ସମସ୍ୟା ସୃଷ୍ଟି ହୋଇଛି। ଶୁକ୍ରବାର ମୁତ୍ତାକୀ ଜୟଶଙ୍କରଙ୍କୁ ଭେଟିବେ। ନିୟମ ଅନୁସାରେ ଏହି ବୈଠକରେ ଦୁଇ ଦେଶର ପତାକା ପ୍ରଚ୍ଛଦରେ ଦେଖିବାକୁ ମଳିଥାଏ। କିନ୍ତୁ ଭାରତ ଏପର୍ଯ୍ୟନ୍ତ ତାଲିବାନ ସରକାରଙ୍କୁ ମାନ୍ୟତା ପ୍ରଦାନ କରିନାହିଁ। ପୁଣି ନୂଆଦିଲ୍ଲୀରେ ଥିବା ଆଫଗାନିସ୍ତାନ ଦୂତାବାସରେ ଆଫଗାନିସ୍ତାନର ପୂର୍ବ ପତାକା ଉଡାଯାଉଛି। ମାନ୍ୟତା ନେଇ ନ ଥିବାରୁ ଦୂତାବାସରେ ତାଲିବାନ ସରକାରଙ୍କ ପତାକା ଉଡାଇବାକୁ ଅନୁମତି ଦେଇନାହାନ୍ତି। ତେଣୁ ଏଭଳି ସ୍ଥିତିରେ ମୁତ୍ତାକୀ- ଜୟଶଙ୍କରଙ୍କ ବୈଠକରେ କେଉଁ ପତାକା ଦେଖିବାକୁ ମିଳିବ ସେ ନେଇ ସସ୍‌ପେନ୍ସ ଜାରି ରହିଛି।

# ବିମାନରେ ଆମିଷ ଖାଇ ଶାକାହାରୀ ଡାକ୍ତରଙ୍କ ମୃତ୍ୟୁ; କୋଟିଏ କ୍ଷତିପୂରଣ ଦାବି

 କଲମ୍ବୋ, ୯।୧୦ (ଏଜେନ୍ସି): କାତାର ଏୟାରୱେଜର ଏକ ବିମାନରେ ଜଣେ ଶାକାହାରୀ ଡାକ୍ତରଙ୍କୁ ଆମିଷ ଖାଦ୍ୟ ଖାଇବାକୁ ଦିଆଯାଇଛି। ଏହା ଖାଇବା ପରେ ଅଣନିଃଶ୍ୱାସୀ ହୋଇ ୮୫ ବର୍ଷୀୟ ହୃଦ୍‌ରୋଗ ବିଶେଷଜ୍ଞ ଡ. ଅଶୋକ ଜୟବୀରଙ୍କ ମୃତ୍ୟୁ ହୋଇଛି। ଏହାକୁ ନେଇ ଡ.ଜୟବୀରଙ୍କ ପୁଅ କାତାର ଏୟାରୱେଜ ବିରୋଧରେ ହତ୍ୟା ଏବଂ ଚିକିତ୍ସାରେ ଅବହେଳା ମାମଲା ରୁଜୁ କରିଛନ୍ତି। ଏହା ସହିତ ୧.୧୫ କୋଟି



ଟଙ୍କାର କ୍ଷତିପୂରଣ ମାଗିଛନ୍ତି। ୨୦୨୩ ଜୁନ୍‌ରେ ଏହି ଘଟଣା ଘଟିଥିଲା। ଏବେ ତାହା ସାମ୍ନାକୁ ଆସିଛି। ସେ ସମୟରେ ଜୟବୀର ଲସ୍ ଏଞ୍ଜେଲ୍ସରୁ କଲମ୍ବୋ ଯାଉଥିଲେ। ଏହି ଯାତ୍ରା ୧୫.୫ ଘଣ୍ଟାର ଥିଲା। ଏହି ସମୟରେ ସେ ଶାକାହାରୀ ଭୋଜନ ମଗାଇ ଥିଲେ। ମାତ୍ର ଫ୍ଲାଇଟ୍ ଆଟେନଡାଣ୍ଟ ତାଙ୍କୁ ଶାକାହାରୀ ଖାଦ୍ୟ ନ ଥିବା କହିଥିଲେ। ଏହା ପରେ ମାଂସାହାରୀ ଖାଦ୍ୟ ପରସି ଖାଇବାକୁ କହିଥିଲେ। ରିପୋର୍ଟ ଅନୁଯାୟୀ ଏହି ଖାଦ୍ୟ ଖାଇବା ପରେ ହିଁ ଜୟବୀର ଅଣନିଃଶ୍ୱାସୀ ହେବାରେ ଲାଗିଥିଲେ। ସେ ଚେତା ହରାଇ ପଡ଼ି ଯାଇଥିଲେ। ଫ୍ଲାଇଟ୍‌ର କ୍ରୁ ସଦସ୍ୟ ମଝି ଆକାଶରେ ଅନ୍‌ଲାଇନ ମାଧ୍ୟମରେ ଡାକ୍ତରଙ୍କ ସହାୟତା ନେଇଥିଲେ। କିନ୍ତୁ ତାଙ୍କ ସ୍ଥିତି ବିଗିଡ଼ି ଚାଲିଥିଲା। ଶେଷରେ ସ୍କଟଲାଣ୍ଡର ଏଡିନବର୍ଗରେ ବିମାନ ଓହ୍ଲାଇ ତାଙ୍କୁ ହସ୍ପିଟାଲକୁ ନିଆଯାଇଥିଲା। ଏହାର ମାସେ ତିନି ଦିନ ପରେ ଚିକିତ୍ସାଧୀନ ଅବସ୍ଥାରେ ଜୟବୀରଙ୍କ ପରଲୋକ ହୋଇଥିଲା। ଏସ୍ପିରେସନ ନିମୋନିଆ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିଲା। ଭୁଲ୍‌ରେ ଭୋଜନ କିମ୍ବା ତରଳ ପଦାର୍ଥ ଖାଇଲେ ଏହି ଫୁସଫୁସ ଜନିତ ରୋଗ ହୋଇଥାଏ।





# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
◆VOLUME- 43 ◆ISSUE-104 ◆FRIDAY ◆10 OCTOBER 2025 ◆PAGE-12 ◆₹ 6.00
◆ବର୍ଷ-୪୩ ◆ସଂଖ୍ୟା-୧୦୪ ◆ଶୁକ୍ରବାର ◆୧୦ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ସାକ୍ଷୀଗୋପାଳରୁ ବିଜେଡିର ଜନସମ୍ପର୍କ ପଦଯାତ୍ରା ଆରମ୍ଭ

- ୧୫ମାସର ଶାସନରେ ସୁଶାସନ ଦେବାରେ ବିଜେପି ବିଫଳ
- ବିଜେପି ସରକାରଙ୍କ ବିଫଳତା ଓ କୁଶାସନ ବିଷୟରେ ଲୋକଙ୍କୁ ସଚେତନ କରିବ ବିଜେଡି

ଭୁବନେଶ୍ୱର/ସାକ୍ଷୀଗୋପାଳ, ୯।୧୦(ସମିସ): ଓଡ଼ିଶାର ବରପୁତ୍ର ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ ଆଜି ବିଜେଡିର ଜନସମ୍ପର୍କ ପଦଯାତ୍ରା ଉତ୍କଳମଣିଙ୍କ ଜନ୍ମମାଟି ସୁଆଣ୍ଡୋ ଗ୍ରାମରୁ ଆରମ୍ଭ ହୋଇଛି। ବିଜେଡି ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ସଞ୍ଜୟ ଦାସବର୍ମା, ଡ. ଅରୁଣ କୁମାର ସାହୁ, ଡ. ଅମର ପଟ୍ଟନାୟକ, ଉମାକାନ୍ତ ସାମନ୍ତରାୟ, ସୁନିଲ ମହାନ୍ତି, ଅମରେଶ ପତ୍ରୀ, ସଂଜିତ ମହାନ୍ତି, ସୁବ୍ରତ ଛାଟୋଇ, ସୁନୀଲ ପଣ୍ଡା ପ୍ରମୁଖ ସୁଆଣ୍ଡୋରେ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତିରେ ମଧ ମାଲ୍ୟାର୍ପଣ କରାଯାଇଥିଲା। ପରେ ସାକ୍ଷୀଗୋପାଳ ମନ୍ଦିର ନିକଟରୁ ସୁଆଣ୍ଡୋ ଗ୍ରାମ ପର୍ଯ୍ୟନ୍ତ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ହଜାର ହଜାର କର୍ମୀ ଅଂଶଗ୍ରହଣ କରିଥିଲେ। ଅପରପକ୍ଷେ, ଏହି ପଦଯାତ୍ରା ରାଜଧାନୀ ଭୁବନେଶ୍ୱର ସମେତ ସାରା ରାଜ୍ୟରେ ଅନୁଷ୍ଠିତ ହୋଇଛି। ଆଜିଠାରୁ ଆରମ୍ଭ ହୋଇ ଆସନ୍ତା ଏକ ମାସ ଅର୍ଥାତ ନଭେମ୍ବର ୯ ତାରିଖ ପର୍ଯ୍ୟନ୍ତ ପଦଯାତ୍ରା ଜାରି ରହିବ। ଏହି ଅବସରରେ ବିଜେପି ସରକାରଙ୍କ ବିଫଳତା ଓ କୁଶାସନ ବିଷୟରେ ଲୋକଙ୍କୁ ଦଳ ସଚେତନ କରିବ ବୋଲି କହିଛି।

ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଦେବୀପ୍ରସାଦ ମିଶ୍ର କହିଥିଲେ ଯେ ରାଜ୍ୟବାସୀଙ୍କୁ ଅନେକ ମିଥ୍ୟା ପ୍ରତିଶ୍ରୁତି ଦେଇ ବିଜେପି କ୍ଷମତାକୁ ଆସିଛି। ଗତ ୧୫ମାସରେ ବିଜେପି ସରକାର ରାଜ୍ୟବାସୀଙ୍କୁ ସୁଶାସନ ପ୍ରଦାନ ଓ ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ହୋଇଛି। ରାଜ୍ୟର ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେବା ସହ ମହିଳାମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ମଦମୁକ୍ତ ଓଡ଼ିଶା ଗଠନ ନାରା ଦେଇଥିବା ବେଳେ ସରକାର ରାଜ୍ୟରେ ନୂଆ ମଦ ଦୋକାନ ଓ ମଦ କାରଖାନା ଖୋଲୁଛନ୍ତି। ଆଜି ସାରମୁଠେ ପାଇବା ପାଇଁ ରାଜ୍ୟର ଚାକିରି ଦେବା ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଥିବା ବେଳେ ଚାକିରି ଖୋଲା ବଜାରରେ ବିକ୍ରି ହେଉଛି। ଡବଲ ଇଞ୍ଜିନ ଡବଲ ବିକାଶ ନାରା ଦେଇ ଆସିଥିବା ବେଳେ, କେନ୍ଦ୍ର ସରକାରଙ୍କ ଅବହେଳା ଆହୁରି ବଢ଼ିଛି। ବିଜେପିର କୁଶାସନ



କୃଷକମାନେ ରାଜରାସ୍ତାରେ। ମିଶନ ଶକ୍ତିକୁ ବନ୍ଦ କରିବା ପାଇଁ ସରକାର ଚକ୍ରାନ୍ତ କରୁଛନ୍ତି। ରାଜ୍ୟରେ ଓଡ଼ିଆ ଅସ୍ମିତା ଭୂଲୁଣ୍ଠିତ ହେଉଛି। ବିଏସ୍‌କେୱାଇ ବଦଳରେ ରାଜ୍ୟ ସରକାର ଆୟୁଷ୍ମାନ ଆଣିଲେ ହେଁ ବିଏସକେୱାଇରେ ମିଳୁଥିବା ସୁବିଧା ଆୟୁଷ୍ମାନରେ ମିଳି ପାରୁନାହିଁ। ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ପ୍ରତିନିଧିମାନଙ୍କ କ୍ଷମତାକୁ ସଂକୁଚିତ କରିଦେଇଛନ୍ତି। ଯୁବବର୍ଗଙ୍କୁ ଓ ବିଫଳତାକୁ ପଦଯାତ୍ରା ମାଧ୍ୟମରେ ଲୋକଙ୍କୁ ସଚେତନ କରାଯିବ ବୋଲି ଶ୍ରୀ ମିଶ୍ର କହିଥିଲେ।

ଭୁବନେଶ୍ୱରରେ ଆୟୋଜିତ ଜନସଂପର୍କ ପଦଯାତ୍ରା କାର୍ଯ୍ୟକ୍ରମରେ ଅଶୋକ ପଣ୍ଡା, ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ସୁଲୋଚନା ଦାସ, ମନ୍ମଥ ରାଉତରାୟ, ମଞ୍ଜୁଲତା କହଁରଙ୍କ ସହ ବହୁ କର୍ପୋରେଟର୍, ପୂର୍ବତନ କର୍ପୋରେଟର୍, ମହିଳା, ଯୁବ ଓ ଛାତ୍ରଙ୍କ ସମେତ ବହୁ ନେତା ସାମିଲ ଥିଲେ।



### ସିବିଜି ପ୍ଲାଣ୍ଟର ଅଗ୍ରଗତି ନେଇ କେନ୍ଦ୍ରମନ୍ତ୍ରୀଙ୍କ ଆଲୋଚନା

# ବର୍ଜ୍ୟବସ୍ତୁ ପରିଚାଳନା ସୁଦୃଢ଼ କରିବା ସହ ସ୍ୱଚ୍ଛ ଉର୍ଜା ଉତ୍ପାଦନ ଲକ୍ଷ୍ୟ: ଧର୍ମେନ୍ଦ୍ର

**ସମ୍ବଲପୁର, ୯।୧୦(ସମିସ)**

ସମ୍ବଲପୁରରେ ଅଏଲ ଇଣ୍ଡିଆ ସହଯୋଗରେ ନିର୍ମାଣ ହେବାକୁ ଥିବା କମ୍ପ୍ରେସଡ୍ ବାୟୋ-ଗ୍ୟାସ୍ (ସିବିଜି) ପ୍ଲାଣ୍ଟ ପ୍ରକଳ୍ପର ଅଗ୍ରଗତି ନେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଟେଲିଫୋନ ଯୋଗେ ଅଏଲ ଇଣ୍ଡିଆ ଲିମିଟେଡର ସିଏମଡି, ସମ୍ବଲପୁର ଜିଲ୍ଲାପାଳ ଏବଂ ସମ୍ବଲପୁର ମହାନଗର ନିଗମର କମିଶନରଙ୍କ ସହ ନୂଆଦିଲ୍ଲୀରୁ ଟେଲିଫୋନ ଯୋଗେ ଆଲୋଚନା କରିଛନ୍ତି।



ସମ୍ବଲପୁର ସହରର ବର୍ଜ୍ୟବସ୍ତୁ ପରିଚାଳନାକୁ ସୁଦୃଢ଼ କରିବା ଏବଂ ସ୍ୱଚ୍ଛ ଉର୍ଜା ଉତ୍ପାଦନ ଲକ୍ଷ୍ୟରେ ସହଯୋଗରେ ଏହି ପ୍ଲାଣ୍ଟ ସ୍ଥାପନା ହେବ। ଏହି ପ୍ଲାଣ୍ଟ ଦୈନିକ ୨୦୦ ଟନ୍ ଜୈବିକ ବର୍ଜ୍ୟବସ୍ତୁକୁ ପ୍ରକ୍ରିୟାକରଣ କରି ପ୍ରାୟ ୯ ଟନ୍ କମ୍ପ୍ରେସଡ୍ ବାୟୋ-ଗ୍ୟାସ୍ ଉତ୍ପାଦନ କରିବ। ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବର୍ଜ୍ୟବସ୍ତୁରୁ ସମ୍ପଦ' ଆହ୍ୱାନର ଏକ ସଫଳ ରୂପାୟନ। ଏହି ପଦକ୍ଷେପ କେବଳ ପରିବେଶକୁ ସ୍ୱଚ୍ଛ ରଖିବ ନାହିଁ ବରଂ ଓଡ଼ିଶା ସମେତ ଦେଶର ଉର୍ଜା ଆବଶ୍ୟକତାକୁ ପୂରଣ କରିବ ଏବଂ ସ୍ଥାନୀୟ ଅର୍ଥନୀତିକୁ ମଜଭୂତ କରିବା ସହ ନୂଆ ରୋଜଗାର ସୃଷ୍ଟି ହେବ। ପ୍ରକଳ୍ପ କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ଉପରେ ଆଲୋଚନାରେ ଗୁରୁତ୍ୱ ଦିଆଯାଇଛି।

ବିଜେପି କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି କହିଛନ୍ତି ଯେ ସମ୍ବଲପୁରର ସାମଗ୍ରିକ ବିକାଶ ପାଇଁ ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିରନ୍ତର କାର୍ଯ୍ୟରତ। ସମ୍ବଲପୁରକୁ ଏକ ବିକଶିତ ଜିଲ୍ଲା ସହ ବିଶ୍ୱ ପର୍ଯ୍ୟଟନ ମାନଚିତ୍ର ରେ ସ୍ୱତନ୍ତ୍ର ସ୍ଥାନ ଦେବା ପାଇଁ ପ୍ରଚେଷ୍ଟିତ ରହୁଛନ୍ତି। ଏହି ପ୍ଲାଣ୍ଟର ସ୍ଥାପନ ସ୍ୱଚ୍ଛତା ଓ ବିକଳ୍ପ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଏକ ଐତିହାସିକ ଓ ଯୁଗାନ୍ତକାରୀ ପଦକ୍ଷେପ ବୋଲି ଶ୍ରୀ ବକ୍ସି କହିଛନ୍ତି।



ସମ୍ବଲପୁର: ଲେଡିଲୁଇସ୍ ବାଳିକା ଉଚ୍ଚ ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ରାଣୀ ଲକ୍ଷ୍ମୀବାଈ ଆତ୍ମରକ୍ଷା ତାଲିମ ଶିବିର

# ପାଇକମାଳ ବ୍ଲକ୍‌ସ୍ତରୀୟ ବିଜ୍ଞାନ ସେମିନାର

**ପାଇକମାଳ, ୯।୧୦(ସମିସ):** ପାଇକମାଳ ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ସରକାରୀ ଉଚ୍ଚ ବିଦ୍ୟାଳୟ ପାଇକମାଳରେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ପାଇକମାଳ ବିଇଓ ଅଦନ ସୁନା ଓ ପ୍ରଧାନ ବ୍ଲକ ବିଜ୍ଞାନ ସଞ୍ଚାଳକ ଭାବେ ସମ୍ମାନିତ ଅତିଥି ଭବାନୀ ଶଙ୍କର ଭୋଇ ଯୋଗ ଦେଇଥିଲେ। ସେମିନାରରେ ୧୯ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଚାରକ ରୂପେ ଝାରବନ୍ଧ ବ୍ଲକର ବିଜ୍ଞାନ ଶିକ୍ଷକ ଚିତ୍ତରଞ୍ଜନ ସାହୁ ଓ ଧ୍ରୁବ ଚରଣ ସାହୁ ଯୋଗ ଦେଇଥିଲେ। ଚୟନ ହେଇଥିବା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ବୁକୁରା ମୁଣ୍ଡା ରିତୁ ସାହୁ ପ୍ରଥମ, ଯମୁନା କନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟର ଭାରତୀ ତନସନା ଦ୍ୱିତୀୟ ଓ ସରକାରୀ ଉଚ୍ଚ ବିଦ୍ୟାଳୟ ପାଇକମାଳର କ୍ଷିତିଚନ୍ଦ୍ର ମାହାର ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶେଷରେ ନିରୁପମା ସାହୁ ଧନ୍ୟବାଦ ଦେଇଥିଲେ।




# ଭାଗବତ ଗାଦିର ବାର୍ଷିକୋତ୍ସବ

**ଘେଁସ, ୯।୧୦(ସମିସ):** ଘେଁସ ବଡଜୋର ପେଟୁପାଲି ମଧ୍ୟସ୍ତ ବରଛକ ଭାଗବତ ଗାଦିରେ ୧୯ ତମ ବାର୍ଷିକ ଉତ୍ସବ ଅବସରରେ ତ୍ରିଦିବସିୟ ସତସଙ୍ଗ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ



ହୋଇଯାଇଛି। ମହୋତ୍ସବରେ ଦୁର୍ବାଦଳ ମେହେର ପତ୍ନୀ ମାଧବୀ ମେହେର, ଆନନ୍ଦ ମେହେର ପତ୍ନୀ ସତ୍ୟବତୀ ମେହେର, ଭଗବାନ ମେହେର ପତ୍ନୀ ଶାନ୍ତା ମେହେର, ସହଦେବ ପଧାନ ପତ୍ନୀ ଗୌରୀ ପଧାନ, ବୀରେନ୍ଦ୍ର ପଟେଲ ପତ୍ନୀ ଶୁଶୁମା ପଟେଲ କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। ପଣ୍ଡିତ ବାଚସ୍ପତି ତ୍ରିପାଠୀ, ଭଗବାନ ଦାସ, ତୁଲାମଣି ସାବତ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଭାଗବତ ସଭାରେ ଯୁକ୍ତ ଗଜରାଜ ମେହେର ସଭାପତିତ୍ୱ କରିଥିଲା ବେଳେ ଦିବ୍ୟକିଶୋର ପଧାନ ମୁଖ୍ୟ ଅତିଥି ଭାବେ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମର ପ୍ରତ୍ୟେକ ଦିନ ମୁଖ୍ୟ ବକ୍ତା ସନ୍ତୋଷ କର, ସମ୍ମାନିତ ବକ୍ତା ଗିରଧାରୀ ମିଶ୍ର, ପ୍ରବଚିକା ମଞ୍ଜୁ ଦେବି ବକ୍ତବ୍ୟ ପ୍ରଦାନ କରିଥିଲେ। ଝାଲପାଲି ଗାଁର ରାଧାମାଧବ କୀର୍ତ୍ତନ ମଣ୍ଡଳୀର ଗାୟିକା ଦ୍ରୋପଦି ଭୋଇ ମଧ ଭାଗବତ ପାରାୟଣ କରିଥିଲେ। ଅଞ୍ଚଳର ସାଧୁ, ସନ୍ଥ, ଯୋଗୀ, ସନ୍ୟାସୀ, ବକ୍ତା, ଅନ୍ନଦାତା ମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ପ୍ରତ୍ୟେକ ଦିନ ଶ୍ରୋତା, ବକ୍ତା, ଶ୍ରଦ୍ଧାଳୁ ଭକ୍ତ ମାନଙ୍କ ପାଇଁ ଅନ୍ନଭୋଗର ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମରେ କମିଟିର ସଭାପତି କମଳାକାନ୍ତ ଜାଲ, ଉପସଭାପତି ବାଚସ୍ପତି ତ୍ରିପାଠୀ, ସମ୍ପାଦକ ରକ୍ଷାକାରି ସାହୁ, ସଂଯୋଜକ ମହେନ୍ଦ୍ର ନାଗ, ବରିଷ୍ଠ ସଭ୍ୟ ବଡ ଭୋଇ, ସାନ ଭୋଇ, ଅଭିମନ୍ୟୁ ପରଧୀୟା, ସାଧୁରାମ ଗିଙ୍ଗରା,



ଉତ୍ତମ ଭୁଏ, କୈଳାଶ ସାହୁ, ଦିଲୀପ ନାଗ ତଥା ଏ ଅଞ୍ଚଳର ଭାଗବତ ପ୍ରେମୀ ଯୁବକ ମାନେ ସହଯୋଗ କରିଥିଲେ।

### ଆମ୍ବଛକ ଆଞ୍ଚଳିକ ଭାଗବତ ଟୁଙ୍ଗି

**ବିଜେପୁର:** ବରଗଡ଼ ଜିଲ୍ଲା ଘେଁସ ତାଳପଦର ରାସ୍ତା ଉପରେ ଅବସ୍ଥିତ ପ୍ରସିଦ୍ଧ ଆମ୍ବଛକ ଠାରେ ଆଞ୍ଚଳିକ ସତସଙ୍ଗ ଭାଗବତ ଟୁଙ୍ଗିର ୧୯ ତମ ବାର୍ଷିକୋତ୍ସବ ତିନି ଦିନ ବ୍ୟାପୀ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସୋମବାର କଳସ ଯାତ୍ରା ପରେ ଭାଗବତ ଟୁଙ୍ଗିରେ ପୂଜାର୍ଚ୍ଚନା, ସାଧୁ ସେବା, ଭାଗବତ ପାଠ, ସତସଙ୍ଗ, ପ୍ରବଚନ ଆଦି ଅନୁଷ୍ଠିତ ହୋଇଥିଲା। ବଲାଙ୍ଗିରରୁ ଅଧାପିକା ଏଲୋରା ମିଶ୍ର, ଝାରସୁଗୁଡ଼ାରୁ ଡଲି ସା, ଡୁଙ୍ଗୁରିପାଲିରୁ କାମିନୀ ରଣା, ସର୍ଗିବାହଲରୁ ଶ୍ରୀୟା ମେହେର, ପଣ୍ଡକିପାଲିରୁ ପ୍ରତୀକ୍ଷା ସାହୁ ପ୍ରମୁଖ ପ୍ରବଚିକା ମାନେ ଯୋଗ ଦେବା ସହ ପ୍ରବଚନ ପ୍ରଦାନ କରିଥିଲେ। ଏହି ଅବସରରେ ଅଷ୍ଟପ୍ରହରୀ ନାମ ସଙ୍କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଆଶା ପଧାନ ଓ ଅକ୍ଷୟ ପଧାନ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପଣ୍ଡିତ ନରେନ୍ଦ୍ର ହୋତା ପୂଜାର୍ଚ୍ଚନା କରିଥିବା ବେଳେ ମାୟାଧର ମହାପାତ୍ର ଓ ଦାଶରଥି ସେନାପତି ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ଝାଲପାଲି, ବେହେରା ପାଲି, ପେଟୁପାଲି, ଝାଙ୍କର ପାଲି, ବି.ନୂଆଁପାଲି, ମୁଣ୍ଡୋମହୁଲ ଆଦି ଗାଁର ସଙ୍କୀର୍ତ୍ତନ ପରିବେଷିତ ହୋଇଥିଲା। ପ୍ରତ୍ୟହ ଶ୍ରଦ୍ଧାଳୁଙ୍କ ନିମନ୍ତେ ଅନ୍ନଭୋଗର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା। ନିକଟସ୍ଥ ବିଭିନ୍ନ ଗାଁର ଜନସାଧାରଣ, ଭାଗବତ ପ୍ରେମୀ ତଥା ଭକ୍ତମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ନାଳରେ ଦୁଇ ଭାଇ ଭାସିଯିବା ଘଟଣା

# ୭ ଦିନ ପରେ ବି ଜଣଙ୍କର ସନ୍ଧାନ ମିଳୁନି

**ଥୁଆମୂଳ ରାମପୁର, ୯ ।୧୦(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକରେ ଗତ ୨ତାରିଖ ବିଜୟା ଦଶମୀ ଦିନ ଲଘୁଚାପ ଜନିତ ବର୍ଷାର ବିପ୍ରାତ ଦେଖିବାକୁ ମିଳିଥିଲା। ବ୍ଲକର ହାଡ଼ଖୁର୍ସି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପ୍ରଦୀପ କୁମାର ଦାଶ ଓ ତାଙ୍କ ବଡ଼ଭାଇ ଦିଲ୍ଲୀପ କୁମାର ଦାଶ ବିଜୟା ଦଶମୀ ପୂଜା ପାଇଁ ସାଇସୁରୁନି ଫରେଷ୍ଟ ଅଫିସକୁ ପୂଜା ଯାଇ ଅପରାହ୍ନରେ ପୂଜା ସାରି ସେଠାରୁ ଭବାନୀପାଟଣା ଫେରୁଥିବା ବେଳେ କର୍ଲାପାଟ ଅଭୟାରଣ୍ୟ ପରିବେଷ୍ଟିତ ସେମେଲପଦର ନିକଟ ଏକ ନାଳରେ ନିଜ ବାଇକ୍ ସହ ଭାସି ଯାଇଥିଲେ। ଶିକ୍ଷକ ପ୍ରଦୀପ କୁମାର ଦାଶଙ୍କ ମୃତଦେହ ଏବଂ ତାଙ୍କ ବାଇକ ଉଦ୍ଧାର ହୋଇଥିବା ବେଳେ ଭାଇ ଦିଲ୍ଲୀପ କୁମାର ଦାଶ ଆଜି ପର୍ଯ୍ୟନ୍ତ ନିଖୋଜ ଅଛନ୍ତି। ନିଖୋଜ ଘଟଣାର ୭ ଦିନ ବିତିଯାଇଥିଲେ ସୁଦ୍ଧା ଆଜି ଯାଏଁ କୌଣସି ପତ୍ତା ମିଳିପାରିନାହି ।ଯାହାକୁ ନେଇ ପରିବାର ଲୋକେ ସନ୍ଧିହାନ ହୋଇପଡ଼ିଛନ୍ତି। ଭବାନୀପାଟଣା ଅଗ୍ନିଶମ ବିଭାଗ, ବଲାଙ୍ଗିର ଓଡ୍ରାଫ ଟିମ୍ ଏବଂ କର୍ଲାପାଟ ଭାରପ୍ରାପ୍ତ ଥାନାଧିକାରୀ ଶ୍ରୀକାନ୍ତ କୋଲାକା ସହ ତାଙ୍କ ଟିମ୍ ଘଟଣା ସ୍ଥଳରୁ ନାଳ ଓ ନାଳକୁ ସଂଯୋଗ ହୋଇଥିବା ନଦୀରେ ଖୋଜି ଖୋଜି ନିରାଶ ହୋଇଛନ୍ତି।

# ବିବାହ ପ୍ରତିଶ୍ରୁତି ଦେଇ ୬୪ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

**ସମ୍ବଲପୁର, ୯।୧୦(ସମିସ):** ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ଲକ୍ଷ ଲକ୍ଷ ଟଙ୍କା ଠକିନେଇଥିବା ଭଳି ଏକ ଅଭାବନିୟ ଘଟଣା ଘଟିଛି। ଟାଉନ ଥାନାରେ ପଶ୍ଚିମବଙ୍ଗ ହୁଗୁଳି ଜିଲ୍ଲା ଦାନକୁନି ଥାନା ଅଞ୍ଚଳର ଜଣେ ମହିଳାଙ୍କ ଅଭିଯୋଗ ଅନୁଯାୟୀ ଟାଉନ ଥାନାରେ ମାମଲା ସଂଖ୍ୟା ୪୨୭ ରୁଜୁ ହୋଇଛି। ସମ୍ବଲପୁର



ଟାଉନଥାନା ଅନ୍ତର୍ଗତ ଗୋଲବଜାର ନୟାପଡାର ରାହୁଲ ରକ୍ଷିତ ଉକ୍ତ ମହିଳାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ବିଭିନ୍ନ ପର୍ଯ୍ୟାୟରେ ୬୪ ଲକ୍ଷ ଟଙ୍କା ଠକେଇ କରିଥିଲେ। ଏହି ମାମଲାରେ ଟାଉନ ଥାନା ପୁଲିସ ଅଭିଯୁକ୍ତ ରାହୁଲ ଆଜି ଗିରଫ କରି କୋର୍ଟଚାଲାଣ କରିଛି।

# ଗଛ ପଡ଼ି ମହିଳା କନେଷ୍ଟବଳ ଗୁରୁତର

**ପଦ୍ମପୁର, ୯।୧୦(ସମିସ):** ପଦ୍ମପୁର ଉପଖଣ୍ଡ ଡଙ୍ଗାଘାଟ ପଞ୍ଚାୟତ କୁମୁନିବାହାଲି ଛକରେ ଗୁରୁବାର ବିଲର ଗଛ କାଟୁଥିବା ବେଳେ ଗଛ ପଡ଼ି ମହିଳା କନେଷ୍ଟବଳ ଗୁରୁତର ଆହତ ହୋଇଛନ୍ତି। ଡଙ୍ଗାଘାଟ ପଞ୍ଚାୟତର ଅଶ୍ୱିନୀ ବେହେରା ନିଜ ବିଲରେ ଥିବା ଗଛ କାଟୁଥିବା ସମୟରେ ମହିଳା ପୁଲିସ କନେଷ୍ଟବଳ ଜ୍ୟୋତ୍ସ୍ନା ମିଶ୍ର



ସେହି ବାଟ ଦେଇ ଯାଉଥିଲେ। ଗଛ ତାଙ୍କ ଦେହରେ ପଡ଼ିଯିବାରୁ ଜ୍ୟୋତ୍ସ୍ନା ଗୁରୁତର ଆହତ ହୋଇଛନ୍ତି। ତାଙ୍କ ଗୋଡ ଭାଙ୍ଗି ଯାଇଥିବା ବେଳେ ହାତରେ ଗଭୀର ଆଘାତ ଲାଗିଛି। ତୁରନ୍ତ ଚିକିତ୍ସା ପାଇଁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାକୁ ଅଣାଯାଇଥିଲା। ଉପଖଣ୍ଡ ପୁଲିସ ଅଧିକାରୀ ପାଣ୍ଡବ ଶବର, ଥାନାଧିକାରୀ ମମତା ନାଏକ, ପଦ୍ମପୁର ବନବିଭାଗ କର୍ମଚାରୀ ଉପଖଣ୍ଡ ଚିକିତ୍ସାଳୟକୁ ଯାଇ ସ୍ୱାସ୍ଥ୍ୟବସ୍ଥା ବୁଝିଥିଲେ। ଉଚ୍ଚତର ଚିକିତ୍ସା ପାଇଁ ବୁର୍ଲା ବଡ ଡାକ୍ତରଖାନାକୁ ଆହତ କନେଷ୍ଟବଳଙ୍କୁ ରେଫର କରାଯାଇଛି।

# ଦଶହରା ପୂର୍ଣ୍ଣମୀରେ ସତ୍‌ସଙ୍ଗ ପ୍ରବଚନ

**ଭେଡେନ, ୯।୧୦(ସମିସ):** ଭେଡେନ ବ୍ଲକ ଅଧୀନ ଐତିହାସିକ ପର୍ଯ୍ୟଟନ ପୀଠ ସହିଦ ବୀର ମନୋହର ସିଂଙ୍କ ଗଡ଼ ସମିପ ପବିତ୍ର ବାଲିଯାତ୍ରା ପଡ଼ିଆ ସ୍ଥିତ ବୀର ସୁରେନ୍ଦ୍ର ସାଏ ଜ୍ଞାନ ମଣ୍ଡପ ଠାରେ ଦଶହରା ପୂର୍ଣ୍ଣମୀ ଅବସରରେ ଶତାଧିକ ଜନସାଧାରଣ ସତସଙ୍ଗରେ ଉପସ୍ଥିତ ଥିଲେ। ପ୍ରତ୍ୟେକ ପୂର୍ଣ୍ଣମୀ ଦିନ ଅନୁଷ୍ଠିତ ହୋଉଥିବା ସତସଙ୍ଗ ପ୍ରବଚନାଦି କାର୍ଯ୍ୟକ୍ରମକୁ ବୀରସୁରେନ୍ଦ୍ର ସାଏ ପ୍ରବଚନ କମିଟି, ବସେଇକେଲା, ଗୁରୁପାଲି, କଟାପାଲିର ସଦସ୍ୟବୃନ୍ଦ



ଆୟୋଜନ କରନ୍ତି। କମିଟିର ମକୁନ୍ଦ ପଧାନ, ବାସୁଦେବ ପଟେଲ, ବୀରେନ ଭୋଇ, ଆନନ୍ଦ କରନ, ନିରଞ୍ଜନ ପଧାନ, ପ୍ରେମରାଜ ରାଏ, ସୁବଳ ପଧାନ, ଜୟ ଲାଲ ପଧାନ, ସାହେବ ପଧାନ, ମହରଗୁ ବେହେରା, ଡମ୍ବରୁ ପଧାନ, ଭଗବାନ ସେଠ, ସନ୍ତୋଷ ବେହେରା, ବଜରଙ୍ଗ କରନଙ୍କ ସହ ହରିଶଙ୍କରେ ବେହେରା କାର୍ଯ୍ୟକ୍ରମ ସତସଙ୍ଗ ପ୍ରବଚନ କରାଯାଇଛି। ପଣ୍ଡିତ ଦୁଖିଶ୍ୟାମ ଦାଶଙ୍କ ପୌରୋହିତ୍ୟରେ ଶ୍ରୀରାଧାକୃଷ୍ଣଙ୍କ ପୂଜନ ଓ ଶ୍ରୀମଦ୍ ଭାଗବତ ଏକ ଅଧ୍ୟାୟ ପଠନ ପରେ ପ୍ରବଚକ ସରୋଜ ପାଢ଼ୀଙ୍କ ଦ୍ୱାରା ଭାଗବତ ବ୍ୟାଖାନ ଓ ପ୍ରବଚନ କରାଯାଇଥିଲା। ଏହାସହ କଳାକାର ମାନଙ୍କ ଦ୍ୱାରା ଭଜନ ପରିବେଷଣ ହୋଇଥିଲା। ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ପଦ୍ମିନୀ ଗଡ଼ତିଆ ଯୋଗ ଦେଇଥିଲେ। ଗଡ଼ତିଆଙ୍କୁ କମିଟି ତରଫରୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଉଦ୍ୟୋକ୍ତା ହରିଶଙ୍କର ବେହେରା ଧନ୍ୟବାଦ ଆର୍ପଣ କରିଥିଲେ।

# ସିଦ୍ଧେଶ୍ୱରବେର୍ଣ୍ଣା ଶିଶୁ ମନ୍ଦିର ଛାତ୍ର ପ୍ରଶ୍ନମଞ୍ଚରେ ପ୍ରଥମ

**ସମ୍ବଲପୁର, ୯।୧୦ (ସମିସ):** ବିଦ୍ୟାଭାରତୀ, ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନଙ୍କ ଦ୍ୱାରା ଆୟୋଜିତ କ୍ଷେତ୍ରୀୟ ଗଣିତ ଓ ବିଜ୍ଞାନମେଳା କାଶୀମ ବଜାର, ମୁର୍ସିଦାବାଦ, ପଶ୍ଚିମବଙ୍ଗଠାରେ ଅନୁଷ୍ଠିତ ହୋଇଥିଲା। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସିଦ୍ଧେଶ୍ୱରବେର୍ଣ୍ଣାର ବ୍ରିଜେଶ ମେହେର, ମଦନମୋହନ ଦାଶ ଓ ସ୍ୱସ୍ତିକ ବାରିକ କିଶୋରବର୍ଗ ବୈଦିକ ଗଣିତ ପ୍ରଶ୍ନମଞ୍ଚରେ କ୍ଷେତ୍ରରେ ପ୍ରଥମସ୍ଥାନ ଅଧିକାର କରି ଅନୁଷ୍ଠାନ ତଥା ପ୍ରଦେଶ ପାଇଁ ସୁନାମ ଆଣିଦେଇଛନ୍ତି। ପ୍ରଧାନ ଆଚାର୍ଯ୍ୟ ଦିଲ୍ଲୀପ କୁମାର ପାଢ଼ୀ ତଥା ସମସ୍ତ ଆଚାର୍ଯ୍ୟ ପରିବାର, ପରିଚାଳନା ସମିତି ଏବଂ ଅଭିଭାବକ ମାନଙ୍କ ପକ୍ଷରୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଅଖିଳ ଭାରତୀୟ ପ୍ରତିଯୋଗିତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି।



# ବାଲ୍ୟ ବିବାହ ବନ୍ଦ ପାଇଁ ଜିଲ୍ଲା ଟାସ୍କ ଫୋର୍ସ ବୈଠକ

**ସମ୍ବଲପୁର, ୯।୧୦ (ସମିସ)**

ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥ ସଭାକକ୍ଷରେ ବାଲ୍ୟ ବିବାହ ବନ୍ଦ କରିବା ଓ କିଶୋରୀ ସଶକ୍ତିକରଣ ପାଇଁ ଜିଲ୍ଲା ଟାସ୍କ ଫୋର୍ସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଂଯୁକ୍ତା ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ କାର୍ଯ୍ୟକ୍ରମର ଲକ୍ଷ୍ୟ ଉଦ୍ଦେଶ୍ୟ ଜିଲ୍ଲାରେ ବାଲ୍ୟ ବିବାହକୁ ବନ୍ଦ କରିବା କହିଥିଲେ। କାର୍ଯ୍ୟକ୍ରମରେ ବାଲ୍ୟ ବିବାହ ବନ୍ଦ ଓ କିଶୋରୀ ସଶକ୍ତି କରଣରେ ସମସ୍ତେ ନିଜ ନିଜ ଦାୟିତ୍ୱ ନେବାପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ନାକଟିଦେଉଳ ବ୍ଲକର ୫୧ଟି ଗ୍ରାମ ଏବଂ ଜମନକିରା ବ୍ଲକର ୧୦୮ ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ ଗ୍ରାମ ଭାବେ ଘୋଷଣା କରାଯାଇଥିଲା।



ଜିଲ୍ଲା ସଂଯୋଜିକା ଏଡ୍‌ଏଟ୍ ଆକ୍ସନ ସୁନୀତା ତ୍ରିପାଠୀ ବାଲ୍ୟ ବିବାହ ଆଇନ ଓ ଜିଲ୍ଲାର ବାଲ୍ୟ ବିବାହ ସ୍ଥିତି ସମ୍ବନ୍ଧରେ ଉପସ୍ଥାପନ କରିଥିଲେ। ସହକାରୀ ଆରକ୍ଷୀ ଅଧିକାରୀ ଅନିଲ କୁମାର ପ୍ରଧାନ ବାଲ୍ୟ ବିବାହ ବନ୍ଦ କରିବା କ୍ଷେତ୍ରରେ ପୁଲିସର ଭୂମିକା ଉପରେ ସୂଚନା ପ୍ରଦାନ କରିଥିଲେ। ଏଡିପିଏଚ୍‌ଓ ଡା. ପ୍ରମୋଦ ଚନ୍ଦ୍ର ବିଶ୍ୱାଳ ବାଲ୍ୟ ବିବାହକୁ ବନ୍ଦ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗର ଭୂମିକା ସମ୍ପର୍କରେ ମତ ରଖିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ ଜିଲ୍ଲାରେ ଅଧାରୁ ପାଠ ଛାଡ଼ିଥିବା ଶିଶୁ ମାନଙ୍କ ପାଇଁ ନିଆଯାଇଥିବା ପଦକ୍ଷେପ ଉପରେ ସୂଚନା ପ୍ରଦାନ କରିଥିଲେ। ଆଦର୍ଶ ଅନୁଷ୍ଠାନ ସମ୍ପାଦକ ପ୍ରଦୀପ ବେହେରା ଜିଲ୍ଲାରେ ବାଲ୍ୟ ବିବାହକୁ ବନ୍ଦ କରିବାରେ ସମସ୍ତଙ୍କ ଭୂମିକା ସମ୍ପର୍କରେ ମତ ରଖିଥିଲେ। ହିଣ୍ଡାଲକୋର ସୁକାନ୍ତ ମହାପାତ୍ର ବାଲ୍ୟ ବିବାହ ବନ୍ଦ ଉପରେ ସଚେତନତା ପାଇଁ ସେମାନଙ୍କ ସମ୍ପୂର୍ଣ୍ଣ ସହଯୋଗ ରହିବ ବୋଲି ମତ ରଖିଥିଲେ। ଓବିସି ମଞ୍ଚ ଜିଲ୍ଲା ଆବାହକ ସରୋଜ ସାହୁ ବାଲ୍ୟ ବିବାହ ବନ୍ଦ କରିବା ଓ ସଚେତନତା କରିବା ପାଇଁ ଜାତି ସମାଜର ସମ୍ପୂର୍ଣ୍ଣ ସହଯୋଗ ରହିବ ବୋଲି କହିଥିଲେ। ସ୍ୱୟଂ ସହାୟକ ଦଳର ସମ୍ପାଦିକା କେତକୀ ବେହେରା ଜିଲ୍ଲା ମହାସଂଘ ବାଲ୍ୟ ବିବାହ ରୋକିବା ପାଇଁ ସ୍ୱୟଂ ସହାୟକ ଦଳର ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ମତ ରଖିଥିଲେ। ପ୍ରୋଗ୍ରାମ ଅଫିସର ତଥା ପ୍ରୋଟେକ୍ସନ୍ ଅଫିସର ସରିତା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶେଷରେ ଜିଲ୍ଲା ସଂଯୋଜକ ଛଟେଲାଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ଜାତି ସମାଜର କର୍ମକର୍ତ୍ତା, ସେଚ୍ଛାସେବୀ ସଂଗଠନର ସଦସ୍ୟ, ହିଣ୍ଡାଲକୋର ପ୍ରତିନିଧି, ପାରାଲିଗାଲ କର୍ମୀ, ଜିଲ୍ଲା ଆଇନସେବା ପ୍ରାଧିକରଣ ସଭ୍ୟ, ସ୍ୱୟଂ ସହାୟକ ଦଳର କର୍ମକର୍ତ୍ତା, ବୈଷୟିକ ଶିକ୍ଷା ଅନୁଷ୍ଠାନ ସଦସ୍ୟ ପ୍ରମୁଖ ଯୋଗ ଦେଇଥିଲେ।

କେନ୍ଦ୍ରାପଡ଼ା ଅର୍ବାନ ବ୍ୟାଙ୍କ
କେନ୍ଦ୍ରାପଡାର ଗଣପର୍ବ ମା ଗଜଲକ୍ଷ୍ମୀ ପୂଜା ଓ ଦୀପାବଳି ଅବସରରେ ଆପଣ ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଅଛି।
ଆଗାମୀ ପାର୍ବଣ ଋତୁ ପାଇଁ ଗ୍ରାହକ ବନ୍ଧୁ ମାନଙ୍କ ନିମନ୍ତେ ସ୍ୱର୍ଣ୍ଣ ଋଣ ସୁଧହାର ହ୍ରାସ
ସବୁଦିନ, ସବୁ ସମୟରେ, ସମସ୍ତ ଶାଖାରେ କମ୍ ସୁଧରେ ତତ୍‌କାଳ ଉପଲବ୍ଧ।
ସ୍ୱର୍ଣ୍ଣବନ୍ଧକ ଋଣ
ଗୃହ ଋଣରେ ସ୍ୱଳ୍ପ ସୁଧହାର ସହିତ ନୋମିନାଲ ପ୍ରୋସେସିଙ୍ଗ୍ ଫି
ଗ୍ରାହକଙ୍କ ନିମନ୍ତେ ସରଳ ଓ ସହଜ କାଗଜାତ।
ଗୃହଋଣ
ଏଟିଏମ୍ ସୁବିଧା ଉପଲବ୍ଧ
ଆଗାମୀ ପାର୍ବଣ ଋତୁରେ ଘରକୁ
ଏକ ଗାଡି (କାର୍) ଆଣି ପରିବାର ସହ ଖୁସି ବାଣ୍ଟନ୍ତୁ।
ବ୍ୟାଙ୍କ୍ ଦ୍ୱାରା ଆରମ୍ଭ କରାଯାଇଥିବା ମୋ କାର ଋଣ
ସହଜ ସୁବିଧା କିସ୍ତିରେ ଉପଲବ୍ଧ।
କାର୍ ଋଣ
କ୍ୟୁ.ଆର୍ କୋଡ୍ ମାଧ୍ୟମରେ କାରବାର ସୁବିଧା ଉପଲବ୍ଧ।
ଭାଗବତ ପ୍ରସାଦ ସ୍ୱରୋଜଗାର ଯୋଜନାରେ କ୍ଷୁଦ୍ର ବ୍ୟବସାୟୀଙ୍କୁ ବିନା ସିକ୍ୟୁରିଟିରେ
୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ
ସବିଶେଷ ତଥ୍ୟ ପାଇଁ ନିକଟସ୍ଥ ଶାଖା ସହିତ ଯୋଗାଯୋଗ କରିବାକୁ ଅନୁରୋଧ।
ଏହି ସବୁ ସୁବିଧାର ଲାଭ ଉଠାଇବା ସଙ୍ଗେ ସଙ୍ଗେ ବ୍ୟାଙ୍କ ପ୍ରଗତିରେ ଭାଗୀଦାର ହୁଅନ୍ତୁ।
ଭାଗ୍ୟଲକ୍ଷ୍ମୀ ପଣ୍ଡା
ମୁଖ୍ୟକାର୍ଯ୍ୟ ନିର୍ବାହୀ ଅଧିକାରୀ
ଗୁରୁପ୍ରସାଦ ମହାନ୍ତି
ସଭାପତି

# ଦବିଲା ବ୍ରିଜ୍ ସ୍ଲାବ୍, ସ୍ଥାଇତ୍ୱ ନେଇ ଆଶଙ୍କା

**କୁଚିଣ୍ଡା, ୯।୧୦(ସମିସ):** କୁଚିଣ୍ଡା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଜୟପୁରଗଡ଼ ଭେଡେନ ନଦୀ ଉପରେ ବିଜୁ ସେତୁ ଯୋଜନାରେ ନିର୍ମାଣ କରା ଯାଉଥିବା ବ୍ରିଜ କାମ ନିମ୍ନମାନର ହେଉଥିବା ଯୋଗୁଁ ଏହାର ସ୍ଲାବ୍ ଦବି ଯାଇଛି ଏବଂ ବର୍ଷାରେ ଏହାର କିଛି ଅଂଶ ଭାଙ୍ଗି ଯାଇ ନଦୀରେ ପଡ଼ିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।ପ୍ରାପ୍ତ ଅଭିଯୋଗରୁ ପ୍ରକାଶ ଯେ, ବର୍ତ୍ତମାନ କୁଚିଣ୍ଡା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଜୟପୁରଗଡ଼ ଠାରୁ ରାଜବନ୍ଧ ଗ୍ରାମ ମଝିରେ ପ୍ରବାହିତ ଭେଡେନ ନଦୀ ଉପରେ ବ୍ରିଜ ନିର୍ମାଣ କାମ ଚାଲିଛି। ଏହି ବ୍ରିଜ ବିଜୁ ସେତୁ ଯୋଜନାରେ ୯ କୋଟି ୩ ଲକ୍ଷ ୬୨ ହଜାର ଟଙ୍କାର ବ୍ୟୟ ଅଟକଳରେ ନିର୍ମାଣ ହେଉଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ଏଥିରେ ପିଲର କାମ ସରିଛି ଏବଂ ଗୋଟିଏ ସ୍ଲାବ୍ ନିର୍ମାଣ ହୋଇଥିଲା। ଏହି ବ୍ରିଜ କାମରେ ୫ କୋଟି ୪୬ ଲକ୍ଷ ୧୮ ହଜାର ଟଙ୍କା ବିଲ ମଧ୍ୟ ପ୍ରଦାନ କରାଯାଇଛି। ତେବେ ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ନିମ୍ନମାନର କାମ ଯୋଗୁଁ ଗତ ବର୍ଷାରେ ଏହି ସେତୁର ସ୍ଲାବ ସମ୍ପୂର୍ଣ୍ଣ ଦବି ଯିବାରୁ ଏହାର କିଛି ଅଂଶ ଭାଙ୍ଗି ଯାଇ ନଦୀରେ ପଡ଼ି ଯାଇଥିଲା। କୁଚିଣ୍ଡା ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀମାନଙ୍କୁ ଏବାବଦରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି ଶୁଣୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ସେତୁ ନିର୍ମାଣ କାର୍ଯ୍ୟ ଗତ ୨୦୨୨-୨୦୨୩ ରେ ମଞ୍ଜୁର ହୋଇ ଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହାର ନିର୍ମାଣ କାର୍ଯ୍ୟ ଶେଷ ହେଇ ନ ଥିବାରୁ ଗ୍ରାମବାସୀଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଛି। ତେବେ ଗ୍ରାମବାସୀଙ୍କ ଅଭିଯୋଗ ବାବଦରେ ମତାମତ ପାଇଁ କୁଚିଣ୍ଡା ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଦେବର୍ଷି ନାୟକଙ୍କୁ ଯୋଗାଯୋଗ କରିବାରୁ ସେ ଏବାବଦର ଜାଣି ନାହାଁନ୍ତି, ଏଣୁ ତଦନ୍ତ କରିବା ପରେ ପ୍ରକୃତରେ ଯଦି ସ୍ଲାବ ଦବି ଯାଇଥିବ ତେବେ ଏହାକୁ ଭାଙ୍ଗି ନୂତନ ସ୍ଲାବ୍ ନିର୍ମାଣ କରାଯିବ ବୋଲି କହିଥିଲେ। ସେହିପରି ବ୍ରିଜ ନିର୍ମାଣ କାର୍ଯ୍ୟର ତଦାରଖ କରୁଥିବା କନିଷ୍ଠ ଯନ୍ତ୍ରୀ ଗୌରୀଶଙ୍କର ନାୟକ କହିଲେ ଯେ, ବର୍ଷାରେ ସ୍ଲାବଟି ଦବି ଯାଇଛି ବର୍ତ୍ତମାନ ଏହାକୁ ଭଙ୍ଗା ଯାଉଛି ଏବଂ ଏହା ପରେ ସେଠାରେ ନୂତନ ସ୍ଲାବ୍ ନିର୍ମାଣ କରାଯିବ, ଲୋକଙ୍କ ସ୍ୱାର୍ଥ ପାଇଁ ଉନ୍ନତ ମାନର କାମ ପାଇଁ ବିଭାଗ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ତେବେ ଗୋଟିଏ ବର୍ଷାରେ ସ୍ଲାବ ଦବିଯିବା ଏବଂ ଭାଙ୍ଗି ଯିବାରୁ ବ୍ରିଜର ସ୍ଥାୟୀତ୍ୱ ପ୍ରତି ସନ୍ଦେହ ପ୍ରକାଶ ପାଇଛି।



# ଧସିଲା କୁଲତାପଡ଼ା ଧୋବିଯୋର ପୋଲ
# ୪୮ ଘଣ୍ଟା ପରେ ବି ଆରମ୍ଭ ହୋଇନି କାମ

**ସମ୍ବଲପୁର, ୯।୧୦ (ସମିସ)**

ସମ୍ବଲପୁରର ଠାକୁରପଡ଼ାରୁ କେନ୍ଦ୍ରୀୟ ବିଦ୍ୟାଳୟକୁ ଯିବା ରାସ୍ତାରେ ରଣେଶ୍ୱର ରାମଚଣ୍ଡୀ ମନ୍ଦିର ପାଖରେ ଥିବା କୁଲତାପଡ଼ା ଧୋବିଯୋର ବ୍ରିଜ କଡ଼ ଧସିବା ପରେ ୪୮ ଘଣ୍ଟା ବିତିଗଲାଣି। କିନ୍ତୁ ପୂର୍ତ୍ତ ବିଭାଗ ପକ୍ଷରୁ ଏନେଇ କୌଣସି କାର୍ଯ୍ୟ ଆରମ୍ଭ ହୋଇନାହିଁ। ଗତ ମଙ୍ଗଳବାର ସନ୍ଧ୍ୟାରେ ବ୍ରିଜ୍‌ର ମନ୍ଦିରପଟକୁ ରାସ୍ତାକଡ଼ରେ ପ୍ରାୟ ୧୫ ଫୁଟ୍‌ରୁ ଊର୍ଦ୍ଧ୍ୱ ଏକ ଗାତ ହୋଇଯାଇଛି। ଏହି ଗାତ ଦେଇ ପୋଲ ତଳ ପାଣି ଦେଖାଯାଉଛି। ପ୍ରଥମ ଦିନ ପୂର୍ତ୍ତ ବିଭାଗର କେହି ବି ଅଧିକାରୀ ଆସିନଥିବାବେଳେ ବୁଧବାର ଏହି ବ୍ୟସ୍ତବହୁଳ ରାସ୍ତାର ଉଭୟପାର୍ଶ୍ୱରେ ବ୍ୟାରିକେଡ ଦେଇ କାମ ସାରି ଦେଇଥିଲା ପୂର୍ତ୍ତ ବିଭାଗ। କୌଣସି କାମ ହେଉନଥିବାରୁ ଆଜି ଲୋକେ ବ୍ୟାରିକେଡ ହଟାଇ ଦେଇଥିବା ଦେଖାଯାଇଛି। ରାସ୍ତାର ଅନ୍ୟ ପାର୍ଶ୍ୱ ବି କେତେବେଳେ ଧସି ଯାଇପାରେ ବୋଲି ସାଧାରଣରେ ଆଶଙ୍କା ପ୍ରକାଶ ପାଉଛି।

ଗତ ମଙ୍ଗଳବାର ସନ୍ଧ୍ୟାରେ ଠାକୁରପଡ଼ା ପଟୁ ଗଲେ ବ୍ରିଜ୍‌ର ଡାହାଣପଟେ ମାଟି ଧସିଯାଇ ଏହି ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଏହି ରାସ୍ତାରେ ଗୁରୁନାନକ ପବ୍ଲିକ ସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ-୧, ବିକାଶ ହସପିଟାଲ ସହ ଜାତୀୟ ରାଜପଥକୁ ଯୋଗାଯୋଗ କରୁଥିବାରୁ ଦିନରାତି ୨୪ ଘଣ୍ଟା ଏହି ରାସ୍ତାରେ ଯାତାୟାତ ଲାଗି ରହିଥାଏ। ଏହାସହ ରେଳନଗର ଥିବାରୁ ଭାରୀଯାନ ଗୁଡ଼ିକରେ ସାମଗ୍ରୀ ନେବାଆଣିବା ମଧ୍ୟ ଲାଗି ରହିଥାଏ। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପୋଲ ମାତ୍ର ୧୦ ବର୍ଷ ନଯାଉଣୁ ଧସିଯିବା ପୂର୍ତ୍ତ ବିଭାଗ କାର୍ଯ୍ୟକୁ ସୂଚାଉଛି। ମଙ୍ଗଳବାର ଏହି ଗର୍ତ୍ତ ସୃଷ୍ଟି ହେବାପରେ କେହି ଅଧିକାରୀ ନ ଆସିବାରୁ ସ୍ଥାନୀୟ ଲୋକେ ଅଘଟଣ ଏଡ଼ାଇବାକୁ ଗଛଡାଳ, ବାଉଁଶ ଆଦି ଚାରିକଡ଼ରେ ଘେରି ଦେଇଥିଲେ। ଏପରିକି ଏହି ରାସ୍ତାର ପୋଲ ଉପରର ଷ୍ଟ୍ରୀଟ୍ ଲାଇଟ୍ ମଧ୍ୟ ବହୁ ସମୟରେ ଜଳୁନାହିଁ। ଯେଉଁ ସ୍ଥାନରେ ମାଟି ଧସିଯାଇ ଗର୍ତ୍ତ ସୃଷ୍ଟି ହୋଇଛି ଅଧିକାଂଶ ଗାଡ଼ି ସେହି ରାସ୍ତାରେ ଯାଇଥାନ୍ତି।

ଉଲ୍ଲେଖଯୋଗ୍ୟ ଯେ, ବର୍ଷ ବର୍ଷ ଧରି ଏହି ରାସ୍ତା କେବଳ କେନ୍ଦ୍ରୀୟ ବିଦ୍ୟାଳୟକୁ ଯାତାୟାତ ପାଇଁ ବ୍ୟବହାର ହେଉଥିଲା। ଏହାସହ ସ୍ଥାନୀୟ ଲୋକେ ଏହି ବାଟଦେଇ ଜାତୀୟ ରାଜପଥକୁ ଯାଉଥିଲେ। ଏଠାରେ ଏକ ଛୋଟ ତଳିଆ ପୋଲ ରହିଥିଲା। ୨୦୧୬ ମସିହା ବନ୍ୟାରେ ଏହି ପୋଲ କ୍ଷତିଗ୍ରସ୍ତ ହେଲା। ଏହାପରେ ୨୦୧୭ରେ ପୂର୍ତ୍ତ ବିଭାଗ ପକ୍ଷରୁ ଏଠାରେ ଏହି ବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ବ୍ରିଜ ନିର୍ମାଣକୁ ୧୦ ବର୍ଷ ବିତି ନଥିବାବେଳେ ଉଭୟକଡ଼ରୁ ମାଟି ଖାଇଯାଇ ରାସ୍ତା ଧସିବା ପୂର୍ତ୍ତ ବିଭାଗର କାର୍ଯ୍ୟର ମାନକୁ ଇଙ୍ଗିତ କରୁଛି ବୋଲି ଲୋକେ ଅଭିଯୋଗ କରୁଛନ୍ତି। ଏନେଇ ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କୁ ଯୋଗାଯୋଗ କରାଯାଇପାରିନାହିଁ।

ନବନିର୍ମିତ ଦୁର୍ଗାପାଲି ରେଳ ଓଭରବ୍ରିଜ ଉଦ୍‌ଘାଟନର ୨୪ ଘଣ୍ଟା ନପୁରୁଣୁ ଦୁର୍ଗାପାଲି ପଟକୁ ଉଭୟ କଡ଼ରେ ଗାତ ହୋଇଥିଲା। ଏହି ପୋଲ ବାରମ୍ବାର ମରାମତି ସତ୍ତ୍ୱେ ଗାତ ସୃଷ୍ଟି ହେଉଛି। ପୁଣି ଗତ ସେପ୍ଟେମ୍ବର ୨୩ ତାରିଖ ଲଗାଣ ବର୍ଷାପରେ ଦୁର୍ଗାପାଲି ବ୍ରିଜ ଉପରେ ବଡ଼ ବଡ଼ ଗାତ ସୃଷ୍ଟି ହୋଇଥିଲା। ଏବେ ପୂର୍ତ୍ତ ବିଭାଗର କାର୍ଯ୍ୟର ମାନ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



# ଅସହାୟ ରୋଗୀଙ୍କୁ ସାହାଯ୍ୟ

**ରେଢ଼ାଖୋଲ, ୯।୧୦(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ଭୀମଭୋଇ ଛକ ନିକଟ ଫାଣ୍ଡି ପାଖରେ କିଛି ଦିନ ହେବ ଜଣେ ଅସହାୟ ବ୍ୟକ୍ତି ରୋଗାକ୍ରାନ୍ତ ହୋଇ ପଡ଼ି ରହିଥିଲେ। ବ୍ୟକ୍ତି ଜଣଙ୍କ ହେଲେ ଛତିଶଗଡ଼ ରାଜ୍ୟର ଅବତାବ ସିଂ ବୟସ ୩୯। ସୂଚନା ଯୋଗ୍ୟ ଯେ ଉକ୍ତ ବ୍ୟକ୍ତି ରୋଗାକ୍ରାନ୍ତ ହୋଇ ଗୋଡ଼ରେ ପୋକ ହୋଇଯାଇଥିଲା। ସେଥିପାଇଁ ବ୍ୟକ୍ତି ନିକଟକୁ କେହି ଯାଇନଥିଲେ। ଏଥିରେ ଗଣମାଧ୍ୟମ ପ୍ରତିନିଧିମାନେ ପ୍ରୟାସ କରି ପ୍ରଶାସନ ଏବଂ ସ୍ୱେଚ୍ଛାସେବୀ ସଂସ୍ଥା ଗୁଡିକୁ ଜଣାଇଥିଲେ। ରେଢ଼ାଖୋଲ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜନ କୁମାର ମାର୍ଥାଙ୍କ ନିର୍ଦ୍ଦେଶକ୍ରମେ କର୍ମଚାରୀ, ସମାଜସେବୀ ଭିକାରୀ ପ୍ରଧାନ ଏବଂ ଆରୀୟନ୍ ଫାଉଣ୍ଡେସନ କର୍ମକର୍ତ୍ତା ସହଯୋଗର ହାତ ବଢ଼ାଇ ଅସହାୟ ରୋଗାକ୍ରାନ୍ତ ବ୍ୟକ୍ତି ଜଣଙ୍କୁ ପ୍ରଥମେ ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ଡ୍ରେସିଂ କରିବା ପରେ ଡାକ୍ତର ତାଙ୍କୁ ଅଧିକ ଚିକିତ୍ସା ପାଇଁ ବୁର୍ଲା ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରଣ କରିଛନ୍ତି।ଉକ୍ତ ବ୍ୟକ୍ତି ଜଣଙ୍କୁ ଆମ୍ବୁଲାନ୍ସ ସେବା ଯୋଗେ ଆରୀୟନ ଫାଉଣ୍ଡେସନର ସଭାପତି ତଥା ପ୍ରତିଷ୍ଠାତା ପପୁନ ସାମଲ ଏବଂ ହେମନ୍ତ ପ୍ରଧାନ ବୁର୍ଲା ଡାକ୍ତରଖାନାକୁ ନେଇ ପହଞ୍ଚିଥିଲେ। ସେଠାରେ ଡାକ୍ତରଙ୍କ ପରାମର୍ଶ କ୍ରମେ ପ୍ରଥମେ ତାଙ୍କର ଏକ୍ସରେ କରାଯାଇଥିଲା। ପରେ ବ୍ୟକ୍ତି ଜଣଙ୍କ ଉତ୍ତମ ଚିକିତ୍ସା ପାଇଁ ଡାକ୍ତରଙ୍କ ସହିତ କଥାବାର୍ତ୍ତା କରି କିଛି ଶୁଖିଲା ଖାଦ୍ୟ ଦେଇ ଫେରି ଆସିଥିଲେ।



# ରାସ୍ତା ମରାମତି ପାଇଁ ୫ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



**ସମ୍ବଲପୁର, ୯।୧୦(ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ଲଇଡ଼ା ପଞ୍ଚାୟତ ଅଞ୍ଚଳର ଗ୍ରୀଡରୁ ରେଙ୍ଗଲୋଇ ଛକ ଓ ରେଙ୍ଗଲୋଇରୁ ଲଇଡା ରାସ୍ତା ଛକକୁ ବିନ୍ଧୁଡ଼ିହି ଦେଇ ଆସିବା ପାଇଁ ରହିଥିବା ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଲଘୁଚାପ ଜନିତ ବର୍ଷା ଲାଗିରହିଥିବାବେଳେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାରେ ବଡ଼ ବଡ଼ ଖାଲଖମା ରହିବାସହ ରାସ୍ତାଟି ସବୁବେଳେ କର୍ଦ୍ଦମାକ୍ତ ରହୁଛି। ଗ୍ରାମ ଗୁଡ଼ିକର ଛାତ୍ରଛାତ୍ରୀ ମାନେ ସ୍କୁଲ ଯିବାଆସିବା ଏବଂ ରୋଗୀଙ୍କୁ ଡାକ୍ତରଖାନା ନେବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଜି ଏହି ସମସ୍ୟାକୁ ନେଇ ରେଙ୍ଗାଲି ଜୋନ-୨ ଜିଲ୍ଲା ପରିଷଦ ସଭ୍ୟ ଦେ'ନାରାୟଣ ତିୱାରୀଙ୍କ ନେତୃତ୍ୱରେ ୫ଟି ଗ୍ରାମର ଅଧିବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ତ ହୋଇଥିଲେ। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ସେମାନେ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଏହାପୂର୍ବରୁ ଗ୍ରାମବାସୀ ସମ୍ବଲପୁର ଜିଲ୍ଲାପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଏନେଇ ଅଭିଯୋଗ କରିଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରିନାହିଁ ବୋଲି ଶ୍ରୀ ତିୱାରୀ ପ୍ରକାଶ କରିଛନ୍ତି।

# କୁଚିଣ୍ଡାରେ ମାଳ ମାଳ ବେଆଇନ ପାଥୋଲାବ

**କୁଚିଣ୍ଡା, ୯।୧୦ (ସମିସ):** କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନା ଉପରେ ପଡ଼ୋଶୀ ଝାରସୁଗୁଡା ଜିଲ୍ଲା ଲଇଡା, ବଡ଼ବାହାଲ, ଲଇକେରା ସହ ଦେବଗଡ଼ ଜିଲ୍ଲାର ଲଇମୁରା, ତିଳେଇବଣି, କଂସର, ପ୍ରଭାଶୁଣୀ ଏବଂ ସୁନ୍ଦରଗଡ଼ ଜିଲ୍ଲା ସୋଲ, ଜର୍ଡା ଆଦି ସମେତ ବଣପାହାଡ ଘେରା ଆଭ୍ୟନ୍ତରଣୀୟ ଅଞ୍ଚଳର ଶତାଧିକ ରୋଗୀ ନିର୍ଭର କରନ୍ତି। କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାକୁ ଉତ୍ତମ ସେବା ପାଇବା ଆଶାରେ ଶହ ଶହ ରୋଗୀ ଆସିଥାନ୍ତି। କିନ୍ତୁ ଉକ୍ତ ଡାକ୍ତରଖାନର କିଛି ଡାକ୍ତର ରୋଗୀଙ୍କୁ ସମୟର ଆଳ ଦେଖାଇ ବାହାରେ ଥିବା ପାଥୋଲାବ ଗୁଡିକକୁ ବିଭିନ୍ନ ପରୀକ୍ଷା ପାଇଁ ପଠାଇ ଥାନ୍ତି। ଏହା କିନ୍ତୁ ନିୟମ ବାହାରେ, ସରକାରଙ୍କ ଘୋଷଣା ମୁତାବକ ଡାକ୍ତରଖାନାକୁ ରୋଗୀ ପହଞ୍ଚିଲେ ସମ୍ପୂର୍ଣ୍ଣ ମାଗଣା ଚିକିତ୍ସା, ପରୀକ୍ଷା ମଧ୍ୟ ମାଗଣା ଏବଂ ବିଭିନ୍ନ ଔଷଧ ମଧ୍ୟ ମାଗଣା ବ୍ୟବସ୍ଥା ରହିଛି, ହେଲେ ଏସବୁକୁ ଉଲଙ୍ଘନ କରି ଚାଲିଛନ୍ତି ଡାକ୍ତର। କିନ୍ତୁ ଡାକ୍ତରଙ୍କ ବିରୋଧରେ ଉପଖଣ୍ଡ ଡାକ୍ତରଖାନା କର୍ତ୍ତୃପକ୍ଷ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। କୁଚିଣ୍ଡାରେ ବେଆଇନ ଭାବେ ବହୁ ପାଥୋଲାବ ଖୋଲି ଅର୍ଥ ଉପାଜନର ସରଳ ଉପାୟ ଆପଣେଇ ନେଇଛନ୍ତି। ଏମାନଙ୍କ ମଧ୍ୟରୁ ବହୁ ପାଥୋଲାବର ଅନୁମତି ପତ୍ର ବି ନାହିଁ ବେଆଇନ ଭାବେ ଚାଲିଛି। ବିଭିନ୍ନ ନମୂନା ପରୀକ୍ଷା, ଆଉ କିଛି ମଧ୍ୟ ବିନା ଟେକ୍ନିସିଆନରେ ଏକ୍ସରେ କରି ବେଶ ଅର୍ଥ ଉପାର୍ଜନରେ ଲାଗି ପଡ଼ିଛନ୍ତି। କିଛି ପାଥୋଲାବ ମାଲିକ ହୋମିଓପ୍ୟାଥିକରେ ଏଲୋପ୍ୟାଥିକ ଔଷଧ ଦେଇ ରୋଗୀ ଦେଖିବା ସହ ରକ୍ତ ନମୁନା ମଧ୍ୟ ପରୀକ୍ଷା କରୁଛନ୍ତି।ପ୍ରଶାସନ ପକ୍ଷରୁ ଉକ୍ତ ବେଆଇନ ପାଥୋଲାବ ଗୁଡିକୁ ଚଢ଼ାଉ କରି ପ୍ରକୃତ କାଗଜପତ୍ର ଯାଞ୍ଚ କରିବା ସହ ଠକାମୀର ଶିକାର ହେଉ ଥିବା ରୋଗୀଙ୍କୁ ବଞ୍ଚାଇବାକୁ ଜନସାଧାରଣରେ ଦାବି ହେଉଛି।

# ଡାକ୍ତର ଜନାର୍ଦ୍ଦନ ପୂଜାରୀ ସ୍ମାରକୀ ବକ୍ତୃତା

**ସମ୍ବଲପୁର, ୯।୧୦ (ସମିସ):** ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ଆନୁକୂଲ୍ୟରେ ଗୁରୁବାର ସନ୍ଧ୍ୟାରେ ଡାକ୍ତର ତଥା ସାଧକ ଜନାର୍ଦ୍ଦନ ପୂଜାରୀ ସ୍ମାରକୀ ବକ୍ତୃତା ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଆଧ୍ୟାତ୍ମିକବାଦୀ ଇଂ.ବିଭୂତି ନାରାୟଣ ମାଝୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଡା. ପୂଜାରୀଙ୍କୁ ଜଣେ ବିଶିଷ୍ଟ ଡାକ୍ତର, ସାଧକ ଓ ଜୀବନମୁକ୍ତ ମଣିଷ ଭାବେ ବର୍ଣ୍ଣନା କରିଥିଲେ। ସେ ନିରୋଳା ଜଙ୍ଗଲ ସ୍ଥାନ ଓ ନଦୀ ପଠାରେ ବସି ଘଣ୍ଟା ଘଣ୍ଟା ଧରି ଧ୍ୟାନମଗ୍ନ ରହୁଥିଲେ। ଛୋଟ ସମୟରୁ ନିଜର ବଡ଼ଭାଇ ଓ ପିତାଙ୍କ ଅକାଳ ମୃତ୍ୟୁ ତାଙ୍କୁ ବୈରାଗ୍ୟ ଓ ଆଧ୍ୟାତ୍ମିକ ଦିଗକୁ ନେବାରେ ଅନ୍ୟତମ କାରଣ ହୋଇପାରେ। ମୃତ୍ୟୁ ପୂର୍ବରୁ ଡାକ୍ତର ପୂଜାରୀ ଆଭାସ ପାଇ ଦେହତ୍ୟାଗ ପାଇଁ ନିଜକୁ ପ୍ରସ୍ତୁତ କରିବା ତାଙ୍କ ଭଗବତ ପ୍ରେମର ଅନ୍ୟତମ ଉଦାହରଣ ବୋଲି ଶ୍ରୀ ମାଝୀ ପ୍ରକାଶ କରିଥିଲେ। ସମ୍ବଲପୁର ପବ୍ଲିକ ଲାଇବ୍ରେରୀର ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ପ୍ରଫେସର ନିରୁପମା ବଡ଼ପଣ୍ଡା ଓ ଅନୁଷ୍ଠାନର ସଭ୍ୟସମ୍ପାଦକ ରଘୁନାଥ ମିଶ୍ର ମଞ୍ଚାସୀନ ଥିଲେ। ସଭା ପୂର୍ବରୁ କାର୍ଯ୍ୟକାରୀ କମିଟି ଓ ସମ୍ପାଦନା ମଣ୍ଡଳୀର ଏକ ମିଳିତ ବୈଠକରେ ଚଳିତବର୍ଷ ପାଇଁ ଗ୍ରୁମିଙ୍ଗ ଛାତ୍ରଛାତ୍ରୀଙ୍କ ସାର୍ଟିଫିକେଟ ପ୍ରଦାନ ଉତ୍ସବ ନଭେମ୍ବର ୨ ତାରିଖ ଆଇଆଇଏମ ସମ୍ବଲପୁର ପରିସରରେ କରାଯିବାକୁ ସ୍ଥିରୀକୃତ ହୋଇଥିଲା। ଏହି ଉତ୍ସବ ସଂକ୍ରାନ୍ତୀୟ ବିଶେଷ ସୂଚନା ଓ ନିର୍ଦ୍ଦେଶାବଳୀ ଜାରି କରାଯିବ ବୋଲି କାର୍ଯ୍ୟକ୍ରମ ସଂଯୋଜକ ରାଜେନ୍ଦ୍ର ପଣ୍ଡା ସୂଚନା ଦେଇଥିଲେ।




# ଜୋନାଲ ସମ୍ପାଦକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ସମ୍ବଲପୁର, ୯।୧୦ (ସମିସ):** ଅଇଁଠାପାଲି ଯାନ୍ତ୍ରିକ ଭବନଠାରେ ଜନସ୍ୱାସ୍ଥ୍ୟ ବିଭାଗ ଯାନ୍ତ୍ରିକ ସଂଘର ସମ୍ବଲପୁର ଜୋନ ଜୋନାଲ ସମ୍ପାଦକ ସଦାଶିବ ବିଶୋଇଙ୍କୁ ଆଜି ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କନ୍‌ଠେ ଯନ୍ତ୍ରୀ ଇଂ. ଚରଣ ସିଂହମାଝି ଶ୍ରୀ ବିଶୋଇଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସଭାରେ ରାଜ୍ୟ ଉପସଭାପତି ନାରାୟଣ ନାଗ, ରୋହିତ ବେହେରା, ସନ୍ତୋଷ ବିଶ୍ୱାଳ, ଗୌତମ ଧଳ, ଅରକ୍ଷିତ ଜେନା, ଶ୍ରବଣ ତାଣ୍ଡି, ଦୀପକ ନାଗ, ଅରୁଣ ବେହେରା, ଶିବ ନାୟକ, ଦେହତାରୀ ଗଡ଼ତିଆ, କେଦାର ପଟେଲ, ଲକ୍ଷ୍ମୀଧର ପ୍ରଧାନ, ରାଜେନ୍ଦ୍ର ନାୟକ, ଜାନକି ଓରାମ, ଶାନ୍ତି ସହିସ, ଅମ୍ବିକା ଦୋରା, ପ୍ରମୋଦ ବାଗ, ବସନ୍ତ ନାୟକ, ବିଷ୍ଣୁ ବାହାର, ବିଶ୍ୱାଳ ସୁନା ପ୍ରମୁଖ ବହୁ ସଭ୍ୟସଭ୍ୟା ଯୋଗ ଦେଇଥିଲେ।

# ସାପ କାମୁଡ଼ାରେ ଜଣେ ମୃତ

**ଯୁଯୋମୁରା, ୯।୧୦(ସମିସ):** ଯୁଯୋମୁରା ବ୍ଲକ ଲିପିଣ୍ଡା ପଞ୍ଚାୟତ ଅନ୍ତର୍ଗତ ଧମାକଟା ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ସାପ କାମୁଡ଼ାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଯାଇଛି। ଯୁଯୋମୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ପ୍ରାପ୍ତ ସୂଚନା ମୁତାବକ ଧମାକଟା ଗ୍ରାମର ଚନ୍ଦ୍ରିକା ଗୁପ୍ତା (୫୮) ସନ୍ଧ୍ୟା ସମୟରେ ନିଜ ଘର ପିଣ୍ଡାରେ ବସିଥିବାବେଳେ ଏକ ସାପ ଆସି ତାଙ୍କ ଗୋଡ଼କୁ କାମୁଡ଼ି ଦେଇଥିଲା। ସ୍ଥାନୀୟ ବାସିନ୍ଦା ତାଙ୍କୁ ତୁରନ୍ତ ଯୁଯୋମୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପାଇଁ ବୁର୍ଲା ଭିମସାରକୁ ପଠାଯାଇଛି। ଚନ୍ଦ୍ରିକା ଗୁପ୍ତା ପମ୍ପ ମିସ୍ତ୍ରୀ ଭାବରେ କାମ କରୁଥିଲେ।

# କଫ ସିରପ୍ ଜବତ, ଯୁବକ ଗିରଫ

**ସମ୍ବଲପୁର, ୯।୧୦ (ସମିସ):** ଗୁରୁବାର ସନ୍ଧ୍ୟାରେ ବୁର୍ଲା ପୁଲିସ ଟାଉନ ଅଞ୍ଚଳରେ ପାଟ୍ରୋଲିଂ କରିବା ସମୟରେ ସନ୍ଧ୍ୟା ୮ଟା ୧୫ ମିନିଟରେ ଜଣେ ସଦେଇପାଲି ଅଞ୍ଚଳରେ କଫସିରପ ବିକ୍ରି କରୁଥିବା ଖବର ପାଇଥିଲା। ଏହାପରେ ଚଢ଼ଉ କରି ବୁର୍ଲା ବୋର୍ଡ କଲୋନୀ ତ୍ରିପାଠୀପଡ଼ାର ବ୍ରଜକିଶୋର ଛତ୍ରିଆ (୨୫)କୁ ଧରିବାସହ ତା'ଠାରୁ ୨୭ ବୋତଲ ୱିନସେରେକ୍ସ କଫସିରପ, ୬ଟି ଖୋଲା କଫ ସିରପ, ୪ଟି ଖାଲି କଫସିରପ ବୋତଲ, ଗୋଟିଏ ଷ୍ଟ୍ରିପ ନିଶା ବଟିକା, ୨୯ଟି ମଦ ପାଉଚ ଜବତ କରିଥିଲା। ଅଭିଯୁକ୍ତ ବ୍ରଜକିଶୋରକୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ପୁଲିସ କହିଛି।

# ଆକାଶବାଣୀରେ ହିନ୍ଦୀ ପକ୍ଷ ଉଦ୍‌ଯାପିତ



**ସମ୍ବଲପୁର, ୯।୧୦ (ସମିସ):** ଆକାଶବାଣୀ, ସମ୍ବଲପୁର କେନ୍ଦ୍ରରେ ଆଜି ହିନ୍ଦୀ ପକ୍ଷ ଉଦ୍‌ଯାପିତ ହୋଇଯାଇଛି। ସେପ୍ଟେମ୍ବର ୧୪ରୁ ୨୮ ତାରିଖ ପର୍ଯ୍ୟନ୍ତ ଚାଲିଥିବା ହିନ୍ଦୀପକ୍ଷ ଅବସରରେ କେନ୍ଦ୍ରର କର୍ମଚାରୀଙ୍କ ମଧ୍ୟରେ ଟିପ୍ପଣୀ ଏବଂ ପତ୍ର ଲିଖନ, ଅନୁବାଦ, ହିନ୍ଦୀ ଟାଇପିଙ୍ଗ, ତତ୍କାଳୀକ ଭାଷଣ, ବାଦବିବାଦ, ପ୍ରଶ୍ନୋତ୍ତରୀ ଆଦି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କେନ୍ଦ୍ରର ଅଭିଯାନ୍ତ୍ରିକୀ ନିର୍ଦ୍ଦେଶକ ସନ୍ତୋଷ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ଭାରତ ସରକାରଙ୍କ ଗୃହ ମନ୍ତ୍ରାଳୟ, ହିନ୍ଦୀ ବିଭାଗ ଅଧୀନସ୍ଥ ହିନ୍ଦୀ ଶିକ୍ଷଣ ଯୋଜନାର ଅବସରପ୍ରାପ୍ତ ସହାୟକ ନିର୍ଦ୍ଦେଶକ (ରାଜଭାଷା) ଡି. ଶଙ୍କର ଦୋରା ମୁଖ୍ୟଅତିଥି ଭାବରେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।କାର୍ଯ୍ୟକ୍ରମରେ ସହାୟକ ନିର୍ଦ୍ଦେଶକ ସୁବୋଧ କୁମାର ପାଲ ଏବଂ ହିନ୍ଦୀ ଅଧ୍ୟାପକ ରବୀନ୍ଦ୍ର ଶର୍ମା ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରଭାରୀ ହିନ୍ଦୀ ଅଧିକାରୀ କ୍ଷେତ୍ରମଣି ବିଭାର ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ସନ୍ତୋଷ ପିଙ୍ଗ, କୈବର୍ତ୍ତ ସାହୁ, ସତ୍ୟରଞ୍ଜନ ପଣ୍ଡା, ଅଜୟ ସାହୁ, ଜିତ ଶଙ୍କର ବାଗ, ସୋମନାଥ ଜାଲ, ଆଲୋକ ପ୍ରଧାନ ପ୍ରମୁଖ ଆୟୋଜନରେ ସହଯୋଗ କରିଥିଲେ।

# ଆନ୍ତଃ-ଜିଲ୍ଲା ଅସିଚାଳନା ପ୍ରତିଯୋଗିତା
# ସମ୍ବଲପୁର ଜିଲ୍ଲାକୁ ୨ ସ୍ୱର୍ଣ୍ଣ ସହ ୪ ପଦକ




**ସମ୍ବଲପୁର, ୯।୧୦ (ସମିସ):** କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଆୟୋଜିତ ଚତୁର୍ଥ ଓଡ଼ିଶା ଆନ୍ତଃ-ଜିଲ୍ଲା ଅସିଚାଳନା ପ୍ରତିଯୋଗିତା ୨୦୨୫-୨୬ରେ ସମ୍ବଲପୁର ଜିଲ୍ଲାର ପ୍ରତିଯୋଗୀ ଦୁଇଟି ସ୍ୱର୍ଣ୍ଣପଦକ ସହ ୪ଟି ପଦକ ଜିଣି ଜାତୀୟସ୍ତର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଆଜି ତୃତୀୟ ଦିନରେ ସମ୍ବଲପୁର ଜିଲ୍ଲାର ଡଲିରାଣୀ ମାଝୀ ସ୍ୱର୍ଣ୍ଣ ପଦକ ଜିଣିଛନ୍ତି। ଡଲିରାଣୀ ସରକାରୀ (ଏସଏସଡି) ବାଳିକା ଉଚ୍ଚ ବିଦ୍ୟାଳୟ, ଅର୍ଦ୍ଧାବାହାଲରେ ନବମ ଶ୍ରେଣୀରେ ପାଠ ପଢୁଛନ୍ତି। ଆଉ ଜଣେ ଖେଳାଳି ସୁଲଗ୍ନା ଶେଉଳ ରୌପ୍ୟ ପଦକ ହାସଲ କରିଛନ୍ତି। ସୁଲଗ୍ନା କୁଚିଣ୍ଡା ମହାବିଦ୍ୟାଳୟର ଯୁକ୍ତ ଦୁଇ କଳା ଛାତ୍ରୀ। ସୂଚନାଯୋଗ୍ୟ ଯେ, ପ୍ରତିଯୋଗିତାର ପ୍ରଥମ ଦିନ ସବ୍ ଜୁନିଅର ବର୍ଗରେ ସମ୍ବଲପୁରର ବରେନ୍ୟା ଗୌତମୀ ବାର୍ଲା ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲା ପାଇଁ ସ୍ୱର୍ଣ୍ଣପଦକ ଆଣିଥିବାବେଳେ ଦ୍ୱିତୀୟ ଦିନରେ ସବ-ଜୁନିଅର ବର୍ଗରେ ଭାଗନେଇ ହର୍ଷିତା ନାୟକ ତୃତୀୟ ସ୍ଥାନ ଅଧିକାର କରି କାଂସ ପଦକ ଜିତିଛନ୍ତି। ସମସ୍ତ ପଦକ ବିଜେତାଙ୍କୁ ଜିଲ୍ଲା କ୍ରୀଡା ଅଧିକାରୀ ଡଃ ସତ୍ୟନାରାୟଣ ତାଣ୍ଡି, ଇନ୍ସପେକ୍ଟର ଅଫ୍ ଫିଜିକାଲ ଏଡୁକେସନ ସୁଜାତା ପଟ୍ଟନାୟକ ଏବଂ କୋଚ ରଶ୍ମିତା ପୁରୋହିତ ଅଭିନନ୍ଦନ ଜଣାଇଛନ୍ତି। ଏହି ଖବର ପାଇ ସମ୍ବଲପୁର ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି।

# ଦୁର୍ଦ୍ଦାନ୍ତ ଅପରାଧୀ ଅର୍ମାନ ଖାନ ଗିରଫ

**ସମ୍ବଲପୁର, ୯।୧୦(ସମିସ)**

**କୋର୍ଟରେ ରହିଛି ୩୧ ଅପରାଧିକ ମାମଲା**

**ବ୍ରାଉନ ସୁଗର ବିକିବାବେଳେ ମାଡ଼ିବସିଲା ପୁଲିସ**

ସମ୍ବଲପୁର କୁମ୍ଭାରପଡ଼ାର ଦୁର୍ଦ୍ଦାନ୍ତ ଅପରାଧି ଅର୍ମାନ ଖାନ (୨୩) କୁ ଗିରଫ କରିଛି ସମ୍ବଲପୁର ପୁଲିସ। ଅର୍ମାନ ନାମରେ ବିଭିନ୍ନ ଥାନାରେ ୩୧ଟି ମାମଲା ରହିଛି। ଦୂରଦର୍ଶନ କେନ୍ଦ୍ର, ଡିଅର ପାର୍କ ନିକଟରେ ବ୍ରାଉନ ସୁଗର ବିକ୍ରୟ ପାଇଁ ଉଦ୍ୟମ କରୁଥିବାବେଳେ ପୁଲିସ ମାଡ଼ିବସିଥିଲା। ତଦନ୍ତ ସମୟରେ ପୁଲିସ ଅର୍ମାନଠାରୁ ୧୫.୫୮ ଗ୍ରାମ ବ୍ରାଉନସୁଗର, ଗୋଟିଏ ଛୁରୀ ଓ ଗୋଟିଏ ମୋବାଇଲ ଫୋନ ଜବତ କରିଛି। ଧନୁପାଲି ପୁଲିସ କେସ ନଂ. ୩୫୭/୨୫ରେ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ପୁଲିସର ସୂଚନା ଅନୁଯାୟୀ, ଅଭିଯୁକ୍ତ ଅର୍ମାନ ନାମରେ ସମ୍ବଲପୁର ଧନୁପାଲି ଥାନାରେ ୧୬ଟି ମାମଲା ଥିବାବେଳେ କ୍ଷେତରାଜପୁର ଥାନାରେ ୨ଟି, ଟାଉନ ଥାନାରେ ୯ଟି, ଅଇଁଠାପାଲି ଥାନାରେ ଗୋଟିଏ ଏବଂ ବୁର୍ଲା ଥାନାରେ ୩ଟି ମାମଲା ରହିଥିବା ପୁଲିସ ସୂଚନା ଦେଇଛି।






# ୧୪.୫୧ ଗ୍ରାମ ବ୍ରାଉନସୁଗର ଜବତ, ୨ ଗିରଫ

**ସମ୍ବଲପୁର, ୯।୧୦ (ସମିସ):** ସମ୍ବଲପୁରର କୁମ୍ଭାରପଡ଼ା ଭାଗବତଗୁଡ଼ି ନିକଟରେ ବ୍ରାଉନସୁଗର କାରବାର କରୁଥିବା ଦୁଇଜଣଙ୍କୁ ଧନୁପାଲି ପୁଲିସ ଚଢ଼ଉ କରି ଗିରଫ କରିଛି। ସେମାନେ ହେଲେ ଧନକଉଡ଼ାର ବିନୋଦ ବାଦୀ (୨୮) ଓ ସିଟି ଷ୍ଟେସନ ପାଖର ବିନୋଦ ଟପ୍ପୋ (୩୨)। ଯାଞ୍ଚ ସମୟରେ ସେମାନଙ୍କଠାରୁ ୧୪.୫୧ ଗ୍ରାମ ବ୍ରାଉନ ସୁଗର, ଦୁଇଟି ମୋବାଇଲ, ଗୋଟିଏ ନିକନ୍ କ୍ୟାମେରା ଓ ୧୭୫୦ ନଗଦ ଟଙ୍କା ଜବତ କରାଯାଇଛି। ଧନୁପାଲି ଥାନାରେ କେସ ନଂ. ୩୫୬/୨୫ ରୁଜୁକରି ଉଭୟଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେମାନଙ୍କ ସହ ନିଶା କାରବାରରେ ସମ୍ପୃକ୍ତମାନଙ୍କୁ ଧରିବା ପାଇଁ ତଦନ୍ତ ଜାରିରହିଥିବା ପୁଲିସ ସୂଚନା ଦେଇଛି।



ସକାଳ
THE SAKALA

# ସମ୍ପାଦକୀୟ



ଗୋଟିଏ ଦେଶର ସଂସ୍କୃତି ଏହାର ଜନତାଙ୍କ ହୃଦୟ ଓ ଆତ୍ମାରେ ଲୁଚି ରହିଛି ।
-ମହାତ୍ମା ଗାନ୍ଧୀ

## ପଥଚାରୀଙ୍କ ସୁରକ୍ଷା ଚିନ୍ତା

ସଡ଼କ ଦୁର୍ଘଟଣାରେ ଭାରତ ବିଶ୍ୱରେ ଅଲୋଡ଼ା ରେକର୍ଡ ସୃଷ୍ଟି କରିଚାଲିଛି । ଏହାପଛରେ ଥିବା ଅନେକ କାରଣ ମଧ୍ୟରୁ ହେଲ୍‌ମେଟ୍ ଓ ସୁରକ୍ଷା ବ୍ୟବସ୍ଥା ଉଲ୍ଲଙ୍ଘନ, ନିଶାସକ୍ତ ଗାଡ଼ିଚାଳନା, ଭିଡ଼ ନିୟନ୍ତ୍ରଣରେ ଅସଫଳତା, ରାସ୍ତାଘାଟର ଦୁରବସ୍ଥା ଇତ୍ୟାଦିକୁ ଦାୟୀ କରାଯାଇ ଆସୁଥିଲେ ହେଁ ଏହାର ନିରାକରଣ ଲାଗି ଯେଉଁଭଳି ନିଷ୍ଠା ଓ ତତ୍ପରତା ପ୍ରକାଶ ପାଇବା କଥା ତାହା ହେଉନାହିଁ । ସରକାର କେବଳ ଶ୍ୱେତପତ୍ର ଓ ଉଦ୍‌ବେଗ ପ୍ରକାଶ କରି ନିଜ ଦାୟିତ୍ୱ ସାରି ଦେଉଥିବା ଏକ ଧାରା ପାଲଟି ଯାଇଛି । ଏ ଦିଗରେ ଏବେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ପୁଣି ଥରେ ତତ୍ପର ହୋଇ ସମସ୍ୟାର ସମାଧାନକୁ ଗୁରୁତ୍ୱ ଦେଇଥିବାରୁ ଆଶାର କ୍ଷୀଣ ଆଲୋକ ରେଖାଟିଏ ଦେଖାଯାଉଛି । ବିଶେଷକରି ପଥଚାରୀଙ୍କ ସୁରକ୍ଷା ପ୍ରତି ସର୍ବୋଚ୍ଚ ନ୍ୟାୟାଳୟ ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି ।

ଅନିୟନ୍ତ୍ରିତ ଟ୍ରାଫିକ୍ ବ୍ୟବସ୍ଥା ଓ ସଡ଼କରେ ଯାନବାହନ ସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ଦୁର୍ଘଟଣାରୁ ଯଥାସମ୍ଭବ ସୁରକ୍ଷାର ସର୍ବୋତ୍ତମ ବିକଳ୍ପ ହେଉଛି ପାଦରେ ଚାଲିଚାଲି ଯିବା । ସମ୍ପ୍ରତି ସହରବଜାରର ସୀମା ଦିନକୁ ଦିନ ବଢ଼ୁଥିବାରୁ କର୍ମସଂସ୍ଥାନଜୀବୀମାନେ ପାଦରେ ଚାଲି ଯିବା ଏକପ୍ରକାର ଦୁରୁହ ବ୍ୟାପାର । ତଥାପି ବରିଷ୍ଠ ନାଗରିକ, ମହିଳା, ଶିଶୁ, ଦିବ୍ୟାଙ୍ଗମାନେ କିମ୍ବା ପ୍ରାତଃ ଓ ସାନ୍ଧ୍ୟ ଭ୍ରମଣ ପାଇଁ ପଥଚାରଣ ଏବେ ବି ସର୍ବୋତ୍କୃଷ୍ଟ ବିକଳ୍ପ । କିନ୍ତୁ ବିଡ଼ମ୍ବନା ଏୟା ଯେ ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟର ଭାରତର ସଡ଼କ ଦୁର୍ଘଟଣା ପରିସଂଖ୍ୟାନରେ ପଥଚାରୀଙ୍କ ସଂଖ୍ୟା ପ୍ରାୟ ୨୦% । ଗତ ଦଶବର୍ଷ ଭିତରେ ଏହି ସଂଖ୍ୟା ଦୁଇଗୁଣା ବୃଦ୍ଧି ପାଇଛି ।

ପଥଚାରୀଙ୍କ ପାଇଁ ସଡ଼କରେ ଯେଉଁଭଳି ବ୍ୟବସ୍ଥା କରିବା କଥା ତାହାର ଅଭାବରୁ ଏଭଳି ଘଟୁଥିବା ସମସ୍ତେ ଜାଣିଥିଲେ ମଧ୍ୟ କର୍ତ୍ତୃପକ୍ଷଙ୍କ ଅବହେଳା, ଦାୟିତ୍ୱହୀନତା ଓ ଉଦାସୀନତା ଯୋଗୁଁ ପରିସଂଖ୍ୟାନ ଉପରମୁହାଁ ହେଉଛି । ପଥଚାରୀଙ୍କ ପାଇଁ ଉଦ୍ଦିଷ୍ଟ ଫୁଟ୍‌ପାଥ ବା ପାଦଚଲା ସ୍ଥାନ ବୁଲାବିକାଳୀମାନେ ମାଡ଼ି ବସୁଥିବା ବେଳେ ବାହୁବଳ ଓ ଅର୍ଥବଳରେ ଫୁଟ୍‌ପାଥକୁ କବ୍‌ଜା କରୁଥିବା ସ୍ଥାୟୀ ଦୋକାନୀମାନଙ୍କ ସଂଖ୍ୟା କମ୍ ନୁହେଁ । ଫୁଟ୍‌ପାଥକୁ ଜବରଦଖଲମୁକ୍ତ କରିବା କାମ କାହାର ସେ ଭାଗବଣ୍ଟା ଛିଣ୍ଡୁ ନଥିବାରୁ ଜଣେ ଆଉ ଜଣଙ୍କ ମୁଣ୍ଡକୁ ଦାୟିତ୍ୱ ଠେଲି ଦେଇ ଖସିଯାଉଛନ୍ତି ଏବଂ ବିଚରା ପଥଚାରୀ ହିଁ ପରାଭବ ଭୋଗିବା ସାର ହେଉଛି । ଏହାଛଡ଼ା ପଥଚାରୀମାନେ ଜନଗହଳିପୂର୍ଣ୍ଣ ରାସ୍ତା ଓ ଛକକୁ ସୁରକ୍ଷିତ ଭାବେ ପାରି ହେବା ପାଇଁ ଅନେକ ସ୍ଥାନରେ ବ୍ୟବସ୍ଥା ନାହିଁ; ଯେଉଁଠାରେ ବ୍ୟବସ୍ଥା ଅଛି ତାହାର ଅନୁପାଳନ ହେଉନାହିଁ । ଟ୍ରାଫିକ୍ ପରିଚାଳନା ଅଭାବରୁ ମଧ୍ୟ ଅନେକ ସମୟରେ ଦୁର୍ଘଟଣା ଘଟୁଛି । ଏ ସମସ୍ୟାକୁ ହୃଦୟଙ୍ଗମ କରି ସର୍ବୋଚ୍ଚ ନ୍ୟାୟାଳୟ ପଥଚାରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇଥିବା ବେଳେ ବେନିୟମ ଓ ବିନା ହେଲ୍‌ମେଟ୍‌ରେ ଗାଡ଼ିଚାଳନା, ଏଲ୍‌ଇଡି ଲାଇଟର ପ୍ରଭାବକୁ ଯଥାସମ୍ଭବ ନିୟନ୍ତ୍ରଣ ପାଇଁ ଆବଶ୍ୟକ ନିୟମ ଆଣିବା ଲାଗି ଜାତୀୟ ରାଜପଥ ପ୍ରାଧିକରଣ ସମେତ ରାଜ୍ୟ ସରକାର ଓ ପୌରପାଳିକା/ମହାନଗର ନିଗମଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି ।

ଭାରତୀୟ ରୋଡ୍ କଂଗ୍ରେସର ମାର୍ଗଦର୍ଶିକା ଅନୁଯାୟୀ, ପଥଚାରୀଙ୍କ ପାଇଁ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ନିଶ୍ଚିତ କରିବା ବିଧେୟ । ଏଥିପାଇଁ ଫୁଟ୍‌ପାଥ୍‌ର ଡିଜାଇନ୍ ମଧ୍ୟ ପରିକଳ୍ପନା କରାଯାଇଛି । ଆଇଆରସି ମାର୍ଗଦର୍ଶିକା ୧୦୩-୨୦୨୨ ଅନୁଯାୟୀ ଫୁଟ୍‌ପାଥର ଚଉଡ଼ା ଆବାସିକ ଅଞ୍ଚଳରେ ୪ ମିଟର ଓ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ୬.୫ ମିଟର ଏବଂ ଉଚ୍ଚତା ୧୫୦ ମିଲିମିଟର ରହିବା ବିଧେୟ । କିନ୍ତୁ ଆମ ଫୁଟ୍‌ପାଥଗୁଡ଼ିକର ସ୍ଥିତି କ'ଣ ତାହା ଆମେ ଅଳ୍ପେବହୁତେ ଜାଣିଛେ । ତେଣୁ ପ୍ରାଥମିକ ପର୍ଯ୍ୟାୟରେ ମେଟ୍ରୋ ସହରମାନଙ୍କରେ ଫୁଟ୍‌ପାଥର ସ୍ଥିତି ଯାଞ୍ଚ କରି ରିପୋର୍ଟ ଦେବାକୁ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି । ବିଶେଷକରି ଧାର୍ମିକ ଅନୁଷ୍ଠାନ, ଐତିହ୍ୟସ୍ଥଳ, ଶିକ୍ଷାୟତନ, ସ୍ୱାସ୍ଥ୍ୟକେନ୍ଦ୍ର, ସାଧାରଣ ଅଭିଯୋଗ କାର୍ଯ୍ୟାଳୟ, ଅଦାଲତ, ବଜାର, ହାଟ, ପାର୍କ, ସିନେମା ହଲ୍ ଆଦି ନିକଟରେ ପଥଚାରୀଙ୍କ ଦୁର୍ଘଟଣା ଅଧିକ ହେଉଥିବାରୁ ସେଠାରେ ବିହିତ ସୁରକ୍ଷା ବ୍ୟବସ୍ଥା ପ୍ରତି କର୍ତ୍ତୃପକ୍ଷ ଅଧିକ ଯତ୍ନଶୀଳ କଥା, ଯାହାକୁ ସର୍ବୋଚ୍ଚ ନ୍ୟାୟାଳୟ ଯଥୋଚିତ ଗୁରୁତ୍ୱ ଦେଇଛନ୍ତି । ଏଥିସହିତ ପଥଚାରୀମାନଙ୍କ ଫୁଟ୍‌ପାଥ୍ ସମ୍ବନ୍ଧୀୟ ଅଭିଯୋଗ ଦାଖଲ ଏବଂ ସମସ୍ୟା ସମାଧାନ ପାଇଁ ଅନ୍‌ଲାଇନ୍ ପୋର୍ଟାଲ୍ ଖୋଲିବା ଲାଗି ଜାତୀୟ ରାଜପଥ ପ୍ରାଧିକରଣ ସମେତ ପୌରପାଳିକାମାନଙ୍କୁ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି । ପଥଚାରୀଙ୍କ ସୁରକ୍ଷା ସର୍ବାଗ୍ରେ ହୋଇଥିବାରୁ ଏହି ନିର୍ଦ୍ଦେଶନାମାର ଯେପରି ଯଥାଶୀଘ୍ର ପାଳନ ହୋଇପାରିବ ସେଥିପ୍ରତି ସର୍ବୋଚ୍ଚ ଅଦାଲତ ଗୁରୁତ୍ୱ ଦେଇ କହିଛନ୍ତି ଯେ ଆସନ୍ତା ଛଅମାସ ମଧ୍ୟରେ ରାଜ୍ୟମାନେ ମୋଟର ଭେହିକିଲ୍ ଆକ୍ଟ ଧାରା ୧୩୮(ଆଇଏ) ଅନୁଯାୟୀ ଏବଂ କେନ୍ଦ୍ର ଶାସିତ ଅଞ୍ଚଳମାନେ ଧାରା ୨୧୦-ଡି ଅନୁଯାୟୀ ଆବଶ୍ୟକ ନୀତି ନିର୍ଦ୍ଧାରଣ କରିବାକୁ ପଡ଼ିବ ।

ଆମେ ଏହି ପୃଷ୍ଠଭୂମିରେ କର୍କଶ ହର୍ଣ୍ଣ ଓ ଦ୍ରୁତ ଗାଡ଼ିଚାଳନାର ପ୍ରତିଯୋଗିତାକୁ ଯେପରି ନିରୁତ୍ସାହିତ କରାଯାଇପାରିବ ସେ ସମ୍ପର୍କରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦୃଷ୍ଟି ଆକର୍ଷଣ କରୁଛୁ । କାରଣ ସଡ଼କ ଦୁର୍ଘଟଣାରେ ଏହି ଦୁଇ କାରକର ମଧ୍ୟ ଯଥେଷ୍ଟ ଭୂମିକା ରହିଛି । ଏ ସମ୍ପର୍କିତ ନିର୍ଦ୍ଧାରିତ କଟକଣାର ତଦାରଖ ପ୍ରକ୍ରିୟାକୁ ଯେପରି ଗତିଶୀଳ ଓ ନିୟମିତ କରାଯାଇପାରିବ ସେ ଦିଗରେ ମଧ୍ୟ ସର୍ବୋଚ୍ଚ ନ୍ୟାୟାଳୟ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ପ୍ରଶାସନକୁ ବିହିତ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରୁଛୁ । ପ୍ରଭାବଶାଳୀ ତଦାରଖ ବ୍ୟବସ୍ଥାର ଅନୁପସ୍ଥିତିରେ ନିର୍ଦ୍ଦେଶ ଓ ତା'ର କାର୍ଯ୍ୟାନ୍ୱୟନ ମଧ୍ୟରେ ବହୁ ସମୟ ବ୍ୟବଧାନ ରହିଯାଉଥିବାରୁ ସମୟୋପଯୋଗୀ ମହତ୍ ଲକ୍ଷ୍ୟ ସାଧିତ ହୋଇପାରୁନାହିଁ । ଅତୀତରେ ପୁରୀ ଜିଲ୍ଲା ଅଞ୍ଚଳରେ ସ୍କୁଲ୍ ପିଲାମାନଙ୍କର ରାସ୍ତାପାରି ସମସ୍ୟା ଦୀର୍ଘଦିନ ଧରି ଅସମାହିତ ରହିବା ପରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଆଞ୍ଚଳିକ ଅଧିକାରୀଙ୍କୁ ପ୍ରତ୍ୟକ୍ଷ ଭାବେ ରାସ୍ତା ପାରି ହେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ସମସ୍ୟା ସମାଧାନ ହୋଇଥିଲା । ସେଭଳି ଅଦାଲତୀ କାର୍ଯ୍ୟାନୁଷ୍ଠାନ ଜନସମୁଦାୟ ଆଶା କରନ୍ତି ।

## ଆମ ଅର୍ଥନୀତିର ପୁତ୍ର ଓ ଜାମାତାମାନେ

ଡକ୍ଟର ଅବଶ ପରିଡ଼ା

କିଛିଦିନ ତଳର କଥା । ଲଗାଣ ବର୍ଷାରେ ମହାରାଷ୍ଟ୍ରର ମରାଠୱାଡ଼ା ଅଞ୍ଚଳରେ ଚାଷୀ ଓ ଚାଷ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିଲା । ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ବନ୍ୟାଞ୍ଚଳ ପରିଦର୍ଶନ କଲେ । ଫସଲର କ୍ଷତିଠାରୁ ବ୍ୟାଙ୍କ ଋଣ ଶୁଝିବା ଥିଲା ସେଠାକାର ଚାଷୀଙ୍କର ପ୍ରଥମ ଚିନ୍ତା । ତେଣୁ ସ୍ୱାଭାବିକ ଭାବରେ ଉପମୁଖ୍ୟମନ୍ତ୍ରୀଙ୍କୁ ଋଣ ଛାଡ଼ ପାଇଁ ଅନେକ ଚାଷୀ ଅନୁରୋଧ କରିଥିଲେ । କିନ୍ତୁ ପାୱାର ସାହେବ ତାଚ୍ଛଲ୍ୟ କରି କହିଲେ, 'ଋଣ ଛାଡ଼ ହେବ ଏମାନଙ୍କର? ଏ ଚାଷୀଙ୍କୁ ମୁଖ୍ୟମନ୍ତ୍ରୀ କରିଦିଅ ।' ଯଦି ସେହି ଚାଷୀ ଜଣକ ମୁଖ୍ୟମନ୍ତ୍ରୀ କିମ୍ବା ପ୍ରଭାବଶାଳୀ ବ୍ୟକ୍ତି ହୋଇଥା'ନ୍ତେ, ତେବେ ତାଙ୍କର ଋଣ ଛାଡ଼ ହୋଇପାରିଥା'ନ୍ତା ବୋଲି ଉପମୁଖ୍ୟମନ୍ତ୍ରୀ ସମ୍ଭବତଃ ପରୋକ୍ଷ ଭାବରେ କହିଥିଲେ । ଏଠାରେ ରାଜନେତାଙ୍କ ଉତ୍ତରରେ ଚାଷୀଙ୍କ ପ୍ରତି ଥିବା ଅବମାନନା ନୁହେଁ, ବରଂ ବିଶାଳ କୃଷକ ଶ୍ରେଣୀର ସାମାଜିକ ସ୍ଥିତି ଓ ଅସମାନତା କଥା ଆଲୋଚନା କରିବା ।

ସମାଜବିଜ୍ଞାନୀଙ୍କ ଦୃଷ୍ଟିରେ, ଚାଷୀମାନେ ଆମ ପରିବାରର ପୁଅଙ୍କ ଭଳି । ସେମାନେ ଉତ୍ତରଦାୟୀ ରହିବେ, ସନ୍ତୁଳନ ରଖିବେ । ଅକ୍ଳାନ୍ତ ପରିଶ୍ରମ କରିବେ । ଋଣ ପରିଶୋଧ କରିବେ, ଅଭିଯୋଗ କରିବେ ନାହିଁ । ଅପରପକ୍ଷରେ ଶିଳ୍ପପତିମାନେ ହେଉଛନ୍ତି ଦେଶର ଜାମାତା(ଜ୍ୱାଇଁପୁଅ) । ସେମାନେ ଆଦର ସହିତ ଭଲ ବ୍ୟବସ୍ଥା ଓ ପ୍ରଶଂସା ପାଇବେ । ଜଙ୍ଗଲ କାଟନ୍ତୁ କି ପରିବେଶ ପ୍ରଦୂଷଣ କରନ୍ତୁ, ଉତ୍ତରଦାୟିତ୍ୱ ନେବେ ନାହିଁ । ଖର୍ଚ୍ଚର ହିସାବ କେହି ମାଗିବେ ନାହିଁ । ଜ୍ୱାଇଁ ଚର୍ଚ୍ଚାରେ ଆମେ ବ୍ୟସ୍ତ । ଯେତେ ଭିଡ଼ ହେଉ ପଛେ ଶିଳ୍ପପତିଙ୍କୁ ଟିକେ ପାଖରୁ ଦେଖିବା ହେଉଛି ଆମ ଖୁସି । ଏପଟେ, ଚାଷୀର ଶୀତଳ ମର ଶରୀର ଦେଖିଲେ ଆମେ ଚୁପ । କାରଣ ଏ ବିଷୟରେ କଥା ହେଲେ ଦେଶକୁ ଲାଜ ଓ ଆମ ଅର୍ଥନୀତିକୁ ଅପମାନ । ଆମେ କେତେ ନକଲି ମୁଖା ପିନ୍ଧା ସମାଜରେ ରହୁଛେ, ତାହା ଏଥିରୁ ସ୍ପଷ୍ଟ ।

ପ୍ରଥମେ ଚାଷୀପୁଅଙ୍କ ଆର୍ଥିକ ସ୍ଥିତି କଥା ବିଚାରକୁ ନେବା । ଅଖିଳ ଭାରତୀୟ ଗ୍ରାମୀଣ ଆର୍ଥିକ ଅନ୍ତର୍ଭୁକ୍ତି ସର୍ବେକ୍ଷଣ ଅନୁଯାୟୀ, ଭାରତୀୟ କୃଷି ପରିବାରରେ ଅଧାରୁ ଅଧିକ ଋଣଗ୍ରସ୍ତ । ସେମାନଙ୍କ ହାରାହାରି ବକେୟା ଋଣ ୧ ଲକ୍ଷ ଟଙ୍କାରୁ ଅଧିକ । ଆର୍ଥିକ ସ୍ୱଚ୍ଛଳ ଶ୍ରେଣୀକୁ ଏହା କମ୍ ଲାଗୁ ଥାଇପାରେ । କିନ୍ତୁ ତାହା ଏକ ଗ୍ରାମୀଣ କୃଷି ପରିବାରର ବାର୍ଷିକ ଆୟ ସହିତ ସମାନ କିମ୍ବା ତା'ଠାରୁ ଅଧିକ । ଚାଷୀ ପରିବାର ପାଇଁ ଋଣ ଏକ ନିବେଶ ନୁହେଁ, ବରଂ ଖାଦ୍ୟ, ଚାଷ, ଜରୁରିକାଳୀନ ଚିକିତ୍ସା, ସାମାଜିକ ଦାୟିତ୍ୱ ନିର୍ବାହନ ପାଇଁ ଏକ ବାଧ୍ୟବାଧକତା । ଚାଷୀର ଋତୁକାଳୀନ ଉତ୍ପାଦନ ଅନେକ ସମୟରେ ବିଫଳ ହେଉଛି । ପାଣିପାଗ, କୀଟପତଙ୍ଗ କିମ୍ବା ବଜାରରେ ମୂଲ୍ୟ ହ୍ରାସ ଏଥିପାଇଁ ଦାୟୀ । ଏଥିସହିତ ଗତ କିଛିଦିନ ହେଲାଣି ଦାଉ ସାଧିଛି ସାର ଅଭାବ ।

ଏକ ଅଧ୍ୟୟନ କୁହେ ଯେ ଭାରତୀୟ ଚାଷୀବର୍ଗ ଦଶହଜାର ଟଙ୍କାର ଋଣ ପରିଶୋଧ କରିବା ପାଇଁ ଦାଦନ ଖଟିବାକୁ ଯାଏ । ପ୍ରତିବର୍ଷ ବଲାଙ୍ଗୀର ଓ ନୂଆପଡ଼ା ଆଦି ଜିଲ୍ଲାରୁ ୨ଲକ୍ଷରୁ ଅଧିକ ଶ୍ରମିକ ଆନ୍ଧ୍ରପ୍ରଦେଶ କିମ୍ବା ତେଲେଙ୍ଗାନାକୁ ପ୍ରବାସ କରୁଛନ୍ତି । ସମାଜବିଜ୍ଞାନ ଦୃଷ୍ଟିରୁ ଏହା କେବଳ ଆର୍ଥିକ ଦୁର୍ଦ୍ଦଶା ନୁହେଁ, ବରଂ ଓଡ଼ିଶାର ଚାଷୀ ସମ୍ମାନର ଏକ ସଙ୍କଟ । 'ଛୋଟ' ଲାଗୁଥିବା ଏହି ଋଣ ଏକ ବିଶାଳ କୃଷକ ଶ୍ରେଣୀକୁ ସାମାଜିକ ଓ ଆର୍ଥିକ ଭାବରେ ଯେ ଭାରାକ୍ରାନ୍ତ କରିଦେଉଛି, ତାହା ଜାତୀୟ କୃଷକ ଆତ୍ମହତ୍ୟା ପରିସଂଖ୍ୟାନରେ ପ୍ରତିଫଳିତ । ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ କୁହେ ଯେ କୃଷି କ୍ଷେତ୍ରରେ ବର୍ଷକୁ ଦଶ ହଜାରରୁ ଅଧିକ ଆତ୍ମହତ୍ୟା ମାମଲା ରୁଜୁ ହେଉଛି । ସାମ୍ପ୍ରତିକ ବର୍ଷଗୁଡ଼ିକରେ କୃଷକଙ୍କ ଉପର ପଡୁଥିବା ଆର୍ଥିକ ଚାପ ହେଉଛି ଏହାର ପ୍ରମୁଖ କାରଣ । ଋଣ ଖିଲାପକାରୀ ଭାବରେ ବର୍ଗୀକରଣ, ଡିମାଣ୍ଡ ନୋଟିସ୍, ଭବିଷ୍ୟତର ଋଣ କ୍ଷତି, ପୁନରୁଦ୍ଧାର ପ୍ରକ୍ରିୟା ମାଧ୍ୟମରେ ହଇରାଣ ଏବଂ ସାମାଜିକ କଳଙ୍କ, ସମ୍ମାନର କ୍ଷତି, ପାରିବାରିକ ଲଜ୍ଜା ଇତ୍ୟାଦି ଚାପଗ୍ରସ୍ତ ଚାଷୀ ପାଇଁ ଏକ ମାନସିକ -ସାମାଜିକ ବିଭ୍ରାଟ ସୃଷ୍ଟି କରୁଛି ବୋଲି ଅନେକ ବିଶାରଦ ଯୁକ୍ତି ବାଢ଼ନ୍ତି । ଏଠି ମତ ଆସିପାରେ ଯେ ଚଳିତ କେନ୍ଦ୍ର ବଜେଟ୍ କିଷାନ କ୍ରେଡିଟ୍ କାର୍ଡ ପାଇଁ ଋଣ ସୀମା ବୃଦ୍ଧି କରାଯାଇଛି । ତେଣୁ ଏହା ଏକ ସମାଧାନର ବାଟ ହୋଇପାରେ । କିନ୍ତୁ ଚାଷୀକୁଳ ଏହାକୁ ଅପର୍ଯ୍ୟାପ୍ତ ଏବଂ ଏକ ସମ୍ଭାବ୍ୟ ଫାଶ ଭାବରେ ଗ୍ରହଣ କରୁଛନ୍ତି । ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ସହିତ ଜାରି ରହିଥିବା ସମସ୍ୟା ଏବଂ କୃଷି ଉପକରଣ ଉପରେ ଥିବା ଟିକସର ବୋଝ ହେଉଛି ଏହାର କାରଣ ।

ଏବେ ଦେଶର ଜ୍ୱାଇଁଙ୍କ ବିଷୟରେ ଆଲୋଚନା କରିବା । ସାର୍ବଜନୀନ ପ୍ରକାଶନ ଦର୍ଶାଉଛି ସରକାରୀ କ୍ଷେତ୍ରର ବ୍ୟାଙ୍କଗୁଡ଼ିକ ୩୧ ମାର୍ଚ୍ଚ, ୨୦୨୫ ସୁଦ୍ଧା ପ୍ରାୟ ୧.୬୨ ଲକ୍ଷ କୋଟି ଟଙ୍କାର ମୋଟ ବକେୟା ସହିତ ୧, ୬୨୯ ଜଣ ଇଚ୍ଛାକୃତ ଖିଲାପକାରୀଙ୍କୁ ଚିହ୍ନଟ କରିଛନ୍ତି । ଏମାନେ ସଭିଏଁ ଶିଳ୍ପପତି ଶ୍ରେଣୀର । ବିଗତ ପାଞ୍ଚ ବର୍ଷରେ ବ୍ୟାଙ୍କଗୁଡ଼ିକ ସେମାନଙ୍କର ପ୍ରାୟ ୯.୯ ଲକ୍ଷ କୋଟି ଟଙ୍କାର ଋଣ 'ରାଇଟ ଅଫ୍' ବା ଛାଡ଼ କରିଛନ୍ତି । ଏହା ଏକ ବ୍ୟବସ୍ଥିତ ଲୁଟ । ଆମ ବ୍ୟବସ୍ଥାରେ ବଡ଼ଋଣ ଖିଲାପକାରୀଙ୍କ ପାଇଁ ସେମିତି କିଛି ଦଣ୍ଡ ବ୍ୟବସ୍ଥା ନାହିଁ । ଠକେଇ ମାମଲା, ପ୍ରତ୍ୟର୍ପଣ, କର୍ପୋରେଟ୍ ଦେବାଳିଆ ଓ ପୁନରୁଦ୍ଧାର ପାଇଁ ବର୍ଷ ବର୍ଷ ସମୟ ଲାଗେ । ପଳାତକମାନେ ଆଇନ ଦ୍ୱାରା ଜନସାଧାରଣଙ୍କ କ୍ରୋଧକୁ ଦୀର୍ଘ ଆଇନଗତ ବିବାଦରେ ପରିଣତ କରିବାରେ ସଫଳ ମଧ୍ୟ ହୁଅନ୍ତି ।

ଯେତେବେଳେ କୃଷକ, କ୍ଷୁଦ୍ର ବ୍ୟବସାୟୀ ଓ ଶ୍ରମିକଙ୍କ ଭଳି କ୍ଷୁଦ୍ର ଋଣଗ୍ରହୀତା ଖିଲାପକାରୀ ହୁଅନ୍ତି, ସେତେବେଳେ ଦୋଷ ବ୍ୟକ୍ତିଗତ ହୋଇଥାଏ । ଏହାର ଅର୍ଥ ଏହା ଅପରାଧ ଏବଂ ଏକ ନୈତିକ ବିଫଳତା । ଅପରପକ୍ଷେ ଯେତେବେଳେ ବଡ଼ କର୍ପୋରେଟ୍ ଋଣଗ୍ରହୀତା ଖିଲାପକାରୀ ହୁଅନ୍ତି ସେତେବେଳେ ଘଟଣାକୁ ପ୍ରାୟତଃ 'ବ୍ୟବସାୟିକ ବିପଦ', 'ବିଶ୍ୱବ୍ୟାପୀ ଆର୍ଥିକ ସଙ୍କଟ' କିମ୍ବା ଏକ ବୈଷୟିକ ବିଫଳତା ଭାବରେ ଦର୍ଶାଯାଇଥାଏ । ଏହା କ'ଣ ଅସମାନତା ନୁହେଁ ?

ଗରିବ ଚାଷୀ ପୁଅ ପାଇଁ ଋଣର ଶୃଙ୍ଖଳାରେ ଓ ନିୟନ୍ତ୍ରଣରେ ରହିବା ସତେଯେମିତି ଏକ ନିୟମ । କିନ୍ତୁ ଜ୍ୱାଇଁ ରୂପକ ଶିଳ୍ପପତି ପାଇଁ ଏହା ଏକ ଅସ୍ପଷ୍ଟ ରଣନୀତି । କିଛିମାସ ତଳେ ଅମ୍ବାନୀଙ୍କ ପୁଅ ବିବାହ ଉତ୍ସବର ଆନୁମାନିକ ଖର୍ଚ୍ଚ ଥିଲା ପ୍ରାୟ ୫ହଜାର କୋଟି ଟଙ୍କା । ଅମ୍ବାନୀ ପରିବାର ପାଇଁ ଏସବୁ ଖର୍ଚ୍ଚ ଥିଲା ସାମାନ୍ୟ । କିନ୍ତୁ ଏହି ସାମାନ୍ୟ ଖର୍ଚ୍ଚଟି ଭାରତର ମରୁଡ଼ିପ୍ରବଣ ଜିଲ୍ଲାର ବାର୍ଷିକ ବଜେଟ ସହିତ ସମାନ । ଅମ୍ବାନୀଙ୍କ ପୁଅ ବାହାଘର ସମୟରେ ହିଁ ଲଗାଣ ବର୍ଷା, ଫସଲ କ୍ଷତି ଓ ଋଣ ଯୋଗୁଁ ମହାରାଷ୍ଟ୍ରର ତିରିଶରୁ ଅଧିକ ଚାଷୀ ଆତ୍ମହତ୍ୟା କରିଥିଲେ । କିନ୍ତୁ କୌଣସି କ୍ୟାମେରା ବା ଗଣମାଧ୍ୟମ ମୃତକ ଚାଷୀର ଘରେ ପହଞ୍ଚି ପାରିଲା ନଥିଲା । ସବୁ କଥାରେ 'ବ୍ରେକିଙ୍ଗ ନ୍ୟୁଜ୍' ଦେଉଥିବା ଗଣମାଧ୍ୟମ 'ଚାଷୀ ଶବଦାହ ମଧ୍ୟରେ ପୁଞ୍ଜିବାଦର ଉତ୍ସବ' ଶୀର୍ଷକ ବ୍ରେକିଙ୍ଗ ନ୍ୟୁଜ୍ ଦେବାକୁ ଉଚିତ ମଣିଲା ନାହିଁ । ଗଣମାଧ୍ୟମରୁ ଗଣକୁ ହିଁ ବିଯୁକ୍ତ କରାଗଲା ।

ଯେଉଁଠି ଚାକିରି ଲକ୍ଷ ଲକ୍ଷ ଟଙ୍କାରେ ନିଲାମ ହେଉଛି ସେଠାରେ ଚାଷୀଘରର ପାଠପଢ଼ୁଆ ଯୁବକଟି ଭଲ ଚାକିରି ପାଇବା ଅସମ୍ଭବ ଭଳି ଲାଗୁଛି । ଶ୍ରମ ବଜାର ତଥ୍ୟ ଅନୁଯାୟୀ, ସର୍ବୋଚ୍ଚ ୧% ମାସିକ ଆୟ ସୀମା ହେଉଛି ୭୫ ହଜାର ଟଙ୍କା । ମଝିରେ ଥିବା ୫୦ ପ୍ରତିଶତଙ୍କ ସୀମା ହେଉଛି ୧୨ ହଜାର ଟଙ୍କା ଏବଂ ଶେଷରେ ଥିବା ୧୦ ପ୍ରତିଶତଙ୍କ ଆୟ ହେଉଛି ମାସିକ ୪ ହଜାର ଟଙ୍କା । ୬୦ ପ୍ରତିଶତଙ୍କ ହାରାହାରି ଆୟ ମାସକୁ ୮ ହଜାର ଟଙ୍କା । ଗରିବଟି ଏତେ କମ ରୋଜଗାରରେ ମଧ୍ୟ ସବୁଠି ଉତ୍ତରଦାୟୀ ।

ଗୋପାଳ କୃଷ୍ଣ ଗୋଖଲେ 'ହୋମ୍ବ ବିଲାଇତ' ଶୀର୍ଷକ ଏକ ଭାଷଣରେ କହିଥିଲେ, 'ବ୍ରିଟିଶ ପ୍ରଶାସନ ପାଇଁ କାମ କରୁଥିବା ଜଣେ ବି ଭାରତୀୟ ଦେଶର ପରିବର୍ତ୍ତନ ପ୍ରତି ଆଗ୍ରହୀ ନଥିଲେ । କାରଣ ଏକ ଆରାମଦାୟକ ଜୀବନଯାପନ ଏବଂ ଉପଭୋଗ ସେମାନଙ୍କୁ ଅନ୍ଧ କରିଦେଇଥିଲା । ତେଣୁ ଗରିବର କଷ୍ଟ ଆଉ କଷଣ ଦୃଷ୍ଟିରେ ପଡୁନି ।' ଆଜିର ସମୟରେ ବ୍ୟବସ୍ଥା ଦ୍ୱାରା ବିଶେଷାଧିକାର ପାଇଥିବା ଧନୀ, ଶିଳ୍ପପତି, ପୁଞ୍ଜିବାଦର 'ଜ୍ୱାଇଁ'ମାନଙ୍କ ପାଇଁ ଭାରତର ପ୍ରକୃତ ପୁଅ ଯଥା କୃଷକ, ଶ୍ରମିକ, ଅବହେଳିତ, ଅସ୍ୱୀକୃତ ପ୍ରତିଭାଶାଳୀ ଯୁବକମାନେ ଅଣଦେଖା ହେଉଛନ୍ତି । ଗୋଖଲେ ଶିକ୍ଷିତମାନଙ୍କ ମଧ୍ୟରେ ଦୁଇଟି ଶ୍ରେଣୀ ଉଲ୍ଲେଖ କରିଥିଲେ । ପ୍ରଥମେ ଯେଉଁମାନେ ସଂସ୍କାର ଚାହାନ୍ତି ଏବଂ ଦ୍ୱିତୀୟ ଯେଉଁମାନେ ପରିବର୍ତ୍ତନ ଚାହାନ୍ତି । ସଂସ୍କାର ଚାହୁଁଥିବା ବ୍ୟକ୍ତିଙ୍କ ସଂଖ୍ୟା ଅନେକ; କିନ୍ତୁ ସେମାନଙ୍କ ଆଶା କମ । ପରିବର୍ତ୍ତନ ଚାହୁଁଥିବା ବ୍ୟକ୍ତିଙ୍କ ସଂଖ୍ୟା କମ୍; କିନ୍ତୁ ସେମାନଙ୍କ ବଡ଼ ଆଶା ।

ଯଦି ଆମେ ସଂସ୍କାର ଆଣିବାକୁ ଚାହୁଁଛେ ତେବେ ଅବହେଳିତ ଲୋକଙ୍କ ଉପରେ ବିଶ୍ୱାସ, ଦୁର୍ବଳଙ୍କ ସହିତ ଏକତା, ନିରବ ଓ ନିଷ୍ପେଷିତଙ୍କ ମଧ୍ୟରେ ଆଶା ଜାଗ୍ରତ କରିବା ଆବଶ୍ୟକ । ଯଦି ପରିବର୍ତ୍ତନ ଆବଶ୍ୟକ କରୁଛେ, ତେବେ ସାମାଜିକ ନ୍ୟାୟ କେବଳ ଏକ ସ୍ଲୋଗାନରେ ସୀମିତ ନ ରହି ଏକ ବ୍ରତ ହେଉ । ଆମେ ସଂସ୍କାର ଆଣିବା ନା ପରିବର୍ତ୍ତନ ଆଣିବା, ସେ ନିଷ୍ପତ୍ତି ଆପଣମାନଙ୍କର ।

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

## ବିରଳ ମୃତ୍ତିକା ଚୁମ୍ବକ ପ୍ରତିଯୋଗିତା

ଇଂ ମାୟାଧର ସ୍ୱାଇଁ

ବିରଳ ମୃତ୍ତିକା ଚୁମ୍ବକ ହେଉଛି ଯାନବାହନ, ସ୍ମାର୍ଟ ଫୋନ, ପବନ ଟରବାଇନ, ଉଡ଼ାଜାହାଜ, ମହାକାଶ ଯାନ, ଡ୍ରୋନ, ସାଇକେଲ ଡାଇନାମୋ, କମ୍ପ୍ୟୁଟର ହାର୍ଡଡିସ୍କ, ଖେଳନା ଏବଂ ଆହୁରି ଅନେକ ଉପକରଣର ଏକ ଅତ୍ୟାବଶ୍ୟକୀୟ ଉପାଦାନ । ଏହା ମଧ୍ୟ ଯୁଦ୍ଧ ବିମାନ ଓ କ୍ଷେପଣାସ୍ତ୍ରରେ ବ୍ୟବହୃତ ହେଉଛି । ଗୋଟିଏ ପେଟ୍ରୋଲ ଇଞ୍ଜିନ ଚାଳିତ କାରରେ ଚାଳିଶରୁ ଅଧିକ ବିରଳ ମୃତ୍ତିକା ଚୁମ୍ବକ ବ୍ୟବହୃତ ହୋଇଥାଏ । କାରର ସିଟ୍, ବ୍ରେକ୍, ପାର୍ଶ୍ୱ ଦର୍ପଣ ଓ ଅନ୍ୟାନ୍ୟ ଚାଳନା ପାଇଁ ବ୍ୟବହୃତ ମୋଟରରେ ବେଳେ ବେଳେ ଦଶଗ୍ରାମ୍‌ରୁ କମ ଓଜନର ଚୁମ୍ବକ ଲାଗିଥାଏ । କିନ୍ତୁ ଏହାର ଉତ୍ପାଦନ ମୁଖ୍ୟତଃ ଚୀନରେ ହେଉଥିବାରୁ ବର୍ତ୍ତମାନର ବିଶ୍ୱ ବାଣିଜ୍ୟଯୁଦ୍ଧରେ ଏହାକୁ ବ୍ୟବହାର କରିବା ପାଇଁ ଚୀନ୍ ପଶ୍ଚାତପଦ ହେଉନାହିଁ । ଯୁକ୍ତରାଷ୍ଟ୍ର ଆମେରିକା ଓ ୟୁରୋପ ମିଳିତ ଭାବେ ଚୀନ୍‌ରୁ ବର୍ଷକୁ ୪୦,୦୦୦ ଟନ୍ ବିରଳ ମୃତ୍ତିକା ଚୁମ୍ବକ ଆମଦାନୀ କରିଥା'ନ୍ତି ।

ବିରଳ ମୃତ୍ତିକା ଚୁମ୍ବକ ହେଉଛି ବିରଳ ମୃତ୍ତିକା ମୌଳିକ ପଦାର୍ଥଗୁଡ଼ିକର ମିଶ୍ରଧାତୁରୁ ନିର୍ମିତ ଶକ୍ତିଶାଳୀ ସ୍ଥାୟୀ ଚୁମ୍ବକ । ଗତଶତାବ୍ଦୀର ସତୁରୀ ଓ ଅଶୀ ଦଶକରେ ଏହା ବିକଶିତ ହୋଇଛି । ପୂର୍ବରୁ ବ୍ୟବହୃତ ଆଲନିକୋ (ଆଲୁମିନିୟମ-ନିକେଲ-କୋବାଲ୍ଟ) ଚୁମ୍ବକ ଅପେକ୍ଷା ଏହା ବହୁତ ଅଧିକ ଚୁମ୍ବକୀୟ କ୍ଷେତ୍ର ସୃଷ୍ଟି କରିଥାଏ । ଦୁଇ ପ୍ରକାରର ଏହି ଚୁମ୍ବକ ଉତ୍ପାଦିତ ହେଉଛି । ଗୋଟିଏ ହେଉଛି ନିଓଡିମିୟମ-ଲୌହ-ବୋରୋନ ଚୁମ୍ବକ ଓ ଅନ୍ୟଟି ହେଉଛି ସମରିୟମ୍-କୋବାଲଟ ଚୁମ୍ବକ । ନିଓଡିମିୟମ୍ ଓ ସମରିୟମ ବିରଳ ମୃତ୍ତିକା ମୌଳିକ ପଦାର୍ଥ ହୋଇଥିବାରୁ ଏବଂ ଚୁମ୍ବକରେ ଏଗୁଡ଼ିକର ଗୁରୁତ୍ୱ ଅଧିକ ଥିବାରୁ ଏହି ଚୁମ୍ବକକୁ ବିରଳ ମୃତ୍ତିକା ଚୁମ୍ବକ କୁହାଯାଉଛି ।

ପୃଥିବୀରେ ବ୍ୟବହୃତ ବିରଳ ମୃତ୍ତିକା ଚୁମ୍ବକର ୯୦ ପ୍ରତିଶତ ଚୀନ୍‌ରୁ ଆସୁଛି । ଏହାର କାରଣ ହେଉଛି, ଚୀନ୍‌ରେ ବିରଳ ମୃତ୍ତିକା ମୌଳିକ ପଦାର୍ଥ ବହୁଳ ପରିମାଣରେ ଉପଲବ୍ଧ ଅଛି । ଏହା ପୃଥିବୀର ୭୦ ପ୍ରତିଶତ ବିରଳ ମୃତ୍ତିକା ପଦାର୍ଥ ଉତ୍ତୋଳନ କରୁଛି ଏବଂ ଏହାର ପ୍ରକ୍ରିୟାକରଣ କ୍ଷମତା ହେଉଛି ସମଗ୍ର ବିଶ୍ୱର ୯୦ ପ୍ରତିଶତ । ଏପରିକି ଆମେରିକା ମଧ୍ୟ ନିଜ ଦେଶରେ ଉତ୍ତୋଳିତ ବିରଳ ମୃତ୍ତିକା ପଦାର୍ଥର ପ୍ରକ୍ରିୟାକରଣ ପାଇଁ ଚୀନ୍‌କୁ ପଠାଉଛି । ଚୀନ୍ ୨୦୨୩ ମସିହାରେ ୨, ୪୦, ୦୦୦ ଟନ୍ ବିରଳ ମୃତ୍ତିକା ଚୁମ୍ବକ ଉତ୍ପାଦନ କରିଥିଲା । ଜାପାନର ଅଂଶ ହେଉଛି ୫ ରୁ ୧୦ ପ୍ରତିଶତ, ୟୁରୋପର ୨ ରୁ ୩ ପ୍ରତିଶତ ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ୧ ପ୍ରତିଶତ । ଏସିଆ ମହାଦେଶ ବାହାରେ ଏହାର ଉତ୍ପାଦନ ବର୍ଷକୁ ୨୦୦୦ ଟନ୍‌ରୁ କମ୍ ଏବଂ ଏହା ମୁଖ୍ୟତଃ ଜର୍ମାନୀ ଓ ଫିନଲାଣ୍ଡରେ ଉତ୍ପାଦିତ ହେଉଛି । ଜାପାନରେ ବର୍ଷକୁ ୨୫୦୦୦ ଟନ୍ ଚୁମ୍ବକ ଉତ୍ପାଦିତ ହେଉଛି ଏବଂ ମୁଖ୍ୟତଃ ଜାପାନ ଓ ଦକ୍ଷିଣ କୋରିଆରେ ଖେଳନା ନିର୍ମାଣରେ ବ୍ୟବହୃତ ହେଉଛି । ଚୀନ୍ ପ୍ରାୟ ଏକ ଦଶନ୍ଧି ପୂର୍ବରୁ ଏହାର ଉତ୍ପାଦନ ବୃଦ୍ଧି କରିଛି । ୨୦୧୪ ମସିହାରେ ଏହାର ଉତ୍ପାଦନ ୩୦୦୦୦ ଟନ୍ ଥିବା ବେଳେ ଆଜି ଏହା ଆଠ ଗୁଣ ବୃଦ୍ଧି ପାଇଛି ।

ପୃଥିବୀରେ ବିଭିନ୍ନ ଦେଶ ମଧ୍ୟରେ ବାଣିଜ୍ୟ ଯୁଦ୍ଧ ଆରମ୍ଭ ହୋଇଯିବା ପରେ ଚୀନ୍ ଅନ୍ୟ ଦେଶକୁ ବିରଳ ମୃତ୍ତିକା ଚୁମ୍ବକ ରପ୍ତାନୀରେ କଟକଣା ଲଗାଇଛି । ଏହା ଆମେରିକା ସହିତ ବାଣିଜ୍ୟ କାରବାରରେ ଏପରି ପ୍ରଭାବ ପକାଇଛି ଯେ ଆମେରିକା ଇଚ୍ଛା ବିରୁଦ୍ଧରେ ଚୀନ୍ ଉପରେ ଅଧିକ ଶୁଳ୍କ (ଟାରିଫ୍) ଲଗାଇ ପାରୁନାହିଁ । ଭାରତ ଓ ବ୍ରାଜିଲ ଭଳି ଦେଶ ଉପରେ ଆମେରିକା ୫୦ ପ୍ରତିଶତ ଟାରିଫ୍ ଲାଗାଇଥିବା ବେଳେ ଚୀନ୍ ଉପରେ ୨୫ ପ୍ରତିଶତ ଅଛି । କେବଳ ଚୁମ୍ବକ କଟକଣା ଭୟରେ ଆମେରିକା ଏହା କରୁଥିବାର ଅନୁମାନ । ଚୀନ୍ ସାମଗ୍ରୀ ଉପରେ ଟାରିଫର ପୁନର୍ବିଚାର କରିବା ପାଇଁ ଏହା ମଧ୍ୟ ୟୁରୋପୀୟ ଦେଶଗୁଡ଼ିକୁ ଏହି ଚୁମ୍ବକ ରାପ୍ତାନୀରେ କଟକଣା କରିଛି । ବିରଳ ମୃତ୍ତିକା ଚୁମ୍ବକ ଯୋଗାଣରେ ଚୀନ୍ କଟକଣା ଓ ବ୍ଲାକମେଲିଂ ଯୋଗୁଁ ଆମେରିକା ଓ ୟୁରୋପରେ ଏହାର ଉତ୍ପାଦନ ପାଇଁ କାରଖାନା ସ୍ଥାପନ କରାଗଲାଣି । ଯୁକ୍ତରାଷ୍ଟ୍ର ଆମେରିକାରେ ଚାରିଟି କାରଖାନାର ନିର୍ମାଣ ଶେଷ ହୋଇ ଆସିଲାଣି ଏବଂ ଖୁବ୍‌ଶୀଘ୍ର ଏଥିରୁ ଉତ୍ପାଦନ ଆରମ୍ଭ ହେବ । ଆମେରିକାର ଟେକସାସ୍‌ରେ ବାର୍ଷିକ ୧ହଜାର ଟନ କ୍ଷମତାର ଗୋଟିଏ ବିରଳ ମୃତ୍ତିକା ଚୁମ୍ବକ କାରଖାନା ଉତ୍ପାଦନ ଆରମ୍ଭ କରିଛି । ମାତ୍ର ଆମେରିକାର ଚାହିଦାଠାରୁ ଏହା ହେଉଛି ବହୁତ କମ୍ । ପୂର୍ବ ୟୁରୋପରେ ଗୋଟିଏ ବଡ଼ କାରଖାନା ମଧ୍ୟ କାମ ଆରମ୍ଭ କଲାଣି । କିନ୍ତୁ ଗତ ତିନି ଦଶନ୍ଧି ଧରି ଏହି କ୍ଷେତ୍ରରେ ଗବେଷଣା ଓ କରି ଚୀନ ଯେଉଁ ଅଗ୍ରଣୀ ଲାଭ କରିଛି ତାହାର ସମକକ୍ଷ ହେବା ସମ୍ଭବ ନୁହେଁ ।

ଚାଇନା ସହିତ ଭାରତର ସମ୍ପର୍କ ମଧ୍ୟ ଭଲ ନାହିଁ । ଏଣୁ ଭାରତ ନିଜର ଆବଶ୍ୟକତା ପୂରଣ ପାଇଁ ଦେଶରେ ବିରଳ ମୃତ୍ତିକା ଚୁମ୍ବକ ଉତ୍ପାଦନ ପାଇଁ ପଦକ୍ଷେପ ନେଇଛି । ଭାରତ ଅସ୍ତ୍ରଶସ୍ତ୍ର ଓ ପ୍ରତିରକ୍ଷା ଉପକରଣ ନିର୍ମାଣ କରୁଥିବାରୁ ଏହି ଚୁମ୍ବକର ଆବଶ୍ୟକତା ଅଛି ଏବଂ ଏଥିପାଇଁ ସ୍ୱାବଲମ୍ବନଶୀଳ ହେବା ପାଇଁ ଚେଷ୍ଟା କରୁଛି । ଆମ ଦେଶରେ ବିରଳ ମୃତ୍ତିକା ଧାତୁ ଗଚ୍ଛିତ ଅଛି, କିନ୍ତୁ ସେଗୁଡ଼ିକର ନିଷ୍କାସନ ଓ ପ୍ରକ୍ରିୟାକରଣ କରି ଚୁମ୍ବକ ଉତ୍ପାଦନ କରିବା ପାଇଁ ସମୟ ଆବଶ୍ୟକ । ସରକାର ବର୍ତ୍ତମାନ ପାଇଁ ସୁନା ଭଳି ବିରଳ ମୃତ୍ତିକା ପଦାର୍ଥକୁ ସଞ୍ଚୟ କରି ରଖିବାକୁ ନିଷ୍ପତ୍ତି ନେଇଛନ୍ତି । ସରକାର ମଧ୍ୟ ବ୍ୟାଟେରୀ ଓ ଇଲେକ୍ଟ୍ରୋନିକ ଅବଶେଷଗୁଡ଼ିକରୁ ଅତ୍ୟାବଶ୍ୟକୀୟ ଧାତୁଗୁଡ଼ିକୁ ପୁନରୁଦ୍ଧାର କରି ପୁନଃଚକ୍ରଣ କରିବା ପାଇଁ ୧୫୦୦୦ କୋଟି ଟଙ୍କାର ପ୍ରୋତ୍ସାହନ କାର୍ଯ୍ୟକ୍ରମ ଘୋଷଣା କରିଛନ୍ତି ।

ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪

## କଂସ ମନ୍ଦିର

ଓଜସ୍ୱିନୀ

### ବିଚିତ୍ର ବିଶ୍ୱାସ

ଅଧର୍ମର ବିନାଶ ଓ ଧର୍ମ ସଂସ୍ଥାପନ ପାଇଁ ଶ୍ରୀକୃଷ୍ଣଙ୍କ ଧରାବତରଣ ଏବଂ କଂସବଧର ପୌରାଣିକ ଗାଥା ସହିତ ଜଡ଼ିତ ଅନେକ ଅସୁରଙ୍କୁ ଭାରତର କେତେକ ସ୍ଥାନରେ ସ୍ଥାନୀୟ ଲୋକକଥା ଓ ପରମ୍ପରା ଦୃଷ୍ଟିରୁ ପୂଜାର୍ଚ୍ଚନା କରାଯାଉଛି । ଭଗବାନଙ୍କ ଅସ୍ତିତ୍ୱ ପ୍ରତି ଦୃଢ଼ ବିଶ୍ୱାସ ରଖୁଥିବା ଲୋକମାନଙ୍କର ପୂର୍ଣ୍ଣ ଆସ୍ଥା ଏଭଳି ଅସୁର ପୂଜିତ କେତେକ ମନ୍ଦିର ସହିତ ଅତୁଟ ଭାବେ ରହିଆସିଛି । ସେମିତି ଗୋଟିଏ ମନ୍ଦିର ହେଉଛି କଂସ ମନ୍ଦିର ।

ଯଦୁକୁଳ ବଂଶର ପ୍ରବଳପ୍ରତାପୀ ଅତ୍ୟାଚାରୀ ରାଜା କଂସଙ୍କର ରାଜଧାନୀ ଥିଲା ମଥୁରା । ଅମରତ୍ୱର ଅହଂକାରବଶତଃ କଂସଙ୍କର ଆସୁରିକ ପ୍ରବୃତ୍ତି ଓ ଦୁରାଚାର ଦିନକୁ ଦିନ ବଢ଼ି ଚାଲିଲା । ତେଣୁ କଂସଙ୍କୁ କେତେକ ପୁରାଣ କଥାରେ ଅସୁର ଭାବେ ବର୍ଣ୍ଣନା କରାଯାଇଛି । କିନ୍ତୁ ଯେତେବେଳେ କଂସ ଜାଣିଲେ ଯେ ତାଙ୍କର ମୃତ୍ୟୁ ସୁନିଶ୍ଚିତ ଏବଂ ତାଙ୍କର ଭଗ୍ନୀ ଦେବକୀଙ୍କ ଅଷ୍ଟମ ସନ୍ତାନ ହିଁ ତାଙ୍କ ମୃତ୍ୟୁର କାରଣ ହେବ, ସେ ଅତ୍ୟନ୍ତ କ୍ରୂର ହୋଇଉଠିଲେ । ଦେବକୀ ଓ ବସୁଦେବଙ୍କୁ କାରଗାରରେ ବନ୍ଦୀ କରି ରଖିଲେ ଏବଂ ତାଙ୍କର ସମସ୍ତ ସନ୍ତାନକୁ ଜନ୍ମ ହେବା ମାତ୍ରେ ଶିଳାରେ କଚାଡ଼ି ମାରି ଦେଉଥିଲେ । ଦୁଷ୍ଟର ବିନାଶ କରି ଧର୍ମ ସଂସ୍ଥାପନ ପାଇଁ କଂସବଧ ନିମିତ୍ତ ଶ୍ରୀକୃଷ୍ଣ ଦେବକୀଙ୍କ ଅଷ୍ଟମ ସନ୍ତାନ ଭାବେ ମର୍ତ୍ତ୍ୟମଣ୍ଡଳରେ ଜନ୍ମ ନେଲେ । ଦେବଲୀଳା ରଚନା ପୂର୍ବକ ସେ ବନ୍ଦୀଗୃହରୁ ମୁକ୍ତ ହୋଇ ଗୋପପୁରକୁ ଯାଇ ବଢ଼ିବାକୁ ଲାଗିଲେ । ତେଣୁ କଂସାସୁର ଗୋପପୁରକୁ ଅନେକ ଅସୁର ଓ ଅସୁରୁଣୀଙ୍କୁ ପ୍ରେରଣ କରି ବାଳକୃଷ୍ଣଙ୍କୁ ମାରିବାକୁ ଅନେକ ପ୍ରୟାସ କରିଥିଲେ । କିନ୍ତୁ ସମସ୍ତ ଆସୁରିକ ଶକ୍ତିକୁ ଶ୍ରୀକୃଷ୍ଣ ନିମିଷେକ ମଧ୍ୟରେ ପରାସ୍ତ କରିଦେଉଥିଲେ । ଏଭଳି କିଛି ବର୍ଷ ପଶ୍ଚାତ୍ ଶ୍ରୀକୃଷ୍ଣ ବାଳକ ରୂପରେ ନିଜ ମାମୁ କଂସଙ୍କୁ ବଧ କଲେ ।

ତେବେ କଂସ ଆସୁରିକ ପ୍ରବୃତ୍ତିର ହୋଇଥିଲେ ମଧ୍ୟ ଭାରତରେ ତାଙ୍କୁ ପୂଜା କରାଯାଉଛି । ଉତ୍ତର ପ୍ରଦେଶର ରାଜଧାନୀ ଲକ୍ଷ୍ନୌରୁ ହରଦୋଇ ଗାଁକୁ ଯିବା ରାସ୍ତାରେ କଂସଙ୍କର ଏକ ବିଶାଳ ପ୍ରତିମା ପୂଜା ପାଉଛନ୍ତି । ଆଦିବାସୀ ଦେବଦେବୀଙ୍କ ମୂର୍ତ୍ତି ଶୈଳୀରେ ନିର୍ମାଣ କରାଯାଇଥିବାରୁ ତାହା କଂସଙ୍କ ପ୍ରତିମା ଭଳି ଦୃଶ୍ୟମାନ ହୁଏ ନାହିଁ । ସେଠାରେ କଂସଙ୍କ ପୂଜା କାହିଁକି ଓ କେବେ ଆରମ୍ଭ ହୋଇଥିଲା, ସେ ସମ୍ପର୍କିତ କୌଣସି ତଥ୍ୟ ସ୍ଥାନୀୟ ଅଧିବାସୀଙ୍କ ପାଖରେ ନ ଥିଲେ ମଧ୍ୟ ସ୍ଥାନୀୟ ପରମ୍ପରା ଅନୁସାରେ ଏହି ମୂର୍ତ୍ତି କାହିଁ କେଉଁକାଳରୁ ପୂଜା ହୋଇଆସୁଛି ବୋଲି ଜନଶ୍ରୁତି ଅଛି । ତେଣୁ ପରମ୍ପରାକୁ ବଜାୟ ରଖି ବର୍ତ୍ତମାନ ସମୟରେ ମଧ୍ୟ ସେଠାରେ କଂସଙ୍କୁ ବିଧିବିଧାନର ସହ ଲୋକମାନେ ପୂଜା କରୁଛନ୍ତି ।

ଓଡ଼ିଶାରେ କଂସ ରାଜାଙ୍କୁ ପୂଜା କରା ନଗଲେ ମଧ୍ୟ ତାଙ୍କର ଅସ୍ତିତ୍ୱକୁ ବିଶ୍ୱାସ କରି ପୌରାଣିକ ମାନ୍ୟତା ଅନୁସାରେ ବଡ଼ଗଡ଼ଠାରେ ପୌଷ ଶୁକ୍ଳ ପଞ୍ଚମୀଠାରୁ ପୌଷ ପୂର୍ଣ୍ଣିମା ପର୍ଯ୍ୟନ୍ତ 'ଧନୁଯାତ୍ରା' ଅନୁଷ୍ଠିତ ହୋଇଥାଏ । ବିଶ୍ୱପ୍ରସିଦ୍ଧ ଏହି ଧନୁଯାତ୍ରାରେ ପ୍ରତିବର୍ଷ ବଡ଼ଗଡ଼ କଂସର ରାଜଧାନୀ ମଥୁରା ପାଲଟି ଯାଉଥିବା ବେଳେ ଅମ୍ବାପାଲିକୁ ଗୋପପୁର ଭାବେ ସୁସଜ୍ଜିତ କରାଯାଏ । ସବୁଠାରୁ ବଡ଼ ମୁକ୍ତାକାଶ ରଙ୍ଗମଞ୍ଚ ଭାବେ ପ୍ରଦର୍ଶିତ ଏହି ନାଟକ-ଯାତ୍ରାରେ ଜଣେ ବ୍ୟକ୍ତି କଂସ ଭୂମିକାରେ ଅବତୀର୍ଣ୍ଣ ହୋଇଥା'ନ୍ତି । ହରିବଂଶ କଥାର ମଥୁରା ବିଜୟ ଅଧ୍ୟାୟକୁ ଯାତ୍ରାରେ ମଞ୍ଚସ୍ଥ କରାଯାଏ । ଧନୁଯାତ୍ରା ସମୟରେ ରାଜା କଂସ ରାଜକୀୟ ଅଧିକାର, କର୍ତ୍ତୃତ୍ୱ ଓ କ୍ଷମତାର ଅଧିକାରୀ ହୋଇଥା'ନ୍ତି । ତାଙ୍କର ନିର୍ଦ୍ଦେଶ ସର୍ବମାନ୍ୟ ହୋଇଥାଏ । ସେହି ସମୟରେ ବଡ଼ଗଡ଼ର ସରକାରୀ ଅଧିକାରୀମାନେ ମଧ୍ୟ କଂସଙ୍କ ଆଦେଶକୁ ମାନିଥା'ନ୍ତି । କଂସଙ୍କ ରାଜସଭାରେ ଦୋଷୀମାନଙ୍କୁ ଦଣ୍ଡବିଧାନ ମଧ୍ୟ କରାଯାଏ । ନ୍ୟାୟ ପାଇବା ଆଶାରେ ଅନେକ ବ୍ୟକ୍ତି କଂସଙ୍କ ଦରବାରରେ ଉପସ୍ଥିତ ହୋଇଥା'ନ୍ତି । ଯାତ୍ରାର ଶେଷ ଦିନ ଶ୍ରୀକୃଷ୍ଣ ବେଶ ଧାରଣ କରିଥିବା ବାଳକ କଂସଙ୍କୁ ବଧ କରିଥା'ନ୍ତି । ଏହିଦିନ ଲକ୍ଷାଧିକ ଲୋକ ସ୍ଥାନୀୟ ଲୋକୋକ୍ତିକୁ ଦୋହରାଇ ଥାନ୍ତି - 'କଂସ ରାଜା ବଂଶ ବୁଡ଼ୁ, କଂସ ମଲେ ଖାଏମା ଲଡ଼ୁ ।'

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

ପ୍ରତିବର୍ଷ ଅକ୍ଟୋବର ୧୦ ତାରିଖକୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ହିସାବରେ ପାଳନ କରାଯାଏ। ମାନସିକ ସ୍ୱାସ୍ଥ୍ୟର ଗୁରୁତ୍ୱ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ସହିତ ମାନସିକ ରୋଗ ବିଷୟରେ ସୂଚନା ପ୍ରଦାନ କରିବା ଏହି ଦିବସ ପାଳନ ପଛର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ସାରା ବିଶ୍ୱରେ ମାନସିକ ରୋଗୀଙ୍କ ସଂଖ୍ୟା ଅପେକ୍ଷାକୃତ ବୃଦ୍ଧି ଓ ମାନସିକ ରୋଗୀମାନେ ନିଜକୁ କ୍ଷତି ପହଞ୍ଚାଉଥିବାରୁ ଏ ଦିଗରେ ସଚେତନତା ଲାଗି ୱାର୍ଲ୍ଡ ଫେଡେରେସନ୍ ଫର୍ ମେଣ୍ଟାଲ ହେଲଥ୍ ନାମକ ସଂସ୍ଥାର ପ୍ରଚେଷ୍ଟାରେ ପ୍ରଥମ ଥର ପାଇଁ ଏହି ଦିବସ ୧୯୯୨ ମସିହାରେ ପାଳିତ ହୋଇଥିଲା। ସେବେଠାରୁ ଅକ୍ଟୋବର ୧୦ରେ ମାନସିକ ସ୍ୱାସ୍ଥ୍ୟ ପ୍ରତି ସଚେତନ କରାଇବା ପାଇଁ ବିଶ୍ୱସ୍ତରରେ ଏହି କାର୍ଯ୍ୟକ୍ରମ ଆୟୋଜିତ କରାଯାଉଛି। ଏହି ଦିବସ ପାଳନ ଅବସରରେ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧିତ ବିଭିନ୍ନ ସମସ୍ୟା ତଥା ଏହାର ନିରାକରଣ ନିମିତ୍ତ ବିଶ୍ୱ ସମୁଦାୟର ଦୃଷ୍ଟିଆକର୍ଷଣ କରିବା ସହ ସମସ୍ତଙ୍କ ମନରେ ସଚେତନତା ସୃଷ୍ଟି କରିବା ନିମିତ୍ତ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ। ଏହାସହ ମାନସିକ ରୋଗୀଙ୍କ ସମସ୍ୟା ଶୁଣି ସେମାନଙ୍କୁ ଉପଯୁକ୍ତ ପରାମର୍ଶ ଦିଆଯାଏ। ମାନସିକ ରୋଗର ଚିକିତ୍ସା ନାହିଁ ବୋଲି ଲୋକଙ୍କ ମନରେ ଥିବା ଭ୍ରାନ୍ତ ଧାରଣାକୁ ଦୂର କରିବା ଏହି ଦିବସର ମୂଳ ଲକ୍ଷ୍ୟ। ଏଣୁ ବିନା ସଙ୍କୋଚରେ ମାନସିକ ରୋଗୀ ଡାକ୍ତରଙ୍କ ପରାମର୍ଶ ନେଲେ ଏହି ରୋଗରୁ ନିହାତି ଭାବେ ବାହାରି ପାରିବେ। ଆମ ଦେଶରେ ଦେଖାଯାଉଥିବା ପ୍ରମୁଖ ମାନସିକ ରୋଗଗୁଡ଼ିକ ହେଲା ଅବସାଦ, ସ୍କିଜୋଫ୍ରେନିଆ, ଆଙ୍ଗଜାଇଟି ଓ ବାଇପୋଲାର। ଏଥିମଧ୍ୟରୁ ଅବସାଦ ରୋଗ ସର୍ବାଧିକ ମାତ୍ରାରେ ଦେଖାଯାଉଥିବା ଅନ୍ୟପକ୍ଷରେ ସ୍କିଜୋଫ୍ରେନିଆ ରୋଗ ସବୁଠାରୁ ଗୁରୁତର ମାନସିକ ରୋଗ। ଏହିସବୁ ମାନସିକ ରୋଗ ଯୋଗୁ ବର୍ତ୍ତମାନ ଆତ୍ମହତ୍ୟା ଘଟଣା ମଧ୍ୟ ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ଆଜିକାଲି ଡିଜିଟାଲ ଦୁନିଆରେ ଲୋକେ ମୋବାଇଲ୍ ଓ ଇଣ୍ଟରନେଟ୍‌ର ଅଧିକ ବ୍ୟବହାର ଯୋଗୁଁ ପରିବାର ସାଙ୍ଗସାଥୀଠାରୁ ଦୂରେଇ ଯାଇ ନିଜକୁ ଏକୁଟିଆ ଭାବୁଛନ୍ତି। ଏଥିଯୋଗୁଁ ସେମାନେ ଅବସାଦଗ୍ରସ୍ତ ହେଉଛନ୍ତି। ବିଗତ କିଛି ବର୍ଷ ମଧ୍ୟରେ ସାରା ବିଶ୍ୱରେ, ବିଶେଷକରି ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକରେ ମାନସିକ ରୋଗୀଙ୍କ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ରିପୋର୍ଟ ଅନୁସାରେ, ଆନ୍ତର୍ଜାତିକସ୍ତରରେ ପ୍ରତି ଆଠଜଣଙ୍କ ମଧ୍ୟରେ ଜଣେ ମାନସିକ ରୋଗରେ ଆକ୍ରାନ୍ତ। କରୋନା ମହାମାରୀ ପରେ ଏହି ସଂଖ୍ୟାରେ ଅହେତୁକ ବୃଦ୍ଧି ଘଟିଥିବା ଅନୁମାନ କରାଯାଏ। ମିଳିତ ଜାତିସଂଘ ଦ୍ୱାରା ପ୍ରତିବର୍ଷ ଏକ ନୂତନ ଥିମ୍ ସହିତ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଏ। ଚଳିତ ବର୍ଷ ବିଶ୍ୱ ମାନସିକ ଦିବସର ବିଷୟବସ୍ତୁ ରହିଛି- "Access to Services – Mental Health in Catastrophes and Emergencies."

## ନନ୍ଦନକାନନରେ ମାକାଓ ବଂଶ ଲୋପ

ବାରଙ୍ଗ, ୯।୧୦ (ସମିସ): ନନ୍ଦନକାନନ ପ୍ରାଣୀଉଦ୍ୟାନର ୧୭ ନମ୍ବର ଖୁଆଡ଼ରେ ରହୁଥିବା ଗୋଟିଏ ନାଲି ଓ ସବୁଜ ରଙ୍ଗର ମାକାଓର ମୃତ୍ୟୁ ହୋଇଛି। ମୃତ୍ୟୁର କାରଣ ଜଣାପଡ଼ି ନଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ସୂଚନା ମିଳିଛି। କିଛି ଦିନ ହେବ ଏହି ମାକାଓଟି ଅସୁସ୍ଥ ରହିଥିଲା। ଠିକ୍ ଭାବେ ଖାଦ୍ୟ ଖାଉ ନଥିବା ବେଳେ ତା'ର ପଚଳା ଝଡ଼ା ହେଉଥିଲା। ଗୋଟିଏ ଜାଗାରେ ସେ ପଡ଼ି ରହୁଥିଲା। ପ୍ରାଣୀ ଉଦ୍ୟାନର ଚିକିତ୍ସକ ମାକାଓର ଚିକିତ୍ସା କରୁଥିବା ସତ୍ତ୍ୱେ ବୁଧବାର ବିଳମ୍ବିତ ରାତିରେ ତାର ମୃତ୍ୟୁ ହୋଇଯାଇଛି। ସକାଳେ ଦାୟିତ୍ୱରେ ଥିବା କର୍ମଚାରୀଜଣଙ୍କ ଖୁଆଡ଼ ଖୋଲିବା ପରେ ମାକାଓଟି ମରିପଡ଼ିଥିବା ଦେଖିବାକୁ ପାଇଥିଲେ। ଏହି ମାକାଓର ମୃତ୍ୟୁ ପରେ ନନ୍ଦନକାନନରେ ଏହି ପ୍ରଜାତିର ମାକାଓ ବଂଶ ଲୋପ ପାଇଯାଇଛି।

## ପୂଜା ବେଳେ ବଜ୍ରପାତ; ପୂଜକ ମୃତ

ସିମୁଲିଆ, ୯।୧୦ (ସମିସ): ବାଲେଶ୍ୱର ଜିଲ୍ଲା ସିମୁଲିଆ ଥାନା କାଣସ୍ତି ଅଞ୍ଚଳରେ ବଜ୍ରପାତ ପଡ଼ି ଜଣେ ପୂଜକଙ୍କ ଜୀବନ ନେଇଛି। ମୃତକ ହେଲେ, ସିମୁଲିଆ ଥାନା ମଇତାପୁର ପଞ୍ଚାୟତ ରାମବିହାରୀ ଗ୍ରାମର ପଦ୍ମଲୋଚନ ଦାଶଙ୍କ ପୁଅ ସୁରେନ୍ଦ୍ର ଦାଶ(୭୪)। ଗାଁ ଠାକୁରଙ୍କ ପୂଜା ସମୟରେ ହଠାତ୍ ବଜ୍ରପାତ ହେବାରୁ ମାଇକ୍ରୋଫୋନ୍‌ରେ ବିଦ୍ୟୁତ୍ ସଂଚାରିତ ହୋଇଥିଲା ଏବଂ ସୁରେନ୍ଦ୍ର ସେଠାରେ ଟଳି ପଡ଼ିଥିଲେ।


### AFFIDAVIT

I AKSHAY KUMAR PATRA S/o Rasananda Patra AT-Madhyapara, PO- Madanpur, PS-Rajnagar Kendrapara- 754246, Odisha declare by this affidavit No- 17020, Date- 06.10.2025, that now onwards, I shall be known as **AKSHAYA KUMAR PATRA** for all future purposes.

Sd- (AKSHAYA KUMAR PATRA)

### AFFIDAVIT

By virtue of an affidavit sworn before The Executive Magistrate, Nandapur, No.91, Dtd. 09/10/2025, I Pramila Khinabudi, W/o- Late Ramakrushna Khinabudi resident of Village- Bijapur, Po.- Semala, Ps.- Nandapur, Dist.- Koraput, Odisha, Pin- 764037 state that, I have changed my daughter's name from **Jaytirmai Khinibudi** to **Jyotimayi Khinabudi**. Henceforth she shall be known as **Jyotimayi Khinabudi** for all future purposes.

Sd/- Pramila Khinabudi

### AFFIDAVIT

By Virtue of an affidavit before Executive Magistrate, Angul. I, **Jhatak Nayak**, W/o.: Late Benudhar Naik, Permanent & Current Address At: Gaudasahi, PO: Purunagarh, P.S.: Bantala, Dist.: Angul (Odisha)-759123 have changed my name from Jhatak Nayak to **Jhatak Naik.** Henceforth I shall be known as **Jhatak Naik** for all purposes.

### AFFIDAVIT

I, **Kotni Tirumal Kumar**, aged about 59 years, Son of Kotni Nirmal Kumar, residing at 41/A, Ashok Nagar, Janpath, Near Rajmahal Square, Sri Durga Retail Private Limited, Bhubaneswar, Khurdha, Odisha - 751009, have changed my name to **Tirumal Kotnii**, for all purposes, including passport with effect from 20.09.2025, day of September 2025 by executing Affidavit No. 526, dated 20.09.2025 executed before Notary Public, Bhubaneswar.

### AFFIDAVIT

I, Pitamber Sahoo, S/o- Akuli Charan Sahoo, Resident of Madanpur, Kundupur, Madanpur, Dist.: Kendrapara, Odisha, PIN-754246 declared by this Affidavit No.1121/2025, Dated: 07.10.2025 hat now onwards I shall Be known as **PITAMBAR SAHOO** for all future Purposes.

### AFFIDAVIT

By virtue of an affidavit sworn before Executive Magistrate, Bhubaneswar, SL.No- 17 on dated 09-10-2025 I, **ANJANARANI PANDA,** W/o Durga Charan Panda permanent resident of Plot No- 573, Kalunanda Nagar-Lane-2, Pokhariput, Ps- Airfield, Dist-Khordha, Pin- 751020, declare that I have changed my name from **ANJANA PANDA** (Old name) to **ANJANARANI PANDA** (New name), Henceforth, I shall be known as **ANJANARANI PANDA** for all future purposes.

Sd-( **ANJANARANI PANDA**)



### Odisha Lift Irrigation Corporation Ltd.

(A Govt.of Odisha Undertaking)

OFFICE OF THE EXECUTIVE ENGINEER L.I. DIVISION, BARGARH

**E-Procurement Notice – EE/OLIC/BGH-04/2025-26**

E-mail - eeolicbgh@gmail.com, Ph- 06646-246126

No. 2090 / Dated: 08.10.2025

CAD-1957

1. Name of the tender Inviting Officer — Executive Engineer, L.I. Division, Bargarh
2. Name of the work — Reinforcement of 04 nos. Package (05 Nos. CLIPs) and Deposit work of 01 no. Package (03 Nos. CLIPs) in different Block of Bargarh District under State Plan Grant 2024-25.
3. No. of Packages — 05 Nos.
4. Tender Amount — Varies from 5.93 Lakhs to 15.97 Lakhs
5. Date and time of availability of bid documents in the portal for on line biding from **10.00 hrs dated 10.10.2025 to 17.00hrs dated 22.10.2025.**
6. Last date and time of receipt of bids in the portal up to **17.00hrs. Dated- 22.10.2025.**
7. Last date and time of clarification up to **17.00hrs Dated- 20.10.2025.**
8. Date of opening of bid at **11.00 hrs. Dated- 23.10.2025.**
9. Further details can be seen from the e-procurement portal of Govt. of Odisha i.e. **www.tendersorissa.gov.in.**
10. Subsequent corrigendum / addendum / cancellation of tender if required shall be available in the above portal.

OIPR-32277/11/0004/2526

Sd/-
Executive Engineer,
L.I. Division, Bargarh.



### WALK-IN-INTERVIEW

The Medics Urgently requires committed personnel for our Targeted Intervention Project being implemented in Angul & Keonjhar District.

- **M&E cum Accountant - 2 nos,**
  Qualification - B.Com, Basic Computer Software Application & Tally ERP.9
- **Counselor - 2 nos,**
  Qualification - MSW or Graduate in Psychology, Sociology.
- **Out Reach Worker** - Qualification - Graduate in any discipline.

**All the post are in Angul & Keonjhar District.**

**Date of Interview: 15/10/2025, Time: 10 am to 2 pm**

**Venue: The Medics, Similipada, Angul, Ph: 9338991112, 8249371336**

**Email: themedicsfw2@gmail.com**

### AFFIDAVIT

By Virtue of an affidavit sworn before Executive Magistrate, Khordha, Dtd. 22/09/2025. Affidavit No.- 2579, I Pabitra Routaray, Address- Kadalibadi, Po.- Daleiput, Ps.- Sadar, Dist.- Khordha, Pin-752056 declare that my Name from **Pabitra Kumar Routaray** & **Pabitra Rautaraya** to **Pabitra Routaray** and my DOB in my Aadhaar Card wrongly recorded as 05/05/1990, but my real DOB is **03.06.1991**. Henceforth, I shall be known as **Pabitra Routaray** and my DOB is **03.06.1991** for all purposes.

### AFFIDAVIT

By virtue of an affidavit before The Notary Public, Titilagarh, on dated-09/10/2025. I, **Sipranwita Priyadarshini Banchhor** (new name), formerly called as **Sipranwita Banchhor** (old name), W/o Lalit Banchhor, permanent resident of AT-Malijhar, PO- Rigdol, PS- Titilagarh, Dist- Balangir, (Odisha), PIN- 767033 now residing at the same place declare that I have changed my name from **Sipranwita Banchhor** (old name) to **Sipranwita Priyadarshini Banchhor** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I shall be known as **Sipranwita Priyadarshini Banchhor** (new name) for all purposes.

**Sipranwita Priyadarshini Banchhor**



### यूनियन बैंक ऑफ इंडिया Union Bank of India — ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

 କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର
୩/୧୯ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ,
ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଡିମାଣ୍ଡ ନୋଟିସ୍**

ସିକ୍ୟୁରିଟି ଇଣ୍ଟରେଷ୍ଟର ଏନ୍‌ଫୋର୍ସମେଣ୍ଟ ନିମନ୍ତେ ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ନୋଟିସ୍

**ବିଷୟ:** ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୩) ସହିତ ଧାରା ୧୩(୨) ଅନୁଯାୟୀ ନୋଟିସ୍

ଆମେ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଜଣାଇ ଦେଉଛୁ କି ସେମାନେ ଆମର **ଖୋର୍ଦ୍ଧା ଶାଖାରୁ** ନିମ୍ନଲିଖିତ ଋଣ ସୁବିଧା ଉପଲବ୍ଧ କରିଛନ୍ତି ଏବଂ ସେମାନେ ବକେୟା ଦେୟ / କିସ୍ତି / ସୁଧ ପରିଶୋଧ କରିନଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁସାରେ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଖୋର୍ଦ୍ଧା ଶାଖାର** ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ନିମ୍ନଦର୍ଶିତ ପକ୍ଷମାନଙ୍କୁ ତାହା ପ୍ରଦାନ କରାଯାଇପାରିନଥିଲା। ତେଣୁ ଏହି ପ୍ରକାଶନଟି ସମସ୍ତ ପକ୍ଷଙ୍କୁ ଏକ ବିକଳ୍ପ ସେବା ଅଟେ। ସେମାନଙ୍କର ଆକାଉଣ୍ଟର ମୋଟ ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଶାଖା / ଋଣଗ୍ରହୀତା/ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ଋଣ ପ୍ରକାର | ଏନ୍‌ପିଏ ତାରିଖ /ଡିମାଣ୍ଡ ତାରିଖ / ମୋଟ ବକେୟା | ସମ୍ପତ୍ତିର ବିବରଣୀ |
|---|---|---|---|
| **ଖୋର୍ଦ୍ଧା ଶାଖା /** ଋଣଗ୍ରହୀତାମାନେ: ୧) ଶ୍ରୀ ଶୁଭ୍ରାଂଶୁ ସାହୁ, ପିତା: ଶ୍ରୀ ଚୈତନ୍ୟ ସାହୁ, ୨) ଶ୍ରୀମତୀ ଉମାମଣୀ ସାହୁ (ବନ୍ଧକଦାତା), ସ୍ୱାମୀ: ଶ୍ରୀ ଚୈତନ୍ୟ ସାହୁ, ୩) ଶ୍ରୀ ଚୈତନ୍ୟ ସାହୁ (ବନ୍ଧକଦାତା), ପିତା: ଏ ଗଙ୍ଗାଧର ସାହୁ, ସମସ୍ତଙ୍କ **ଠିକଣା-୧:** ସା: ପୁଆଣିଆ, ପୋ: ଅସରଳା, ଭାୟା: ପିଚୁକୁଳି, ଥାନା/ବ୍ଲକ୍: ବୋଲଗଡ, ଜିଲ୍ଲା: ଖୋର୍ଦ୍ଧା-୭୫୨୦୬୪, **ଠିକଣା-୨:** ରେ-୫୯, ମଙ୍ଗଳା ସାହି, କମ୍ପ୍ଲେକ୍ସ ନିକଟ, ଆଇଗିଣିଆ, ଭୁବନେଶ୍ୱର-୭୫୧୦୧୯ | ମିଆଦୀ ଋଣ | ୧୪.୦୩.୨୦୨୫ / ୨୬.୦୯.୨୦୨୫ / ୨୫.୦୯.୨୦୨୫ ସୁଦ୍ଧା ଟ.୧୧,୭୬,୨୪୫.୫୭ | ଶ୍ରୀମତୀ ଉମାମଣୀ ସାହୁ ଏବଂ ଶ୍ରୀ ଚୈତନ୍ୟ ସାହୁଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୨୦, ଖାତା ନଂ.: ୧୨୮ ଏବଂ ମ୍ୟୁଟେସନ୍ ଖାତା ନଂ.: ୩୮୭/୬୬, ମ୍ୟୁଟେସନ୍ ପ୍ଲଟ୍ ନଂ.: ୫୨୦, ମୌଜା: ପୁଆଣିଆ, ତହସିଲ/ଥାନା: ବୋଲଗଡ, ଥାନା ନଂ.: ୧୫୬, ତହସିଲ ନଂ.: ୧୫୬, ଜିଲ୍ଲା: ଖୋର୍ଦ୍ଧା, କ୍ଷେତ୍ର: ଏକର ୦.୧୯୦ ଡିସିମିଲି, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାମ ପଟ୍ଟନାୟକ, ଦକ୍ଷିଣ: ଦାଣ୍ଡ, ପୂର୍ବ: ଅଧିକାରୀ ସୁନ୍ଦରା, ପଶ୍ଚିମ: ମାଗି ସୁନ୍ଦରା |

ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣମାନଙ୍କୁ ଉପରଦର୍ଶିତ ସ୍ତମ୍ଭରେ ଲିଖିତ ମୋଟ ବକେୟା ପରିମାଣ ସହିତ ଚୁକ୍ତି ହାରରେ ପରବର୍ତ୍ତୀ ସୁଧ ଏବଂ ଦେୟ, ଆପଣମାନଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମେ କଥିତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ। ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣମାନେ ଏହି ନୋଟିସ୍ ପାଇବା ପରେ ବ୍ୟାଙ୍କର ବିନା ଅନୁମତିରେ ଉପରବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। **ଏତଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

**ବି.ଦ୍ର.: ସରଫେଶୀ ଆକ୍ଟ, ୨୦୦୨ ଅନୁଯାୟୀ ପୂର୍ବରୁ ପ୍ରଦାନ କରାଯାଇଥିବା ସମସ୍ତ ନୋଟିସ୍‌କୁ ଉଚ୍ଛେଦ/ପ୍ରତ୍ୟାହାର କରାଗଲା।**

**ସ୍ଥାନ: ଭୁବନେଶ୍ୱର, ତାରିଖ: ୦୯.୧୦.୨୦୨୫** — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



### यूनियन बैंक Union Bank — କ୍ଷେତ୍ରୀୟ କାର୍ଯ୍ୟାଳୟ: ବାଲେଶ୍ୱର

ମାଣିଖମ୍ବ, ଓଟି ରୋଡ଼, ପୋଲିସ୍ ଲାଇନ୍, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର,
ପିନ୍-୭୫୬୦୦୧, ମୋ.: ୮୯୨୮୯୧୭୪୧୧/୯୬୮୭୬୯୭୫୪୮

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାଁନ୍ତି। ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହା ହେଲେ **ଆମର ସମ୍ପୃକ୍ତ ଶାଖା ପରିସରରେ ତା.୧୭.୧୦.୨୦୨୫ରିଖ ଅପରାହ୍ନ ୧୨.୩୦ ଘଟିକା** ସମୟରେ ସେମାନଙ୍କରୁ ବନ୍ଧକଥିବା ସୁନା ଅଳଙ୍କାରଗୁଡିକୁ ନିଲାମ କରାଯିବ। ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତରେ ଆଶ୍ରୟ ନେବ। ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡିକ ନେଇପାରିବେ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ସୁନା ଋଣ ଆକାଉଣ୍ଟ ନଂ. | ବକେୟା ରାଶି | ନେଟ୍ ଓଜନ (ଗ୍ରାମରେ) | ମୋଟ ଓଜନ (ଗ୍ରାମରେ) |
|---|---|---|---|---|
| | **ଦାମୋଦରପୁର ଶାଖା, ସା/ପୋ: ଦାମୋଦରପୁର, ମେନ୍ ରୋଡ୍, ମୟୂରଭଞ୍ଜ, ପିନ୍-୭୫୭୦୦୩, ମୋ.: ୯୯୮୭୧୯୩୮୪୬** | | | |
| ୧. | **ଶ୍ରୀମତୀ ଦେବଶ୍ରୀ ଦାସ,** ସା: ଶ୍ରୀପଦଗଞ୍ଜ, ୱାର୍ଡ ନଂ. ୧୩, ପୋ: ବାରିପଦା ଟାଉନ୍, ଜିଲ୍ଲା: ମୟୂରଭଞ୍ଜ, ପିନ୍-୭୫୭୦୦୧ / **୬୫୩୨୦୬୫୪୦୦୦୦୧୬୩** | ଟ.୯୧,୨୨୮.୦୦ | ୧୭ | ୧୮ |
| | **ଧାମରା ଶାଖା, ପ୍ଲଟ୍ ନଂ. ୭୬୮/୧୨୭୭, ମୌଜା: ଧାମରା, ପାଇକସାହି, ଭଦ୍ରକ-୭୫୬୧୭୧, ମୋ.: ୮୬୬୦୭୩୧୦୦୭** | | | |
| ୧. | **ଶ୍ରୀ ସୌମ୍ୟ ରଞ୍ଜନ ନାୟକ,** ସା/ପୋ: ପଞ୍ଚୁଟିକିରି, ଥାନା: ବାଁଶଡ଼ା, ଭାୟା: ଘଣ୍ଟେଶ୍ୱର, ଜିଲ୍ଲା: ଭଦ୍ରକ, ପିନ୍-୭୫୬୧୨୯ / **୧୪୧୨୧୬୫୪୦୦୦୦୫୪୦** | ଟ.୩୬,୦୨୬.୧୧ | ୧୦.୯୫ | ୧୩.୬ |
| ୨. | **ଶ୍ରୀ ଶ୍ରୀକୃଷ୍ଣ ପାତ୍ର,** ପିତା: ବଦୁଲ ପାତ୍ର, ସା: ଜୟଦୁର୍ଗା ପାଟଣା, ପୋ: ଧାମରା, ଜିଲ୍ଲା: ଭଦ୍ରକ, ପିନ୍-୭୫୬୧୭୧ / **୧୪୧୨୧୬୫୪୦୦୦୧୯୮୪** | ଟ.୬୭,୧୧୬.୦୦ | ୧୪ | ୧୭.୫ |
| | **ଯାଜପୁର ମୁଖ୍ୟ ଶାଖା, ସା: ୟୁନିଟ୍ ନଂ. ୮, ୧ମ ମହଲା, ଯଯାତିନଗର, ଯାଜପୁର ଟାଉନ୍, ଯାଜପୁର-୭୫୫୦୦୧, ମୋ.: ୯୮୫୧୩୦୧୬୬୧** | | | |
| ୧. | **ଶ୍ରୀ ସାହିଲ ଧଳ,** ସା: ପଣସା, ପୋ: ଲାଲବାଗ, ଜିଲ୍ଲା: ଯାଜପୁର, ପିନ୍-୭୫୫୦୨୫/ **୩୭୦୮୦୬୫୪୦୦୦୦୭୧୪** | ଟ.୨୦,୧୪୫.୩୦ | ୪.୩ | ୬.୭ |
| | **କରଞ୍ଜିଆ-୩ ଶାଖା, ପ୍ଲଟ୍ ନଂ. ୮୫୨/୧୦୦୬, କରଞ୍ଜିଆ ମେନ୍ ରୋଡ୍, କରଞ୍ଜିଆ, ମୟୂରଭଞ୍ଜ-୭୫୭୦୩୭, ମୋ.: ୭୯୦୩୯୩୯୮୦୮** | | | |
| ୧. | **ଶ୍ରୀମତୀ ସୁମିତ୍ରା ଚୌଧୁରୀ,** ସ୍ୱାମୀ: ଗଗନ ବିହାରୀ ଚୌଧୁରୀ, ସା/ପୋ: ଟାଙ୍ଗରାପଡ଼ା, ଭାୟା: ସ୍ୱମପାଟଣା, ଜିଲ୍ଲା: କେନ୍ଦୁଝର, ପିନ୍-୭୫୮୦୩୦ / **୩୧୦୧୨୬୫୪୦୦୦୦୧୩୧** | ଟ.୩୯,୮୩୨.୦୦ | ୮.୧୧୬ | ୧୧.୫୯୫ |
| ୨. | **ଶ୍ରୀମତୀ ସୁମିତ୍ରା ଚୌଧୁରୀ,** ସ୍ୱାମୀ: ଗଗନ ବିହାରୀ ଚୌଧୁରୀ, ସା/ପୋ: ଟାଙ୍ଗରାପଡ଼ା, ଭାୟା: ସ୍ୱମପାଟଣା, ଜିଲ୍ଲା: କେନ୍ଦୁଝର, ପିନ୍-୭୫୮୦୩୦ / **୩୧୦୧୨୬୫୪୦୦୦୦୧୦୫** | ଟ.୪୯,୫୮୫.୦୧ | ୧୩.୯୮ | ୧୪.୨୯୫ |
| | **ପଞ୍ଚୁଗୋଛିଆ ଶାଖା, ସା/ପୋ: ପଞ୍ଚୁଗୋଛିଆ, ଜିଲ୍ଲା: କେନ୍ଦୁଝର, ପିନ୍-୭୫୮୦୨୨, ମୋ.: ୯୮୩୬୮୩୯୪୩୯** | | | |
| ୧. | **ଶ୍ରୀମତୀ ପପୀ ପାଢ଼ୀ,** ସ୍ୱାମୀ: ସୁଶାନ୍ତ କୁମାର ପାଢ଼ୀ, ସା: ବାରେଶ୍ୱର, ପୋ: ମୁଗୁପୁର, ଜିଲ୍ଲା: ଭଦ୍ରକ, ପିନ୍-୭୫୮୦୨୨ / **୪୬୨୩୦୬୫୦୦୦୦୦୬୫** | ଟ.୨୭,୪୫୮.୪୨ | ୬.୧ | ୬.୬୪ |
| | **ଉଦଳା ଶାଖା, ୱାର୍ଡ ନଂ. ୫, ସିନେମା ହଲ୍ ରୋଡ୍, ଉଦଳା, ମୟୂରଭଞ୍ଜ-୭୫୭୦୪୧, ମୋ.: ୮୪୫୬୮୮୧୦୯୫, ୮୬୩୭୨୬୧୮୪୪** | | | |
| ୧. | **ଶ୍ରୀମତୀ ଦୀପ୍ତିମୟୀ ଦାସ,** ସା: କପ୍ତିପଦା, ପୋ: କପ୍ତିପଦା, ଜିଲ୍ଲା: ମୟୂରଭଞ୍ଜ, ପିନ୍-୭୫୭୦୪୦ / **୨୫୫୪୧୬୫୪୦୦୦୦୪୧୮** | ଟ.୧୩,୦୩୬.୦୦ | ୩.୪ | ୩.୯୭ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ।**

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ **ଟ.୫,୦୦୦/-** ଅମାନତ ଆକାରରେ ଜମା ଏବଂ ବୈଧ କେୱାଇସି (KYC) ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡିକୁ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ଶତକଡା ସମ୍ପୂର୍ଣ୍ଣ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ। ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢ଼ୀକରଣ ହେବା ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ। ନଚେତ୍ ପୂର୍ବରୁ ଜମା ଦେଇଥିବା ଅମାନତ ରାଶି ବାଜ୍ୟାପ୍ତି ହେବ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ/ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବେ ନାହିଁ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିପାରିବ।

ସ୍ଥାନ : ବାଲେଶ୍ୱର
ତାରିଖ : ୦୮.୧୦.୨୦୨୫

ଶାଖା ପ୍ରବନ୍ଧକ,
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



### इंडियन बैंक Indian Bank (इलाहाबाद ALLAHABAD) — ଆଞ୍ଚଳିକ କାର୍ଯ୍ୟାଳୟ, କଟକ

ସା: ପ୍ଲଟ୍ ନଂ. ସି/୯, ସେକ୍ଟର-୬, ସିଡ଼ିଏ, ପୋ: ମର୍କତନଗର, କଟକ-୭୫୩୦୧୪,
zocuttack@indianbank.co.in

ପରିଶିଷ୍ଟ-୪[ରୁଲ୍-୮(୧)]
**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲ ନେଇଛନ୍ତି। ଏତଦ୍ୱାରା ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଜଗତପୁର ଶାଖା / ଋଣଗ୍ରହୀତା / ଜାମିନ୍‌ଦାର/ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ଋଣଗ୍ରହୀତା ଫାର୍ମ: ମେସର୍ସ ଏଲ୍.ଏନ୍. ଆଇସ୍ ମିଲ୍, ସ୍ୱତ୍ୱାଧିକାରୀ: ନୃସିଂହ ଚରଣ ପରିଡା / ଋଣଗ୍ରହୀତା, ସ୍ୱତ୍ୱାଧିକାରୀ, ଜାମିନ୍‌ଦାର ଏବଂ ବନ୍ଧକଦାତାମାନେ: ୧) ନୃସିଂହ ଚରଣ ପରିଡା,** ପିତା: ଦୁର୍ଯ୍ୟୋଧନ ପରିଡା, **୨) ନାରାୟଣ ଚନ୍ଦ୍ର ପରିଡା,** ପିତା: ଦୁର୍ଯ୍ୟୋଧନ ପରିଡା / **ଋଣଗ୍ରହୀତା ଫାର୍ମ: ମେସର୍ସ ପରିଡା ୱାର୍କସପ୍, ସ୍ୱତ୍ୱାଧିକାରୀ: ନାରାୟଣ ଚନ୍ଦ୍ର ପରିଡା / ଜାମିନ୍‌ଦାରମାନେ: ୧) ସ୍ନିଗ୍ଧା ପରିଡା,** ସ୍ୱାମୀ: ନାରାୟଣ ଚନ୍ଦ୍ର ପରିଡା, **୨) ମିନତୀ ପରିଡା,** ସ୍ୱାମୀ: ନୃସିଂହ ଚରଣ ପରିଡା, ସମସ୍ତଙ୍କ ବାସସ୍ଥାନ ଠିକଣା- ହୋଲ୍ଡିଂ ନଂ.: ୫୮୧, ୱାର୍ଡ ନଂ.: ୪୯, ସିଏମ୍‌ସି ନାନକର, ଜଗତପୁର, ପୋ: ଜଗତପୁର, କଟକ-୭୫୪୦୨୧ | **୨୩.୦୭.୨୦୨୫ ସୁଦ୍ଧା ଟ.୧୩,୦୨,୯୮,୯୨୪/-** ଏବଂ ସେବାବଦ ସୁଧ | **୨୩.୦୭.୨୦୨୫ / ୦୮.୧୦.୨୦୨୫** | **(୧) ନୃସିଂହ ଚରଣ ପରିଡା ଏବଂ ନାରାୟଣ ଚନ୍ଦ୍ର ପରିଡାଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ନିମପୁର, ଥାନା: ଟାଙ୍ଗି ନଂ. ୭୧, ତହସିଲ: ଟାଙ୍ଗି ଚୌଦ୍ୱାର ନଂ. ୧୬୭, ଜିଲ୍ଲା: କଟକ, ଖାତା ନଂ.: ୭୭୨/୩୦୬ (ଅନୁରୂପ ଖାତା ନଂ.: ୪୭୫), ପ୍ଲଟ୍ ନଂ.: ୨୨୩୯, କ୍ଷେତ୍ର: ଏକର୦.୦୩୦ଡିସିମିଲି, ଖାତା ନଂ.: ୭୭୨/୩୪୦ (ଅନୁରୂପ ଖାତା ନଂ.: ୪୭୫), ପ୍ଲଟ୍ ନଂ.: ୨୨୩୮, କ୍ଷେତ୍ର: ଏକର୦.୦୧୦ଡିସିମିଲି, ଖାତା ନଂ.: ୭୭୨/୬୫୫ (ଅନୁରୂପ ଖାତା ନଂ.: ୪୩୮), ପ୍ଲଟ୍ ନଂ.: ୨୨୩୩/୫୪୭୯, କ୍ଷେତ୍ର: ଏକର୦.୨୨୦ଡିସିମିଲି ଏବଂ ପ୍ଲଟ୍ ନଂ.: ୨୨୩୬, କ୍ଷେତ୍ର: ଏକର୦.୦୨୦ଡିସିମିଲି **(ସମୁଦାୟ କ୍ଷେତ୍ର: ଏକର୦.୨୮୦ଡିସିମିଲି)**, ପ୍ରକାର: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଗନ୍ଧର୍ବ ପାତ୍ର, ଦକ୍ଷିଣ: ପୋବୋଦ ଜେନା, ପୂର୍ବ: ରାସ୍ତା, ପଶ୍ଚିମ: ବୁଲା ସେନାପତି, **(୨) ନାରାୟଣ ଚନ୍ଦ୍ର ପରିଡାଙ୍କ** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଚକବନ୍ଦୀ ଖାତା ନଂ.: ୨୭୮, ପ୍ଲଟ୍ ନଂ.: ୧୮୫୧ (ଅନୁରୂପ ହାଲ ସେଟେଲମେଣ୍ଟ ଖାତା ନଂ.: ୩୮୭ ଏବଂ ପ୍ଲଟ୍ ନଂ.: ୧୯୫୭), କ୍ଷେତ୍ର: ଏକର୦.୦୪୦ଡିସିମିଲି, ପ୍ରକାର: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଦୁର୍ଯ୍ୟୋଧନ ପରିଡା, ଦକ୍ଷିଣ: ରାମ ଚନ୍ଦ୍ର ସ୍ୱାଇଁ, ପୂର୍ବ: ଏସ୍. ମୁଖାର୍ଜୀ, ପଶ୍ଚିମ: ରାସ୍ତା **ଏବଂ** ଖାତା ନଂ.: ୨୯୬, ପ୍ଲଟ୍ ନଂ.: ୧୮୫୦ (ଅନୁରୂପ ହାଲ ସେଟେଲମେଣ୍ଟ ଖାତା ନଂ.: ୩୮୭ ଏବଂ ପ୍ଲଟ୍ ନଂ.: ୧୯୫୬), କ୍ଷେତ୍ର: ଏକର୦.୦୨୦ଡିସିମିଲି, ପ୍ରକାର: ଘରବାରି, ମୌଜା: ତରୋଳ, ତହସିଲ: ଟାଙ୍ଗି (ଚୌଦ୍ୱାର), ନଂ. ୧୬୬, ଥାନା: ଟାଙ୍ଗି ନଂ. ୭୨, ଜିଲ୍ଲା: କଟକ **(ସମୁଦାୟ କ୍ଷେତ୍ର: ଏକର୦.୦୬୦ଡିସିମିଲି)**, ଏହାର ଚାରିପାର୍ଶ୍ୱରେ- |

ଉତ୍ତର: ମାଗୁଣି ଜେନା, ଦକ୍ଷିଣ: ବଂଶୀଧର ଜେନା ଏବଂ ଅନ୍ୟମାନେ, ପୂର୍ବ: ମାଗୁଣି ଜେନା, ପଶ୍ଚିମ: ରାସ୍ତା, **(୩) ନୃସିଂହ ଚରଣ ପରିଡା ଏବଂ ନାରାୟଣ ଚନ୍ଦ୍ର ପରିଡାଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ନିମପୁର, ଏସ୍‌ଆରଓ: ଜଗତପୁର, ତହସିଲ: କଟକ ନଂ. ୧୬୭, ଟାଙ୍ଗି (ଚୌଦ୍ୱାର), ଥାନା: ଟାଙ୍ଗି-୭୧, ଜିଲ୍ଲା: କଟକ, ଖାତା ନଂ.: ୭୭୨/୩୨୨, ପ୍ଲଟ୍ ନଂ.: ୧୭୬୭/୫୨୧୦, କ୍ଷେତ୍ର: ଏକର୦.୪୦୦ଡିସିମିଲି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୧୭୭୦, ଦକ୍ଷିଣ: ପ୍ଲଟ୍ ନଂ. ୧୭୬୭, ପୂର୍ବ: ପ୍ଲଟ୍ ନଂ.: ୧୮୧୩ ଏବଂ ୧୮୧୪, ପଶ୍ଚିମ: ୧୭୬୮ ଏବଂ ୧୭୬୯, **(୪) ନୃସିଂହ ଚରଣ ପରିଡା ଏବଂ ନାରାୟଣ ଚନ୍ଦ୍ର ପରିଡାଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ତରୋଳ, ଏସ୍‌ଆରଓ: ଜଗତପୁର, ତହସିଲ: ଟାଙ୍ଗି (ଚୌଦ୍ୱାର), ନଂ. ୧୬୬, ଥାନା: ଟାଙ୍ଗି-୭୨, ଜିଲ୍ଲା: କଟକ, ଖାତା ନଂ.: ୨୩୪, ପ୍ଲଟ୍ ନଂ.: ୧୪୨୪, କ୍ଷେତ୍ର: ଏକର୦.୦୭୦ (୦.୦୩୦)ଡିସିମିଲି, ପ୍ଲଟ୍ ନଂ.: ୧୪୨୫, କ୍ଷେତ୍ର: ଏକର୦.୧୨୦ (୦.୦୫୦)ଡିସିମିଲି ଏବଂ ପ୍ଲଟ୍ ନଂ.: ୧୪୨୬, କ୍ଷେତ୍ର: ଏକର୦.୦୮୦ (୦.୦୫୦)ଡିସିମିଲି, ପ୍ରକାର: ଘରବାରି, (ମୋଟ କ୍ଷେତ୍ର: ଏକର୦.୨୭୦ଡିସିମିଲି ଯାହା ମଧ୍ୟରୁ ସମ୍ପତ୍ତି ମାଲିକଙ୍କ କ୍ଷେତ୍ର: ଏକର୦.୧୩୦ଡିସିମିଲି), ସମସ୍ତ ୩ଟି ପ୍ଲଟ୍‌କୁ ଘରବାରିକୁ ପରିବର୍ତ୍ତନ କରାଯାଇଛି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୧୪ର ଅବଶିଷ୍ଟ ଅଂଶ, ଦକ୍ଷିଣ: ଦୁର୍ଯ୍ୟୋଧନ ପରିଡା, ପୂର୍ବ: ରାସ୍ତା, ପଶ୍ଚିମ: ପ୍ରମୋଦ ଜେନା

**ତାରିଖ: ୦୯.୧୦.୨୦୨୫, ସ୍ଥାନ: କଟକ** — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ



### केनरा बैंक Canara Bank (सिंडिकेट Syndicate)

ଅଞ୍ଚଳ କାର୍ଯ୍ୟାଳୟ, ବିଡିଏ-ଜେ/୨, ପ୍ଲଟ୍ ନଂ.: ୧୫୫୬(ଅଂଶ)
ଏବଂ ପ୍ଲଟ୍ ନଂ.: ୧୫୬୧(ଅଂଶ), ଜାଗମରା, ଖଣ୍ଡଗିରି,
ଭୁବନେଶ୍ୱର-୭୫୧୦୩୦, ଫୋନ୍ ନଂ: ୦୬୭୪-୨୩୫୩୧୨୦

**ବିକ୍ରୟ ବିଜ୍ଞପ୍ତି (ଘରୋଇ ଚୁକ୍ତି)**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (ସରଫେଶୀ ଆକ୍ଟ) ଅନୁଯାୟୀ ବାଙ୍କକୁ ବନ୍ଧକ ଥିବା ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତିର ବିକ୍ରୟ**

ନିମ୍ନ ସ୍ୱାକ୍ଷରକାରୀ କାନାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଲିଖିତ ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି। ସର୍ବସାଧାରଣଙ୍କୁ ସମୂହଭାବେ ଜଣାଇ ଦିଆଯାଉଛି ଯେ, ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଲିଖିତ ସମ୍ପତ୍ତିଗୁଡିକ **"ଯେଉଁଠାରେ ଯେପରି ଅଛି ଏବଂ ଯାହାଯେପରି ଅଛି"** ସହମତି ଚୁକ୍ତି ଭିତ୍ତିରେ ଘରୋଇ ଚୁକ୍ତି ମାଧ୍ୟମରେ ବିକ୍ରୟର ନିୟମ ଓ ସର୍ତ୍ତାବଳୀ ଅନୁସାରେ **ତା.୨୭.୧୦.୨୦୨୫ରିଖ ପୂର୍ବାହ୍ନ ୧୦.୩୦ ରୁ ୧୧.୩୦ ଘଟିକା** ମଧ୍ୟରେ ବିକ୍ରୟ ନିମନ୍ତେ ନିମ୍ନମତେ ଉପଲବ୍ଧ।

| ଶାଖା/ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତିଗୁଡ଼ିକର ବିବରଣୀ | ଧାର୍ଯ୍ୟ ତାରିଖ ସୁଦ୍ଧା ମୋଟ ବକେୟା ରାଶି | ସଂରକ୍ଷିତ ମୂଲ୍ୟ / ଅମାନତ ଜମା ରାଶି |
|---|---|---|---|
| **ସାମପୁର ଭୁବନେଶ୍ୱର ଶାଖା / ଋଣଗ୍ରହୀତା: ମେସର୍ସ ଜଗନ୍ନାଥ ହାର୍ଡଓୟାର ଆଣ୍ଡ୍ ପେଣ୍ଟସ୍,** ସା: ସାମପୁର, ପୋ: ଘାଟିକିଆ, ଥାନା: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା-୭୫୧୦୦୩, **ସ୍ୱତ୍ୱାଧିକାରୀ: ଶ୍ରୀମତୀ ଦେବସ୍ମିତା ସର୍ଦ୍ଦାର,** ସ୍ୱାମୀ: ଅଶାନ୍ତ କୁମାର ସର୍ଦ୍ଦାର, ପ୍ଲଟ୍ ନଂ.: ୧୩୪୪/୧୫୩୩, ସା: ପତିତପାବନ ଲେନ୍, ସମ୍ ହସ୍ପିଟାଲ ରୋଡ, ସାମପୁର, ଥାନା: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା, ଓଡିଶା-୭୫୧୦୦୩ / **ଗ୍ୟାରେଣ୍ଟିଦାତା: ଶ୍ରୀ ଶ୍ରୀଧର ବେହେରା,** ପିତା: ଶ୍ରୀ ଦୁଃଶାସନ ବେହେରା, ସା: ସାମପୁର, ପୋ: ଘାଟିକିଆ, ଥାନା: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା-୭୫୧୦୦୩ | ଶ୍ରୀମତୀ ଦେବସ୍ମିତା ସର୍ଦ୍ଦାରଙ୍କ ନାମରେ ଥିବା ଦୋକାନର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ଖୋର୍ଦ୍ଧା, ଥାନା: ଖଣ୍ଡଗିରି, ମୌଜା: କଳିଙ୍ଗ ନଗର, ଏସ୍‌ଆରଓ/ତହସିଲ: ଭୁବନେଶ୍ୱର, ସପ୍ ନଂ.: ଜି-୧୦ କେ-୭ କଳିଙ୍ଗ ନଗର ମାର୍କେଟ କମ୍ପ୍ଲେକ୍ସ, ସୁପର ବିଲ୍ଟ ଅପ୍ ଏରିଆ: ୩୯୭.୫ ବର୍ଗଫୁଟ, ତଳ ମହଲା, ଅନୁରୂପ ରେଭିନ୍ୟୁ ଖାତା ନଂ.: ୪୪୩, ପ୍ଲଟ୍ ନଂ.: ୭୦୭, ଡ୍ରଇଂ ନଂ.: କେ୭-୧, ଏହାର ଚାରିପାର୍ଶ୍ୱରେ ପୂର୍ବ: ସପ୍ ନଂ.: ଜି ୧୧, ପଶ୍ଚିମ: ସପ୍ ନଂ.: ଜି ୦୯, ଉତ୍ତର: ରାସ୍ତା, ଦକ୍ଷିଣ: ସପ୍ ନଂ.: ଜି ୧୪ | ୩୦.୦୯.୨୦୨୫ ସୁଦ୍ଧା ଟ.୫୧,୪୫,୨୨୬.୭୮ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୧୭,୫୦,୦୦୦/- / ଟ.୧,୭୫,୦୦୦/- |

**ନିମ୍ନଲିଖିତ ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ଇଚ୍ଛୁକ ପକ୍ଷମାନେ ପ୍ରସ୍ତାବ ଦାଖଲ କରିପାରିବେ:**

**(୧) "ଯେଉଁଠାରେ ଯେପରି ଅଛି ଏବଂ ଯାହାଯେପରି ଅଛି"** ଭିତ୍ତିରେ ଘରୋଇ ଚୁକ୍ତି ମାଧ୍ୟମରେ ସମ୍ପତ୍ତି ବିକ୍ରୟ କରାଯିବ। **(୨)** କ୍ରେତା ସମ୍ପତ୍ତି କ୍ରୟ ନିମନ୍ତେ ପ୍ରସ୍ତାବ ଗ୍ରହଣୀୟ ହେବାର ୩ ଦିନ ମଧ୍ୟରେ ବିକ୍ରୟ ମୂଲ୍ୟର ୨୫% ରାଶି ଜମା କରିବେ ଏବଂ ଅବଶିଷ୍ଟ ୭୫% ରାଶି ସରଫେଶୀ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୯(୪) ଅନୁଯାୟୀ ଜମା କରିବେ। **(୩)** ଉପରୋକ୍ତ କ୍ଲଜ (୨) ଅନୁସାରେ କ୍ରେତା ଦରଖାସ୍ତ ସହିତ ଜମା କରିଥିବା ପ୍ରସ୍ତାବ ରାଶିର ୧୦% ଅମାନତ ରାଶି ୨୫% ସହିତ ଭରଣା କରାଯିବ। **(୪)** କ୍ଲଜ (୨) ଅନୁଯାୟୀ କ୍ରେତା ସମ୍ପୂର୍ଣ୍ଣ ରାଶି ପଇଠ କରିବାରେ ବିଫଳ ହେଲେ ଦରଖାସ୍ତ ସହିତ କ୍ରେତାଙ୍କ ଦ୍ୱାରା ପୂର୍ବରୁ ଜମା କରାଯାଇଥିବା ୧୦% ରାଶିକୁ ବାଜ୍ୟାପ୍ତି କରାଯିବ। **(୫)** ବ୍ୟାଙ୍କ ଦ୍ୱାରା କ୍ରୟ ପ୍ରସ୍ତାବ ଗ୍ରହଣ ନହେବା କ୍ଷେତ୍ରରେ ଦରଖାସ୍ତ ସହିତ କ୍ରେତାଙ୍କ ଦ୍ୱାରା ଜମା କରାଯାଇଥିବା ୧୦% ଅନାମତ ରାଶି ବିନା ସୁଧରେ ଫେରସ୍ତ କରାଯିବ। **(୬)** ବ୍ୟାଙ୍କକୁ ଜ୍ଞାତ କିମ୍ବା ଅଜ୍ଞାତ ଥିବା ବର୍ତ୍ତମାନ ଏବଂ ଭବିଷ୍ୟତର ସମସ୍ତ ଏନ୍‌କମ୍ବ୍ରାନ୍‌ସେସ୍ ସହିତ ସମ୍ପତ୍ତି ବିକ୍ରୟ କରାଯିବ। କୌଣସି ପକ୍ଷଙ୍କର ଦାବୀ / ଅଧିକାର / ଦେୟ ନିମନ୍ତେ କ୍ଷମତାପ୍ରାପ୍ତ ଅଧିକାରୀ / ସୁରକ୍ଷିତ ଋଣଦାତା ଦାୟୀ ରହିବେ ନାହିଁ। **(୭)** କ୍ରେତା ସମ୍ପତ୍ତି (ଘରୋଇ ଚୁକ୍ତି ମାଧ୍ୟମରେ ବିକ୍ରୟ) ସମ୍ବନ୍ଧୀୟ ସମସ୍ତ ଆଇନଗତ ତଥ୍ୟ ବିଷୟରେ ଅନୁସନ୍ଧାନ କରି ସନ୍ତୁଷ୍ଟ ହେବ ଉଚିତ୍। ପରବର୍ତ୍ତୀ ସମୟରେ କ୍ଷମତାପ୍ରାପ୍ତ ଅଧିକାରୀ / ସୁରକ୍ଷିତ ଋଣଦାତା ବିରୁଦ୍ଧରେ ଏ ସମ୍ବନ୍ଧୀୟ କୌଣସି ଦାବୀ / ଅଧିକାର ନିମନ୍ତେ କ୍ରେତା ହକ୍‌ଦାର ହେବେ ନାହିଁ। **(୮)** କୌଣସି କାରଣ ନଦର୍ଶାଇ ବ୍ୟାଙ୍କ ସମସ୍ତ ପ୍ରସ୍ତାବକୁ ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖିଅଛି। **(୯)** ଏକରୁ ଅଧିକ କ୍ଷେତ୍ରରେ ବ୍ୟାଙ୍କ ସର୍ବୋଚ୍ଚ ପ୍ରସ୍ତାବକୁ ଗ୍ରହଣ କରିବ। **(୧୦)** ସବିଶେଷ ବିବରଣୀ / ସ୍ପଷ୍ଟିକରଣ ଓ ଦରଖାସ୍ତ ଦାଖଲ ନିମନ୍ତେ ଇଚ୍ଛୁକ ପକ୍ଷମାନେ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ସହ ଯୋଗାଯୋଗ କରିପାରିବେ। **(୧୧)** କ୍ରେତା ସମ୍ପତ୍ତି କ୍ରୟ ନିମିତ୍ତ ସମସ୍ତ ଷ୍ଟାମ୍ପ ଡ୍ୟୁଟି, ରେଜିଷ୍ଟ୍ରେସନ୍ ଫି ଓ ଅନ୍ୟାନ୍ୟ ଖର୍ଚ୍ଚ ଟ୍ୟାକ୍ସ ଆଦି ବହନ କରିବେ। **(୧୨)** ସରଫେଶୀ ଆକ୍ଟ / ରୁଲ୍ସ ର ବ୍ୟବସ୍ଥା ଅନୁଯାୟୀ ସମ୍ପତ୍ତି ବିକ୍ରୟ କରାଯିବ।

**ଦ୍ରଷ୍ଟବ୍ୟ: ମେସର୍ସ ଜଗନ୍ନାଥ ହାର୍ଡଓୟାର ଆଣ୍ଡ୍ ପେଣ୍ଟସ୍ ଆକାଉଣ୍ଟ ନିମନ୍ତେ: ୧) ସଫଳ ନିଲାମଧାରୀ ସମ୍ପତ୍ତି ହସ୍ତାନ୍ତର ନିମନ୍ତେ କର୍ତ୍ତୃପକ୍ଷଙ୍କ ଦ୍ୱାରା ସ୍ଥିରିକୃତ କନସେଣ୍ଟ ଚାର୍ଜ ଯାହାକି ସମ୍ପତ୍ତିର ୨୫% ଡିଫରେନ୍ସିଆଲ ଭାଲ୍ୟୁ ପ୍ରଦାନ କରିବାକୁ ହେବ। ବ୍ୟାଙ୍କ ଦ୍ୱାରା ବିଡିଏ କାର୍ଯ୍ୟାଳୟରେ ଏହି କନସେଣ୍ଟ ଚାର୍ଜ ଦାଖଲ ପରେ ବିକ୍ରୟ ଚୂଡାନ୍ତ କରାଯିବ। ୨୦୧୩ ମସିହାରେ ଗୃହର ପ୍ରକୃତ ମୂଲ୍ୟ ଟ.୧୭,୫୪,୮୧୪/- (ସତର ଲକ୍ଷ ଚଉବନ ହଜାର ଆଠ ଶହ ଚଉଦ ଟଙ୍କା ମାତ୍ର), ୨) କାନାରା ବ୍ୟାଙ୍କ ନିଲାମ ନିମନ୍ତେ ସର୍ତ୍ତ ରଖିଛନ୍ତିକି ଯେଉଁ ବ୍ୟକ୍ତିଙ୍କର ନାମରେ କିମ୍ବା ସେମାନଙ୍କର ପରିବାର ସଦସ୍ୟଙ୍କ ନାମରେ ବିଏମ୍‌ସି ଏବଂ ବିଡିଏ ଅଞ୍ଚଳ ମଧ୍ୟରେ କୌଣସି ବାସୋପଯୋଗୀ ପ୍ଲଟ/ଗୃହ/ଫ୍ଲାଟ୍ ନଥିବ ସେହିମାନେ ହିଁ ନିଲାମରେ ଅଂଶ ଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହେବେ, ୩) ଯେହେତୁ ଏହା ଏକ ଦଖଲ ପରବର୍ତ୍ତୀ ୩ୟ ପକ୍ଷ ହସ୍ତାନ୍ତରୀତ ବିଷୟ ତେଣୁ ଜିଲ୍ଲା ସବ୍-ରେଜିଷ୍ଟ୍ରାର, ଭୁବନେଶ୍ୱରଙ୍କ ଦ୍ୱାରା କରାଯାଇଥିବା ୧୯୯୫ ଏବଂ ୨୦୨୫ (ରେଜିଷ୍ଟ୍ରେସନ୍ ଫି ଏବଂ ଷ୍ଟାମ୍ପ ଡ୍ୟୁଟି) ମୂଲ୍ୟାୟନ ଅନୁସାରେ କ୍ଷତି ହୋଇଥିବା ପ୍ରକୁର୍ଯ୍ୟ ରାଜସ୍ୱ ସଫଳ ନିଲାମଧାରୀ ପୈଠ କରିବେ।**

ସ୍ଥାନ: ଭୁବନେଶ୍ୱର
ତାରିଖ : ୦୯.୧୦.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
କାନାରା ବ୍ୟାଙ୍କ



### AFFIDAVIT

I, Nisarg Arpan Parikh, aged about 21 years, S/o- Bhargav Krishnarav Nargund, resident of AT: D-14/1, JSPL Township Jindal Nagar, Chhendipada Road, Ps- Industrial, Dist- Angul, Odisha, PIN- 759130, do hereby declare by this affidavit N.2007, dtd-04/10/2025, that now onwards I shall be known as **NISHARG BHARGAV NARGUND** for all future purposes

### AFFIDAVIT

I, Darshini Arpan Parikh, aged about 42 years, W/o- Bhargav Krishnarav Nargund, resident of AT: D-14/1, JSPL Township Jindal Nagar, Chhendipada Road, Ps- Industrial, Dist-Angul, Odisha, PIN- 759130, do hereby declare by this affidavit No.2006, dtd-04/10/2025, that now onwards I shall be known as **DARSHINI BHARGAV NARGUND** for all future purposes

### AFFIDAVIT

By virtue of an affidavit before the Notary Public, Titilagarh, on dated-09/10/2025. I, **Bhumisuta Bhoi** (new name), aged about 18 years, formerly called as Bhumi Bhoi (old name), D/o Alekha Bhoi, permanent resident of AT- Beheravata, PO-Jharial, PS- Sindhekela, Dist-Balangir, (Odisha), PIN- 767040 now residing at the same place declare that I have changed my name from **Bhumi Bhoi** (old name) to **Bhumisuta Bhoi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I shall be known as **Bhumisuta Bhoi** (new name) for all purposes.

**Bhumisuta Bhoi**

### AFFIDAVIT

By virtue of an affidavit before The Executive Magistrate, Titilagarh, on dated- 09/10/2025. I, **Lekrama Payasing,** aged about 30 years, S/O- Laxman Payasing, permanent resident of AT/PO- Marlad, PS-Titilagarh, Dist- Balangir, (Odisha), PIN- 767066, now residing at the same place declare that I have changed my minor son's name from **Normal Pryasingh** (old name) to **Nirmal Payasing** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Nirmal Payasing** (new name) for all purposes.

**Lekrama Payasing**

### AFFIDAVIT

By virtue of an affidavit sworn before The Executive Magistrate, Bhubaneswar, Dated 06/09/2025. I, **Prasanti Jena,** D/o Kamaraju Jena, resident of Kamasaragada, Jagannath Prasad, Alasuguma, PS.- Buguda, Dist.- Ganjam, Odisha, PIN-761121 declare that I have changed my name from **Asanti Jena to Prasanti Jena.** Henceforth, I shall be known as **PRASANTI JENA** for all purposes.

**Prasanti Jena**

# ବ୍ରଜରାଜନଗରରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା







**ଝାରସୁଗୁଡ଼ା, ୯।୧୦(ସମିସ)**

ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ବିଜୁ ଜନତା ଦଳ ପକ୍ଷରୁ ବିଜେଡି ସଭାପତି ରାଧାକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ କରାଯାଇଛି। ପ୍ରଥମେ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ଏସ୍‌ଆଇ ଛକ ଠାରେ ଥିବା ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଗୋପବନ୍ଧୁ ଜୟନ୍ତୀ ପାଳନ କରାଯାଇଥିଲା। ରାଜପୁର ପଞ୍ଚାୟତ ସ୍ଥିତ କଟାପାଲି ଫୁଟବଲ୍ ପଡ଼ିଆ ଠାରୁ ଜନ ସମ୍ପର୍କ ପଦଯାତ୍ରାର ଶୋଭାଯାତ୍ରା ବାହାରିଥିଲା। ଧ୍ୱନୀ ବାଦ୍ୟ ମଧ୍ୟରେ ନବୀନ ସରକାରଙ୍କ ସୁଶାସନର ଗାଥା ଓ ମୋହନ ମାଝୀ ସରକାରଙ୍କ ବିଫଳତାର ଗାଥାର ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା। ଗାନ୍ଧୀ ଛକ ମୁଖ୍ୟରାସ୍ତା, ନୂଆଁଡିହି ଗାଁ ଦେଇ ବିଜେଡି କାର୍ଯ୍ୟାଳୟ ପର୍ଯ୍ୟନ୍ତ ୨୦୨୫ର ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଶୁଭାରମ୍ଭ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଅଳକା ମହାନ୍ତି ଏବଂ ସମ୍ମାନିତ ଅତିଥି ଭାବେ ବିଜେଡି ଜିଲ୍ଲା ସଭାପତି ହରିଶ୍ ଗଣତ୍ରା ଯୋଗ ଦେଇଥିଲେ। ଚାନ୍ଦିନୀମାଲ ସରପଞ୍ଚ ଲକ୍ଷ୍ମୀଧର ମିଶ୍ର, ରାଜପୁର ସରପଞ୍ଚ ସରସ୍ୱତି ନାଏକ, ଗୌରମାଲ ସରପଞ୍ଚ ରାଜ ସାଏ, ଲୋଇସିଂହ ସରପଞ୍ଚ ସନାତନ ରୋହିଦାସ, ପୂର୍ବତନ ରାଜପୁର ସମିତି ସଭ୍ୟ ଗଣେଶରାମ ବାଗ, ବିଜେଡି ନେତା କୁଳମଣି ଦାସ, ନୃପ ତାଣ୍ଡି, ମହିଳା ସଭାପତି ନଳିନୀ ପ୍ରଧାନ, ଗୋବିନ୍ଦ ସାହୁ, ଚିନ୍ତାମଣି ଦାସ, ହରି କଣ୍ଡା, ଅବତାର ସିଂ, ରାମନାରାୟଣ ରାଏ, ସୁରଜ୍ କଣ୍ଡା, ଆଲୋକ ପଟ୍ଟନାୟକ, ଜୟରାମ ବଗାର, ଶରତ ତନ୍ତୀ, ଅନନ୍ତ କୁମ୍ଭାର, ମଣ୍ଟ କୁମ୍ଭାର, ବିକ୍ରମ ଦାସ, ମନୋରମା ସାହୁ, ଯୋତି, ମୀକି ନାଏକ, କୁମୁଦିନୀ ଗରୁଡ, ଅଞ୍ଜଳି ସିଂ, ସୁଷମା ସିଂହ, ବିନି ଦାସ, ରୁକ୍ମିଣୀ ସୁନା, ଭୂମିଶୁତା ତନ୍ତୀ, ଆକାଶ ବଡ଼ାଇ, ଗିରିଧାରୀ ଗରୁଡ, ସୁନିଲ ଭୋଇ, ଦୀପକ ମରେଇ ପ୍ରମୁଖଙ୍କ ସମେତ ବିଜେଡି ଦଳର ଅନେକ ନେତା ଓ କର୍ମୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ବନ୍ଧବାହାଲ ଲକ୍ଷ୍ମୀ ବଜାରରେ ଗଜଲକ୍ଷ୍ମୀ ପୂଜା

**ବନ୍ଧବାହାଲ/ଝାରସୁଗୁଡ଼ା, ୯।୧୦(ସମିସ):** ବନ୍ଧବାହାଲ ଲକ୍ଷ୍ମୀ ବଜାରରେ ଗତ ସୋମବାର ଠାରୁ କଳସ ଯାତ୍ରା କରି ମାଁ ଗଜଲକ୍ଷ୍ମୀଙ୍କର ପୂଜା ଆରମ୍ଭ ହୋଇଯାଇଛି। ଗଜଲକ୍ଷ୍ମୀ ପୂଜା କମିଟି ଦ୍ୱାରା ଆୟୋଜିତ ପୂଜାରେ କର୍ତ୍ତା ଭାବେ ସୁରେଶ ଗୁପ୍ତା ଓ ତାଙ୍କର ପତ୍ନୀରେଖା ଗୁପ୍ତା କାର୍ଯ୍ୟନିର୍ବାହ କରୁଛନ୍ତି। ଭେଜିକୁଦର ପୂଜକ ପଣ୍ଡିତ ଜଗଦିଶ ମିଶ୍ର ପୂଜାକାର୍ଯ୍ୟ ଓ ଟହଲ କାର୍ଯ୍ୟ ସନ୍ୟାସୀ ବାରିକ ସମ୍ପାଦନ କରୁଛନ୍ତି। ଗତ ସୋମବାର ଠାରୁ ମାଁଙ୍କର ପୂଜା ଆରମ୍ଭ ହୋଇ ଥିବା ବେଳେ ଆସନ୍ତା ରବିବାର ମାଁଙ୍କୁ ମେଲାଣି ଦିଆଯିବ ବୋଲି କମିଟିର ସଭାପତି ସଞ୍ଜୟ ସିଂ ଜଣାଇଛନ୍ତି। ଏହି ପୂଜାରେ ସୁନୀଲ ସାଥୁଆ, ବିମଳ ଲେଙ୍କା, ସଞ୍ଜୟ ସ୍ୱାଇଁ, କୃଷ୍ଣ ବିଶୋଇ, ପ୍ରଶାନ୍ତ ସାହୁ, ଅନିଲ ଗୁପ୍ତା ସକ୍ରିୟ ଭୂମିକା ନେଇଥିବାବେଳେ ଅନ୍ୟ ସଦସ୍ୟମାନେ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଛନ୍ତି। ମାଁଙ୍କର ମଣ୍ଡପରେ ସାତ ଦିନ ଧରି ପ୍ରତ୍ୟେକ ଦିନ ସନ୍ଧ୍ୟାରେ ପ୍ରସାଦ ବଣ୍ଟନ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।



# ଶିକ୍ଷୟିତ୍ରୀଙ୍କ ବେକରୁ ସୁନା ଚେନ୍ ଝାମ୍ପିନେଲେ ଦୁର୍ବୃତ୍ତ

**ଝାରସୁଗୁଡ଼ା, ୯।୧୦ (ସମିସ):** ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ଟାଉନରୁ ଶିକ୍ଷୟିତ୍ରୀଙ୍କ ବେକରୁ ୨ ଜଣ ଦୁର୍ବୃତ୍ତ ସୁନା ଚେନ ଝାମ୍ପି ନେଇ ଫେରାର ହୋଇଛନ୍ତି। ପିଏମଶ୍ରୀ ଗିରଧରଲାଲ ହାଇସ୍କୁଲର ଶିକ୍ଷୟିତ୍ରୀ କମଳା ସରାଫ ଅପରାହ୍ଣରେ ସ୍କୁଲ ଛୁଟି ହେବାପରେ ଚାଲିଚାଲି ଘରକୁ ଫେରୁଥିଲେ। ଏହି ସମୟରେ ୨ ଜଣ ଦୁର୍ବୃତ୍ତ ବାଇକରେ ଆସି ସୁନା ଚେନ ଝାମ୍ପି ନେଇଥିଲେ। ଲୁଟ କରିଥିବା ୨ ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣେ ହେଲମେଟ ପିନ୍ଧିଥିଲେ ଏବଂ ଜଣେ ନିଜ ମୁହଁକୁ ଏକ ଧଳାରଙ୍ଗର ଗାମୁଛାରେ ଢାଙ୍କି ରଖିଥିଲେ। ଲୁଟ ହୋଇଥିବା ସୁନା ଚେନର ଓଜନ ୨୫ ଗ୍ରାମ ଥିବାବେଳେ ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କା ବୋଲି ଜଣାପଡ଼ିଛି।

## ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର | 'କ୍ୱାଣ୍ଟମ ଯୁଗର ଆରମ୍ଭ: ସମ୍ଭାବନା ଓ ଆହ୍ୱାନ' ଶୀର୍ଷକ ବିଜ୍ଞାନ ଆଲୋଚନାଚକ୍ର

**ବରଗଡ଼, ୯।୧୦(ସମିସ):** ବରଗଡ଼ ଜିଲ୍ଲା ଅଧୀନ ଅମ୍ବାଭୋନା ବ୍ଲକରେ ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ସ୍ଥାନୀୟ ଶିକ୍ଷା କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ବୈଜ୍ଞାନିକ ମନୋବୃତ୍ତି ଜାଗ୍ରତ କରିବା ଉଦ୍ଦେଶ୍ୟରେ ଆୟୋଜିତ ଆଲୋଚନାଚକ୍ରରେ ଅମ୍ବାଭୋନା ବ୍ଲକର ସହଗୋଷ୍ଠୀ ଶିକ୍ଷା ଅଧିକାରୀ ଲାଲ ମୋହନ ସିଂଙ୍କ ଅଧ୍ୟକ୍ଷତା କରିଥିଲେ। ସିଆରସିସି କେଦାର ନାଏକ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୟ ସୋଏ ଯୋଗ ଦେଇଥିଲେ। ବ୍ଲକ ବିଜ୍ଞାନ ଫୋରମର ସଭାପତି ତଥା ଭୁକ୍ତା ଜନତା ହାଇସ୍କୁଲର ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଚାରକ ଭାବେ କ୍ରିଷ୍ଣା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବରଗଡ଼ର ଅଧ୍ୟାପକ ଆଶିଷ ପୂଜାରୀ, ଭୁକ୍ତା ମହାତ୍ମା ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସୁନ୍ଦର ସାଏ ପଟେଲ ଏବଂ ଶିକ୍ଷକ ପରମେଶ୍ୱର ରଥ ଆଲୋଚନାଚକ୍ରର ମୂଲ୍ୟାୟନ କରିଥିଲେ। ଏହି ଆଲୋଚନାଚକ୍ରରେ ଅଂଶଗ୍ରହଣ କରି କମଳ ସିଂ ଦେଓ ହାଇସ୍କୁଲ, ଲଖନପୁରର ଛାତ୍ର ପ୍ରିୟାଂଶୁ ସାହୁ, କେଦାର ନାଥ ଆଦିବାସୀ ହାଇସ୍କୁଲର ଛାତ୍ରୀ ସୌମ୍ୟା ପ୍ରିୟଦର୍ଶିନୀ କୁମୁରା ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅମ୍ବାଭୋନାର ଛାତ୍ରୀ ପାୟଲ ନାୟକ ଯଥାକ୍ରମେ ପ୍ରଥମ ସ୍ଥାନ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ପରିଚାଳନାରେ ବିଜ୍ଞାନ ଶିକ୍ଷକ ତପେଶ୍ୱର ପଧାନ, ପ୍ରଣୟରଞ୍ଜନ ଭୁଏ, ସନ୍ତୋଷ ମାଝୀ, ଭାଷ୍କରଦେବ ପ୍ରଧାନ, ଶିକ୍ଷୟିତ୍ରୀ ରୀନା ମେହେରଙ୍କ ସମେତ ବ୍ଲକର ସମସ୍ତ ବିଜ୍ଞାନ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ମନୋହର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।






### ସତିହାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ

**ଉଟଲି:** ବରଗଡ଼ ଜିଲ୍ଲା ଉଟଲି ସ୍ଥିତ ସତିହାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଚନ୍ଦ୍ରମା ଡନସନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅତିଥି ଭାବେ ଯୋଗଦେଇଥିଲେ। ବରଗଡ଼ ପାର୍ବତିଗିରୀ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ବିଶ୍ୱଜିତ ସାହୁ ଏବଂ କମଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଚିତ୍ତରଞ୍ଜନ ମହାନନ୍ଦ ବିଚାରକ ଦାୟିତ୍ୱ ତୁଲାଇଥିଲେ। ପ୍ରତିଯୋଗିତାରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୨୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଉଟଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ଲିପସା ପଣ୍ଡା ଏବଂ ସତିହାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ କ୍ଷଣିକା ପ୍ରସନ୍ନା ଷଡଙ୍ଗୀ ଦ୍ୱିତୀୟ ସ୍ଥାନ ଅଧିକାର କରି ଜିଲ୍ଲା ସ୍ତରକୁ ଉନ୍ନୀତ ହୋଇଥିଲେ। ଆଲୋଚନାଚକ୍ରକୁ ବ୍ଲକ ବିଜ୍ଞାନ ଫୋରମ୍‌ର ସାଧାରଣ ସମ୍ପାଦକ ତଥା ଶିକ୍ଷକ ଉପେନ୍ଦ୍ର ଖମାରୀ ପରିଚାଳନା କରିଥିବାବେଳେ ଶିକ୍ଷକ ସୁବୋଧ ସାହୁ ପୁରସ୍କାର ବିତରଣୀରେ ସହଯୋଗ କରିଥିଲେ। ଶେଷରେ ବିଜ୍ଞାନ ଶିକ୍ଷକ ଚନ୍ଦ୍ରକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଝାରବନ୍ଧ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ

**ଝାରବନ୍ଧ:** ଝାରବନ୍ଧ ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ୨୦୨୫ ଝାରବନ୍ଧ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଝାରବନ୍ଧ ବ୍ଲକ ଶିକ୍ଷା ଅଧିକାରୀ ଶୁଭମ ପତି, ଏବିଇଓ ଦୟାନିଧି କୈବର୍ତ୍ତ, ବିସିକେଶନ ଶତପଥୀ, ପ୍ରଧାନଶିକ୍ଷକ ଦୟାନିଧି ସାହୁ, ଆରଡବ୍ଲ୍ୟୁ ଏସଏସ ଏଇ ଅନିରୁଦ୍ଧ ପ୍ରଧାନ, ବିଚାରକ ଦଳ ଗୋବିନ୍ଦ ସାହୁ, ଅଶ୍ୱିନୀ ସାହୁ ଯୋଗ ଦେଇଥିଲେ। ଆଲୋଚନାଚକ୍ରରେ ଝାରବନ୍ଧ ବ୍ଲକର ଅଷ୍ଟମରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ଭାଗ ନେଇ ବିଜ୍ଞାନ ସମ୍ବନ୍ଧୀୟ ବିଷୟ ଉପସ୍ଥାପନ କରିଥିଲେ। ଏଥିରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବାଲିଡ଼ିପାର ଛାତ୍ରୀ ଅନ୍ୱେଷା ପ୍ରଧାନ ପ୍ରଥମ ସ୍ଥାନ, ଝାରବନ୍ଧ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସିମରନ ସାହୁ ଦ୍ୱିତୀୟ ସ୍ଥାନ ଏବଂ ବୀର ସୁରେନ୍ଦ୍ର ସାଏ ଉଚ୍ଚ ବିଦ୍ୟାଳୟ ଚଣ୍ଡୀଭଟାର ଛାତ୍ର ରାଜବୀର ପ୍ରଧାନ ତୃତୀୟ ସ୍ଥାନ ହାସିଲ କରିଥିଲେ। ଅନ୍ୱେଷା ପ୍ରଧାନ ଏବଂ ସିମରନ ସାହୁ ଝାରବନ୍ଧ ବ୍ଲକରୁ ଜିଲ୍ଲା ସ୍ତରର ବିଜ୍ଞାନ ଆଲୋଚନା ଚକ୍ରରେ ଭାଗ ନେବା ପାଇଁ ଚୟନ ହୋଇଥିବା ସୂଚନା ରହିଛି। ସିଆରସିସି ଗୋପଳ ହରିଜନ ମଞ୍ଚ ପରିଚାଳନା କରିଥିବା ବେଳେ ସିଆରସିସି ବିଷ୍ଣୁଚରଣ ସାହୁ, ଦିବସ ସାହୁ, ନୀଳାମ୍ବର ସାହୁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ସୂର୍ଯ୍ୟମଣି ଜନତା ଉଚ୍ଚ ବିଦ୍ୟାଳୟ

**ଭେଡେନ:** ଭେଡେନ ସ୍ଥିତ ସୂର୍ଯ୍ୟମଣି ଜନତା ଉଚ୍ଚ ବିଦ୍ୟାଳୟ ପରିସରରେ ଭେଡେନ ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ମଚ୍ଛିନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିଜ୍ଞାନ ସେମିନାରରେ ଅତିଥି ଭାବେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଧିରୋଜ ପଟ୍ଟନାୟକ, ଅତାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ମିଶ୍ରାଣି କୁମ୍ଭାର, ପାଞ୍ଚଶାଖା ଶିକ୍ଷା ସେତୁ ଜିଲ୍ଲା ସଂଯୋଜକ ପ୍ରିୟବ୍ରତ ସାହୁ, ସୂର୍ଯ୍ୟମଣି ଜନତା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ରଞ୍ଜନ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ବିଜ୍ଞାନ ସଂଯୋଜକ ସଞ୍ଜୀବ ପଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଚାରକ ଭାବେ ପ୍ରଧାନଶିକ୍ଷକ ହେମନ୍ତ ମେହେର, ଶିକ୍ଷକ ଅଭିଜିତ ଘୋଷ ଦାୟିତ୍ୱ ତୁଲାଇଥିଲେ। ସେମିନାରରେ ଚିଚିଣ୍ଡା ହାଇସ୍କୁଲର ରାକ୍ଷୀ ମେହେର, ସିଆଲଖଣ୍ଡହଟା ହାଇସ୍କୁଲର ସୁପ୍ରଭା ଭୋଇ, ତାଳମେଣ୍ଡା ହାଇସ୍କୁଲର ମିତାଲି ସାହୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅତିଥିମାନେ ସେମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ଶେଷରେ ଶିକ୍ଷକ ଆଶିଷ ଦେଓ ଧନ୍ୟବାଦ ପ୍ରଦାନ କରିଥିଲେ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



**ଝାରସୁଗୁଡ଼ା, ୯।୧୦(ସମିସ):** ଲଇକେରା ବ୍ଲକ ମୁଖ୍ୟାଳୟ ଠାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜର୍ଜ ତୁଙ୍ଗତୁଙ୍ଗ ଯୋଗ ଦେଇଥିଲେ। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ ଦେହୁରୀ, ବାବୁଛିପିଡିହି ସମିତି ସଭ୍ୟ ମନମୋହନ କଂସରାଲୀ, ଡାକ୍ତର ଏପି.ଭୋଇନା, ଏସ୍‌ପି ପଣ୍ଡା, ସତ୍ୟଜିତ ବେଉରା, ବି.ମହାନ୍ତି, ଅର୍ଚ୍ଚନା ମହାପାତ୍ର, ଗୋପବନ୍ଧୁ ମହାନ୍ତ, ସରୋଜ ମହାପାତ୍ର, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜୁକ୍ତା ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଶିବିରରେ ସାମାଜିକ ସୁରକ୍ଷା ଯୋଜନା ଅନ୍ତର୍ଭୁକ୍ତ ୨୩୨ଜଣ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଥିଲା। ସମସ୍ତ ହିତାଧିକାରୀଙ୍କୁ ସେମାନଙ୍କର ଆବଶ୍ୟକତା ଅନୁସାରେ ଉପକରଣ ବଣ୍ଟନ କରାଯିବା ସଙ୍ଗେ ସଙ୍ଗେ ବିଭିନ୍ନ ସରକାରୀ ସୁବିଧା ଯୋଗାଇ ଦିଆଯିବ ବୋଲି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁନିଲ ନାଏକ ସୂଚନା ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମ ପରିଚାଳନାରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରତନଦୀପ ହେମ୍ବ୍ରମ, କାର୍ଯ୍ୟକ୍ରମ ସହାୟକ ତ୍ରିଲୋଚନ ବାଗ ପ୍ରମୁଖ ସହଯୋଗ କରିଥିଲେ।

■ ବାପାକୁ ହାଣି ମାଟିରେ ପୋତିବା ଘଟଣା

# ଜେଲ୍ ଗଲା ଅଭିଯୁକ୍ତ ପୁଅ

**ଦେବଗଡ଼, ୯।୧୦(ସମିସ):** ବାରକୋଟ ଥାନା ଅନ୍ତର୍ଗତ ଔତଳ ଗ୍ରାମରେ ଗତକାଲି ପୁଅର ଟାଙ୍ଗିଆ ଚୋଟ ରେ ବୃଦ୍ଧ ବାପାର ମୃତ୍ୟୁ ଘଟଣାରେ ବାରକୋଟ ଥାନା ପୁଲିସ ଅଭିଯୁକ୍ତ ପୁଅକୁ ଗିରଫ କରି କୋର୍ଟ ଚାଲାଣ କରିଛି।ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ପୁଅ ହୃଦାନନ୍ଦ ବେହେରାକୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାଇ ଔତଳ ଗ୍ରାମର ବଳଭଦ୍ର ବେହେରା କିଛି ମେଣ୍ଢା ପାଳିଥିବା ବେଳେ ଅଭିଯୁକ୍ତ ପୁଅ ହୃଦାନନ୍ଦ ବିକ୍ରି ପାଇଁ ନେଇଯାଉଥିବାରୁ ବାପା ବଳଭଦ୍ର ପ୍ରତିବାଦ କରିଥିଲେ। ଫଳରେ ଉଭୟ ବାପ ପୁଅ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଅଭିଯୁକ୍ତ ପୁଅ ହୃଦାନନ୍ଦ ଟାଙ୍ଗିଆରେ ବାପା ବଳଭଦ୍ରକୁ ଆକ୍ରମଣ କରିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ବାପା ବଳଭଦ୍ରଙ୍କ ମୃତ୍ୟୁ ଘଟିଥିବା ଜାଣି ଅଭିଯୁକ୍ତ ପୁଅ ଘର ନିକଟରେ ଗାତ ଖୋଳି ମୃତଦେହ ପୋତି ଦେଇଥିଲା। ଘଟଣା ଜାଣିପାରି ମୃତ ବଳଭଦ୍ରଙ୍କ ପୁତୁରା ଅଜିତ ବେହେରାଙ୍କ ଅଭିଯୋଗ ଆଧାରରେ ବାରକୋଟ ଥାନା ପୁଲିସ ହତ୍ୟା



ମାମଲା ରୁଜୁ କରି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମାଟି ତଳୁ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ଲାଗି ପାଲଲହଡା ଡାକ୍ତରଖାନାକୁ ପଠାଇଥିଲା। ସାଇଣ୍ଟିଫିକ ଟିମ୍ ସହାୟତାରେ ଘଟଣାର ତଦନ୍ତ ଚଳାଇଛି।

# ରିଆମାଳରେ ମା' ଗଜଲକ୍ଷ୍ମୀ ପୂଜା

**ରିଆମାଳ, ୯।୧୦(ସମିସ):** ରିଆମାଳ ବ୍ଲକର ପ୍ରସିଦ୍ଧ ମା'ଗଜଲକ୍ଷ୍ମୀ ପୂଜା ଅବସରରେ ରିଆମାଳ ମହାଲକ୍ଷ୍ମୀ କଲ୍ୟାଣ ମଣ୍ଡପରେ ତୃତୀୟ ସନ୍ଧ୍ୟାରେ ପୁରୀର ଶ୍ରୀମନ୍ଦିର ଭଜନ ସନ୍ଧ୍ୟା ଦ୍ୱାରା ଭଜନ ସମାରୋହ କାର୍ଯ୍ୟକ୍ରମ ହୋଇଥିଲା।ଏହାପରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା।ମୁଖ୍ୟ ଉପଦେଷ୍ଟା ଅଧ୍ୟାପକ ଗୋଲବଦନ ବିଶ୍ୱାଳ ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମକୁ ସଭାପତି ବିରେନ୍ ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି କୌଶିକ ପ୍ରଧାନ, ସମାଜସେବୀ ତଥା ପୂର୍ବ ଜିଲ୍ଲା ବିଜେଡ଼ି ସଭାପତି ଇଂ ଚିତ୍ତରଞ୍ଜନ ପ୍ରଧାନ, ରିଆମାଳ ପୂର୍ବ ସରପଞ୍ଚ ତରଣୀସେନ ପ୍ରଧାନ, ରିଆମାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନିହାରକାନ୍ତ ମହାନ୍ତି, ଡିଗ୍ରୀ କଲେଜ ଅଧ୍ୟକ୍ଷ ଫକିର ମୋହନ ସାହୁ, ଅଧ୍ୟାପକ ବେଣୁଧର ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।ସମ୍ପାଦକ ତ୍ରିନାଥ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।ଏହା ପରେ ପୁରୀ ଟେନ୍ ଷ୍ଟାର ଡ୍ୟାନ୍ସ ଗ୍ରୁପ୍ ଦ୍ୱାରା ନୃତ୍ୟ ପରିବେଷଣ କରେ ଦର୍ଶକ ମତୁଆଲା ହୋଇଥିଲେ।ଆଜିର ସାଂସ୍କୃତିକ କାର୍ଯ୍ୟକ୍ରମରେ ମେଗା ଧାରାବାହିକ ସୁନା ଝିଅର ମୁଖ୍ୟ ଅଭିନେତ୍ରୀ ପ୍ରିୟା ଭୂମିକାରେ ଅଭିନୟ କରୁଥିବା ଅଭିନେତ୍ରୀ ଅଙ୍କିତା ମିଶ୍ରଙ୍କ ନୃତ୍ୟ ତାଳେ ତାଳେ ଦର୍ଶକ ନାଚି ଉଠିଥିଲେ। ସେହିପରି ଚତୁର୍ଥ ଦିନ ଅନ୍ନ ପ୍ରସାଦ ବଣ୍ଟନ କରାଯାଇ ଥିଲା। ଏହା ପରେ ସନ୍ଧ୍ୟାରେ ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ଚତୁର୍ଥ ସନ୍ଧ୍ୟାର ସାଧାରଣ ସଭାରେ ଅତିଥି ଭାବେ ଜିଲ୍ଲା ବିଜେପି ସଭାପତି ଅରୁଣ ସାହୁ ସମେତ ଅନ୍ୟ ଅତିଥିମାନେ ଯୋଗ ଦେଇଥିଲେ। ଯାଜପୁର ର କିଙ୍ଗ୍ ଡ୍ୟାନ୍ସ ଗ୍ରୁପ୍ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକ ଝୁମିଥିଲେ।




# ବିଶ୍ୱ ଦୃଷ୍ଟି ଦିବସ



**ଦେବଗଡ଼, ୯।୧୦(ସମିସ):** ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମ୍ମିଳନୀ କକ୍ଷରେ ଗୁରୁବାର ବିଶ୍ୱ ଦୃଷ୍ଟି ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ପ୍ରଭାତ ଓଝା, ଚକ୍ଷୁ ବିଭାଗର ବିଶେଷଜ୍ଞ ଡ.ଦୀପକ ମହାନ୍ତି, ଡ.ଅମ୍ରିତ ପ୍ରିତିମ ଶତପଥୀ, ଡିପିଏମ ସୁଶାନ୍ତ ପ୍ରହରାଜ ଉପସ୍ଥିତ ରହି ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ସହକାରୀ ଜନସ୍ୱାସ୍ଥ୍ୟ ଅଧିକାରୀ ଅମରେଶ ଶତପଥୀ ପରିଚାଳନା କରିଥିବା ବେଳେ ଅମୀୟ ସାହୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଏବଂ ନର୍ସିଂ ଛାତ୍ରୀମାନେ ଉପସ୍ଥିତ ଥିଲେ।

# ଦେବଗଡ଼ରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା; କଂଗ୍ରେସର ଆନ୍ଦୋଳନ ଚେତାବନୀ

**ଦେବଗଡ଼, ୯।୧୦(ସମିସ)**

ଜିଲ୍ଲାରେ ସମ୍ପ୍ରତି ଦେଖାଯାଇଥିବା ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାକୁ ନେଇ ଜିଲ୍ଲା କଂଗ୍ରେସ ଉଦ୍‌ବେଗ ପ୍ରକାଶ କରିବା ସହ ଏହାର ତୁରନ୍ତ ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ଜଣାପଡ଼ିଛି। ଆଜି ସନ୍ଧ୍ୟାରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ସଭାପତି ସେମ ହେମ୍ବ୍ରମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏ ନେଇ ଶ୍ରୀ ହେମ୍ବ୍ରମ ଘୋଷଣା କରିଛନ୍ତି। ଶ୍ରୀ ହେମ୍ବ୍ରମଙ୍କ ଅଭିଯୋଗ ଅନୁଯାୟୀ ଜିଲ୍ଲାରେ ମୋଟ ଡାକ୍ତର ସଂଖ୍ୟା ୨୧୧ ସ୍ଥାନରେ ୬୯ ଜଣ ରହିଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୭୯ ଏମବିବିଏସ ଡାକ୍ତରଙ୍କ ସ୍ଥାନରେ ମାତ୍ର ୯ ଜଣ, ୩୪ ବିଶେଷଜ୍ଞ ସ୍ଥାନରେ ୮ ଡାକ୍ତର ରହିଛନ୍ତି। ସେହିପରି ଅର୍ବାନ ହସ୍ପିଟାଲକୁ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାମଚଳା ଭାବେ ଚାଲୁ କରାଯାଇଛି। ଯଦି ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ୪ ଡାକ୍ତର, ୬ ନର୍ସ, ୪ ସଫେଇ କର୍ମଚାରୀ ଓ ୫ ସୁରକ୍ଷା କର୍ମୀଙ୍କୁ ନିଯୁକ୍ତି ଦିଆଯାଏ ତେବେ ମଧ୍ୟ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆ ଯାଇ ପାରିବ ବୋଲି ଶ୍ରୀ ହେମ୍ବ୍ରମ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ପୁଣି ଏହାକୁ କାର୍ଯ୍ୟକାରୀ କରିବାକୁ ସେମାନେ ଚାହିଁବା ପରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ରିପୋର୍ଟର କଣ ଯଥାର୍ଥତା ରହିଛି ବୋଲି ଜିଲ୍ଲା କଂଗ୍ରେସ ପ୍ରଶ୍ନ କରିଛି। ଏଥିସହ




ବାସ୍ତବିକ ସ୍ଥିତିକୁ ନେଇ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ସାଂସଦ ଅବଗତ ଥିବା ଏବଂ ଜିଲ୍ଲାର ତିନି ପ୍ରମୁଖ ରାଜନୈତିକ ଦଳର ସଭାପତି ଜିଲ୍ଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ସମାଧାନ ସମ୍ପର୍କିତ ଦାବିପତ୍ର ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ପ୍ରଦାନ କରିଥିବା ପ୍ରକାଶ କରିଥିଲେ। କଂଗ୍ରେସ ଜିଲ୍ଲାବାସୀଙ୍କ ଜୀବନ ସହ ରାଜ୍ୟ ସରକାର ଖେଳୁଥିବା ଅଭିଯୋଗ କରିଥିଲା। ଜିଲ୍ଲାରେ ଖାଲି ଥିବା ଡାକ୍ତର ପଦବୀ ପୂରଣ ସହ ଷ୍ଟାଫ ନର୍ସ ନିଯୁକ୍ତି କରିବା ଏବଂ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇବାକୁ ଦାବି ଉଠିଥିଲା। ଏଦିଗରେ ରାଜ୍ୟ ସରକାର ଏକ ସପ୍ତାହ ମଧ୍ୟରେ ପଦକ୍ଷେପ ନ ନେଲେ ଜିଲ୍ଲାରେ କଂଗ୍ରେସ ପକ୍ଷରୁ ବ୍ୟାପକ ଆନ୍ଦୋଳନ କରାଯିବ ଏବଂ କୌଣସି ଅପ୍ରୀତିକର ପରିସ୍ଥିତି ପାଇଁ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ପ୍ରକାଶ କରିଥିଲେ। ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ରେବତୀ ମୋହନ ପଟ୍ଟନାୟକ, ଶ୍ରୀତମ ସାହୁ, ସୁଶୀଲ ଗୁଡ଼ିଆ, ଆକାଶ ଦାଶ ଓ ଅଲେଖ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

**ଏକ ସପ୍ତାହ ମହଲତ ଦେଲା କଂଗ୍ରେସ**

**ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ**

# ପାରିବାରିକ ସମନ୍ୱୟର ସମାହାର ଗଜଲକ୍ଷ୍ମୀ ପୂଜା







## ଶକ୍ତି ନଗର

ବରଗଡ଼, ୯।୧୦(ସମିସ): ସ୍ଥାନୀୟ ଶକ୍ତିନଗର ୱାର୍ଡ ନମ୍ବର ୧୧ରେ ଗତ ୬ରୁ ୯ ତାରିଖ ପର୍ଯ୍ୟନ୍ତ ୪ଦିନ ବ୍ୟାପି ଗଜଲକ୍ଷ୍ମୀ ପୂଜା ଶକ୍ତିନଗର ପଡ଼ାବାସୀଙ୍କ ମଧ୍ୟରେ ପାରିବାରିକ ସୌହାର୍ଦ୍ଦ୍ୟ ଭିତରେ ସମାହିତ ହୋଇ ଯାଇଛି। ଶକ୍ତିନଗର ଗଜଲକ୍ଷ୍ମୀ ପୂଜା ବିଗତ ୨୭ ବର୍ଷ ହେବ ନିରବଚ୍ଛିନ୍ନ ଭାବେ ପାଳିତ ହୋଇ ଆସୁଛି। ଚଳିତ ବର୍ଷ ଗତ ୬ ତାରିଖ ଶତାଧିକ ଜନସାଧାରଣଙ୍କ ଦ୍ୱାରା କଳସ ଯାତ୍ରା ଓ ମାଁଙ୍କୁ ଆବାହନ ପୂଜା ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିନରେ ମାଁ ଗଜଲକ୍ଷ୍ମୀଙ୍କର ଉପଚାର ପୂଜା, ଲକ୍ଷ୍ମୀ ସହସ୍ରନାମ ଓ ଶ୍ରୀ ସୁକ୍ତ ହୋମ ଅନୁଷ୍ଠିତ ହୋଇଥିଲା। ସେହିପରି ଗତକାଲି ତୃତୀୟ ଦିବସରେ ମାଁଙ୍କ ଉପଚାର ପୂଜା, ବିଷ୍ଣୁ ସହସ୍ରନାମ ଓ ହୋମ ଯଜ୍ଞ ହୋଇଥିବା ବେଳେ ଆଜି ମାଁଙ୍କର ଉପଚାର ପୂଜା, ଚଣ୍ଡୀ ହୋମ, ଅଷ୍ଟଲକ୍ଷ୍ମୀ ପୂଜା, ପୂର୍ଣ୍ଣାହୁତି, କଳସ ବିସର୍ଜନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ କର୍ତ୍ତା ଭାବେ ପ୍ରକାଶ ରଥ ତାଙ୍କ ଧର୍ମପତ୍ନୀ ମୋନାଲିସା ରଥ କାର୍ଯ୍ୟନିର୍ବାହ କରିଥିଲେ। ପାର୍ଶ୍ୱ କର୍ତ୍ତା ଭାବେ ପର୍ଯ୍ୟାୟ କ୍ରମେ ତୁଳସୀ ଚରଣ ଦାଶ ଓ କମଳା ଦାଶ, ମାନିନୀ ଶତପଥୀ, ମନୋରଞ୍ଜନ ପୂଜାରୀ ଓ ନିବେଦିତା ପୂଜାରୀ, ଅଚ୍ୟୁତାନନ୍ଦ ମହାପାତ୍ର ଓ ଯଶସ୍ୱିନୀ ମହାପାତ୍ର, ଯୁଧିଷ୍ଠିର ଓ କ୍ରିଷ୍ଣା କୁମୋଦିନୀ, ଭୀଷ୍ମଦେବ ସରାଫ ଓ ସଂଘମିତ୍ରା ସରାଫ, ବିଭୂତି ଭୂଷଣ ଦାଶ ଓ ସୁପ୍ରୀଆ ଦାଶ, ଟିଙ୍କୁ ନନ୍ଦ ଓ ସାଗରିକା ନନ୍ଦ, ମାନସ ଚାନ୍ଦ ଓ ରେଣୁକା ଚାନ୍ଦ, ଜିବେଶ ନାଏକ ପ୍ରମୁଖ କାର୍ଯ୍ୟ ନିର୍ବାହ କରିଥିଲେ। ପଣ୍ଡିତ ନରେଶ ମିଶ୍ର, ପଣ୍ଡିତ ଅନନ୍ତ ଶତପଥୀ, ପଣ୍ଡିତ ଆନନ୍ଦ ଷଡଙ୍ଗୀ, ପଣ୍ଡିତ ବିଶ୍ୱନାଥ ଶତପଥୀ ଓ ସହଯୋଗୀ ରାଧେଶ୍ୟାମ ମହାପାତ୍ର ପ୍ରତ୍ୟେକ ଦିନ ପୂଜା କାର୍ଯ୍ୟ ତୁଲାଉଥିଲେ। ପ୍ରତ୍ୟେକ ଦିନ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷଣ କରାଯାଉଥିଲା। ଅତିଥି ଭାବେ ସାଂସଦ ପ୍ରଦୀପ ପୁରୋହିତ, ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନା, ପୌରପାଳିକା ଅଧ୍ୟକ୍ଷା କଳ୍ପନା ମାଝୀ, ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବାନନ୍ଦ ସାହୁ, କାଉନସିଲର ସୁନନ୍ଦା ପଣ୍ଡା, ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ବୃନ୍ଦ, ଜିଲ୍ଲାର ସମସ୍ତ ବିଚାରପତି ସପତ୍ନୀକ ମାଁ ଗଜଲକ୍ଷ୍ମୀଙ୍କ ପୂଜାରେ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ପ୍ରତିନିଧି, କଂଗ୍ରେସର ନେତା ବିଧାୟକ ପ୍ରାର୍ଥୀ ନିପନ ଦାଶ, ସୁରେଶ୍ୱର ଶତପଥୀ, ଡାକ୍ତର ଅରୂପା ନନ୍ଦ ସାହୁ, ଅକ୍ରୁର ମଲ୍ଲିକ ଓ ଆହୁରି ଅନେକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟପଡ଼ାରୁ ଆଗ୍ରହୀ ଶ୍ରଦ୍ଧାଳୁମାନେ ଶକ୍ତିନଗର ଗଜଲକ୍ଷ୍ମୀ ପୂଜାକୁ ଆସି ସଦସ୍ୟତା ଗ୍ରହଣ କରୁଥିବାରୁ ଦିନକୁଦିନ ଏହି ପୂଜା ସାର୍ବଜନୀନ ଗଜଲକ୍ଷ୍ମୀ ପୂଜା ଭାବେ ଲୋକପ୍ରିୟତା ଅର୍ଜନ କରିବାରେ ଲାଗିଛି। ପ୍ରତ୍ୟେକ ଦିନ ସଂଧ୍ୟାରେ ପ୍ରସାଦ ବିତରଣ ହୋଇଥିବା ବେଳେ ଆଜି ଅନ୍ତିମ ଦିବସରେ ଛପନ ଭୋଗ କରାଯାଇ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବିତରଣ କରାଯାଇଥିଲା। ଆୟୋଜନରେ ଉଦ୍ୟୋକ୍ତା ସତ୍ୟ ନାରାୟଣ ପଣ୍ଡା, ରାକେଶ ନାଏକ, ଟିଙ୍କୁ ନନ୍ଦ, ସଭାପତି ମାନସ ଚାନ୍ଦ, କୋଷାଧ୍ୟକ୍ଷ କ୍ଷୀରେନ୍ଦ୍ର ନାଏକ, ଗୋପାଳ ମେହେର, ଶୁଶାନ୍ତ ତ୍ରିପାଠୀ, ବିକାଶ ମହାପାତ୍ର, ରାଧେଶ୍ୟାମ ନାଏକ, ଆସୁତୋଷ ପ୍ରଧାନ, ଭୁବନ ଭୋଇ, ଅମିୟ ମିଶ୍ର, ମନିଷ ପଟ୍ଟନାୟକ, ପ୍ରଶନ୍ନ ମିଶ୍ର, ଦୀପକ ଦାଶ, ସଞ୍ଜୀବ ଦାଶ(ପପ୍ପୁ), ସତ୍ୟ କର, ବୈକୁଣ୍ଠ ରାଓ ପ୍ରମୁଖ ସହଯୋଗ କରିଥିଲେ। ସମ୍ପାଦକ ତୁଳସୀ ଚରଣ ଦାଶ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଡାଲବ ପଞ୍ଚାୟତ

ଭେଡେନ: ଭେଡେନ ବ୍ଲକ ଡାଲବ ଛକରେ ହେଉଥିବା ଗଜଲକ୍ଷ୍ମୀ ପୂଜା ପାଇଁ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ଗତ ୬ ତାରିଖରୁ ଆରମ୍ଭ ହୋଇଥି ପୂଜା ୧୦ ତାରିଖ ସମାପନ ହେବ। କଳସ ଯାତ୍ରାରୁ ଆରମ୍ଭ ହୋଇ କଳସ ସ୍ଥାପନ ପରେ ଅଙ୍କୁରରୋପଣ, ପାର୍ଶ୍ୱ ଦେବତା ପୂଜା, ମହାସ୍ନାନ, ମାଁଙ୍କ ଜୀବନ୍ୟାସ, ଗଜଲକ୍ଷ୍ମୀଙ୍କ ଚଉଷଠି ଉପଚାର ପୂଜା, ଦୁର୍ଗା ସହସ୍ର ନାମ, ଶିବ ସହସ୍ର ନାମ, ବିଷ୍ଣୁ ସହସ୍ର ନାମ ସହ ପ୍ରତ୍ୟେକ ଦିନ ମହା ଆଳତି ସହ ଅନ୍ୟାନ୍ୟ ପୂଜାକାର୍ଯ୍ୟ ଅନୁଷ୍ଠିତ ହେଉଛି। ଏଥିରେ ବିବେକା ପୁରୋହିତ ସପତ୍ନୀ କର୍ତ୍ତା କାର୍ଯ୍ୟ ତୁଲାଉଥିବା ବେଳେ ପଣ୍ଡିତ ବାପି ଦାସ, ତ୍ରିନାଥ ଦାସ ପୂଜାକାର୍ଯ୍ୟ ତୁଲାଉଛନ୍ତି। ଏହି ଅବସରରେ ପ୍ରତ୍ୟେକ ଦିନ ଅନ୍ନକୋଟ ସହ ଆଞ୍ଚଳିକ ଶିଶୁନୃତ୍ୟ, ଦେବେନ୍ଦ୍ର ସାହୁ, ମୁନିରାମ କୁମ୍ଭାର, ସସ୍ମିତା ସାହୁ, କିଶୋର ସାହୁ, ଶିଶିର ପୁରୋହିତ ପ୍ରମୁଖ କବିଙ୍କ କବି ସମ୍ମିଳନୀ ହୋଇଥିଲା। ସୁଧର୍ମା ଦାଶ, ନବୀନ ଭୁଏ, ବୁଲୁ ଶତପଥୀ, ରାସବିହାରୀ ଘିବେଲା, ବଳଦେବ ଭୁଏ, ପ୍ରଶାନ୍ତ ପଶାୟତଙ୍କ ସଂକୀର୍ତ୍ତନ ଧାରା, ଜୋସ୍ନାମୟୀ ଦୀକ୍ଷିତଙ୍କ ଭଜନ ସନ୍ଧ୍ୟା, ସୀତାରାମ ଭଜନ ସନ୍ଧ୍ୟା ଆଦି ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରିଚାଳନାରେ ସମସ୍ତ ବ୍ୟବସାୟୀ, ଗ୍ରାମବାସୀ ଓ ପରିଚାଳନା କମିଟି ସଦସ୍ୟ ସହଯୋଗ କରୁଛନ୍ତି।

## ପେଟୁପାଲି

ଘେଁସ: ବରଗଡ଼ ଜିଲ୍ଲା ସୋହେଲା ବ୍ଲକ ଅଧୀନ ପେଟୁପାଲି ଗାଁରେ ଗଜଲକ୍ଷ୍ମୀ ପୂଜା ୩୪ ବର୍ଷର ଐତିହ୍ୟ ନେଇ ଚାଲୁଛି। ଏହି ପ୍ରସିଦ୍ଧ ପୂଜା ଗାଁର ସାମୁଦାୟିକ ଏକତା, ଭକ୍ତିଭାବ ଓ ସଂସ୍କୃତିକ ଐଶ୍ୱର୍ଯ୍ୟର ପ୍ରତୀକ ହୋଇଉଠିଛି। ମାଁ ଗଜଲକ୍ଷ୍ମୀଙ୍କ ପାଇଁ ସଜାଯାଇଥିବା ଆକର୍ଷଣୀୟ ମଞ୍ଚ ଏବଂ ଆଲୋକିତ ମଣ୍ଡପ ଦୂର ଦୂରାନ୍ତରୁ ଆସୁଥିବା ଭକ୍ତମାନଙ୍କୁ ଆକର୍ଷିତ କରୁଛି। ଗୌର ମେହେର ଓ ତାଙ୍କ ଧର୍ମପତ୍ନୀ ପୁଷ୍ପାଞ୍ଜଳି ମେହେର ଏବର୍ଷ ପୂଜା କର୍ତ୍ତା ଦାୟିତ୍ୱ ଗ୍ରହଣ କରିଛନ୍ତି। ପଣ୍ଡିତ ଟିକେଶ୍ୱର ମହାପାତ୍ରଙ୍କ ନେତୃତ୍ୱରେ ବହୁ ପଣ୍ଡିତ ମିଶି ପାଞ୍ଚ ଦିନିଆ ଉତ୍ସବରେ ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପାଦନ କରୁଛନ୍ତି। ନୀତିନିଷ୍ଠା, ମନୋକାମନା ଓ ଭକ୍ତିର ସହିତ ମାଁଙ୍କ ପୂଜା ହେଉଥିବା ବେଳେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଛି। ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ହେଉଛି। ବିଶେଷତଃ 'କଳାସୁର ଦରବାର' ନାଟକ ଅଞ୍ଚଳବାସୀ ମଧ୍ୟରେ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। ନାଟକରେ ବରିଷ୍ଠ କଳାକାର ଆର୍ତ୍ତତ୍ରାଣ ସୁନାନୀଙ୍କ ସହିତ ଅନ୍ୟ କଳାକାର ନିଜ ଅଭିନୟ ମାଧ୍ୟମରେ ସମାଜିକ ବାର୍ତ୍ତା ଦେଉଛନ୍ତି। ମୀନାବଜାର, ଖାଦ୍ୟ ପସରା, ମେଳା ଖେଳ ଓ ଆଲୋକ ସଜାଣି ଦୃଶ୍ୟ ଗାଁକୁ ଆଲୋକିତ କରିଦେଇଛି। ପୂଜା ଉପଲକ୍ଷେ ଗାଁରେ ସାମାଜିକ ସହଯୋଗର ଅଦ୍ଭୁତ ଉଦାହରଣ ଦେଖାଯାଉଛି। ପୂଜା କମିଟି ସଭାପତି ସୁଶାନ୍ତ ଦିଶ୍ରୀ, ଉପସଭାପତି କୁଞ୍ଜବିହାରୀ ପଧାନ, ସମ୍ପାଦକ ମିନିକେତନ ବାରିକ, ସହ ସମ୍ପାଦକ ଦୁର୍ଗାମାଧବ ସେନାପତି, କୋଷାଧ୍ୟକ୍ଷ ମିତ୍ରଭାନୁ ବାରିକ, ସହ କୋଷାଧ୍ୟକ୍ଷ କ୍ଷୀରେଶ୍ୱର ଚୌହାନ ଓ ଅନ୍ୟ ସଦସ୍ୟମାନେ ପରିଚାଳନାରେ ନିଯୁକ୍ତ ରହିଛନ୍ତି। ବିଜେପୁର ସମ୍ବାଦ ପ୍ରତିନିଧି ସୁନୀଲ ମିଶ୍ର ଏବଂ ଘେଁସ ସକାଳ ପ୍ରତିନିଧି ସୁମନ୍ତ ମେହେର ଉପସ୍ଥିତ ଥିଲେ। ମାଁ ଗଜଲକ୍ଷ୍ମୀଙ୍କ ଆଶୀର୍ବାଦରେ ସମସ୍ତ ଗାଁ ଆନନ୍ଦ, ଶାନ୍ତି ଓ ସମୃଦ୍ଧିର ସନ୍ଦେଶ ନେଇ ଉତ୍ସବମୁଖର ହୋଇଉଠିଛି।

## ଡାଙ୍ଗ ନଦୀପଡ଼ା

ବରଗଡ଼: ଚଳିତବର୍ଷ ୨୨ତମ ବର୍ଷରେ ପଦାର୍ପଣ କରିଥିବା ଡାଙ୍ଗ ନଦୀପଡ଼ାର ଗଜଲକ୍ଷ୍ମୀ ପୂଜା ୩ଦିନ ଧରି ପାଳିତ ହୋଇ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ତୁଳସୀ ଗହୀର ଓ ମୋହିନୀ ଗହୀରଙ୍କ ସମେତ ଆଉ ସାତ ଯୋଡି କର୍ତ୍ତା ଯୋଗ ଦେଇଥିଲେ। ପଣ୍ଡିତ ଲିଙ୍ଗରାଜ ଦାଶ, ସୁଶାନ୍ତ ଦେବତା, ଗୌରଚନ୍ଦ୍ର ପାଣିଗ୍ରାହୀ ଓ ରଜତ ପଣ୍ଡା ପୁରୋହିତ କାର୍ଯ୍ୟ ସମ୍ପାଦନ କରିଥିଲେ। ଶେଷଦିନ ସର୍ବସାଧାରଣଙ୍କ ନିମନ୍ତେ ଅନ୍ନକୋଟର ବ୍ୟବସ୍ଥା କରାଯାଇଥିଲା। ପୂଜା କମିଟିର ସଭାପତି ବିକି ଭୋଇ ଓ ସମ୍ପାଦକ ଭୁବନ ସାହୁଙ୍କ ନେତୃତ୍ୱରେ ତଥା ପଡ଼ାବାସୀଙ୍କ ସହଯୋଗରେ ପୂଜାକାର୍ଯ୍ୟ ଶାନ୍ତିଶୃଙ୍ଖଳାର ସହିତ ସମାପନ ହୋଇଥିଲା।

## ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟାଦେଶ ବଣ୍ଟନ

ଝାରବନ୍ଧ, ୯।୧୦(ସମିସ): ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ଗ୍ରାମାଞ୍ଚଳରେ ଅନ୍ତୋଦୟ ଗୃହ ଯୋଜନା ପାଇଁ ହିତାଧିକାରୀ ଚୟନ ହୋଇଛି। ଏହି ପରିପ୍ରେକ୍ଷୀରେ ଝାରବନ୍ଧ ବ୍ଲକର ଝାରବନ୍ଧ ପଞ୍ଚାୟତର ହିତାଧିକାରୀଙ୍କୁ ଆଜି ସରପଞ୍ଚ ଚନାବୁଟୁ ବଞ୍ଜାରା ଗୃହ ନିର୍ମାଣ ପାଇଁ ୨ ଜଣଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି। ପଞ୍ଚାୟତର ବିଭିନ୍ନ ଗାଁର ହାରାହାରି ୧୬ ଜଣଙ୍କୁ କାର୍ଯ୍ୟାଦେଶ ଦେବାର ସୂଚନା ରହିଛି। ବଣ୍ଟନ ସମୟରେ ଏଡିଇଓ ଅରବିନ୍ଦ ସାହୁ, ପିଇଓ ଉପେନ୍ଦ୍ର ପ୍ରଧାନ, ଯୋଗାଣ ସହାୟକ ବମଲେଶ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ଖୋଖୋ, କବାଡ଼ି ଖେଳାଳି ଚୟନ ପ୍ରତିଯୋଗିତା

ଅତାବିରା, ୯।୧୦(ସମିସ): ଅତାବିରା ବ୍ଲକସ୍ତରୀୟ ଖୋଖୋ, କବାଡି ଖେଳାଳି ଚୟନ ପ୍ରତିଯୋଗିତା ଅତାବିରା ସରକାରୀ ବାଳକ ହାଇସ୍କୁଲ ଖେଳ ପଡ଼ିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କ୍ରୀଡା ସମ୍ପାଦକ ସୁଦୀପ୍ତ ସାହୁଙ୍କ ସଂଯୋଜନାରେ ବିଇଓ ମିଶ୍ରାଣୀ କୁମ୍ଭାର ଚୟନ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସଭାରେ ପୂର୍ବତନ ଆଇପି ତଥା ଲହଣ୍ଡା ହାଇସ୍କୁଲ ଖେଳ ଶିକ୍ଷକ ତ୍ରିଲୋକ୍ୟ ନାୟକ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ଭେନ୍ୟୁ ସ୍କୁଲ ପ୍ରଧାନଶିକ୍ଷକ ମନୋଜ ହରପାଲ ଚୟନ ପ୍ରକ୍ରିୟାର ଧାରା ବିବରଣୀ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଖେଳ ଶିକ୍ଷକ ଲବ ସାହୁ, କିଶୋର ଚନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ସମୁଦାୟ ୨୬୯ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ସିନିୟର ବିଭାଗରେ ୧୩୯ ଜଣ ଛାତ୍ରଛାତ୍ରୀ ଓ ଜୁନିୟର ବିଭାଗରେ ୧୩୦ ଜଣ ଛାତ୍ରଛାତ୍ରୀ ରହିଥିଲେ। ସମୁଦାୟ ୯୬ ଜଣ ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। ଖେଳ ଶିକ୍ଷକ ଶିକ୍ଷୟିତ୍ରୀ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## କବିତା ଦର୍ଜୀଙ୍କ ପରଲୋକ



ବରଗଡ଼, ୯।୧୦(ସମିସ): ବରଗଡ଼ ସହରର ସୁପ୍ରିୟା ମାର୍ଗ ନିବାସୀ କବିତା ଦର୍ଜୀ (୫୬)ଙ୍କ ହୃଦଘାତରେ ମୃତ୍ୟୁ ଘଟିଛି। ସେ ତାଙ୍କ ସ୍ୱାମୀ ଗୋବିନ୍ଦ ଦର୍ଜୀ, ପୁଅ ସୁମେତ ଓ ସୁଜିତ ଦର୍ଜୀ, ପୁତ୍ରବଧୂ ଓ ନାତିଙ୍କୁ ଛାଡି ଯାଇଛନ୍ତି। ଶେଷଦର୍ଶନ ପାଇଁ ବରିଷ୍ଠ ନାଗରିକ ସଂଘର ସଦସ୍ୟ କେଦାର ମିଶ୍ର, ସାମ୍ବାଦିକ ସଞ୍ଜୀବ ମହାପାତ୍ର, ଡାକ୍ତର ଅଜିତ ଦର୍ଜୀ ତଥା ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ। ତାଙ୍କ ମୃତ୍ୟୁରେ ପଡ଼ାବାସୀମାନେ ଗଭୀର ଶୋକ ପ୍ରକାଶ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସହାନୁଭୂତି ଜଣାଇଛନ୍ତି। ବଡପୁଅ ସୁମେତ ମୁଖାଗ୍ନି ଦେଇଥିଲେ।

## ଗୋପବନ୍ଧୁ ଦାସଙ୍କ ଜୟନ୍ତୀ



ବରଗଡ଼, ୯।୧୦(ସମିସ): ଦୁଃଖୀ ଦରିଦ୍ରଙ୍କ ବନ୍ଧୁ ଓ ଅସହାୟର ସହାୟ ଥିଲେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ। ଉତ୍କଳମଣିଙ୍କ ଜୟନ୍ତୀ ରାଣାପ୍ରତାପ ସ୍କୁଲ ଠାରେ ଭାରତୀ ଶିଶୁ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଗୁରୁବାର ପାଳିତ ହୋଇଯାଇଛି। ଶିଶୁ ସାହିତ୍ୟ ସଂସଦର ଅଧ୍ୟକ୍ଷା ଛାତ୍ରୀ ଧରିତ୍ରୀ ରାଉତଙ୍କ ଅଧ୍ୟକ୍ଷତାରେ ଓ ସମ୍ପାଦିକା ଛାତ୍ରୀ ଶାଳିନି ସାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଧାନଶିକ୍ଷକ ସୁଦୀପ ରଥ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷକ ଅଭିଭାବକ ସଂଘ ସଦସ୍ୟ ସୁଦର୍ଶନ ବାରିକ, ଆଲୁମ୍ନି କମିଟି ସଦସ୍ୟ କପିଳ ବାଗ ପ୍ରମୁଖ ଯୋଗ ଦେଇ ଗୋପବନ୍ଧୁଙ୍କୁ ଅସହାୟର ସହାୟ ଓ ଦୁଃଖୀ ଦରିଦ୍ରଙ୍କ ବନ୍ଧୁ ଥିଲେ ବୋଲି ଅଭିହିତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ଗୋପବନ୍ଧୁଙ୍କ ଜୀବନୀ ଆଧାରିତ ବକ୍ତୃତା ଓ କବିତା ପାଠ କରିଥିଲେ। ସଂସଦର ଉପଦେଷ୍ଟା ଶିକ୍ଷକ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ୍ ଅର୍ପଣ କରିଥିଲେ।

## କୈଳାସ ରଣାଙ୍କ ପରଲୋକ

ଦହିତା, ୯।୧୦(ସମିସ): ଦହିତା ଗାଁର ସଂଗଠନ ପ୍ରେମୀ କୈଳାସ ରଣାଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୫ ବର୍ଷ ବୟସ ହୋଇଥିଲା। ସେ କିଛିଦିନ ଧରି ଚିକିତ୍ସିତ ହେଉଥିଲେ। ହେଲେ ଗତ ବୁଧବାର ରାତିରେ ତାଙ୍କର ପରଲୋକ ହୋଇଛି। ତାଙ୍କ ପଛରେ ପତ୍ନୀ, ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀଙ୍କୁ ଛାଡି ଯାଇଛନ୍ତି। ଗାଁର ଶ୍ମଶାନଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସେ ଜଣେ ସଂଗଠନ ପ୍ରେମୀ ବ୍ୟକ୍ତି ଥିଲେ। ୧୯୯୦ ରୁ ୨୦୦୦ ପର୍ଯ୍ୟନ୍ତ ଦୁର୍ଗାପୂଜା କମିଟିର ସଦସ୍ୟ, ଦହିତା ବୁଦ୍ଧ ଦେବ ମେହେର କଲେଜର ପ୍ରତିଷ୍ଠାତା ସଦସ୍ୟ, ଭାରତୀୟ ଜନତା ପାର୍ଟିର ଜଣେ ସକ୍ରିୟ କାର୍ଯ୍ୟକର୍ତ୍ତା, ଗଙ୍ଗାଧର ମେହେର ସରକାରୀ ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟିର ଚେୟାରମ୍ୟାନ ପଦରେ ଅଧିଷ୍ଠିତ ଥିଲେ। ତାଙ୍କ ବିୟୋଗରେ ସୁରେନ୍ଦ୍ର ପାଣିଗ୍ରାହୀ, ନେତାଜୀ କ୍ଲବ୍‌ର ସଭାପତି ସରୋଜ ପାଣିଗ୍ରାହୀ, ଜିଲ୍ଲା ପରିଷଦ ସଦସ୍ୟ ମକରଧ୍ୱଜ ବଗାର, ପ୍ରମୋଦ ମେହେର, ସଞ୍ଜୟ ସାହୁ ପ୍ରମୁଖ ଶୋକ ବ୍ୟକ୍ତ କରିଥିଲେ। ତାଙ୍କ ବିୟୋଗରେ ଗାଁରେ ଶୋକର ଛାୟା ଖେଳିଯାଇଛି।

## ଅଗ୍ନିଶମ ବିଭାଗର ବିଦ୍ୟୁତ୍ କାର୍ଯ୍ୟାଳୟରେ ମକ୍‌ଡ୍ରିଲ



ଝାରବନ୍ଧ, ୯।୧୦(ସମିସ): ଝାରବନ୍ଧ ଅଗ୍ନିଶମ ବିଭାଗ ତରଫରୁ ଝାରବନ୍ଧ ବିଦ୍ୟୁତ୍ କାର୍ଯ୍ୟାଳୟ ପରିସରରେ ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇବା ସହ କାର୍ଯ୍ୟରତ ସମୟରେ ନିଜେ ସଚେତନ ହୋଇ କିପରି ସୁରକ୍ଷିତ ଭାବେ କାର୍ଯ୍ୟ ସମ୍ପାଦନ କରିବା ତଥା ନିଆଁକୁ କିପରି ଆୟତ୍ତ କରିବା, କିପରି ଗ୍ୟାସ ଛାଡିବା ଏବଂ ଆନ୍ୟାନ୍ୟ ଆନୁଷଙ୍ଗିକ ସାବଧାନତା ବିଷୟରେ ସମସ୍ତ ବିଦ୍ୟୁତ୍ କର୍ମଚାରୀଙ୍କୁ ନେଇ ତାଲିମ ପ୍ରଦାନ କରାଯାଇଛି।

## ୫ ଶ୍ରେଣୀକୁ ଜଣେ ଶିକ୍ଷକ

ବରଗଡ଼, ୯।୧୦(ସମିସ): ଫୁଲାପାଲି ରଙ୍ଗାଟିକ୍ରା ଗ୍ରାମବାସୀ ଗୁରୁବାର ବରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ବରପାଲି ବ୍ଲକ ଫୁଲାପାଲି ରଙ୍ଗାଟିକ୍ରା ଗାଁରେ ଥିବା ପ୍ରାଥମିକ ବିଦ୍ୟାଳୟରେ ୩୦ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ଜଣିଏ ଶିକ୍ଷକ ରହିଛନ୍ତି। ପ୍ରଥମରୁ ପଞ୍ଚମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ସେହି ଜଣିଏ ହିଁ ପାଠ ପଢ଼ାଉଛନ୍ତି। ଏପରିସ୍ଥଳେ ଆଉ ଜଣେ ଶିକ୍ଷକ ବିଦ୍ୟାଳୟରେ ନିଯୁକ୍ତି କରାଯାଉ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି। ଜିଲ୍ଲାପାଳ ଆଦିତ୍ୟ ଗୋୟଲ୍ ଏଦିଗରେ ତୁରନ୍ତ ଦୃଷ୍ଟି ଦେଇ ଆଉ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

## ରାବଣ ଦରବାର ଉଦ୍‌ଯାପିତ



ଦହିତା, ୯।୧୦(ସମିସ): ପଦ୍ମପୁର ଉପଖଣ୍ଡ ଦହିତାରେ ଚାଲିଥିବା ରାମଲୀଳା ରାବଣ ଦରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସୀତା ଚୋରି, ସୂର୍ପଣଖା ନାସା ଛେଦନ, ଲଙ୍କା ଦହନ, କୁମ୍ଭକର୍ଣ୍ଣ ବଧ, ଇନ୍ଦ୍ରଜିତ ବଧ ଏବଂ ରାବଣପୋଡି ଉତ୍ସବ ଅନୁଷ୍ଠିତ ହୋଇଛି। ରାବଣ ଭୂମିକାରେ ଖ୍ୟାତାନାମା କଳାକାର ଆଶ୍ରମ ଖମାରୀଙ୍କ ଅଭିନୟ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ରାବଣ ଦରବାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ମକରଧ୍ୱଜ ବଗାର, ଦୁର୍ଗାପୂଜା କମିଟିର ମୁଖ୍ୟ ଆୟୋଜକ ସରୋଜ ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ କୋଷାଧ୍ୟକ୍ଷ ନିତେଶ ବାଗ, ଲକ୍ଷ୍ମୀକାନ୍ତ ମେହେର, ଦେବ ମେହେର, ପ୍ରଦୀପ ମେହେର, କିଶୋର ଭୋଇ, ଚିତ ପାଣ୍ଡେ, ବାସୁଦେବ ପାଣିଗ୍ରାହୀ, ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ଷଡଙ୍ଗୀ, ପଦ୍ମନ ବରିହା, ସଞ୍ଜୟ ସାହୁ, ସୁମନ୍ତ ପାଣିଗ୍ରାହୀ, ବାବୁଲାଲ ପଟେଲ, ଚନ୍ଦ୍ରଭାନୁ ମେହେର, ଶିଶୁପାଳ ହୋତା ଏବଂ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସୁବଳ ସାହୁ ପରିଚାଳନା କରିଥିଲେ। ରାତ୍ରରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଁ ମେଲୋଡି ଅର୍କେଷ୍ଟ୍ରା ସୋନପୁର ଏବଂ ମହିଳା ଦଣ୍ଡନୃତ୍ୟ, ଭଜନ ସନ୍ଧ୍ୟା ସ୍ୱପ୍ନାରାଣୀ ଯୋଶୀ, ଝୁମସରିତା ମହିଳା ଦଣ୍ଡନୃତ୍ୟ କେର୍ମେଲି ପ୍ରଭୃତି ପରିବେଶିତ ହୋଇଥିଲା।

### ରାସ୍ତା ନିର୍ମାଣ ପାଇଁ ଧାରଣା

## ପ୍ରତିଶ୍ରୁତି ପରେ ଓହରିଲେ ଆନ୍ଦୋଳନକାରୀ

ବରଗଡ଼, ୯।୧୦(ସମିସ)



ବରଗଡ଼ ପ୍ରାଇଭେଟ ବସଷ୍ଟାଣ୍ଡରୁ ରେଲୱେ ଷ୍ଟେସନ ରୋଡ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ରହିଛି। ଗଣେଶ ମନ୍ଦିର ଠାରୁ ରେଲୱେ ଷ୍ଟେସନକୁ ଯାଇଥିବା ରାସ୍ତାରେ ଆଣ୍ଠୁଏ ଗଭୀର ଖାଲ ଥିବାବେଳେ ସନ୍ଧ୍ୟା ହେଲା ମାତ୍ରେ ଉଭୟ ରାସ୍ତା ସମ୍ପୂର୍ଣ୍ଣ ଅନ୍ଧକାର ହୋଇଥାଏ। ଭେଡେନ ବରଗଡ଼ ଦୁଇ ଥାକିଆ ରାସ୍ତା ନିର୍ମାଣ ହୋଇଥିଲେ ସୁଦ୍ଧା ସହରର ପ୍ରାଇଭେଟ୍ ବସଷ୍ଟାଣ୍ଡ ଠାରୁ ମିଶନ ହସ୍ପିଟାଲ, ରେଲୱେ ଷ୍ଟେସନ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଅଟକିଛି। ଯଦ୍ୱାରା ଜନସାଧାରଣଙ୍କ ଯିବା ଆସିବା ପାଇଁ ନାହିଁ ନଥିବା ଅସୁବିଧା ହେଉଛି। ଏ ସବୁ ସମସ୍ୟାକୁ ନେଇ ପଡ଼ାବାସୀ ଗୁରୁବାର ଶାନ୍ତିପୂର୍ଣ୍ଣ ଭାବେ ରାସ୍ତା ଅବରୋଧ କରିଥିଲେ। ଗଣେଶ ମନ୍ଦିରରେ ରେଲୱେ ଷ୍ଟେସନ ଏବଂ ପ୍ରାଇଭେଟ୍ ବସଷ୍ଟାଣ୍ଡ ଠାରୁ ମିଶନ ହସ୍ପିଟାଲ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ରାସ୍ତା ଅବରୋଧ ହୋଇଥିଲା। ଭାବିଥିଲେ କୌଣସି ପ୍ରଶାସନିକ ଅଧିକାରୀ ଆସି ଆଲୋଚନା କରିବେ ହେଲେ କେହି ପହଞ୍ଚିବା ପୂର୍ବରୁ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ପହଞ୍ଚି ସମସ୍ତ ସମସ୍ୟା ଗୁଡିକ ଶୁଣିଥିଲେ। ପଡ଼ାବାସୀଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ୨ ମାସ ଭିତରେ ରାସ୍ତା କାର୍ଯ୍ୟ କରାଯିବ ଏବଂ ରାସ୍ତା ପାର୍ଶ୍ୱରେ ଉଚ୍ଚ ଶକ୍ତି ସମ୍ପନ୍ନ ଲାଇଟ୍‌ର ବି ବ୍ୟବସ୍ଥା କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନକାରୀ ରାସ୍ତାରୋକରୁ ଓହରି ଥିଲେ।

### ● ସୁପ୍ରିୟା ସ୍ମାରକୀ ଆନ୍ତଃ କ୍ଲବ୍ ନକଆଉଟ୍ ଫୁଟବଲ ପ୍ରତିଯୋଗିତା

## ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ବଲିଟିକ୍ରା ବିଜୟୀ



ବରଗଡ଼, ୯।୧୦(ସମିସ): ବରଗଡ଼ ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଜିଲ୍ଲା ଆନ୍ତଃ କ୍ଲବ୍ ନକଆଉଟ୍ ଫୁଟବଲ ପ୍ରତିଯୋଗିତାର ଆଜି ପ୍ରି କ୍ୱାର୍ଟର ଫାଇନାଲ ମ୍ୟାଚ୍ ହୋଇଯାଇଛି। ଆଜିର ମ୍ୟାଚ୍‌ରେ ବଲିଟିକ୍ରା ଦଳ, ଗର୍ଭନା ଦଳକୁ ୧-୦ ଗୋଲରେ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଆଜି ବଲିଟିକ୍ରା ଦଳ ଆକ୍ରମଣ ଜାରି ରଖି ମ୍ୟାଚ୍‌କୁ ୧-୦ ଗୋଲରେ ଜିତି ନେଇଥିଲା। ଦଳ ପକ୍ଷରୁ ବିକାଶ ବେହେରା ଏକମାତ୍ର ଗୋଲଟି ଦେଇଥିଲେ। ମ୍ୟାଚ୍‌କୁ ପଞ୍ଚାନନ ପାତ୍ର ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ସନ୍ତୋଷ ପ୍ରଧାନ, ସନ୍ତୋଷ ପଟେଲ ସହଯୋଗ କରିଥଲେ। ଚତୁର୍ଥ ରେଫରୀ ଥିଲେ ଅନିଲ ସାହୁ। ମ୍ୟାଚ୍ ପରେ ବଲିଟିକ୍ରା ଦଳର ମଳୟ ସୁନାଙ୍କୁ ହେମନ୍ତ ଭୋଇ, ସମୀର ଭୁଏ ଅତିଥି ଭାବେ ଯୋଗଦେଇ ପୁରସ୍କୃତ କରିଥିଲେ।

## ନୂଆପଡ଼ା ଉପନିର୍ବାଚନ ପାଇଁ ସର୍ବଦଳୀୟ ବୈଠକ

ଭୁବନେଶ୍ୱର, ୯।୧୦(ସମିସ): ନଭେମ୍ବର ୧୧ ତାରିଖରେ ହେବାକୁ ଥିବା ନୂଆପଡ଼ା ଉପନିର୍ବାଚନ ପରିପ୍ରେକ୍ଷୀରେ ସବୁ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍. ଏସ୍. ଗୋପାଳନ ରାଜନୈତିକ ଦଳମାନଙ୍କୁ ନିଜ ତାରକା ପ୍ରଚାରକଙ୍କ ତାଲିକା ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ଗୋପାଳନ କହିଲେ ଯେ ଚଳିତ ଉପନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସବୁ ପ୍ରକାର ବନ୍ଦୋବସ୍ତ କରାଯାଇଛି। ଚଳିତ ବର୍ଷ ଭାରତ ନିର୍ବାଚନ ଆୟୋଗଙ୍କ ମାର୍ଗଦର୍ଶିକା ଅନୁଯାୟୀ ପ୍ରତି ବୁଥ୍‌ରେ ଭୋଟର ସଂଖ୍ୟା ୧୨୦୦ ମଧ୍ୟରେ ସୀମିତ କରାଯାଇଛି। ଚୂଡ଼ାନ୍ତ ଭୋଟର ତାଲିକାରେ ୨,୫୩,୬୨୪ ଜଣ ରହିଥିବା ବେଳେ ତନ୍ମଧ୍ୟରେ ୧,୨୪,୧୦୮ ଜଣ ପୁରୁଷ ଭୋଟର, ୧,୨୯,୪୯୫ ଜଣ ମହିଳା, ୨୧ ଜଣ ତୃତୀୟ ଲିଙ୍ଗ ଭୋଟର ରହିଥିବା ବେଳେ ୯,୪୨୯ ଜଣ ଯୁବ ଭୋଟର, ୩୯୮୮ ଜଣ ଦିବ୍ୟାଙ୍ଗ ଭୋଟର ଏବଂ ୧୭୮୬ ଜଣ ବରିଷ୍ଠ ଭୋଟର (୮୫ ବର୍ଷରୁ ଉର୍ଦ୍ଧ୍ୱ) ରହିଛନ୍ତି। ଅନ୍ୟପକ୍ଷରେ ଉପନିର୍ବାଚନ ତାରିଖ ଘୋଷଣା ସହ ଆଦର୍ଶ ଆଚରଣବିଧି ଲାଗୁ ହୋଇଥିବାରୁ ବୈଦ୍ୟୁତିକ, ମୁଦ୍ରଣ ଓ ସାମାଜିକ ଗଣମାଧ୍ୟମ ଏବଂ ୱେବ୍‌ମିଡିଆ ସମେତ ସିନେମାହଲ୍, ରେଡିଓ, ପୋଷ୍ଟର ଓ ହୋର୍ଡିଂ ଆଦି ଜରିଆରେ ବିଜ୍ଞାପନ ଜାରି ପୂର୍ବରୁ ଆୟୋଗଙ୍କ ଅନୁମତି ଜରୁରୀ ଅଟେ। ଏଥି ସହିତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ଅପରାଧିକ ସମ୍ପୃକ୍ତି ନେଇ ଘୋଷଣାନାମା ମୁଦ୍ରିତ ଗଣମାଧ୍ୟମରେ ପ୍ରକାଶ କରିବା ସହ ଆୟୋଗଙ୍କୁ ଏ ବାବଦରେ ଅବଗତ କରାଇବା ବାଧ୍ୟତାମୂଳକ କରାଯାଇଛି। ଦଳ ଓ ପ୍ରାର୍ଥୀଙ୍କ ଖର୍ଚ୍ଚର ବିବରଣୀ, ତାରକା ପ୍ରଚାରକଙ୍କ ତାଲିକା ଏବଂ ଆଦର୍ଶ ଆଚରଣ ବିଧିର ସଠିକ୍ ଅନୁପାଳନ ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା।

■ **ସୂଚନାଧିକାର ଆଇନରେ ତଥ୍ୟ ପ୍ରଦାନରେ ଅବହେଳା**

## ୫୦ହଜାର ଟଙ୍କା ଦଣ୍ଡ ଗଣିବେ ଭଦ୍ରକ ତହସିଲଦାର: ହାଇକୋର୍ଟ

କଟକ, ୯।୧୦ (ସମିସ): ସୂଚନାଧିକାର ଆଇନ ଅନୁସାରେ ଆବେଦନକାରୀ ମାଗିଥିବା ତଥ୍ୟ ପ୍ରଦାନରେ ଅବହେଳା ପ୍ରଦର୍ଶନ ଓ ଏହି ମର୍ମରେ ରାଜ୍ୟ ସୂଚନା କମିସନଙ୍କ ଆଦେଶକୁ ଚାଲେଞ୍ଜ କରି ଦାୟର ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏଭଳି ଅବହେଳା ପାଇଁ ଆବେଦନକାରୀଙ୍କୁ ୫୦ ହଜାର ଟଙ୍କା ଭଦ୍ରକ ତହସିଲଦାର ଆସନ୍ତା ଡିସେମ୍ବର ୯ ତାରିଖ ସୁଦ୍ଧା ପଇଠ କରିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହେମନ୍ତ ନାୟକଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଭି.ନରସିଂହ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅନ୍ୟପଟରେ ରାଜ୍ୟ ସୂଚନା କମିସନଙ୍କ ଆଦେଶକୁ ଖାରଜ କରିଛନ୍ତି ଅଦାଲତ।

ଆବେଦନକାରୀ ଗତ ୨୦୧୭ ମସିହାରେ ଏକ ସରକାରୀ ଜଳାଶୟ ଜବରଦଖଲ ପ୍ରସଙ୍ଗରେ ମୁଖ୍ୟ ସଚିବଙ୍କୁ ପତ୍ର ଲେଖିଥିଲେ। ପରେ ରାଜସ୍ୱ ବିଭାଗ ସଚିବ ଭଦ୍ରକ ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ଭଦ୍ରକ ତହସିଲଦାରଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଆବେଦନକାରୀ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ କିଛି ତଥ୍ୟ ନପାଇ ଭଦ୍ରକ ତହସିଲଦାରଙ୍କୁ ସୂଚନାଧିକାର ଆଇନରେ ତଥ୍ୟ ମାଗିଥିଲେ। ତଥ୍ୟ ଉପଲବ୍ଧ ନଥିବା ନେଇ ପ୍ରଥମ ଅପିଲରେ ଦର୍ଶାଯିବା ପରେ ସୂଚନା କମିସନରେ ଦ୍ୱିତୀୟ ଅପିଲ ଦାୟର କରିଥିଲେ। ଏଭଳି କିଛି ଆବେଦନ ହୋଇନଥିବା ଦର୍ଶାଇ ଭଦ୍ରକ ତହସିଲ ପିଆଇଓଙ୍କ ପକ୍ଷରୁ ଦିଆଯାଇଥିବା ତଥ୍ୟ ଆଧାରରେ ମାମଲାକୁ ଖାରଜ କରିଦେଇଥିଲେ। କମିସନଙ୍କ ପକ୍ଷରୁ ଯାଞ୍ଚ ନକରାଯାଇ ଏପରି ଆଦେଶ ପ୍ରଦାନ ବିରୋଧରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୂଚନା କମିସନଙ୍କ ଆଦେଶକୁ ହାଇକୋର୍ଟ ଖାରଜ କରିବା ସହ କମିସନ ଏହାର ସାନି ଶୁଣାଣି କରି ୪୫ଦିନ ମଧ୍ୟରେ ଫଇସଲା କରିବା ପାଇଁ କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜାନୁଆରୀରେ ଷଡ଼ଯନ୍ତ୍ର...

ପାଇଁ ଯୋଜନା ହୋଇଥିବା ଏବଂ ବହୁ ବରିଷ୍ଠ ଅଧିକାରୀ ତହିଁରେ ସାମିଲ୍ ହୋଇଥିବା ରିଚ୍‌ମାଇଣ୍ଡ କମ୍ପାନୀର ଜଣେ ଅଂଶୀଦାର ସେତେବେଳେ ପ୍ରଥମେ ମୌଖିକ ଓ ପରେ ମେଲ୍ ଯୋଗେ ଅଭିଯୋଗ ସେତେବେଳେ ଏହି ଯୋଜନାକୁ ଭଣ୍ଡୁର କରି ଦେଇଥିଲା। କମ୍ପାନୀର ଜଣେ ଅଧିକାରୀଙ୍କ ସୂଚନା ଅନୁସାରେ ଗୁଜୁରାଟ୍‌ରେ ଜିପିଏସ୍‌ଏସ୍‌ପି ପରୀକ୍ଷା ପରିଚାଳନା ସମୟରେ କିଛି ଅନିୟମିତତା ହୋଇଥିବାରୁ ତତ୍କାଳୀନ ନିର୍ଦ୍ଦେଶକଙ୍କୁ ଜେଲ୍ ଯିବାକୁ ପଡ଼ିଥିଲା। ଏହି କାରଣରୁ କୌଣସି ଅନିୟମିତତାକୁ ପ୍ରଶ୍ରୟ ଦେବା ସପକ୍ଷରେ କମ୍ପାନୀ ନ ଥିଲା। ଓଡ଼ିଶାରେ ପରୀକ୍ଷା ପରିଚାଳନାରେ କିଛି ପୁଲିସ ଅଧିକାରୀ ଗଡ଼ବଡ଼ କରିବା ସନ୍ଦେହ କରି କମ୍ପାନୀ ସେତେବେଳେ ଏ ସମ୍ପର୍କରେ ବିଧିବଦ୍ଧ ଅଭିଯୋଗ କରିଥିଲା। ଏପରିକି କମ୍ପାନୀର ସେହି ଅଭିଯୋଗ ଆଧାରରେ ତଦନ୍ତ ନିର୍ଦ୍ଦେଶ ମଧ୍ୟ ଦିଆଯାଇଥିବା ଅଧିକାରୀଜଣକ ସୂଚନା ଦେଇଛନ୍ତି। ପରୀକ୍ଷା ବାତିଲ୍ ପଛରେ ପ୍ରଶ୍ନପତ୍ର ଲିକ୍ ହିଁ ପ୍ରମୁଖ କାରଣ ରହିଥିବା ସରକାରୀ ସ୍ତରରେ ହଲଚଲ୍ କରିଥିଲା। ଅଚାନକ ପରୀକ୍ଷା ସ୍ଥଗିତ ଘଟଣାରେ ସରକାର ହସ୍ତକ୍ଷେପ କରିଥିଲେ ଓ ମୁଖ୍ୟମନ୍ତ୍ରୀ ପୁଲିସ୍ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆ ଓ ତତ୍କାଳୀନ ଏଡିଜି (ମୁଖ୍ୟାଳୟ) ଦୟାଲ୍ ଗଙ୍ଗୱାରଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଏହାପରେ ପରୀକ୍ଷା ପରିଚାଳନା ସହ ଜଡ଼ିତ ଜଣେ ବରିଷ୍ଠ ପୁଲିସ୍ ଅଧିକାରୀଙ୍କୁ କୈଫୟତ ତଲବ କରାଯାଇଥିଲା। ହେଲେ ସମ୍ପୃକ୍ତ ଅଧିକାରୀଜଣକ କଣ ଉତ୍ତର ରଖିଲେ ତାହା ଆଜିଯାଏ ଜଣା ପଡ଼ି ନାହିଁ। ଏହାପରେ ପୂର୍ବରୁ ପରୀକ୍ଷା ପରିଚାଳନାରେ ବିଫଳ ହୋଇଥିବା ଦର୍ଶାଇ ରିଚ୍‌ମାଇଣ୍ଡ କମ୍ପାନୀକୁ ମଧ୍ୟ ପରୀକ୍ଷା ପରିଚାଳନାରୁ ଟେଣ୍ଡର ପାଇଥିବା ଆଇଟିଆଇ ଲିମିଟେଡ୍ ବାଦ୍ ଦେବା ସହ ତା' ସ୍ଥାନରେ ସିଲିକନ୍ କମ୍ପାନୀକୁ ସବ୍-କଣ୍ଟ୍ରାକ୍ଟ ମିଳିଥିଲା। ସେହି କମ୍ପାନୀ ପୁଣି ପଞ୍ଚସଫ୍ଟ କମ୍ପାନୀକୁ ସବ୍-କଣ୍ଟ୍ରାକ୍ଟ ଦେବା ସହ ଚାକିରି ବିକ୍ରି ପାଇଁ ଯୋଜନାବଦ୍ଧ ରଣନୀତି ପ୍ରସ୍ତୁତ କରାଯାଇଥିବା ଅଭିଯୋଗ ହୋଇଛି। ହେଲେ ଯୋଜନା କାର୍ଯ୍ୟାନ୍ୱୟନ ହେବା ପୂର୍ବରୁ ଶ୍ରୀକାକୁଲମ୍ ପୁଲିସ୍ ହାତରେ ୧୧୪ ଜଣ ପରୀକ୍ଷାର୍ଥୀଙ୍କ ସମେତ ୩ ଦଲାଲ୍ ଧରାପଡ଼ିବା ପରେ ଚାକିରି ବିକ୍ରି ପ୍ରକରଣ ଲୋକଲୋଚନକୁ ଆସିଛି। ମାତ୍ର ଚାକିରି ପାଇଁ ଟଙ୍କା ଦେଇଥିବା ପିଲାମାନେ ଜେଲ୍ ଯାଇଥିବାବେଳେ ଟଙ୍କା ନେଇଥିବା ଲୋକମାନେ କୁଆଡ଼େ ଗଲେ ବୋଲି ଏବେ ସାଧାରଣରେ ପ୍ରଶ୍ନ ଉଠିଛି।

### ହଙ୍ଗେରୀର ଲାସ୍‌ଜ୍ଲୋଙ୍କୁ...

କରାଯିବ। ସୂଚନାଯୋଗ୍ୟ ଯେ ଲାସ୍‌ଜ୍ଲୋ ଇଂଲିଶ, ହଙ୍ଗେରୀ ଭାଷାରେ ଅନେକ ପୁସ୍ତକ ରଚନା କରିଛନ୍ତି। ତାଙ୍କ ପୁସ୍ତକକୁ ଅଧାର କରାଯାଇ ବହୁ ସଂଖ୍ୟାରେ ସିନେମା ନିର୍ମାଣ କରାଯାଇଛି ଓ ଏଗୁଡିକ ଲୋକପ୍ରିୟ ସାବ୍ୟସ୍ତ ହୋଇଛି। ଲାସଜ୍ଲୋ ୧୯୫୪ରେ ରୋମାନିଆର ସୀମା ନିକଟରେ ହଙ୍ଗେରୀର ଗିଉଲା ସହରରେ ଜନ୍ମଗ୍ରହଣ କରିଥିଲେ। ୧୯୮୫ରେ ତାଙ୍କର ପ୍ରଥମ ଉପନ୍ୟାସ 'ସାଟାନଟାଙ୍ଗୋ' ପ୍ରକାଶିତ ହୋଇଥିଲା ଓ ସେତେବେଳେ ବେଶ୍ ଲୋକପ୍ରିୟତା ହାସଲ କରିଥିଲା। ସେହିପରି ତାଙ୍କ ଦ୍ୱାରା ଲିଖିତ 'ହେରଶଟ୍ ୦୭୭୬୯' ପୁସ୍ତକକୁ ଏବେ ମଧ୍ୟ ଉଚ୍ଚକୋଟୀର ତଥା ଶ୍ରେଷ୍ଠ ବୋଲି ବିବେଚନା କରାଯାଏ। ସେହିପରି ୧୯୯୯ରେ ପ୍ରକାଶିତ ତାଙ୍କର ପୁସ୍ତକ 'ୱାର ଆଣ୍ଡ ୱାର', '୧୯୯୨ରେ ପ୍ରକାଶିତ ଦି ପ୍ରିଜନର ଅଫ୍ ଉରଗା' ବେଶ୍ ଲୋକପ୍ରିୟତା ହାସଲ କରିଥିଲା। ସାହିତ୍ୟରେ ତାଙ୍କ ଲେଖା, ପୁସ୍ତକ, ଉପନ୍ୟାସର ତାଲିକା ବେଶ୍ ଲମ୍ବା। ଗତବର୍ଷ ଦକ୍ଷିଣ କୋରିଆର ହାନ କାଙ୍ଗଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା।

### ସରକାରଙ୍କ କାର୍ଯ୍ୟ...

କରିଥିଲେ ଶ୍ରୀ ସନ୍ତୋଷ। ସରକାର କିପରି ଲୋକାଭିମୁଖୀ ହୋଇପାରିବ ସେନେଇ ବ୍ୟାପକ ମାନସ ମନ୍ଥନ ହୋଇଥିବା ବେଳେ ମନ୍ତ୍ରୀମଣ୍ଡଳର ପ୍ରତ୍ୟେକ ସଦସ୍ୟଙ୍କ ଆଗାମୀ ଦିନର ଯୋଜନା ସମ୍ପର୍କରେ ସେ ପଚାରି ବୁଝିଥିବା ଦଳୀୟ ସୂତ୍ରରୁ ଜଣାପଡ଼ିଛି।

ତେବେ ଗତ ୧୫ ମାସରେ ରାଜ୍ୟରେ ଆଇନ ଶୃଙ୍ଖଳା ଏବଂ କେତେକ ମନ୍ତ୍ରୀଙ୍କ ଅମାନିଆ ତୁଣ୍ଡକୁ ନେଇ ଶ୍ରୀ ସନ୍ତୋଷ ଚିନ୍ତା ପ୍ରକଟ କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ବିଶେଷକରି ନିକଟରେ ମହିଳା ବିରୋଧୀ ହିଂସା, ଦୁଷ୍କର୍ମ ଏବଂ କଟକ ଦଙ୍ଗାକୁ ନେଇ ବିଜେପିର ଛବି ରାଜ୍ୟ ତଥା ଜାତୀୟସ୍ତରରେ ମଳିନ ପଡ଼ିଛି। ତେଣୁ ରାଜ୍ୟ ସରକାର ଏନେଇ ଅଧିକ କଠୋର ହେବାର ଆବଶ୍ୟକତା ରହିଛି। ସେହିପରି ମନ୍ତ୍ରୀମାନେ ନିଜ ନିଜ ବିଭାଗ ବ୍ୟତୀତ ଅନ୍ୟ ବିଭାଗରେ ଅଯଥା ମୁଣ୍ଡ ନ ପୂରାଇବାକୁ ସେ ପରାମର୍ଶ ଦେଇଛନ୍ତି। ଅନୁଷ୍ଠିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପ ମୁଖ୍ୟମନ୍ତ୍ରୀ କେ ଭି ସିଂହଦେଓ, ମନ୍ତ୍ରୀ ରବି ନାରାୟଣ ନାଏକ, ନିତ୍ୟାନନ୍ଦ ଗଣ୍ଡ, ପ୍ରଦୀପ ବଳସାମନ୍ତ, କୃଷ୍ଣଚନ୍ଦ୍ର ପାତ୍ର, ବିଭୂତି ଭୂଷଣ ଜେନା, ସୁରେଶ ପୂଜାରୀ, ସୂର୍ଯ୍ୟବଂଶୀ ସୂରଜ, କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଥିଲେ।

**ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା**

# ଦୁଇ ଯବାନଙ୍କ ସମେତ ୭ ଅଟକ!

ବ୍ରହ୍ମପୁର, ୯।୧୦ (ସମିସ): ବରିଷ୍ଠ ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡାଙ୍କୁ ଗୁଳି କରି ହତ୍ୟା ମାମଲାରେ ବ୍ରହ୍ମପୁର ପୁଲିସ ଦୁଇ ଯବାନଙ୍କ ସମେତ ୭ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାଯାଇଛି। ଆମ୍ବପୁଆସ୍ଥିତ ରିଜର୍ଭ ପୁଲିସ ବାରାକ୍‌ରେ ସେମାନଙ୍କୁ ଜେରା କରାଯାଉଥିବା ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି। ଅଟକ ୭ଜଣଙ୍କ ମଧ୍ୟରେ ସିଆଇଏସଏଫ୍ ଜଣେ ଯବାନ, ୮ମ ବାଟାଲିଅନ୍‌ର ଅନ୍ୟ ଜଣେ ଯବାନଙ୍କ ସମେତ ଦିଗପହଣ୍ଡି, ହିଞ୍ଜିଳି ଓ ପିତଳ ଅଞ୍ଚଳର କିଛି ଯୁବକ ରହିଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି। ଏହି ମାମଲାର ତଦନ୍ତ ପାଇଁ ଗଠିତ ୬ଟି ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଏମାନଙ୍କୁ ଉଠାଇଛି।

ଘଟଣା ଦିନ ଅର୍ଥାତ କୁମାରପୂର୍ଣ୍ଣିମା ରାତିରେ ପୀତବାସ ନିଜ କାମ ସାରି ନୂଆ ବସଷ୍ଟାଣ୍ଡସ୍ଥିତ ଭୂପତି ହୋଟେଲରୁ ଖାଇବା ସାମଗ୍ରୀ ଆଣିବାକୁ ଯାଇଥିଲେ। ସେହି ସମୟରେ ଅଟକ ଯୁବକମାନେ ମଧ୍ୟ ଉକ୍ତ ହୋଟେଲକୁ ଖାଇବା ଆଣିବାକୁ ଯାଇଥିଲେ। ପୀତବାସ ହୋଟେଲରୁ ଖାଇବା ନେଇ ଘରକୁ ଯିବା ବେଳେ କାର୍‌ରେ ବସିଥିବା ଯୁବକଙ୍କ ପକ୍ଷରୁ କାହାରିକୁ ଫୋନ କଲ ଯାଇଥିଲା ଏବଂ ତାହାର କିଛି ସମୟ ପରେ ବୈକୁଣ୍ଠନଗର ଅଞ୍ଚଳରେ ଗୁଳିକାଣ୍ଡ ଘଟିଥିବା କୁହାଯାଉଛି। ଦୁଇଜଣ ହେଲମେଟ୍‌ଧାରୀ ସୁପାରି କିଲର୍ ପୀତବାସଙ୍କୁ ଗୁଳି କରି

### ସିସିଟିଭି ଫୁଟେଜ୍ ଆଧାରରେ ଦୁଇ କାର୍ ଜବତ

### 'ସିଡିଆର' ଓ 'ସିସିଟିଭି' ଫୁଟେଜ୍ ହିଁ ପୁଲିସକୁ ଦେବ ସୁରାକ

### ଚୋରା ବାଲି କାରବାର ଓ ମାଫିଆଙ୍କ ସମ୍ପୃକ୍ତି ଘନୀଭୂତ

ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ତେଣୁ, ଏହି ହତ୍ୟାକାଣ୍ଡ ପଛରେ ସେମାନଙ୍କ ସଂପୃକ୍ତି ଥିବା ସନ୍ଦେହ କରାଯାଉଛି।

ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ପୁଲିସ ସହରର ଅନ୍ୟତମ ପ୍ରବେଶପଥ ଫାଷ୍ଟଗେଟ୍‌ଠାରୁ ଆରମ୍ଭ କରି ବଡ଼ବଜାର ଥାନା, ବିଜୁ ପଟ୍ଟନାୟକ ପାର୍କ ରୋଡ୍, ମାର୍କେଟର ମଧ୍ୟ ଭାଗରେ ଥିବା ପୀତବାସଙ୍କ ଚାମ୍ବର, ଗେଟବଜାର, ଲୋଚାପଡ଼ା, ପାୟଲ ସିନେମା ହଲ ରୋଡ, ଭୂପତି ହୋଟେଲ ରୋଡ ସମେତ ସହରର ପ୍ରମୁଖ ଛକ ଓ ଛୋଟବଡ଼ ଦୋକାନରେ ଲାଗିଥିବା ୬୦ରୁ ଅଧିକ ସିସିଟିଭି ଫୁଟେଜକୁ ତନ୍ନତନ୍ନ କରି ଯାଞ୍ଚ କରିଛି ପୁଲିସ। ଏପରିକି, କିଛି ଟୋଲଗେଟ୍‌ର ସିସିଟିଭି ଫୁଟେଜକୁ ମଧ୍ୟ ପୁଲିସ ଯାଞ୍ଚ କରିଛି। ଯାଞ୍ଚ ବେଳେ ପୁଲିସ ସନ୍ଦେହରେ କିଛି ଗାଡ଼ିକୁ ଚିହ୍ନଟ କରିଥିଲା। ଚିହ୍ନଟ ଗାଡ଼ି ମଧ୍ୟରେ ଯବାନଙ୍କ ଗୋଟିଏ ଏକ୍ସୟୁଭି ଓ ଅନ୍ୟ ଗୋଟିଏ ନିଶାନ ଗାଡ଼ି ରହିଥିଲା। ଉଭୟ ଗାଡ଼ିକୁ ପୁଲିସ ଜବତ କରିଥିବା ଜଣାପଡ଼ିଛି। ଅପରପକ୍ଷେ, ପୁଲିସ ହାତରେ ଲାଗିଛି ପୀତବାସଙ୍କ ମୋବାଇଲ କଲ ଡିଟେଲ୍ସ ରିପୋର୍ଟ (ସିଡିଆର୍) ରିପୋର୍ଟ। ଏହି ରିପୋର୍ଟରୁ କିଏ କେତେବେଳେ ପୀତବାସଙ୍କୁ କଲ୍ କରିଥିଲେ ଏବଂ କେତେ ସମୟ ଧରି ବାର୍ତ୍ତାଳାପ କରିଥିଲେ, ତାହାର ବିସ୍ତୃତ ବିବରଣୀ ପୁଲିସ ସହଜରେ ପାଇପାରିବ।

ସମ୍ଭାବ୍ୟ ବିଭିନ୍ନ ଦିଗକୁ ନେଇ ତଦନ୍ତ ପ୍ରକ୍ରିୟାକୁ ପୁଲିସ ତ୍ୱରାନ୍ୱିତ କରିଥିବା ବେଳେ ହସ୍ତଗତ ହୋଇଥିବା ପୀତବାସଙ୍କ ମୋବାଇଲ ସିଡିଆର୍ ଓ ସହରର ବିଭିନ୍ନ ସ୍ଥାନରୁ ସଂଗୃହୀତ ୬୦ରୁ ଉର୍ଦ୍ଧ୍ୱ ସିସିଟିଭି ଫୁଟେଜରୁ କିଛି ରହସ୍ୟ ଉନ୍ମୋଚିତ ହୋଇପାରିବ ବୋଲି ପୁଲିସ ଆଶା ରଖିଛି।

ସେପଟେ ଘଟଣାକୁ ନେଇ ଜଣେ ବାଲିମାଫିଆଙ୍କ ନାମ ଚର୍ଚ୍ଚାକୁ ଆସିଥିବା ବେଳେ ପୀତବାସଙ୍କ ସହ ତାଙ୍କର କି' ଶତ୍ରୁତା ଥିଲା, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସମ୍ପୃକ୍ତ ବାଲିମାଫିଆଙ୍କ କ୍ରସର୍ ସହ ବ୍ରହ୍ମପୁରରେ ଏକ ଅନଲାଇନ୍ ପରୀକ୍ଷା କେନ୍ଦ୍ର ପରିଚାଳିତ ହେଉଥିବା ସୂଚନା ମିଳିଛି। ବଡ଼ କଥା ହେଲା, ଏକ ହାଇପ୍ରୋଫାଇଲ୍ ହତ୍ୟା ମାମଲାରେ ପୁଲିସ ବିଭିନ୍ନ ସମ୍ଭାବ୍ୟ ଦିଗକୁ ନେଇ ତଦନ୍ତ କରୁଥିବା ବେଳେ ସବୁ କ୍ଷେତ୍ରରେ ପୁଲିସକୁ ଦ୍ୱନ୍ଦ୍ୱ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡୁଥିବା ଜଣାପଡ଼ିଛି।

**ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ**

# କ୍ରାଇମବ୍ରାଞ୍ଚ ସ୍କାନରରେ ୬ କୋଚିଂ ସେଣ୍ଟର

ଭୁବନେଶ୍ୱର, ୯।୧୧(ସମିସ): ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ମାମଲାରେ ଏବେ କ୍ରାଇମ୍‌ବ୍ରାଞ୍ଚ ସିଆଇଡି ତଦନ୍ତକୁ ଜୋରଦାର କରିଛି। ଗତକାଲି ପୂର୍ବତନ ଡିଆଇଜିଙ୍କ ପୁଅ ଓ ଅନ୍ୟମାନଙ୍କୁ ପଚରାଉଚରା କରିବା ପରେ ସେମାନେ ବିଭିନ୍ନ କୋଚିଂ ସେଣ୍ଟରରେ ତାଲିମ ନେଉଥିବା ସୂଚନା ମିଳିଛି। ୬ଟି କୋଚିଂ ସେଣ୍ଟର ମଧ୍ୟରୁ ଆଜି କ୍ରାଇମବ୍ରାଞ୍ଚ 'ବଣିକ' କୋଚିଂ ସେଣ୍ଟର ଉପରେ ଚଢ଼ଉ କରିଛି କ୍ରାଇମବ୍ରାଞ୍ଚ। କ୍ରାଇମ୍‌ବ୍ରାଞ୍ଚର ଏକ ୭ଜଣିଆ ଟିମ୍ ଆଜି ଅପରାହ୍ନରେ ବଣିକ କାର୍ଯ୍ୟାଳୟ ଓ ପିଲାମାନେ କୋଚିଂ ନେଉଥିବା ସାମଗ୍ରୀର ଯାଞ୍ଚ କରିଛନ୍ତି। ସେହିପରି ବିଭିନ୍ନ

■ 'ବଣିକ'ରେ ଚଢ଼ଉ; କମ୍ପ୍ୟୁଟରରୁ ଡ଼ାଟା ସଂଗ୍ରହ
■ ଗିରଫ ୧୧୪ ଜଣ ଭିତରୁ ୧୨ ଜଣ ବଣିକ ଛାତ୍ର
■ ଗୁଇନ୍ଦା ରିପୋର୍ଟରେ ୪ ପୁଲିସ ଅଧିକାରୀଙ୍କ ନାମ

କମ୍ପ୍ୟୁଟରରୁ ବିଭିନ୍ନ ଡ଼ିଜିଟାଲ ତଥ୍ୟ ମଧ୍ୟ ସେମାନେ ସଂଗ୍ରହ କରିଛନ୍ତି। ପଞ୍ଚସଫ୍ଟ ମୁଖ୍ୟ ଶଙ୍କର ପୃଷ୍ଟି ସହ 'ବଣିକ' କର୍ତ୍ତୃପକ୍ଷଙ୍କ ସମ୍ପର୍କ ଥିଲା କି ନାହିଁ ସେ ସମ୍ପର୍କରେ ଅନୁସନ୍ଧାନ ଆରମ୍ଭ କରିଛି କ୍ରାଇମ୍ବ୍ରାଞ୍ଚ।

ବିଜୟନଗରମ୍ ଯିବା ସମୟରେ ଶ୍ରୀକାକୁଲମ୍‌ରୁ ଧରାପଡିଥିବା ପରୀକ୍ଷାର୍ଥୀଙ୍କ ଭିତରୁ ୧୨ଜଣ ପିଲା ପୂର୍ବରୁ ବଣିକରେ ପାଠ ପଢୁଥିଲେ। ତେଣୁ ବଣିକରେ ତାଲିମ ନେଉଥିବା ପିଲାମାନଙ୍କର ୫ ବର୍ଷର ରେକର୍ଡ଼ କ୍ରାଇମବ୍ରାଞ୍ଚ ଖୋଜାଖୋଜି କରୁଛି। ପୁନଶ୍ଚ 'ବଣିକ' ଛଡ଼ା ଅନ୍ୟ ୬ଟି ଇନଷ୍ଟିଚ୍ୟୁଟ୍‌ରେ ପିଲାମାନେ ତାଲିମ ନେଉଥିବା ସଂକ୍ରାନ୍ତରେ କ୍ରାଇମ୍‌ବ୍ରାଞ୍ଚ ସୂଚନା ପାଇଥିବାରୁ ଏଠାରେ ଚଢ଼ଉ କରାଯାଇପାରେ ବୋଲି ସୂନା ମିଳିଛି।

ଅପରପକ୍ଷରେ ପରୀକ୍ଷା ପରିଚାଳନା ଦାୟିତ୍ୱ ପାଇଥିବା ସିଲିକନ୍ ଟେକ୍‌ଲାବ୍ ଏବଂ ପଞ୍ଚସଫ୍ଟ ଟେକ୍ନୋଲୋଜିର ଅଫିସକୁ ନିୟମିତ ଯାଉଥିବା କିଛି ବଡ଼ ପୁଲିସ ଅଧିକାରୀଙ୍କ ସମ୍ପର୍କରେ ଖୋଳତାଡ଼ ଆରମ୍ଭ ହୋଇଛି। ଏହି ଅଧିକାରୀଙ୍କ ନାମ ଡ଼ିଜିଙ୍କୁ ପ୍ରଦାନ କରାଯାଇଛି। ସେମାନେ ଏହି ଚାକିରି ବିକ୍ରି ଘଟଣାରେ ସମ୍ପୃକ୍ତ ଅଛନ୍ତି କି ନାହିଁ ତାହାର ଅନୁସନ୍ଧାନ ଆରମ୍ଭ ହୋଇଛି। ଗତ କେଇମାସ ତଳେ ସରକାରୀ ନିଯୁକ୍ତି ପରୀକ୍ଷା ପରିଚାଳନା ଦାୟିତ୍ୱ ଆଉଟସୋର୍ସିଂ କମ୍ପାନୀକୁ ନ ଦେବା ଲାଗି ରାଜ୍ୟ ସରକାର ନିର୍ଦ୍ଦେଶ ଜାରି କରିଥିଲେ। ଏହାସତ୍ତ୍ୱେ ଓପିଆରବି କାହିଁକି ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇଥିବା ଆଉଟସୋର୍ସିଂ ସଂସ୍ଥା ସମ୍ପର୍କରେ କୌଣସି ସମୀକ୍ଷା କଲା ନାହିଁ ତାକୁ ନେଇ ପ୍ରଶ୍ନ ଉଠିଛି। ପୁନଶ୍ଚ ଏସ୍‌ଆଇ ଚାକିରି କେଳେଙ୍କାରୀ ପଛରେ ଝାରପଡ଼ାର ଆଶିଷ ଦାସ ନାମକ ଜଣେ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ହୋଇଛି। ଏହି ଯୁବକଜଣକ ଶଙ୍କର ପୃଷ୍ଟି ଏବଂ ମୁନ୍ନା ସହ ଲିଙ୍କ୍‌ରେ ରହିଥିବା କ୍ରାଇମ୍‌ବ୍ରାଞ୍ଚ ସୂଚନା ପାଇଛି। ଶଙ୍କର, ମୁନ୍ନାର ଫୋନ୍ କଲ ଏବଂ ବ୍ୟାଙ୍କ୍ ଟ୍ରାଞ୍ଜାକସନ୍‌ରୁ ଆଶିଷର ଲିଙ୍କ୍ ଜଣାପଡ଼ିଥିଲା। ଆଶିଷ କ୍ରାଇମ୍‌ବ୍ରାଞ୍ଚ ହେପାଜତକୁ ଆଶିବା ପରେ ଶଙ୍କର ଏବଂ ମୁନ୍ନା ଫେରାର ହେବ ସମ୍ପର୍କରେ ଲିଙ୍କ୍ ମିଳିବ ବୋଲି ଜଣାପଡ଼ିଛି।

### ପିଲାମାନେ ଅନ୍ୟ କୋଚିଂ ସେଣ୍ଟର ନାଁ କହିଛନ୍ତି: ସୁବ୍ରତ

ବଣିକ କୋଚିଂ ସେଣ୍ଟରରେ ଚଢଉକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଏହାର ଅଧ୍ୟକ୍ଷ ସୁବ୍ରତ ଛାଟୋଇ। ସେ କହିଛନ୍ତି ଯେ ଗିରଫ ହୋଇଥିବା ୧୧୪ଜଣ ପିଲାଙ୍କୁ ପଚରାଉଚରା କରିବା ବେଳେ ସେମାନଙ୍କ ମଧ୍ୟରୁ ୧୨ଜଣ ବରିକରେ କୋଚିଂ ନେଉଥିବା କହିଥିଲେ। ସେହିପରି ଅନ୍ୟ ପିଲାମାନେ ଅନ୍ୟ କୋଚିଂ ସେଣ୍ଟରରେ ତାଲିମ ନେଇଛନ୍ତି। ମାତ୍ର ସେମାନଙ୍କ କଥା କେହି ଉଠାଉ ନାହାନ୍ତି। ଆମେ ପିଲାମାନଙ୍କୁ ଉନ୍ନତ ତାଲିମ ଦେଇଥାଉ ଓ ପରୀକ୍ଷାରେ ସଫଳତା ପାଇବାକୁ ନିଷ୍ଠାର ସହ କାମ କରୁ। ଯେଉଁଥିପାଇଁ ଆମ ପିଲାମାନେ କୃତକାର୍ଯ୍ୟ ହୋଇଥାଆନ୍ତି। ଏଠାରେ ହଜାର ହଜାର ପିଲା ପାଠଛନ୍ତି ଏବଂ ହଜାର ହଜାର ପିଲା ସରକାରୀ ଚାକିରି କରିଛନ୍ତି। ସୋସିଆଲ ମିଡ଼ିଆରେ ବୁଲୁଥିବା ଲିଷ୍ଟ ଆଧାରରେ ବାଣିକରେ ଚଢଉ କରିବା ଠିକ୍ ନୁହେଁ। ସେ ବିଜେଡି ସହ ସମ୍ପୃକ୍ତ ଥିବାରୁ ଉଦ୍ଦେଶ୍ୟମୂଳକ ଭାବରେ ତାଙ୍କୁ ନିଶାଣ କରାଯାଉଛି ବୋଲି ସୁବ୍ରତ କହିଛନ୍ତି।

## ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

କଟକ, ୯।୧୦ (ସମିସ): ବହୁଚର୍ଚ୍ଚିତ ପୁଲିସ ସବ୍-ଇନ୍ସପେକ୍ଟର୍(ଏସ୍‌ଆଇ) ନିଯୁକ୍ତି ପରୀକ୍ଷା ଜାଲିଆତିକୁ ନେଇ ସାରା ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିବା ବେଳେ ମାମଲା ଏବେ ହାଇକୋର୍ଟରେ ପହଞ୍ଚିଛି। ବଡ଼ଧରଣର ଏହି କେଳେଙ୍କାରୀର ସିବିଆଇ ତଦନ୍ତ ପାଇଁ ପ୍ରାର୍ଥନା କରି ଆଇନଜୀବୀ ଶିବଶଙ୍କର ମହାନ୍ତି ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରିଛନ୍ତି।

**ସିବିଆଇ ତଦନ୍ତ ଦାବି**

ଆବେଦନକାରୀ ସେ ଦର୍ଶାଇଛନ୍ତି ଯେ ପରୀକ୍ଷା ପୂର୍ବରୁ ଅସାଧୁ ଉପାୟ ଅବଲମ୍ବନ କରି ଅଭ୍ୟାସ ପାଇଁ ହାଇଦ୍ରାବାଦ ଯାଇଥିବା ୧୧୭ଜଣ ପିଲା ଧରାପଡ଼ିବା ପରେ ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ (ଓପିଆରବି) ପକ୍ଷରୁ ଗତ ଅକ୍ଟୋବର ୫ ଓ ୬ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଏସ୍‌ଆଇ ନିଯୁକ୍ତି ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା। ଗଞ୍ଜାମର ଗୋଳନ୍ଥରା ଥାନାରେ ଏକ ମାମଲା ରୁଜୁ ହେବା ପରେ କ୍ରାଇମବ୍ରାଞ୍ଚ ଏହି ଜାଲିଆତି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ସେହିଭଳି ଗତ ମାର୍ଚ୍ଚ ୮ ଓ ୯ରେ ହେବାକୁ ଥିବା ପରୀକ୍ଷାକୁ ମଧ୍ୟ ଓପିଆର୍‌ବି ସ୍ଥଗିତରଖିଥିଲା। ସେହିସମୟରେ କେତେକ ପ୍ରାର୍ଥୀ ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ମଧ୍ୟ ଆଣିଥିଲେ। ଏହି କେଳେଙ୍କାରୀ ଘଟଣାରେ ଚାକିରି ଦେବା ପାଇଁ ପ୍ରାର୍ଥୀଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରାଯାଇଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ଘଟଣାରେ ସମ୍ପୃକ୍ତ ଅଧିକାରୀ ଓ ଅନ୍ୟମାନେ ଧରାପଡ଼ିନାହାନ୍ତି। ଏହାର ସ୍ୱଚ୍ଛ ଓ ନିରପେକ୍ଷ ତଦନ୍ତ ପାଇଁ ଭାରତୀୟ ନ୍ୟାୟ ସଂହିତା-୨୦୨୩ର ଧାରା ୬୧(୨) ଅନୁସାରେ ସିବିଆଇକୁ ମାମଲା ହସ୍ତାନ୍ତର ପାଇଁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ଏଥିସହ ଏହି ସମ୍ବେଦନଶୀଳ ମାମଲାରେ ହୋଇଥିବା ତଦନ୍ତର ସ୍ଥିତି ସମ୍ପର୍କରେ ଅଦାଳତ ରିପୋର୍ଟ ତଲବ କରନ୍ତୁ ବୋଲି ଆବେଦନରେ ଦର୍ଶାଯାଇଛି। ମାମଲାରେ ରାଜ୍ୟ ମୁଖ୍ୟ ଶାସନ ସଚିବ,ଡିଜିପି,କ୍ରାଇମବ୍ରାଞ୍ଚ ଏଡିଜି, ଓଡିଶା ପୁଲିସ ନିଯୁକ୍ତି ବୋର୍ଡ ଅଧ୍ୟକ୍ଷଙ୍କୁ ଆବେଦନକାରୀ ପକ୍ଷଭୁକ୍ତ କରିଛନ୍ତି।

# ଘୂର୍ଣ୍ଣିବଳୟ ପ୍ରଭାବରେ ୧୨ ଯାଏଁ ବର୍ଷା

**୧୬ ସୁଦ୍ଧା ବିଦାୟ ନେବ ମୌସୁମୀ**

ଭୁବନେଶ୍ୱର, ୯।୧୦(ସମିସ): ବଙ୍ଗୋପସାଗରରେ ପୁଣି ଏକ ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟରେ ବର୍ଷା ଆଶଙ୍କା ରହିଛି। ଏହି ଘୂର୍ଣ୍ଣିବଳୟ ବର୍ତ୍ତମାନ ଦକ୍ଷିଣ ବଙ୍ଗଳାଦେଶ ନିକଟରେ ରହିଛି। ଧୀରେ ଧୀରେ ଏହା ଓଡ଼ିଶା ନିକଟବର୍ତ୍ତୀ ହେବା ଯୋଗୁଁ ରାଜ୍ୟର ବିଭିନ୍ନ ସ୍ଥାନରେ ୧୨ ତାରିଖ ପର୍ଯ୍ୟନ୍ତ ବର୍ଷା ନେଇ ଆକଳନ କରାଯାଇଛି। ବର୍ଷାର ପ୍ରଭାବ ଉପକୂଳ ଓଡ଼ିଶା ସମେତ ଦକ୍ଷିଣ ଓଡ଼ିଶାରେ ଅଧିକ ରହିବା ନେଇ ଆଶଙ୍କା କରାଯାଉଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୩ ଦିନ ପାଇଁ ବିଭିନ୍ନ ଜିଲ୍ଲାକୁ ବର୍ଷା ଜନିତ ଆଲର୍ଟ ଜାରି କରାଯାଇଛି। ଶୁକ୍ରବାର ବିଶେଷ କରି ଗଞ୍ଜାମ, ଗଜପତି, କନ୍ଧମାଳ, କେନ୍ଦ୍ରାପଡ଼ା, ଭଦ୍ରକ, ଜଗତସିଂହପୁର ଓ ମୟୂରଭଞ୍ଜରେ ଅଧିକ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଅନ୍ୟପଟେ ଆସନ୍ତା ୨୨ ତାରିଖ ବେଳକୁ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ନେଇ ଆଶଙ୍କା କରାଯାଇଛି। ଏହି ଲଘୁଚାପ ଅଧିକ ଶକ୍ତିଶାଳୀ ହୋଇପାରେ ବୋଲି ପ୍ରାକ୍ ଆକଳନ କରାଯାଉଛି। ଯେହେତୁ ଏହି ସମୟ ସୁଦ୍ଧା ଦେଶରୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଅପସରି ଯାଇଥିବା ନେଇ ପୂର୍ବାନୁମାନ କରାଯାଉଛି, ତେଣୁ ଏହି ଲଘୁଚାପ ଘନୀଭୂତ ହେବାକୁ ପାଣିପାଗ ସୁହାଇବ ଓ ଏହା ଅଧିକ ଶକ୍ତିଶାଳୀ ହେବା ନେଇ ଆକଳନ କରାଯାଉଛି।

**୨୨ରେ ପୁଣି ଏକ ଲଘୁଚାପ**

ସେହିପରି ଦେଶରୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସମ୍ପୂର୍ଣ୍ଣ ଅପସାରଣ ନେଇ ପାଗ ଅନୁକୂଳ ହେବାରେ ଲାଗିଛି। ଗୁରୁବାର ଆଇଏମ୍‌ଡି ବିସ୍ତାରିତ ପରିସର ଆକଳନରେ ସୂଚନା ଦେଇଛି ଯେ ଦେଶର ଅବଶିଷ୍ଟ ଅଞ୍ଚଳରୁ ଦକ୍ଷିଣ ପଶ୍ଚିମ-ମୌସୁମୀ ବାୟୁ ପ୍ରତ୍ୟାହାର ପାଇଁ ପାଗ ଅନୁକୂଳ ରହିଛି। ତେଣୁ ୧୬ ତାରିଖ ମଧ୍ୟରେ ମୌସୁମୀ ବିଦାୟ ନେବାର ପୂର୍ବାନୁମାନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାରୁ ୧୪ ତାରିଖ ସୁଦ୍ଧା ମୌସୁମୀ ବିଦାୟ ନେଇପାରେ। ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ବିଦାୟ ସହ ଦକ୍ଷିଣ ଉପଦ୍ୱୀପୀୟ ଭାରତ, ଦକ୍ଷିଣ ଏବଂ ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ପୂର୍ବାଳୀ ଓ ଉତ୍ତରା-ପୂର୍ବାଳୀ ବାୟୁ ପ୍ରବେଶ କରିବ। ଏଥିପାଇଁ ଦକ୍ଷିଣ-ପୂର୍ବ ଉପଦ୍ୱୀପ ଅଞ୍ଚଳରେ ଉତ୍ତର-ପୂର୍ବ ମୌସୁମୀ ବର୍ଷା ଆରମ୍ଭ ହେବାର ସମ୍ଭାବନା ରହିଛି।

# ବଦଳିଲେ ୧୯ ଅତିରିକ୍ତ ଏସ୍‌ପି

ଭୁବନେଶ୍ୱର, ୯।୧୦ (ସମିସ): ଅତିରିକ୍ତ ପୁଲିସ ଏସ୍‌ପିସ୍ତରରେ ରାଜ୍ୟରେ ଏକ ବଡ଼ ଅଦଳବଦଳ ହୋଇଛି। ମୋଟ ୧୯ ଜଣଙ୍କ ବଦଳି ହୋଇଥିବା ନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବ୍ରହ୍ମପୁର ଅତିରିକ୍ତ ଏସ୍‌ପି ସୀମା ସ୍ୱାଇଁଙ୍କୁ ଉତ୍ତର କେନ୍ଦ୍ରାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟକୁ ବଦଳି କରାଯାଇଥିବା ବେଳେ ତାଙ୍କ ସ୍ଥାନରେ ବଲାଙ୍ଗୀରର ଅତିରିକ୍ତ ଏସ୍‌ପି ଆଲୋକ ଜେନାଙ୍କୁ ଅବସ୍ଥାପିତ କରାଯାଇଛି। ବରଗଡ଼ ଆଇୟୁସିଏଡବ୍ଲୁର ଇନ୍ଦୁରେଖା ପଶ୍ଚିମକବାଟଙ୍କୁ ଢେଙ୍କାନାଳ ଆଇୟୁସିଏଡବ୍ଲୁ, ରାୟଗଡ଼ା ଆଇୟୁସିଏଡବ୍ଲୁର ସ୍ୱସ୍ତିକ ପଣ୍ଡାଙ୍କୁ ଭିଜିଲାନ୍ସ, ଏସ୍‌ଓଜିରେ କାର୍ଯ୍ୟରତ ଅମ୍ରିତ ପଣ୍ଡାଙ୍କୁ ବଲାଙ୍ଗୀର ଜିଲ୍ଲାକୁ ବଦଳି ହୋଇଛି। ବରଗଡ଼ ଡିଆଇବିର ସୌରଭ ଓଟ୍ଟାଙ୍କୁ ରାଜ୍ୟ ପୁଲିସ ମୁଖ୍ୟାଳୟ, ବାଲେଶ୍ୱର ଡିଆଇବିରେ କାର୍ଯ୍ୟରତ ଅଶ୍ୱିନୀ କୁମାର ନାୟକଙ୍କୁ ଭିଜିଲାନ୍ସ, ଢେଙ୍କାନାଳ ଆଇୟୁସିଏଡବ୍ଲୁର ପ୍ରଭାତ କୁମାର ବିଶ୍ୱାଳଙ୍କୁ କେନ୍ଦ୍ରାପଡ଼ା ଆଇୟୁସିଏଡବ୍ଲୁ, ସିକ୍ୟୁରିଟି ୱିଙ୍ଗର ଅତିରିକ୍ତ ଏସ୍‌ପି ସଞ୍ଜୀବ କୁମାର ଶତପଥୀଙ୍କୁ ଏସଟିଏଫ୍, ଇଓଡବ୍ଲୁର ଅତିରିକ୍ତ ଏସ୍‌ପି ସସ୍ମିତା ସାହୁଙ୍କୁ ଭିଜିଲାନ୍ସରେ ଅବସ୍ଥାପିତ କରାଯାଇଛି।

ଅତିରିକ୍ତ ଏସ୍‌ପି (ଗୁଇନ୍ଦା) ଦେବଜିତ୍ ଭଟ୍ଟାଚାର୍ଯ୍ୟଙ୍କୁ ଡିଆଇବି ବାଲେଶ୍ୱର, ସ୍ପେଶାଲ ବ୍ରାଞ୍ଚର ଅତିରିକ୍ତ ଏସପି ପ୍ରଦୀପ କୁମାର କେରକେଟାଙ୍କୁ ଡିଆଇବି ବରଗଡ଼, ବଲାଙ୍ଗୀର ଆଇୟୁସିଏଡବ୍ଲୁର ଅତିରିକ୍ତ ଏସ୍‌ପି ଗୁଣନିଧି ମଲ୍ଲିକଙ୍କୁ ସ୍ପେଶାଲ ବ୍ରାଞ୍ଚ, ପୁଲିସ ଟ୍ରେନିଂ ଇନଷ୍ଟିଚ୍ୟୁଟ୍ (ବରୀ)ରେ କାର୍ଯ୍ୟରତ ଅତିରିକ୍ତ ଏସ୍‌ପି ଆକାଶ ଚନ୍ଦ୍ର ସାହୁଙ୍କୁ ବିଜୁ ପଟ୍ଟନାୟକ ରାଜ୍ୟ ପୁଲିସ ଏକାଡେମୀ ଓ କେନ୍ଦୁଝର ଆଇୟୁସିଏଡବ୍ଲୁର ହରପ୍ରିୟା ନାୟକଙ୍କୁ ଭିଜିଲାନ୍ସ ବିଭାଗକୁ ବଦଳି ହୋଇଛି। ସେହିପରି, ଭଦ୍ରକ ଡିଆଇବିର ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀଙ୍କୁ ରାୟଗଡ଼ା, କ୍ରାଇମବ୍ରାଞ୍ଚର ଅତିରିକ୍ତ ଏସ୍‌ପି ସତ୍ୟବିକାଶ ଭୂୟାଁଙ୍କୁ ଡିଆଇବି ଭଦ୍ରକ, କନ୍ଧମାଳର ଅତିରିକ୍ତ ଏସ୍‌ପି ସ୍ନେହାଶିଷ ସାହୁଙ୍କୁ କେନ୍ଦୁଝର ଓ ସମ୍ବଲପୁରର ଅତିରିକ୍ତ ଏସ୍‌ପି ପ୍ରକାଶ ଜେମ୍ସ ଟପ୍ପୋଙ୍କୁ ରାଉରକେଲାସ୍ଥିତ ପଶ୍ଚିମାଞ୍ଚଳ ଡିଆଇଜିଙ୍କ କାର୍ଯ୍ୟାଳୟକୁ ବଦଳି କରାଯାଇଛି।

## ଆଜିର ରାଶିଫଳ

**ମେଷ:** ମନ ପ୍ରସନ୍ନ ରହିବ। ବ୍ୟବହାରରେ ପରିବର୍ତ୍ତନ ଆଣିବେ। ସମାଜସେବାରେ ମନୋନିବେଶ କରିବେ। ଅଫିସ୍‌ରେ ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି। ସଫଳତା ପାଇଁ କଠିନ ପରିଶ୍ରମ କରିବେ।

**ବୃଷ:** ପରିଶ୍ରମ ଅନୁସାରେ ଫଳ ମିଳିବ ନାହିଁ। ରାଜନୀତିରେ ନୂଆ ଲୋକଙ୍କ ସହ ମିଳାମିଶା ବଢ଼ିବ। ବନ୍ଧୁଙ୍କଠାରୁ ଆର୍ଥିକ ସାହାଯ୍ୟ ପାଇବେ। ଆଜି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇ ପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ଯାନବାହନ ଓ ଭୂମି କିଣିବା ଯୋଗ ଅଛି। ପରିବାରକୁ ସମୟ ଦେବେ। କମ୍ ନିବେଶ କରି ଅଧିକ ଲାଭ ପାଇବେ। ପାରିବାରିକ ଜୀବନ ସୁଖମୟ ହେବ। ମହିଳାଙ୍କ ସମୟ ଭଲରେ ଅତିବାହିତ ହେବ।

**କର୍କଟ:** ଦିନଟି ଶୁଭଫଳ ପ୍ରଦାନ କରିବ। ପୈତୃକ ସମ୍ପତ୍ତିକୁ ନେଇ ଭାଇ ଭାଇ ମଧ୍ୟରେ କଳହ ଲାଗିପାରେ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ ନାହିଁ। ଘରେ ପୂଜାପାଠ ଆୟୋଜନ କରିବେ।

**ସିଂହ:** ପାରିବାରିକ ବ୍ୟବସାୟକୁ ଆଗକୁ ନେବେ। ପରିବାରରେ ହସଖୁସିର ପରିବେଶ ରହିବ। ସମ୍ମାନ ହାନି ଯୋଗ ଅଛି। ଚାଷ କ୍ଷେତ୍ରରେ ଲାଭ ମିଳିବ। ଛୋଟଛୋଟ ଆଲୋଚନାକୁ ଅଣଦେଖା ନ କରିବା ଭଲ।

**କନ୍ୟା:** କୌଣସି କାମ ସମୟାନୁସାରେ ସମ୍ପନ୍ନ କରିବେ ନାହିଁ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ଦାମ୍ପତ୍ୟ ଜୀବନରେ ଭୁଲ ବୁଝାମଣା ଦେଖାଦେବ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି।

**ତୁଳା:** ସମାଜସେବା ପ୍ରତି ଆଗ୍ରହ ବଢ଼ିବ। ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିପାରେ। ସମସ୍ତ କାର୍ଯ୍ୟକୁ ପୂରା କରିବାରେ ସଫଳ ହେବେ। ଅଚାନକ ଖୁସି ଖବର ପାଇପାରନ୍ତି।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବିବାହ ସମସ୍ୟାର ସମାଧାନ ହେବ। ଘରେ ପୂଜାପାଠ, ଭଜନକୀର୍ତ୍ତନ ଆୟୋଜନ କରିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖା ଦେବ।

**ଧନୁ:** ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। କୌଣସି ନୂଆ କାମ ଆରମ୍ଭ କରିବେ। ଉଚ୍ଚଶିକ୍ଷା ପାଇଁ ଭଲ ସମୟ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

**ମକର:** କର୍ମତତ୍ପର ରହିବେ। ଛାତ୍ରଛାତ୍ରୀମାନେ ନୂଆ ବିଷୟ ପାଇଁ ଆଗ୍ରହ ପ୍ରକାଶ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କରେ ମଧୁରତା ଦେଖାଦେବ। ଦୂରସ୍ଥାନ ଯାତ୍ରା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।

**କୁମ୍ଭ:** କର୍ମ ଅନୁସାରେ ଫଳ ମିଳିବ। ବ୍ୟବସାୟରୁ ଆଶାଜନକ ଲାଭ ମିଳିବ। ସକାରାତ୍ମକ ଚିନ୍ତାଧାରା ନେଇ ଆଗକୁ ବଢ଼ିବେ। ଭବିଷ୍ୟତ ପାଇଁ ଚିନ୍ତାରେ ରହିବେ ଓ ନୂଆ ଯୋଜନା କରିବେ।

**ମୀନ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପଢ଼ା ପାଇଁ ଅର୍ଥ ନିବେଶ କରିବେ। ଦୂରସ୍ଥାନକୁ ବୁଲିବା ଯୋଜନା କରିବେ। ଧାର କରଜରୁ ନିବୃତ୍ତ ରହିବେ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ଅତିଥି ସତ୍କାର କରିପାରନ୍ତି।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୭୫
- ପାଉଣ୍ଡ ୧୧୯.୩୩
- ୟୁରୋ ୧୦୩.୨୪
- ୟେନ୍ ୦.୫୮

## ସୁନା, ରୁପା ଦର (ଟଙ୍କାରେ)




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୩,୮୦୦ (ଭୁବନେଶ୍ୱର)
- ରୁପା : ୧,୭୧,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୧୭୨.୦୦
- ନିଫ୍ଟି ୨୫,୧୮୧.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



● ଭାରତର କ୍ରେଡିଟ୍ କାର୍ଡ କିଙ୍ଗ୍ ମନୀଷ ଘମେଜା

# ରଖିଛନ୍ତି ୧୬୩୮ କ୍ରେଡିଟ୍ କାର୍ଡ, ନାହିଁ କୌଣସି ଋଣ

ନୂଆଦିଲ୍ଲୀ, ୯।୧୦(ଏଜେନ୍ସି): ଆପଣ ହୁଏତ ଅନେକ ଉଦ୍ଦେଶ୍ୟରେ କ୍ରେଡିଟ୍ କାର୍ଡ ବ୍ୟବହାର କରିଥିବେ, ତାହା ଅନଲାଇନ୍ ସପିଂ କିମ୍ବା ବିଲ୍ ପେମେଣ୍ଟ ହେଉ। କିନ୍ତୁ ଜଣେ ବ୍ୟକ୍ତି କ୍ରେଡିଟ୍ କାର୍ଡକୁ ଏପରି ଆୟର ଉତ୍ସରେ ପରିଣତ କରିଛନ୍ତି। ସେ ହେଉଛନ୍ତି ମନୀଷ ଘମେଜା, ଯାହାଙ୍କୁ ଭାରତର 'କ୍ରେଡିଟ୍ କାର୍ଡ କିଙ୍ଗ୍' କୁହାଯାଉଛି। ତାଙ୍କ ପାଖରେ ରହିଛି ୧୬୩୮ଟି ବୈଧ କ୍ରେଡିଟ୍ କାର୍ଡ। ହେଲେ କୌତୂହଳର ବିଷୟ ହେଉଛିଯେ, ମନୀଷଙ୍କର କୌଣସି ଋଣ ନାହିଁ। ଏତେ ସଂଖ୍ୟକ କ୍ରେଡିଟ୍ କାର୍ଡ



**ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସାମିଲ୍**

ରଖିଥିବାରୁ ମନୀଷ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସାମିଲ୍ ହୋଇଛନ୍ତି। ଶୂନ୍ୟ ଋଣ ସହିତ ସେ ଏହି କାର୍ଡଗୁଡ଼ିକୁ ଟଙ୍କା ରୋଜଗାର ମେସିନ୍ ପରି ବ୍ୟବହାର କରନ୍ତି। ଏକ ଇନ୍‌ଭେଷ୍ଟ ଅପ୍ ମିଡିଆ ପୋଷ୍ଟରେ ଏହି ତଥ୍ୟ ପ୍ରଦାନ କରାଯାଇଛି। ମନୀଷ ଘାମେଜା କ୍ରେଡିଟ୍ କାର୍ଡ ଏବଂ ମୁଦ୍ରା ସଂଗ୍ରହ ପାଇଁ ଗିନିଜ୍ ୱାର୍ଲ୍ଡ ରେକର୍ଡଧାରୀ। ସେ ବର୍ତ୍ତମାନ ଦିଲ୍ଲୀରେ ରୁହନ୍ତି, କିନ୍ତୁ ମୂଳତଃ ଉତ୍ତର ପ୍ରଦେଶର ଲକ୍ଷ୍ନୌର ମୂଳ ନିବାସୀ। ମନୀଷ ତାଙ୍କ ଶିକ୍ଷା ସମୟରେ ବିଭିନ୍ନ କ୍ଷେତ୍ରରେ କାମ କରିଛନ୍ତି। ସେ କାନପୁରର ସିଏସ୍‌ଜେଏମ୍‌ବିଶ୍ୱବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଏବଂ ଗଣିତରେ ଡିଗ୍ରୀ ହାସଲ କରିଥିଲେ। ତା'ପରେ ସେ ଲକ୍ଷ୍ନୌର ଇଣ୍ଟିଗ୍ରାଲ ବିଶ୍ୱବିଦ୍ୟାଳୟରୁ ଏମ୍‌ସିଏ ଏବଂ ସାମାଜିକ କାର୍ଯ୍ୟରେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି। ମନୀଷ ଦୁଇଥର ଗିନିଜ୍ ୱାର୍ଲ୍ଡ ରେକର୍ଡଧାରୀ - କ୍ରେଡିଟ୍ କାର୍ଡ ଏବଂ କଏନ୍ ସଂଗ୍ରହ ପାଇଁ। ସେ ଜଣେ ମୁଦ୍ରାବିଦ୍, କଳାକାର, ଡାଟା ବୈଜ୍ଞାନିକ ଏବଂ ସମାଜସେବୀ। ସେ ଲିଙ୍କଡିନ୍‌ରେ ପରାମର୍ଶଦାତା ଏବଂ ଇନଷ୍ଟାଗ୍ରାମ୍ ଏବଂ ଫେସବୁକ୍‌ରେ ତାଙ୍କ ଅନୁସରଣକାରୀଙ୍କ ସହିତ କ୍ରେଡିଟ୍ କାର୍ଡ ଟିପ୍ସ ସେୟାର କରନ୍ତି।

# ବିଶ୍ୱ ଅର୍ଥନୀତିରେ ଆସିବ ଭୂ-ଚାଳ

ୱାଶିଂଟନ୍, ୯।୧୦(ଏଜେନ୍ସି): ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ଝଟ୍‌କା ସତ୍ତ୍ୱେ ବିଶ୍ୱ ଅର୍ଥନୀତି ଆଶାଠାରୁ ଭଲ ସ୍ଥିତିରେ ଅଛି। କିନ୍ତୁ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ମୁଖ୍ୟ କହିଛନ୍ତି ଯେ ଏହି ସ୍ଥିରତା ଅଧିକ ସମୟ ପର୍ଯ୍ୟନ୍ତ ରହିପାରିବ ନାହିଁ। ବୁଧବାର ଏକ ଅଭିଭାଷଣରେ, ଆଇଏମ୍‌ଏଫ୍ ଏମ୍‌ଡି କ୍ରିଷ୍ଟାଲିନା ଜର୍ଜିଭା କହିଛନ୍ତି ଯେ, ନିଜକୁ ସମ୍ଭାଳି ରଖ। ଅନିଶ୍ଚିତତା

**ଆଇଏମ୍‌ଏଫ୍‌ର ଚେତାବନୀ**

ଏବେ ସ୍ୱାଭାବିକ ଏବଂ ଏହା ସବୁଦିନ ପାଇଁ ରହିବ। ନିବେଶକମାନେ ଦୁର୍ବଳ ଡଲାର ଏବଂ ଭୂ-ରାଜନୈତିକ ଅନିଶ୍ଚିତତାରୁ ନିଜକୁ ରକ୍ଷା କରିବା ପାଇଁ ନିରାପଦ ଆଶ୍ରୟସ୍ଥଳ ଖୋଜୁଛନ୍ତି। ଏହା ସହିତ, ଆଇଏମ୍‌ଏଫ୍ ଏବଂ ବିଶ୍ୱ ବ୍ୟାଙ୍କର ବାର୍ଷିକ ବୈଠକ ଆସନ୍ତା ସପ୍ତାହରେ ୱାଶିଂଟନରେ ଅନୁଷ୍ଠିତ ହେବ। ଯେତେବେଳେ ବିଶ୍ୱ ଆର୍ଥିକ କ୍ଷେତ୍ରର ନେତୃବୃନ୍ଦ ଏବଂ କେନ୍ଦ୍ରୀୟ ବ୍ୟାଙ୍କ ମୁଖିଆମାନେ ଏକାଠି ହେବେ। ସେଠାରେ ଟ୍ରମ୍ପ୍ ଶୁଳ୍କ ଉପରେ ଜୋରଦାର ବିତର୍କ ହେବ ବୋଲି ଆଶା କରାଯାଉଛି। ଚଳିତ ବର୍ଷ ବିଶ୍ୱ ଅର୍ଥନୀତି ୩% ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି।

**ଟ୍ରମ୍ପଙ୍କ ୟୁ-ଟର୍ଣ୍ଣ**

# ଜେନେରିକ୍ ଔଷଧ ଉପରେ ଲାଗିବନି ଟାରିଫ୍

ନୂଆଦିଲ୍ଲୀ, ୯।୧୦(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶୁଳ୍କ ବୋମା ମାଧ୍ୟମରେ ଅନେକ ଦେଶର ଅର୍ଥନୀତିକୁ ପ୍ରଭାବିତ କରିଛନ୍ତି। ଭାରତ ମଧ୍ୟ ଏହାର ପ୍ରଭାବ ଅନୁଭବ କରୁଛି। ତଥାପି , ବର୍ତ୍ତମାନ ସମୟ ପାଇଁ ଟ୍ରମ୍ପ ପ୍ରଶାସନ ଜେନେରିକ୍ ଔଷଧ ଉପରେ ଶୁଳ୍କ ଲଗାଇବା ଯୋଜନାକୁ ସ୍ଥଗିତ ରଖିଛି। ଏହି ନିଷ୍ପତ୍ତି ଭାରତୀୟ ଔଷଧ ଶିଳ୍ପକୁ ବଡ଼ ଆଶ୍ୱସ୍ତି ଆଣିଛି, କାରଣ ଆମେରିକାରେ ବ୍ୟବହୃତ ଅଧିକାଂଶ କମ୍ ମୂଲ୍ୟର ଔଷଧ ଭାରତରୁ ରପ୍ତାନି କରାଯାଏ। ଯଦି ଶୁଳ୍କ ଲଗାଯାଏ ତେବେ ଭାରତୀୟ ଔଷଧ ଆମେରିକା ବଜାରରେ ମହଙ୍ଗା ହୋଇଯିବ।

ମେଡିକାଲ୍ ଡାଟା ଆନାଲିଟିକ୍ସ କମ୍ପାନୀ ଆଇକ୍ୟୁଭିଆର ଏକ ରିପୋର୍ଟ ଅନୁଯାୟୀ, ଆମେରିକାରେ ବ୍ୟବହୃତ ଜେନେରିକ୍ ଔଷଧର ପ୍ରାୟ ୪୭% ଭାରତରୁ ଆସିଥାଏ। ଭାରତର ଅଂଶ ଏତେ ବଡ଼ ଯେ ଏହାକୁ ପ୍ରାୟତଃ ବିଶ୍ୱର ଫାର୍ମାସୀ କୁହାଯାଏ। ଭାରତୀୟ ଔଷଧ ଆମେରିକାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ମଧୁମେହ, ରକ୍ତଚାପ, କୋଲେଷ୍ଟ୍ରଲ୍ ଏବଂ ଆଣ୍ଟିବାୟୋଟିକ୍ ଭଳି ଜୀବନରକ୍ଷାକାରୀ ଔଷଧ ଭାରତୀୟ କମ୍ପାନୀଗୁଡ଼ିକରୁ ଆମେରିକାକୁ ବହୁ ପରିମାଣରେ ଆମଦାନୀ କରାଯାଇଥାଏ। ଏହି ଔଷଧର ମୂଲ୍ୟ ଆମେରିକାରେ ସ୍ଥାନୀୟ ଭାବରେ ଉତ୍ପାଦିତ ଔଷଧ ତୁଳନାରେ ଯଥେଷ୍ଟ କମ୍, ଯାହା ଆମେରିକୀୟ ନାଗରିକମାନଙ୍କୁ ଆଶ୍ୱସ୍ତି ପ୍ରଦାନ କରେ।

### ■ କାହିଁକି ୟୁ-ଟର୍ଣ୍ଣ ନେଲେ ଟ୍ରମ୍ପ

ଦି ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଟ୍ରମ୍ପ ପ୍ରଶାସନ ଜେନେରିକ୍ ଔଷଧ ଉପରେ ଶୁଳ୍କ ଲାଗୁ କରିବା ଘଟଣା ଉପରେ ଏକ ତଦନ୍ତ ଆରମ୍ଭ କରିଥିଲା। ଏହି ତଦନ୍ତରେ କେବଳ ପ୍ରସ୍ତୁତ ଔଷଧ ନୁହେଁ

**● ଦୀପାବଳି ପୂର୍ବରୁ ଭାରତକୁ ଦେଲେ ଖୁସି ଖବର**
**● ଫାର୍ମା କମ୍ପାନୀ ଆଶ୍ୱସ୍ତ**



ବରଂ ସେମାନଙ୍କ ଉତ୍ପାଦନରେ ବ୍ୟବହୃତ କଞ୍ଚାମାଲ (ଏପିଆଇ) ମଧ୍ୟ ଅନ୍ତର୍ଭୁକ୍ତ ଥିଲା। ତଥାପି, ତଦନ୍ତ ପରେ ବାଣିଜ୍ୟ ବିଭାଗ ପରିସରକୁ ସଙ୍କୁଚିତ କରିବାକୁ ସୁପାରିଶ କରିଥିଲା, କାରଣ ଅନେକ ବିଶେଷଜ୍ଞ ବିଶ୍ୱାସ କରୁଥିଲେ ଯେ ଜେନେରିକ୍ ଔଷଧ ଉପରେ ଶୁଳ୍କ ଲଗାଇବା ଦ୍ୱାରା ଆମେରିକାରେ ଔଷଧର ମୂଲ୍ୟ ବୃଦ୍ଧି ପାଇବ ଏବଂ ବଜାରରେ ତାହାର ଅଭାବ ମଧ୍ୟ ଦେଖାଦେଇପାରେ। ଗୋଟିଏ ଗୋଷ୍ଠୀ ବିଦେଶୀ ଔଷଧ ଉପରେ ଉଚ୍ଚ ଶୁଳ୍କ ଲଗାଇ ଉତ୍ପାଦନକୁ ଆମେରିକାକୁ ଫେରାଇ ଆଣିବାକୁ ଚାହୁଁଥିଲା, ଯେତେବେଳେ କି ଅନ୍ୟ ଏକ ଗୋଷ୍ଠୀ ବିଶ୍ୱାସ କରୁଥିଲେ ଯେ ଏପରି ପଦକ୍ଷେପ ଆମେରିକୀୟ ଜନସାଧାରଣଙ୍କ ପାଇଁ କ୍ଷତିକାରକ ହେବ।

### ■ ଟାରିଫ୍ ଯୁଦ୍ଧ ଏବଂ ବିଶ୍ୱ ପ୍ରଭାବ

ସାମ୍ପ୍ରତିକ ମାସଗୁଡ଼ିକରେ ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ନୀତି ବିଶ୍ୱସ୍ତରୀୟ ଶିରୋନାମା ପାଲଟିଛି। ପ୍ରଥମେ, ସେ ଚୀନ୍ ଉପରେ ଆମଦାନୀ ଶୁଳ୍କ ଲାଗୁ କରିଥିଲେ, ଯାହାର ଜବାବରେ ଚୀନ୍ ଆମେରିକୀୟ କୃଷି ଉତ୍ପାଦ କିଣିବା ବନ୍ଦ କରିଦେଇଥିଲା। ଏହା ଆମେରିକୀୟ କୃଷକମାନଙ୍କ ପାଇଁ ଏକ ବଡ଼ ଆଘାତ ଦେଇଥିଲା ଏବଂ କୃଷି ବଜାରରେ ଏକ ସଙ୍କଟ ସୃଷ୍ଟି କରିଥିଲା। ସେହିପରି, ଯଦି ଭାରତରେ ଔଷଧ ଶୁଳ୍କ ଲଗାଯାଇଥାନ୍ତା ତେବେ ଏହା ଆମେରିକୀୟ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ପ୍ରଭାବିତ କରିଥାନ୍ତା। ଭାରତର ସୁଲଭ ଏବଂ ନିର୍ଭରଯୋଗ୍ୟ ଔଷଧ ବିନା ଆମେରିକୀୟ ରୋଗୀମାନଙ୍କ ପାଇଁ ସମାନ ଚିକିତ୍ସା ବହୁତ ମହଙ୍ଗା ହୋଇଥାନ୍ତା।

### ■ ଭାରତୀୟ ଔଷଧ ଶିଳ୍ପର ଭୂମିକା

ଜେନେରିକ୍ ଔଷଧ କ୍ଷେତ୍ରରେ ଭାରତର ଔଷଧ ଶିଳ୍ପ ବିଶ୍ୱରେ ବେଶ ଅଗ୍ରଣୀ। ଭାରତୀୟ କମ୍ପାନୀଗୁଡ଼ିକ କେବଳ ଆମେରିକାକୁ ନୁହେଁ ବରଂ ୟୁରୋପ, ଆଫ୍ରିକା ଏବଂ ଏସିଆର ଦେଶଗୁଡ଼ିକୁ ମଧ୍ୟ ସୁଲଭ ଏବଂ ଉଚ୍ଚମାନର ଔଷଧ ରପ୍ତାନି କରନ୍ତି। ଆମେରିକାର ବଜାର ହେଉଛି ଭାରତର ସର୍ବବୃହତ ରପ୍ତାନି ଗନ୍ତବ୍ୟସ୍ଥଳ, ଯାହା ପ୍ରତିବର୍ଷ କୋଟି କୋଟି ଡଲାର ମୂଲ୍ୟର ଔଷଧ ପଠାଇଥାଏ। ତେଣୁ, ଟ୍ରମ୍ପ ପ୍ରଶାସନର ନିଷ୍ପତ୍ତିକୁ ସ୍ଥଗିତ ରଖିବା ଭାରତୀୟ କମ୍ପାନୀଗୁଡ଼ିକ ପାଇଁ ଏକ ବଡ଼ ଆଶ୍ୱସ୍ତି ଆଣିଛି।

# ଲାଲ୍‌ଚନ୍ଦ୍‌ର ଧନତେରସ ଓ ଦୀପାବଳି ଅଫର

ଭୁବନେଶ୍ୱର, ୯।୧୦(ସମିସ): ଧନତେରସ ଓ ଦୀପାବଳି ଉପଲକ୍ଷେ ଲାଲ୍‌ଚନ୍ଦ୍ ଜୁଏଲର୍ସ ତରଫରୁ ମନଲୋଭା ରିଆତି ଅଫର ଘୋଷଣା କରାଯାଇଛି। ସୁନାର ମୂଲ୍ୟ ବଢୁଥିବାବେଳେ ଗ୍ରାହକମାନଙ୍କୁ ସୁଲଭ ମୂଲ୍ୟରେ ଅଳଙ୍କାର ଯୋଗାଇଦେବା ପାଇଁ ଲାଲ୍‌ଚନ୍ଦ୍ ଆଣିଛନ୍ତି ସବୁଠୁ କମ୍ ଗଢ଼ା ମଜୁରୀ। ସମସ୍ତ ୨୨ କ୍ୟାରେଟ୍ ଏଚ୍‌ୟୁଆଇଡି ହଲ୍‌ମାର୍କଯୁକ୍ତ ସ୍ୱର୍ଣ୍ଣ ଅଳଙ୍କାରର ଗଢ଼ା ମଜୁରିରେ ଫ୍ଲାଟ୍ ୬୦% ରିଆତି। ରୁପା ଅଳଙ୍କାରର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୬୦% ରିଆତି ଥିବାବେଳେ ହୀରା ମୂଲ୍ୟ ଉପରେ ଫ୍ଲାଟ୍ ୨୫% ରିହାତି ରହିଛି। ନିର୍ଦ୍ଦିଷ୍ଟ ହାତଘଣ୍ଟା ଉପରେ ଅଛି ଫ୍ଲାଟ୍ ୫୦% ରିହାତି। ରୁପା ବ୍ରାଣ୍ଡେଡ୍ ଆଇଟମ ଉପରେ ରହିଛି ଫ୍ଲାଟ୍ ୧୫% ରିଆତି। ତା' ସହିତ ୧.୫ ଲକ୍ଷ ଟଙ୍କାର ସ୍ୱର୍ଣ୍ଣ ଅଳଙ୍କାର କିଣିଲେ ମାଗଣା ସ୍ୱର୍ଣ୍ଣ ମୁଦ୍ରା ଏବଂ ପ୍ରତ୍ୟେକ କ୍ରୟ ଉପରେ ନିଶ୍ଚିତ ଉପହାର। ଏସ୍‌ବିଆଇ କାର୍ଡ ଉପଭୋକ୍ତାମାନେ ୧୧ରୁ

LALCHND
Trusted Brand Since 1948

୨୦ ଅକ୍ଟୋବର ମଧ୍ୟରେ ଖରିଦ କରି ୫,୦୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାସ୍ ବ୍ୟାକ୍ ପାଇପାରିବେ। ୨ ନଭେମ୍ବର ପର୍ଯ୍ୟନ୍ତ ଲକି ଲକ୍ଷ୍ମୀ ଜ୍ୱେଲରୀ ଫେଷ୍ଟିଭାଲ୍ ଚାଲୁ ରହିଛି। ଯେଉଁଥିରେ ବମ୍ପର ପୁରସ୍କାର ଭାବରେ ଜଣେ ଗ୍ରାହକ ଜିତିବେ ୧ କେଜି ସୁନା। ୪ ଜଣ ଜୋନ୍ ସ୍ତରୀୟ ବିଜେତା ଜିତିବେ ଜଣକା ୨୫୦ ଗ୍ରାମ୍‌ର ଗୋଲ୍ଡ ବାର୍। ସାମୟିକ ପ୍ରାଇଜ୍ ହିସାବରେ ରହିଛି ୧୫ ହଜାରରୁ ଅଧିକ ପୁରସ୍କାର ଯଥା- ୧ ଗ୍ରାମ୍ ଏବଂ ୫ ଗ୍ରାମ୍‌ର ସ୍ୱର୍ଣ୍ଣ ମୁଦ୍ରା, ୧୦ ଗ୍ରାମ୍ ଏବଂ ୫୦ ଗ୍ରାମ୍‌ର ରୌପ୍ୟ ମୁଦ୍ରା। ସେହିପରି ୭ଟି ସାପ୍ତାହିକ ଡ୍ର ରହିଛି, ଯେଉଁଥିରେ ୧୪୦ଟି ପ୍ରାଇଜ୍। ଅର୍ଥାତ୍ ପ୍ରତି ସପ୍ତାହରେ ୨୦ଟି ପ୍ରାଇଜ୍, ଯେଉଁଥିରେ ରହିଛି ୨୦ଟି ୫ ଗ୍ରାମ୍‌ର ସ୍ୱର୍ଣ୍ଣ ମୁଦ୍ରା। କେବଳ ସେତିକି ନୁହେଁ, ନିଶ୍ଚିତ ଉପହାର ଭାବରେ ରହିଛି ୨୦୦ ଟଙ୍କାର ଡିଜିଟାଲ୍ ଗିଫ୍ଟ ଭାଉଚର। ଜିଜେସି ପ୍ରସ୍ତୁତ ଲକି ଲକ୍ଷ୍ମୀ ଯୋଜନାରେ ଗ୍ରାହକମାନେ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ଉପହାର ଜିତିବା ସହ ୨୦ କୋଟି ଟଙ୍କା ପର୍ଯ୍ୟନ୍ତ ନିଶ୍ଚିତ ଉପହାର ପାଇବେ।

# ହାରୋ କର୍ମକର୍ତ୍ତା ନିର୍ବାଚନ



ଭୁବନେଶ୍ୱର, ୯।୧୦(ସମିସ): ହୋଟେଲ ଆଣ୍ଡ ରେସ୍ତୋରାଁ ଆସୋସିଏସନ୍ ଅଫ୍ ଇଣ୍ଡିଆ (ହାରୋ)ର ୩୬ ତମ ବାର୍ଷିକ ସାଧାରଣ ବୈଠକ ସହ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ୨୦୨୫-୨୬,୨୦୨୬-୨୭ ଏବଂ ୨୦୨୭-୨୮ ବର୍ଷ ପାଇଁ ଅନୁଷ୍ଠିତ ଏହି କର୍ମକର୍ତ୍ତା ନିର୍ବାଚନରେ ସଂଘ ପାଇଁ ଉପସଭାପତି, କାର୍ଯ୍ୟକାରୀ ସଭାପତି,ସାଧାରଣ ସମ୍ପାଦକ, କୋଷାଧ୍ୟକ୍ଷ, ଯୁଗ୍ମ କୋଷାଧ୍ୟକ୍ଷ , ଯୁଗ୍ମ ସମ୍ପାଦକ ଏବଂ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟମାନଙ୍କୁ ଚୟନ କରାଯାଇଛି। ଏଥିରେ ହାରୋର ୯ ଜଣ ଉପସଭାପତି, ଜଣେ କାର୍ଯ୍ୟକାରୀ ସଭାପତି, ସାଧାରଣ ସମ୍ପାଦକ, କୋଷାଧ୍ୟକ୍ଷ ଓ ଯୁଗ୍ମ କୋଷାଧ୍ୟକ୍ଷ ଭାବେ ଏବଂ ୯ ଜଣ ଯୁଗ୍ମ ସମ୍ପାଦକ ଓ ୧୬ ଜଣ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି।




# ଏଚ୍‌ଆର୍‌ଟି ନେଉଥିଲେ...

ମାସିକ ଧର୍ମ ବା ଋତୁସ୍ରାବ ମହିଳାଙ୍କର ଏକ ସ୍ୱାଭାବିକ ପ୍ରକ୍ରିୟା। ହେଲେ ମହିଳାମାନଙ୍କର ୪୦ରୁ ୪୫ ବର୍ଷ ମଧ୍ୟରେ ମେନୋପଜ ବା ରଜୋନିବୃତ୍ତି ହୋଇଥାଏ। ଏହି ସମୟେ ଶରୀରରେ ନିର୍ଦ୍ଦିଷ୍ଟ ହର୍‌ମୋନ ନିର୍ଗତ ଧୀମା ହୁଏ। ଏହାଦ୍ୱାରା ରାତିରେ ଝାଳ ବାହାରିବା, ନିଦ୍ରାସମସ୍ୟା, ବିଚଳିତ ଆଦି ସ୍ୱାସ୍ଥ୍ୟସମସ୍ୟା ଦେଖାଯାଏ। ହେଲେ ଅଧିକାଂଶ ମହିଳା ଚିରଯୌବନ ଆଶାରେ ଉକ୍ତ ହର୍‌ମୋନକୁ ସନ୍ତୁଳନ ରଖିବାକୁ ଏଚ୍‌ଆର୍‌ଟି ଥେରାପି ନିଅନ୍ତି। ଏହା ବ୍ୟୟବହୁଳ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ବିନା ପରାମର୍ଶରେ ଏହି ଥେରାପି ନେବା ଦ୍ୱାରା ଶରୀରରେ ବିଭିନ୍ନ ପାର୍ଶ୍ୱପ୍ରତିକ୍ରିୟା ଦେଖାଯାଏ। ତେବେ ଏଚ୍‌ଆର୍‌ଟି ନିର୍ଣ୍ଣୟ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ଓ ଲକ୍ଷଣର ଗମ୍ଭୀରତା ଉପରେ ନିର୍ଭର କରେ।



ଏଚ୍‌ଆରଟି ବା ହର୍‌ମୋନ ରିପ୍ଲେସ୍‌ମେଣ୍ଟ ଥେରାପି ଶରୀରକୁ ଅପ୍ରାକୃତିକ ଉପାୟରେ ଏଷ୍ଟ୍ରୋଜେନ୍ ଏବଂ ପ୍ରୋଜେଷ୍ଟେରୋନର ଅଭାବକୁ ପୂରା କରେ। ଏହା ପ୍ୟାଚ୍, ବଟିକା ତଥା ଜେଲ୍ ଆକାରରେ ଉପଲବ୍ଧ । ମେନୋପଜ ଲକ୍ଷଣକୁ କମ୍ କରିବାରେ ସାହାଯ୍ୟ କରିଥାଏ। ଏଚ୍‌ଆର୍‌ଟି ଆରମ୍ଭ କରିବା ପୂର୍ବରୁ ରକ୍ତପରୀକ୍ଷା, ଫ୍ୟାମିଲ୍ ହିଷ୍ଟ୍ରି, ମେଡିକାଲ କଣ୍ଡିସନ ଯାଞ୍ଚ ଜରୁରି। ଏହି ଥେରାପି ତ୍ୱଚାକୁ ଯୁବା ରଖେ। ହେଲେ ଅଧିକାଂଶ ମହିଳାଙ୍କ ଶରୀରରେ ଏହା ଭିନ୍ନ ଭିନ୍ନ ପାର୍ଶ୍ୱପ୍ରତିକ୍ରିୟା ସୃଷ୍ଟି କରାଏ। ଏହା ଓଜନ ବୃଦ୍ଧି, ହୃଦୟ ଏବଂ ମସ୍ତିଷ୍କସମ୍ବନ୍ଧୀୟ ରୋଗ, ଡିହାଇଡ୍ରେସନ, ପିତ୍ତଶୟ ପଥୁରୀ, ରକ୍ତଚାପ, ଟାଇପ୍-୨ ମଧୁମେହ, ଅଷ୍ଟିଓପୋରୋସିସ ତଥା କର୍କଟ ଆଶଙ୍କାକୁ ବଢ଼ାଇଥାଏ ବୋଲି ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ଦେବେନ୍ଦ୍ର କୁମାର ନାଏକ କୁହନ୍ତି। ତେଣୁ ମହିଳାମାନେ ଡାକ୍ତରଙ୍କ ବିନା ପରାମର୍ଶରେ ଏହି ଥେରାପି ନେବା ଅନୁଚିତ। ଏଚ୍‌ଆର୍‌ଟି ଉପଯୋଗ କମ୍ କରି ଓଜନ ନିୟନ୍ତ୍ରଣ କରିପାରିବେ। ଡାଏଟ୍‌ରେ କ୍ୟାଲ୍‌ସିୟମ, ଭିଟାମିନ୍-ଡି, ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଯଥା- ଅଳସି, ସୋୟାମିଲ୍କ, ତିଳ, ଚଣା ଆଦି ସାମିଲ କରି ଇଷ୍ଟ୍ରୋଜେନ୍ ହରମୋନ ବଢ଼ାଇପାରିବେ। ନିୟମିତ ଯୋଗ, ପ୍ରାଣାୟମ କରିବା ଭଲ ବିକଳ୍ପ।

# ବିଶ୍ୱ ମାନସିକ ଦିବସର ଅନୁଚିନ୍ତା

**ଡା. ନୀଳମାଧବ ରଥ**

**ମାନସାମ୍ ବିଧି ମାନବମ୍- ମନ ହିଁ ମନୁଷ୍ୟ ଅଟେ ମନକୁ ହିଁ ମନୁଷ୍ୟ ଜାଣେ।**

ମାନସିକ ସ୍ୱାସ୍ଥ୍ୟର ସଠିକ୍ ଯତ୍ନ ଜଣେ ବ୍ୟକ୍ତିଙ୍କୁ ସୁଖୀ ଏବଂ ସମୃଦ୍ଧ ଜୀବନଯାପନ କରିବାରେ ସାହାଯ୍ୟ କରେ। ତେଣୁ ଶାରୀରିକ ସ୍ୱାସ୍ଥ୍ୟ ପରି ମାନସିକ ସ୍ୱାସ୍ଥ୍ୟର ଯତ୍ନ ନେବା ଜରୁରି। ହେଲେ ଔଷଧୀୟ ବୈଦ୍ୟୁତିକ, କୃତ୍ରିମ ବୁଦ୍ଧିମତା ଏବଂ ସ୍ନାୟୁ ଭେଷଜ, ସ୍ନାୟୁ ଶଲ୍ୟ ତଥା ମସ୍ତିଷ୍କରେ ଖଞ୍ଜାଯାଉଥିବା ଟେଲିପାଥିକ ପେସ୍ ମେକର ଚିକିତ୍ସା ପଦ୍ଧତିର ପ୍ରଭୃତି ବୈଜ୍ଞାନିକ ଉନ୍ନତି ସତ୍ତ୍ୱେ ଏବେ ବି ଅଶୀ ଭାଗ ମାନବ ଉଚିତ ମୂଲ୍ୟରେ ଉତ୍କୃଷ୍ଟ ମାନସିକ ଚିକିତ୍ସା ପାଇପାରୁନାହାଁନ୍ତି। ତେଣୁ ମାନସିକ ସ୍ୱାସ୍ଥ୍ୟ ସମସ୍ୟାକୁ ସର୍ବ ସମ୍ମୁଖକୁ ଆଣିବା ତଥା ଏହି ରୋଗ ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅକ୍ଟୋବର ୧୦କୁ ବିଶ୍ୱ ମାନସିକ ଦିବସ ଭାବେ ପାଳନ କରାଯାଏ। ଚଳିତ ବର୍ଷ ଏହି ଦିବସର ଅନୁଚିନ୍ତା ହେଉଛି, ବ୍ୟକ୍ତିଗତ ଓ ସମଷ୍ଟିଗତ ବିପତ୍ତିରେ ଉପଯୋଗୀ ହୋଇ ମାନସିକ ସ୍ୱାସ୍ଥ୍ୟ ସେବା ଆଶୁ ଚିକିତ୍ସା ସମସ୍ତଙ୍କ ପାଖରେ ପହଞ୍ଚାଇବା।

ପ୍ରାକୃତିକ ଆପଦା ଅତିବୃଷ୍ଟି, ଅନାବୃଷ୍ଟି, ଭୂମିକମ୍ପ, ବାତ୍ୟା, ମହାଦେଶ ବ୍ୟାପୀ ବନାଗ୍ନି, ପ୍ରାକୃତିକ ସବୁଜିମାର ଅବକ୍ଷୟ ଯନ୍ତ୍ର ଜୀବନ ମାନସିକ ଚାପ ବୃଦ୍ଧି କରୁଛି। ଅନ୍ୟ ପକ୍ଷରେ କରୋନା ମହାମାରୀ ଜୀବାଣୁ ବୀଜାଣୁ ପ୍ରତିଷେଧକ ମୂଳକ ବ୍ୟବସ୍ଥାରେ ମୁକ୍ତ ହେଲେ ମଧ୍ୟ ମନୁଷ୍ୟ ତା'ର ଅସ୍ତିତ୍ୱ ଏବଂ ମାନବ ସମାଜର ସ୍ମୃତି ଦୁର୍ବଳ କରୁଛି। ଗାଜା, ୟୁକ୍ରେନ୍ ଭଳି ବିଶ୍ୱର ବିଭିନ୍ନ ସ୍ଥାନରେ ଲାଗି ରହିଥିବା ଯୁଦ୍ଧସ୍ଥିତି, ଧର୍ମୀୟ ବିବାଦ ଆଦି ମାନବୀୟ ବିପଦ ମାନବିକତାକୁ ଆକ୍ରାନ୍ତ କରୁଛି। କ୍ଷୁଦ୍ରତମ ମାଇକ୍ରୋ ପ୍ଲାଷ୍ଟିକ, ଅଣୁ କେମିକାଲ କଣିକା, ଓଜୋନ ଛତାରେ ଛିଦ୍ରତା, ନିଶା ସେବନ, ମଦ୍ୟପାନ, ଯୌନବିକୃତି ମାନବ ସମାଜକୁ ବିଚଳିତ କରୁଛି। ମାନସିକସ୍ତରରେ ଆମେରିକାରେ ଆର୍ଥିକ ଟାରିଫ ଅତ୍ୟାଚାର, କମ୍ୟୁନିଜିମ୍ ବିରୋଧୀ ମାରଣ ନୀତି ଓ ଅମାନବୀୟ ଚାପ, କୃତ୍ରିମ ଖାଦ୍ୟାଭାବ ଦୁର୍ଭିକ୍ଷ ବିଶ୍ୱ ମାନସିକତାକୁ କବଳିତ କରିଛି। ସେଭଳି ଲାଭଖୋରୀ ବ୍ୟବସାୟ ଅର୍ଥ ସର୍ବସ୍ୱ ଓ ସଭ୍ୟତାର ଶଠତା ଅଶୀ ପ୍ରତିଶତ ମାନବିକତାକୁ ଘୋର ଜୀବନ ଯନ୍ତ୍ରଣା ଓ ରୁଗ୍ଣ ମାନସିକତାକୁ ଜନ୍ମ କଲାଣି।

ବିଷାକ୍ତକର ଖାଦ୍ୟ ଓ ପାନୀୟଜଳ, ଅସ୍ୱାସ୍ଥ୍ୟକର ପରିବେଶ, ସ୍ୱଚ୍ଛବାୟୁର ଅଭାବରୁ ଶିଶୁ ମୃତ୍ୟୁ ବା ବିକଳାଙ୍ଗ ଶରୀର ଓ ବିକଟ ମାନସିକତା ସୃଷ୍ଟି ହେଉଛି। ବିଶ୍ୱର ୨୦ ପ୍ରତିଶତ ବିଷାଦଗ୍ରସ୍ତ ରୋଗୀ, ୧୦ ପ୍ରତିଶତ ବାଚାଳ ଓ ୨ ପ୍ରତିଶତ ମାନସିକ ନ୍ୟୁନତା ଏବଂ ୧ ପ୍ରତିଶତ ଗଭୀର ଅପରାଧିକ ତତ୍ତ୍ୱର ରୋଗୀ ବର୍ତ୍ତମାନ ଚିକିତ୍ସା ଆବଶ୍ୟକ କରୁଛନ୍ତି।

ତେଣୁ ଭାରତ ତା'ର ସାଂସ୍କୃତିକ ନୀତିରେ ଏ ପରିସ୍ଥିତିରେ ସଂଗଠିତ ହେବା ଉଚିତ। କରୋନା ମହାମାରୀ ସମୟରେ ଭାରତ ଅଶୀ ପ୍ରତିଶତ ଦେଶକୁ ସାହାଯ୍ୟ ଯୋଗାଇଥିଲା। ତେଣୁ ଆମକୁ, ପ୍ରତ୍ୟେକ ବ୍ୟକ୍ତିଙ୍କୁ ଓ ମାନସିକ ଚିକିତ୍ସାକ୍ଷେତ୍ରରେ ଏସବୁ ରୋଗକୁ ପ୍ରତିରୋଧ କରିବାକୁ ଚିକିତ୍ସାବିଦ୍‌ମାନେ ଏବଂ ମାନସିକ ଚିକିତ୍ସାବିଦ୍‌ମାନେ ବିଶ୍ୱ ପ୍ରତି ସମର୍ପିତ ହେବା ଉଚିତ। ମନସାମ ଅପାରି ମନମ୍।



# ଯନ୍ତ୍ରଣାର ଜଣାଶୁଣା ଶତ୍ରୁ ଆର୍ଥ୍ରାଇଟିସ୍

**ବର୍ତ୍ତମାନ ସମୟରେ ଆର୍ଥ୍ରାଇଟିସ୍ ଏକ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଭାବେ ଉଭାହୋଇଛି। ଏହା ଗତିଶୀଳତା ଓ ଦୈନନ୍ଦିନ କାର୍ଯ୍ୟକୁ ପ୍ରଭାବିତ କରିଥାଏ। ଗବେଷଣା ଅନୁଯାୟୀ, ଭାରତରେ ପ୍ରାୟ ୧୯.୫ କୋଟି ଲୋକ ଏହି ରୋଗରେ ପୀଡ଼ିତ। ମହିଳାମାନେ ଏହି ରୋଗରେ ପୁରୁଷମାନଙ୍କଠାରୁ ଦୁଇ ଗୁଣା ଅଧିକ ପ୍ରଭାବିତ। କେବଳ ବୟସ୍କ ନୁହଁନ୍ତି; ଏବେ ଯୁବଗୋଷ୍ଠୀ ମଧ୍ୟ ଏହି ରୋଗର ଶିକାର ହେଉଛନ୍ତି। ତେବେ ଆର୍ଥ୍ରାଇଟିସ୍‌କୁ ଠିକ୍ ସମୟରେ ଚିକିତ୍ସା ନ ମିଳିଲେ ଏହା ଜଣକୁ ଅକର୍ମଣ୍ୟ କରିଦେଇପାରେ।**



ପ୍ରଫେସର ଡା. ଜ୍ୟୋତିରଞ୍ଜନ ପରିଡ଼ା

**ଆର୍ଥ୍ରାଇଟିସ୍‌ର ପ୍ରକାର ଓ ଲକ୍ଷଣ**

ଆର୍ଥ୍ରାଇଟିସ୍ ବିଭିନ୍ନ ପ୍ରକାରର ରହିଛି। ପ୍ରତ୍ୟେକର କାରଣ, ଲକ୍ଷଣ ଓ ପ୍ରଭାବ ଅଲଗା ଅଟେ।

**ଅଷ୍ଟିଓ ଆର୍ଥ୍ରାଇଟିସ୍:** ବୟସ ଓ କାର୍ଯ୍ୟ ଦ୍ୱାରା ଗଣ୍ଠିରେ କାର୍ଟିଲେଜର କ୍ଷୟ ଯୋଗୁ ସାଧାରଣତଃ ଏହା ବୃଦ୍ଧା ଅବସ୍ଥାରେ ଦେଖାଦେଇଥାଏ। ଗଣ୍ଠିରେ ଯନ୍ତ୍ରଣା, ଚାଲିବାରେ କଠିନତା ଆଦି ଏହାର ଲକ୍ଷଣ।

**ରୁମାଟଏଡ୍ ଆର୍ଥ୍ରାଇଟିସ୍ (RA):** ଏକ ସ୍ୱୟଂ ପ୍ରତିରୋଧୀ ରୋଗ। ଏହା ଗଣ୍ଠି ଓ ରକ୍ତକଣିକାକୁ ପ୍ରଭାବିତ କରେ। ହାତ ଓ ଗୋଡ଼ର ଗଣ୍ଠିଗୁଡିକ ଫୁଲିବା ସହ ଦରଜ ଅନୁଭୁତ ହୁଏ।

**ସୋରିଆଟିକ୍ ଆର୍ଥ୍ରାଇଟିସ୍:** ଏହା ଗଣ୍ଠି ଏବଂ ଚର୍ମକୁ ପ୍ରଭାବିତ କରେ। ଗଣ୍ଠିଯନ୍ତ୍ରଣା, କଠିନତା, ଫୁଲିବା ତଥା ତ୍ୱଚାରେ ନାଲି ଚିହ୍ନ ଦେଖାଦେବା ଏହାର ଲକ୍ଷଣ ହୋଇପାରେ।

**ଗାଉଟ୍:** ୟୁରିକ୍ ଅମ୍ଳ ବୃଦ୍ଧି ହୋଇ ପାଦ ଗଣ୍ଠିରେ କ୍ରିଷ୍ଟାଲ ଜମି ଅଚାନକ ଯନ୍ତ୍ରଣା ହେବା ସହ ଫୁଲିଯାଏ। ଯନ୍ତ୍ରଣା ଏବଂ ଫୁଲା ଯୋଗୁ ଗଣ୍ଠିକୁ ଚଳପ୍ରଚଳ କରିବାରେ ସମସ୍ୟା ହୁଏ।

**Systemic Lupus Erythematosus (SLE):** ଏହା ଏକ ବ୍ୟାପକ ସ୍ୱୟଂ ପ୍ରତିରୋଧୀ ରୋଗ, ଯେଉଁଥିରେ ଯକୃତ, ଫୁସ୍‌ଫୁସ୍, ବୃକ୍କ ଆଦି ଅଙ୍ଗ ପ୍ରଭାବିତ ହୋଇଥାଏ।

**ଆଙ୍କାଇଲୋଜିଂ ସ୍ପଣ୍ଡିଲାଇଟିସ୍:** ଏହା ମୁଖ୍ୟତଃ ପିଠି ବା ଅଣ୍ଟାରେ ଦେଖାଦେଇଥାଏ। ଏହି ରୋଗରେ ହାଡ଼ ଯୋଡ଼ି ହୋଇଯିବାର ସମ୍ଭାବନା ଥାଏ । ସକାଳୁ ଉଠିଲେ ଅଣ୍ଟା ଓ ପିଠି ଦରଜ ହେବା ଆଦି ଏହାର ଲକ୍ଷଣ।

ତେଣୁ ଦୀର୍ଘ ଦିନ ଧରି ଗଣ୍ଠି, ହାତ, ପାଦ, କାନ୍ଧ ଆଦିରେ ଯନ୍ତ୍ରଣା ବା ଫୁଲା, ଜ୍ୱର ଅନୁଭୂତି, ଥକ୍କାପଣ, ଚାଲିବାରେ ଯନ୍ତ୍ରଣା, ତ୍ୱଚାରେ ଲାଲ ଚିହ୍ନ, ରକ୍ତପରୀକ୍ଷାରେ ଇଏସ୍‌ଆର, ସିଆର୍‌ପିରେ ବୃଦ୍ଧି ଥିଲେ ର୍ୟୁମାଟୋଲୋଜିଷ୍ଟଙ୍କ ପରାମର୍ଶ ନେବା ଆବଶ୍ୟକ।

**ଜୀବନଶୈଳୀରେ ପରିବର୍ତ୍ତନ ଜରୁରି:** ଜୀବନଶୈଳୀ ଜନିତ ସାବଧାନତା ଯଥା- ସଠିକ ଓଜନ ରଖିବା, ହାଲୁକା ବ୍ୟାୟାମ କରିବା, ଗଣ୍ଠି ଉପରେ ଚାପ ପଡ଼ିବା ଭଳି କାର୍ଯ୍ୟରୁ ବଞ୍ଚିତ ହେବା ଆବଶ୍ୟକ। ଓମେଗା-୩ ଫ୍ୟାଟି ଏସିଡ୍, କ୍ୟାଲସିୟମ୍, ଭିଟାମିନ୍ D ଯୁକ୍ତ ଖାଦ୍ୟ ଗ୍ରହଣ କରିବା ଦ୍ୱାରା ଆର୍ଥ୍ରାଇଟିସ୍ ଜନିତ ଅସୁବିଧା କମି ଯାଇପାରେ। ଧୂମପାନ ଓ ମଦ୍ୟପାନଠୁ ଦୂରେଇବା ଭଲ।

**ଚିକିତ୍ସା ପଦ୍ଧତି:** ଆର୍ଥ୍ରାଇଟିସ୍‌ର ଚିକିତ୍ସା ରୋଗର ପ୍ରକାର, ତୀବ୍ରତା ଓ ରୋଗୀର ସ୍ୱାସ୍ଥ୍ୟ ଅବସ୍ଥା ନିରୂପଣ ହୋଇଥାଏ। ସାଧାରଣତଃ ଯନ୍ତ୍ରଣା ଓ ଫୁଲା ହ୍ରାସ ପାଇଁ ଔଷଧ ଯଥା- ଏନ୍‌ଏସ୍‌ଏଆଇଡିସ୍, ଡିଏମ୍‌ଏଆର୍‌ଡିସ୍, ବାୟୋଲୋଜିକ୍ସ, ଫିଜିଓଥେରାପି ଓ ଜୀବନଶୈଳୀ ପରିବର୍ତ୍ତନ ମୁଖ୍ୟ ଭୂମିକା ନିଭାନ୍ତି। ପ୍ରଶିକ୍ଷିତ ଡାକ୍ତରଙ୍କ ପରାମର୍ଶ କ୍ରମେ ଚିକିତ୍ସା ସହିତ ଉଚିତ ଆହାର, ବ୍ୟାୟାମ, ଓ ଯୋଗ ଦ୍ୱାରା ରୋଗୀ ଦୈନନ୍ଦିନ ଜୀବନକୁ ଆରାମଦାୟକ କରିପାରିବେ।

ଚିକିତ୍ସା ନିର୍ଦ୍ଦେଶକ
ଓଡିଶା ଆର୍ଥ୍ରାଇଟିସ୍ ଆଣ୍ଡ ର୍ୟୁମାଟୋଲୋଜି ସେଣ୍ଟର,
ସହୀଦ ନଗର ଭୁବନେଶ୍ୱର

### ଆଇସିସି ମହିଳା ଦିନିକିଆ ବିଶ୍ୱକପ

# ରିଚାଙ୍କ ଲଢୁଆ ଇନିଂସ

ବିଶାଖାପାଟଣମ, ୯ ।୧୦ (ଏଜେନ୍ସି): ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଗୁରୁବାର ଆୟୋଜକ ଭାରତ ଓ ଦକ୍ଷିଣ ଆଫ୍ରିକା ଏଠାରେ ସାମ୍ନାସାମ୍ନି ହୋଇଛନ୍ତି।



ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଭାରତ ମଧ୍ୟକ୍ରମର ବିଫଳତା ଯୋଗୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ୱିକେଟ୍‌କିପର ରିଚା ଘୋଷଙ୍କ ଲଢୁଆ ଅର୍ଦ୍ଧଶତକୀୟ ଇନିଂସ ଖେଳିବାରୁ ଦଳ ୨୫୧ ରନର ସମ୍ମାନଜନକ ସ୍କୋର କରିପାରିଥିଲା। ଜବାବରେ ଏହି ଲକ୍ଷ୍ୟକୁ ପିଛା କରିଥିବା ଦକ୍ଷିଣ ଆଫ୍ରିକା ଦଳ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଶେଷ ଖବର ସୁଦ୍ଧା ଦକ୍ଷିଣ ଆଫ୍ରିକା ୪୩ ଓଭରରେ ୬ ୱିକେଟ୍ ହରାଇ ୧୮୮ ରନ ସଂଗ୍ରହ କରିଛି। ଦଳ ପକ୍ଷରୁ ଲୌରା ଉଲ୍‌ଭାର୍ଟ୍ ସର୍ବାଧିକ ୭୦ ରନ୍ କରିଛନ୍ତି।

ଗୁରୁବାର ସ୍ଥାନୀୟ ୱାଇଏସ୍ ରାଜଶେଖର ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ଜିତି ଦକ୍ଷିଣ ଆଫ୍ରିକା ଅଧିନାୟିକା ଲୌରା ୱଲଭାର୍ଡଟ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଓପନିଂ ୱିକେଟ୍‌ରେ ସ୍ମୃତି ମନ୍ଧାନା (୨୩ ରନ) ଓ ପ୍ରତୀକା ରାୱଲ (୩୭ ରନ) ୫୫ ରନ ସଂଗ୍ରହ କରି ଭଲ ଆରମ୍ଭ ଦେଇଥିଲେ। ତେବେ ଉଭୟଙ୍କ ଆଉଟ୍ ପରେ ଭାରତର ମଧ୍ୟକ୍ରମ ବ୍ୟାଟର୍ ସମ୍ପୂର୍ଣ୍ଣ ନିରାଶ କରିଥିଲେ। ହର୍ଲିନ ଦେଓଲ ୧୩, ଅଧିନାୟିକା ହରମନପ୍ରୀତ୍ କୌର ୯, ଦୀପ୍ତି ଶର୍ମା ୪, ଅମନଜୋତ୍ କୌର ୧୩ ରନ କରିଥିବାବେଳେ ଜେମିମା ରୋଡ୍ରିଗ୍ସେଜ ଖାତା ଖୋଲିପାରି ନ ଥିଲେ। ଫଳରେ ଭାରତ ୧୦୨ ରନରେ ୬ଟି ୱିକେଟ୍ ହରାଇ ସାଂଘାତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ନିମ୍ନଭାଗରେ ରିଚା ଘୋଷ ୯୫ ରନର ଲଢୁଆ ଅର୍ଦ୍ଧଶତକୀୟ ପାଳି ଖେଳିବାରୁ ଭାରତ ୪୯.୫ ଓଭରରେ ୨୫୧ ରନର ସମ୍ମାନଜନକ ସ୍କୋର କରି ଅଲ୍‌ଆଉଟ୍ ହୋଇଥିଲା। ରିଚା ୭୭ ବଲର ସମ୍ମୁଖୀନ ହୋଇ ୧୧ ଚୌକା ଓ ୪ ଛକା ମାରିଥିଲେ। ଏକ ଫୁଲଟସ୍ ବଲ୍‌କୁ ମାରିବାକୁ ଯାଇ ସେ ଅଳ୍ପକେ ତାଙ୍କ ପ୍ରଥମ ଶତକରୁ ବଞ୍ଚିତ ହୋଇଥିଲେ। ସ୍ନେହା ଘୋଷ ମଧ୍ୟ ୨୪ ବଲରେ ୩୩ ରନ କରି ରିଚାଙ୍କୁ ସାଥ୍ ଦେଇଥିଲେ। ରିଚା ଓ ସ୍ନେହ ୮ମ ୱିକେଟ୍ ଭାଗୀଦାରୀ ୮୮ ରନ ଯୋଡ଼ିବାରୁ ଦଳର ସ୍କୋର ଅଢ଼େଇଶହ ରନ ଡେଇଁଥିଲା। ଆଫ୍ରିକା ପକ୍ଷରୁ କ୍ଲୋଏ ଟ୍ରାୟନ ୩ ଏବଂ ମାରିଜାନେ କାପ୍ପ, ନାଦିନେ ଡି କ୍ଲାର୍କ ଓ ଏନ୍. ମାଲବା ୨ଟି ଲେଖାଏ ୱିକେଟ ନେଇଥିଲେ।

**ଆଜିର ମ୍ୟାଚ୍**
**ନ୍ୟୁଜିଲାଣ୍ଡ - ବାଂଲାଦେଶ**
**ଆରମ୍ଭ : ଅପରାହ୍ଣ ୩ଟା**
**ସ୍ଥାନ : ଗୌହାଟୀ**

### ଆଜିଠାରୁ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦ୍ୱିତୀୟ ଟେଷ୍ଟ

# କ୍ଲିନ୍ ସୁଇପ୍, ପୂରା ପଏଣ୍ଟ ଲକ୍ଷ୍ୟରେ ଭାରତ

ନୂଆଦିଲ୍ଲୀ, ୯।୧୦(ଏଜେନ୍ସି):

ଆୟୋଜକ ଭାରତ ଓ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଚଳିତ ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ତଥା ଶେଷ ମୁକାବିଲା ଆସନ୍ତାକାଲି ବା ଶୁକ୍ରବାର ଏଠାରେ ଖେଳାଯିବ। ଏହା ପୂର୍ବରୁ ଅହମ୍ମଦାବାଦ୍‌ରେ ଅନୁଷ୍ଠିତ ପ୍ରଥମ ଟେଷ୍ଟକୁ ଭାରତ ଏକ ଇନିଂସ ଓ ୧୪୦ ରନ୍‌ରେ ବିଜୟୀ ହୋଇଥିଲା। ଏହା ଫଳରେ ଭାରତ ବୃହତ୍ ବିଜୟ ହାସଲ କରିବା ସହ ୱାର୍ଲ୍ଡ ଟେଷ୍ଟ ଚାମ୍ପିଅନସିପ୍‌ରେ ସମସ୍ତ ୧୨ ପଏଣ୍ଟ ହାସଲ କରିଥିଲା। ଏଠାରେ ଖେଳାଯିବାକୁ ଥିବା ଦ୍ୱିତୀୟ ଟେଷ୍ଟରେ ମଧ୍ୟ ଭାରତ ସମାନ ଲକ୍ଷ୍ୟ ନେଇ ଖେଳିବ। ଯଦିଓ ଭାରତକୁ ଏହି ମୁକାବିଲାରେ ଫେବରାଇଟ୍ ବିବେଚନା କରାଯାଉଛି, ତଥାପି ପୂରା ପଏଣ୍ଟ ହାସଲ କରିବା ଲାଗି ଭାରତ ଆପ୍ରାଣ ଉଦ୍ୟମ କରିବ ନିଶ୍ଚୟ। ଅନ୍ୟପକ୍ଷରେ ୨୦୦୨ ପରଠାରୁ ଭାରତରେ ଟେଷ୍ଟ ମ୍ୟାଚ୍ ଜିତି ନ ଥିବା ୱେଷ୍ଟଇଣ୍ଡିଜ୍‌ର ଏହାର ପୁନରାବୃତ୍ତି ଆଶା ରଖୁ ନ ଥିଲେ ମଧ୍ୟ ପ୍ରଥମ ମ୍ୟାଚ୍ ଅପେକ୍ଷା କିଛି ଲଢୁଆ ଖେଳିବାକୁ ଲକ୍ଷ୍ୟ ରଖିଛି।

କ୍ରିକେଟ ଖେଳରେ ଏକଦା ଅପ୍ରତିଦ୍ୱନ୍ଦ୍ୱୀ ଦେଶ ଭାବେ ବିବେଚିତ ହେଉଥିବା ୱେଷ୍ଟଇଣ୍ଡିଜ୍ ଏବେ ସବୁଠାରୁ ନିମ୍ନଧରଣର ଖେଳ ପ୍ରଦର୍ଶନ କରୁଛି। ଟେଷ୍ଟ ସିରିଜ୍ ପୂର୍ବରୁ ନେପାଳଠାରୁ ଦିନିକିଆ ସିରିଜ୍ ପରାଜୟ ୱେଷ୍ଟଇଣ୍ଡିଜ୍‌ର ମନୋବଳକୁ ଭାଙ୍ଗିଦେଇଥିଲେ। ଅହମ୍ମଦାବାଦ୍‌ରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ୱେଷ୍ଟଇଣ୍ଡିଜ୍ ଗୋଟିଏ ଦିନରେ ଖେଳାଯାଉଥିବା ୯୦ ଓଭର ମଧ୍ୟ ଖେଳିପାରି ନ ଥିଲା। ଭ୍ରମଣକାରୀ ଦଳ ପ୍ରଥମ ଇନିଂସରେ ୪୪.୧ ଓଭର ଖେଳି ୧୬୨ ଓ ଦ୍ୱିତୀୟ ଇନିଂସରେ ୪୫.୧ ଓଭର ବ୍ୟାଟିଂ କରି ୧୪୬ ରନ୍‌ରେ ଅଲଆଉଟ ହୋଇଥିଲା। ଏପରିକି ଦଳର ଜଣେ ହେଲେ ବ୍ୟାଟର ଅର୍ଦ୍ଧଶତକଟିଏ ପୂରଣ କିମ୍ବା ୪୦ ରନ୍ ମଧ୍ୟ କରିପାରି ନ ଥିଲେ। ଟେଷ୍ଟରେ ବ୍ୟାଟରମାନେ ଏକାଧିକ ମେଡେନ ଓଭର ଖେଳି ବୋଲରଙ୍କୁ ନିରାଶ କରିଥାନ୍ତି। ପ୍ରଥମ ଟେଷ୍ଟରେ ଦଳ ୧୬ଟି ମେଡେନ ଓଭର ଖେଳିଥିଲା। ଦ୍ୱିତୀୟ ଟେଷ୍ଟରେ ଦଳ କେତେ ଓଭର ମେଡେନ ଖେଳିବ ଓ ଭାରତୀୟ ବୋଲିଂକୁ ଆଗରେ ମ୍ୟାଚଟି କେତେସମୟରେ ଶେଷ ହେବ ତାହା ଦେଖିବାର କଥା। ଏହି ମ୍ୟାଚ ଲାଗି ଦଳରେ ସ୍ଥାନ ପାଇଥିବା ବାମହାତୀ ସ୍ପିନର ଜେଡିଆ ବ୍ଲେଡ୍‌ସଙ୍କ ଖେଳିବା ସମ୍ଭାବନା ରହିଛି।

ଅନ୍ୟପକ୍ଷରେ ଭାରତ ଆଗରେ ମୂଳ ଲକ୍ଷ୍ୟ ହେଉଛି ୱାର୍ଲ୍ଡ ଟେଷ୍ଟ ଚାମ୍ପିଅନସିପ୍‌ର ପୂରା ପଏଣ୍ଟ ହାସଲ କରିବା। ଦ୍ୱିତୀୟ ଟେଷ୍ଟରେ ଦଳ କୌଣସି ଖେଳାଳି ପରିବର୍ତ୍ତନ କରିବ ନାହିଁ ବୋଲି ଆଶା କରାଯାଉଛି। କିନ୍ତୁ ଦୁଇଜଣ ଖେଳାଳିଙ୍କ ଉପରେ ନଜର ରହିଛି। ସେମାନେ ହେଲେ ନଂ-୩ରେ ବ୍ୟାଟିଂ କରୁଥିବା ସାଇ ସୁଦର୍ଶନ ଓ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ। ସୁଦର୍ଶନ ପ୍ରଥମ ଟେଷ୍ଟରେ ମାତ୍ର ୭ ରନ କରିଥିଲେ। ଗତ ୭ଟି ଇନିଂସରେ ସୁଦର୍ଶନ ମାତ୍ର ୧୪୭ ରନ୍ କରିଛନ୍ତି। ଅନ୍ୟ ପକ୍ଷରେ ବ୍ୟାଟିଂ ସୁଯୋଗ ପାଇ ନ ଥିବା ନୀତୀଶ ରେଡ୍ଡୀ ମାତ୍ର ୪ ଓଭର ବୋଲିଂ କରିଥିଲେ। ଏମାନେ ବ୍ୟାଟିଂ ଅର୍ଡରରେ ଆଗୁଆ ଆସିଲେ ସନ୍ଦେହର ଅବକାଶ ନାହିଁ। ଦିଲ୍ଲୀ ୱିକେଟ ସ୍ପିନରଙ୍କୁ ସହାୟତା ଦେଉଥିଲାବେଳେ ଏହି ମ୍ୟାଚ୍‌କୁ ଭାରତ ପୁଣିଥରେ ଅଢ଼େଇ ଦିନରେ ଲଢ଼େଇ ଶେଷ କରିବ ବୋଲି ଆଶା କରାଯାଇପାରେ।



**ଖେଳ ଆରମ୍ଭ : ସକାଳ ୯ଟା ୩୦**
**ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**

### କ୍ରମାଗତ ୯ମ ସିରିଜ୍ ବିଜୟ

ଟେଷ୍ଟ କ୍ରିକେଟରେ ଭାରତ ଶେଷଥର ଲାଗି ୱେଷ୍ଟଇଣ୍ଡିଜ୍‌ଠାରୁ ୨୦୦୨ରେ ପରାଜିତ ହୋଇଥିଲା। ଏହା ପରଠାରୁ ଭାରତ କ୍ରମାଗତ ଭାବେ ୯ଟି ଟେଷ୍ଟ ସିରିଜ୍‌ରେ କବ୍‌ଜା କରିଛି।

୧୯୮୭ରେ ଶେଷଥର ଲାଗି ଏଠାରେ ଭାରତକୁ ହରାଇଛି ୱେଷ୍ଟଇଣ୍ଡିଜ୍। ଏହାପରଠାରୁ ଭାରତ ଏଠାରେ ୧୧ଟି ଟେଷ୍ଟରେ ବିଜୟୀ ହୋଇଛି ଓ ୨ଟି ଟେଷ୍ଟ ଡ୍ର ରଖିଛି।

ଦିଲ୍ଲୀରେ ଭାରତ ଶେଷଥର ୨୦୨୩ରେ ଟେଷ୍ଟ ମ୍ୟାଚ୍ ଖେଳିଥିଲା। ଏଥିରେ ଜାଡେଜା ପ୍ରଥମ ଇନିଂସରେ ୭ଟି ଓ ମ୍ୟାଚ୍‌ରେ ୧୦ଟି ୱିକେଟ ନେଇ ଅଷ୍ଟ୍ରେଲିଆ ବିପକ୍ଷରେ ଶ୍ରେଷ୍ଠ ବୋଲିଂ ସଫଳତା ହାସଲ କରିଥିଲେ।

ଅନ୍ୟ ପକ୍ଷରେ ୱେଷ୍ଟଇଣ୍ଡିଜ୍ ଖେଳିଥିବା ଗତ ୧୩ଟି ଟେଷ୍ଟ ଇନିଂସରେ ଓପନରମାନେ ଥରେ ହେଲେ ୫୦ ରନ୍‌ର ଭାଗୀଦାରି କରିପାରି ନାହାନ୍ତି। ସେହିପରି ଚଳିତବର୍ଷ ଖେଳିଥିବା ୧୨ଟି ଟେଷ୍ଟରେ ଦଳର ଓପନର ଥରେ ମାତ୍ର ୫୦ ରନ୍ ଭାଗୀଦାରି କରିଛନ୍ତି।

**ସମ୍ଭାବ୍ୟ ଖେଳାଳି ଦଳ**

**ଭାରତ :** ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ସାଇ ସୁଦର୍ଶନ, ଶୁବମନ ଗିଲ୍ (ଅଧିନାୟକ), ଧ୍ରୁବ ଜୁରେଲ (ୱିକେଟରକ୍ଷକ), ନୀତୀଶ କୁମାର ରେଡ୍ଡୀ, ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, ଯଶପ୍ରୀତ୍ ବୁମ୍‌ରା, କୁଲଦୀପ ଯାଦବ ଓ ମହମ୍ମଦ ସିରାଜ।

**ୱେଷ୍ଟଇଣ୍ଡିଜ୍ :** ଜନ୍ କ୍ୟାମ୍ପବେଲ, ତାଗନାରିନ ଚନ୍ଦରପଲ, ଆଲିକ ଆଥାନାଜେ, ବ୍ରାଣ୍ଡନ କିଙ୍ଗ୍, ରୋଷ୍ଟୋନ ଚେଜ୍ (ଅଧିନାୟକ), ସାଇ ହୋପ୍, ଜଷ୍ଟିନ ଗ୍ରିଭ୍‌ସ, ଖାରୀ ପିଏରେ, ଜୋମେଲ ୱାରିକାନ, ଜୋହାନ ଲେନ୍/ଜେଡିଆ ବ୍ଲେଡ୍‌ସ, ଜେଡେନ ସିଲ୍ସ।

## ରିଙ୍କୁ ସିଂଙ୍କୁ ଦାଉଦ ଗ୍ୟାଙ୍ଗରୁ ମିଳିଲା ଧମକ

ଲକ୍ଷ୍ନୌ, ୯ ।୧୦ (ଏଜେନ୍ସି): ଭାରତୀୟ କ୍ରିକେଟର୍ ରିଙ୍କୁ ସିଂଙ୍କୁ ଡି-କମ୍ପାନୀ ତଥା ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦ ଗ୍ୟାଙ୍ଗରୁ ଧମକ ମିଳିଛି। ମୁମ୍ବାଇ କ୍ରାଇମବ୍ରାଞ୍ଚ ପକ୍ଷରୁ ଏହି ଗୁରୁତ୍ୱପୂର୍ଣ୍ଣ ସୂଚନା ଦିଆଯାଇଛି। ରିପୋର୍ଟ ଅନୁଯାୟୀ, ଦାଉଦ ଗ୍ୟାଙ୍ଗ ପକ୍ଷରୁ ଚଳିତ ବର୍ଷ ଫେବୃଆରୀରୁ ଏପ୍ରିଲ ମଧ୍ୟରେ ରିଙ୍କୁଙ୍କ ପ୍ରମୋସନାଲ ଟିମ୍ ନିକଟକୁ ୩ଟି ଧମକପୂର୍ଣ୍ଣ ମେସେଜ ପଠାଯାଇଥିଲା। ଯେଉଁଥିରେ ରିଙ୍କୁଙ୍କୁ ୧୦ କୋଟି ଟଙ୍କା ଦେବା ଲାଗି ଦାବି କରାଯାଇଥିଲା। ଏହି ମାମଲାରେ ପୋଲିସ ୨ଜଣଙ୍କୁ ଗିରଫ କରିସାରିଛି। ସେମାନଙ୍କ ମଧ୍ୟରୁ ମହମ୍ମଦ ଦିଲଶାଦ ନୌସାଦଙ୍କୁ ପୋଲିସ ତ୍ରିନିଦାଦରୁ ଗିରଫ କରିଥିଲା। ୩୩ ବର୍ଷୀୟ ନୌସାଦ ବିହାରର ମୂଳବାସିନ୍ଦା। ସେ ରିଙ୍କୁଙ୍କ ଇଭେଣ୍ଟ ମ୍ୟାନେଜରଙ୍କୁ ୧୦ କୋଟି ଟଙ୍କା ଦେବା ଲାଗି ଦାବି କରିଥିଲେ। ଟଙ୍କା ନ ମିଳିଲେ ରିଙ୍କୁଙ୍କୁ ହତ୍ୟା କରିବା ଲାଗି ମଧ୍ୟ ଧମକ ଦେଇଥିଲା। ଭାରତୀୟ କ୍ରିକେଟର୍ ରିଙ୍କୁଙ୍କୁ ଅଣ୍ଡରୱାର୍ଲ୍ଡରୁ ଧମକ ମିଳିବା ଖବର ଏବେ ଆଲୋଡ଼ନ ସୃଷ୍ଟି କରିଛି।



## ପ୍ରଥମଥର ଲାଗି ପଦକ ନିଶ୍ଚିତ କଲା ଭାରତ

**ବିଶ୍ୱ ବ୍ୟାଡ୍‌ମିଣ୍ଟନ ଜୁନିଅର ମିକ୍ସଡ ଟିମ୍ ଚାମ୍ପିଅନସିପ୍**

ଗୌହାଟୀ, ୯ ।୧୦ (ଏଜେନ୍ସି): ବିଶ୍ୱ ବ୍ୟାଡ୍‌ମିଣ୍ଟନ ଜୁନିଅର ମିକ୍ସଡ ଟିମ୍ ଚାମ୍ପିଅନସିପ୍ ଇତିହାସରେ ଭାରତ ଏହାର ସର୍ବପ୍ରଥମ ପଦକ ଜିତିବା ନିଶ୍ଚିତ ହୋଇଛି। ଏଠାରେ ଚାଲିଥିବା ଚଳିତ ସଂସ୍କରଣରେ ଗୁରୁବାର ଆୟୋଜକ ଭାରତୀୟ ଦଳ ୪୪-୪୫, ୪୫-୩୦, ୪୫-୩୩ ପଏଣ୍ଟରେ ଶକ୍ତିଶାଳୀ କୋରିଆକୁ ପରାସ୍ତ କରି ସେମିଫାଇନାଲରେ ପହଞ୍ଚିଛି। ସେମିଫାଇନାଲରେ ପ୍ରବେଶ ସହ ଘରୋଇ ଭାରତୀୟ ଦଳ ପଦକ ନିଶ୍ଚିତ କରିଛି। ଏହି ପ୍ରତିଯୋଗିତାର ଇତିହାସରେ ଭାରତର ଏହା ସର୍ବପ୍ରଥମ ପଦକ ହେବ। ସେମିଫାଇନାଲରେ ଭାରତର ମୁକାବିଲା ଇଣ୍ଡୋନେସିଆ ସହ ହେବ।

### ରାଜମାତା ଜିଜାବାଈ ଟ୍ରଫି

## ସାଥ୍ ଦେଲାନି ଟସ୍; ଓଡ଼ିଶାର ଅଭିଯାନ ଶେଷ

କଟକ, ୯।୧୦(ସମିସ): ୩୦ତମ ବରିଷ୍ଠ ମହିଳା ଜାତୀୟ ଫୁଟବଲ ଚାମ୍ପିଅନସିପ୍ ରାଜମାତା ଜିଜାବାଈ ଟ୍ରଫିରେ ଓଡ଼ିଶାର ଅଭିଯାନ ଶେଷ ହୋଇଛି। ଛତିଶଗଡ ନାରାୟଣପୁରର ଆରକେଏମ ଆଶ୍ରମ ଗ୍ରାଉଣ୍ଡରେ ଆଜି ଖେଳାଯାଇଥିବା ତାମିଲନାଡୁ ବିପକ୍ଷ ୪ର୍ଥ ତଥା ଅନ୍ତିମ ଲିଗ୍ ମ୍ୟାଚ୍‌କୁ ଓଡ଼ିଶା ୧-୧ ଗୋଲରେ ଡ୍ର ରହିଥିଲା। ପଶ୍ଚିମବଙ୍ଗ ସର୍ବାଧିକ ୧୦ ପଏଣ୍ଟ ସଂଗ୍ରହ କରି ପରବର୍ତ୍ତୀ ପର୍ଯ୍ୟାୟକୁ ପ୍ରବେଶ କରିଥିଲା। କିନ୍ତୁ ତାମିଲନାଡୁ ଏବଂ ଓଡ଼ିଶା ଉଭୟ ୭ ପଏଣ୍ଟ ଲେଖାଏ ହାସଲ କରି ମିଳିତ ଭାବେ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଏପରିକି ଗୋଲ୍ ବ୍ୟବଧାନରେ ମଧ୍ୟ ଉଭୟ ଦଳ ସମାନ ସ୍ଥିତିରେ ରହିଥିଲେ। ଫଳରେ ଦ୍ୱିତୀୟ ଦଳ ଭାବେ କିଏ ଫାଇନାଲ ରାଉଣ୍ଡକୁ ଉତ୍ତୀର୍ଣ୍ଣ ହେବ ତାହା କଏନ୍ ଟସ୍ ଦ୍ୱାରା ନିର୍ଦ୍ଧାରଣ ହୋଇଥିଲା। ଟସ୍‌ରେ ତାମିଲନାଡୁ ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବେ ଫାଇନାଲ ରାଉଣ୍ଡର ପରବର୍ତ୍ତୀ ପର୍ଯ୍ୟାୟରେ ସ୍ଥାନ ସୁରକ୍ଷିତ କରିଥିଲା।

## ରଶିଦ ଖାନଙ୍କ ଏସୀୟ କୀର୍ତ୍ତିମାନ

ଆବୁଧାବି, ୯ ।୧୦ (ଏଜେନ୍ସି): ଏଠାରେ ଖେଳାଯାଇଥିବା ବାଂଲାଦେଶ ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚରେ ଆଫଗାନିସ୍ତାନ ୫ ୱିକେଟ୍‌ରେ ବିଜୟୀ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ଅଧିନାୟକ ମେହିଦୀ ହାସନ ମିରାଜ (୬୦) ଓ ତ୍ରୋହିଦ ହ୍ରିଦୟ (୫୬)ଙ୍କ ଅର୍ଦ୍ଧଶତକ ବଳରେ ୪୮.୫ ଓଭରରେ ୨୨୧ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ରହମତ୍ ଶାହ ଓ ରହମନଉଲ୍ଲା ଗୁରବାଜ ୫୦ ରନ ଲେଖାଏ କରିବା ଫଳରେ ଆଫଗାନିସ୍ତାନ ୧୭ ବଲ୍ ଓ ୫ ୱିକେଟ୍ ବଳକା ଥାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଏହି ମ୍ୟାଚରେ ଆଫଗାନିସ୍ତାନ ସ୍ପିନର ରଶିଦ ଖାନ ୩ଟି ୱିକେଟ୍ ନେଇ ଏକ କୀର୍ତ୍ତିମାନ ନିଜ ନାମରେ ଲିପିବଦ୍ଧ କରିଛନ୍ତି। ରଶିଦ ବର୍ତ୍ତମାନ ୧୧୫ଟି ଦିନିକିଆ ଖେଳି ୨୦୨ଟି ୱିକେଟ୍ ନେଇଛନ୍ତି। ଏଥିସହ ଏସିଆ ମହାଦେଶର ପ୍ରଥମ କ୍ରିକେଟର୍ ଭାବେ ସେ ଟି-୨୦ ଫର୍ମାଟରେ ଦେଢ଼ଶହରୁ ଊର୍ଦ୍ଧ୍ୱ ଏବଂ ଦିନିକିଆରେ ୨୦୦ରୁ ଊର୍ଦ୍ଧ୍ୱ ୱିକେଟ୍ ନେବାର ସଫଳତା ପାଇଛନ୍ତି। ଟି-୨୦ରେ ସେ ୧୦୬ ମ୍ୟାଚରୁ ୧୭୯ ୱିକେଟ୍ ଅକ୍ତିଆର କରିଛନ୍ତି।



## ଭାରତ-ସିଙ୍ଗାପୁର ମ୍ୟାଚ୍ ଡ୍ର

ସିଙ୍ଗାପୁର, ୯।୧୦(ଏଜେନ୍ସି): ରହିମ ଅଲିଙ୍କ ଶେଷ ମୁହୂର୍ତ୍ତ ଗୋଲ ବଳରେ ଏଠାରେ ଗୁରୁବାର ଅନୁଷ୍ଠିତ ୨୦୨୭ ଏସିଆ କପ୍ ଗ୍ରୁପ୍-ସି' କ୍ୱାଲିଫାୟର୍ସ ମୁକାବିଲାରେ ସିଙ୍ଗାପୁର ସହ ୧-୧ ଗୋଲରେ ମ୍ୟାଚ୍ ଡ୍ର ରଖିଛି ଭାରତ। ଏହି ମୁକାବିଲାର ପ୍ରଥମାର୍ଦ୍ଧ ଖେଳର ଠିକ୍ ପୂର୍ବରୁ ସିଙ୍ଗାପୁର ଗୋଲ ଦେଇଥିଲା। ଦ୍ୱିତୀୟାର୍ଦ୍ଧ ଖେଳର ୨ ମିନିଟ୍ ପରେ ମିଡ୍‌ଫିଲ୍ଡର ସନ୍ଦେଶ ଝିଙ୍ଗାନ ଦ୍ୱିତୀୟ ୟେଲୋ କାର୍ଡ ପାଇବା ପରେ ଭାରତ ୧୦ଜଣଙ୍କୁ ନେଇ ଖେଳିଥିଲା। ସିଙ୍ଗାପୁର ମ୍ୟାଚ୍ ଜିତିବା ନିକଟତର ହେଉଥିଲାବେଳେ ୯୦ତମ ମିନିଟ୍‌ରେ ଗୋଲ ଦେଇ ରହିମ ଖେଳକୁ ସମାନସ୍ତରକୁ ନେଇ ଆସିଥିଲେ। ଏବେ ଗ୍ରୁପ୍-ସି'ରେ ଭାରତ ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି।

## ମହିଳା ଟି-୨୦: ଓଡ଼ିଶାର ୨ୟ ପରାଜୟ

କଟକ, ୯।୧୦(ସମିସ): ବିସିସିଆଇ ଆନୁକୂଲ୍ୟରେ ଗ୍ୱାଲିୟରରେ ଚାଲିଥିବା ଜାତୀୟ ସିନିଅର ମହିଳା ଟି-୨୦ ଟ୍ରଫିରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ପରାଜୟର ସମ୍ମୁଖୀନ ହୋଇଛି। ଗୁରୁବାର ୨ୟ ଲିଗ୍ ମ୍ୟାଚ୍‌ରେ ହିମାଚଳପ୍ରଦେଶ ୪୨ ରନରେ ଓଡ଼ିଶାକୁ ପରାସ୍ତ କରିଛି। ହିମାଚଳପ୍ରଦେଶ ୨ ୱିକେଟ ବିନିମୟରେ ୧୭୨ ରନ ସଂଗ୍ରହ କରିଥିଲା। ଓପନର ନିକିତା ଚୌହ୍ୱାନ ୮୭ ରନର ଅପରାଜିତ ପାଳି ଖେଳିଥିଲେ। ବୋଲିଂରେ ଓଡ଼ିଶାର ଶୁଭ୍ର ନିର୍ଝରିଣୀ ସ୍ୱାଇଁଙ୍କୁ ୨ଟି ୱିକେଟ ମିଳିଥିଲା। ଜବାବରେ ଓଡ଼ିଶା ଦଳ ୭ ୱିକେଟ ହରାଇ ୧୨୯ ରନ କରିବାକୁ ସକ୍ଷମ ହୋଇଥିଲା। ସଙ୍ଗୀତା ଖାଡିଆ ୩୩ ଓ ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ ୩୧ ରନର ପାଳି ଖେଳିଥିଲେ।

## ବିନୁ ମଙ୍କଡ ଟ୍ରଫି: ହାରିଲା ଓଡ଼ିଶା

କଟକ, ୯।୧୦(ସମିସ): ୧୯ବର୍ଷରୁ କମ୍ ଜାତୀୟ ବାଳକ ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବିନୁ ମଙ୍କଡ ଟ୍ରଫି ଗୁରୁବାରଠାରୁ ଆରମ୍ଭ ହୋଇଛି। ହରିୟାଣା ଚୌଧୁରୀ ବଂଶୀଲାଲ କ୍ରିକେଟ ଷ୍ଟାଡିୟମରେ ଖେଳାଯାଇଥିବା ପ୍ରଥମ ମୁକାବିଲାରେ ଓଡ଼ିଶା ୪ ୱିକେଟରେ ଗୁଜରାଟଠାରୁ ପରାସ୍ତ ହୋଇଛି। ସମ୍ବିତ ବେଜଙ୍କ ନେତୃତ୍ୱାଧୀନ ଓଡ଼ିଶା ୧୫୧ ରନରେ ଅଲଆଉଟ ହୋଇଥିଲା। ପିୟୂଷ ରଞ୍ଜନ ମନ୍ତ୍ରୀ ସର୍ବାଧିକ ୨୬ ରନ କରିଥିଲେ। ଜବାବରେ ଏମ ଚାଭଡା ୧୦୩ ରନ ବଳରେ ୬ ୱିକେଟ ହରାଇ ଗୁଜରାଟ ବିଜୟୀ ହୋଇଥିଲା। ଶନିବାର ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ଆନ୍ଧ୍ରପ୍ରଦେଶକୁ ଭେଟିବ।

## କଳିଙ୍ଗ କପ୍ ଜିତିଲା ରକ୍‌ଷ୍ଟାର



ଭୁବନେଶ୍ୱର, ୯।୧୦(ସମିସ): ଥାର୍ଡ ଆଇ ବିଦ୍ୟୁତ୍‌କୁ ହରାଇ ରକ୍‌ଷ୍ଟାର କ୍ଲବ୍ ଚତୁର୍ଥ କଳିଙ୍ଗ କପ୍ ଚାମ୍ପିଅନ ହୋଇଛି। ଗୋପବନ୍ଧୁ କ୍ଲବ୍ ଆନୁକୂଲ୍ୟରେ ଅକ୍ଟୋବର ୨ରୁ ୯ ତାରିଖଯାଏ ଗୋପବନ୍ଧୁ ପଡ଼ିଆରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯାଇଥିଲା। ଏଥିରେ ଚାମ୍ପିଅନ ଦଳକୁ ଟ୍ରଫି ସହ ୧.୫ ଲକ୍ଷ ଓ ରନର୍ସଅପ୍ ଦଳକୁ କପ୍ ସହ ୧ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଖେଳ ଶେଷରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ମୁଖ୍ୟ ଅତିଥି, ଗୌତମ କୁମାର ବେହେରା ଓ ମନୋଜ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ ଗୋପବନ୍ଧୁ କ୍ଲବ୍‌ର ସଭାପତି ଦେବପ୍ରସାଦ ଜେନା ଓ ସମ୍ପାଦକ ଅବିନାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଟୁର୍ଣ୍ଣାମେଣ୍ଟକୁ ଅଭିନେତ୍ରୀ ଭୂମିକା ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ।

## ଜାତୀୟ ଦଳରେ ବିକେ ଓରାମ୍

କଟକ, ୯।୧୦ (ସମିସ): ଭାରତୀୟ ୨୩ବର୍ଷରୁ କମ୍ ବାଳକ ଫୁଟବଲ ଦଳରେ ଓଡ଼ିଶାର ବିକେ ଓରାମ ସ୍ଥାନ ପାଇଛନ୍ତି। ଚଳିତ ମାସ ୧୦ ଓ ୧୩ ତାରିଖରେ ଇଣ୍ଡୋନେସିଆ ବିପକ୍ଷରେ ଭାରତ ଦୁଇଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବ। ଉଭୟ ମ୍ୟାଚ୍ ଜାକର୍ତାରେ ଖେଳାଯିବ। ଏକମାତ୍ର ଓଡ଼ିଆ ଖେଳାଳି ଭାବେ ମିଡଫିଲ୍ଡର ବିକେ ଘୋଷିତ ୨୩ ବର୍ଷରୁ କମ୍ ଭାରତୀୟ ଦଳରେ ସ୍ଥାନ ପାଇବା ସହ ରାଜ୍ୟ ନିମନ୍ତେ ଗୌରବ ଆଣି ଦେଇଛନ୍ତି। ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ସଭାପତି ଟଙ୍କଧର ତ୍ରିପାଠୀ ଓ ସମ୍ପାଦକ ଡଃ ଆଶୀର୍ବାଦ ବେହେରା ଏଥିଲାଗି ବିକେଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



# ଆଜିଠାରୁ କଳିଙ୍ଗରେ ଜାତୀୟ ଜୁନିଅର ଆଥଲେଟିକ୍ସ

ଭୁବନେଶ୍ୱର, ୯ ।୧୦(ସମିସ):

ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଆଉ ଏକ ଜାତୀୟସ୍ତରର ଇଭେଣ୍ଟ ଆୟୋଜନ ହେବାକୁ ଯାଉଛି। ଶୁକ୍ରବାରଠାରୁ ଏଠାରେ ଜାତୀୟ ଜୁନିଅର ଆଥଲେଟିକ୍ ଚାମ୍ପିଅନସିପ୍‌ର ୪୦ତମ ସଂସ୍କରଣ ଆରମ୍ଭ ହେବ। ଓଡ଼ିଶା ସରକାର ଓ ଓଡ଼ିଶା ଆଥଲେଟିକ୍ ଆସୋସିଏସନ (ଓଏଏ) ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ୫ ଦିନିଆ କ୍ରୀଡ଼ାରେ ଦେଶର ୨୮ଟି ରାଜ୍ୟ ଓ ୮ଟି କେନ୍ଦ୍ରଶାସିତ ପ୍ରଦେଶରୁ ମୋଟ୍ ୨,୦୦୦ ଆଥଲେଟ୍ ଭାଗନେବେ। ହରିୟାଣାରୁ ସର୍ବାଧିକ ୧୪୭ ଆଥ୍‌ଲେଟ୍ ଅଂଶଗ୍ରହଣ କରିବେ। ସେହିପରି ୩୮ ବାଳକ ଓ ୩୭ ବାଳିକାଙ୍କ ସମେତ ମୋଟ୍ ୭୫ ଜଣ ଓଡ଼ିଆ କ୍ରୀଡ଼ାବିତ ନିଜର ଦକ୍ଷତା ଓ ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ପାଇବେ। ଓଡ଼ିଶାର ଓମକାର ନନ୍ଦ (ଥ୍ରୋ), ପ୍ରତୀକ ମହାରଣା (୧୦୦/୨୦୦ ମି), ଅଙ୍କିତା ମହାପାତ୍ର (ଥ୍ରୋ) ଓ ବାପି ହାଁସଦା (୧୦୦, ୨୦୦ମି, ୪ ଗୁଣା ୧୦୦ମି)ଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିଛି।



ଏଥିରେ ଭଲ ପ୍ରଦର୍ଶନ କରି କ୍ରୀଡ଼ାବିତ ଭାବେ ବାହାରିନ୍‌ରେ ଆୟୋଜନ ହେବାକୁ ଥିବା ତୃତୀୟ ଏସୀୟ ଯୁବ କ୍ରୀଡ଼ା ପାଇଁ ଯୋଗ୍ୟତା ଅର୍ଜନ କରିବେ। ଅର୍ଥାତ ଏହି ଚାମ୍ପିଅନସିପ୍‌ରୁ ଏସୀୟ ଯୁବ କ୍ରୀଡ଼ା ପାଇଁ ଭାରତୀୟ ଦଳ ଚୟନ ହେବ। ଉଭୟ ବାଳକ ଓ ବାଳିକା ବର୍ଗରେ ୧୪, ୧୬, ୧୮ ଓ ୨୦ ବର୍ଷରୁ କମ୍ ବୟସ ବର୍ଗର ଆଥଲେଟ୍‌ମାନେ ବିଭିନ୍ନ ଇଭେଣ୍ଟରେ ଅଂଶଗ୍ରହଣ କରିବେ।

### ପ୍ରୀତି ଲାକ୍ରାଙ୍କୁ ନେଇ ବିବାଦ

ଏହି ଇଭେଣ୍ଟରେ ସୁନ୍ଦରଗଡ଼ର ପ୍ରୀତି ଲାକ୍ରାଙ୍କୁ ଚୟନ କରାଯାଇ ନ ଥିବାରୁ ବିବାଦ ସୃଷ୍ଟି ହୋଇଛି। ପ୍ରୀତି ସେପ୍ଟେମ୍ବର ୨୨ରୁ ୨୪ ମଧ୍ୟରେ ରାଞ୍ଚିରେ ଅନୁଷ୍ଠିତ ପୂର୍ବାଞ୍ଚଳ ଜୁନିଅର ଚାମ୍ପିଅନସିପ୍‌ରେ ୩ଟି ପଦକ ଜିତିଥିଲେ ମଧ୍ୟ ତାଙ୍କୁ ଦଳରେ ସାମିଲ କରାଯାଇନାହିଁ। ସେ ୨୦ ବର୍ଷରୁ କମ୍ ମହିଳା ୧୦୦ ମିଟରରେ ୧୩.୦୬ ସେକେଣ୍ଡ ସହ ରୌପ୍ୟ, ଟ୍ରିପଲ ଜମ୍ପରେ କାଂସ୍ୟ ଓ ୪ ଗୁଣା ୧୦୦ ମିଟର ରିଲେରେ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଥିଲେ। ଏଏଫ୍‌ଆଇର କ୍ୱାଲିଫିକେଶନ ମାର୍କ ୧୨.୭୫ ରହିଛି। ତେବେ ଗତମାସ ଓଓଏ ଆନୁକୂଲ୍ୟରେ କଟକରେ ଅନୁଷ୍ଠିତ ସିଲେକ୍ସନ ଟ୍ରାଏଲ୍‌ରେ ପ୍ରୀତି ଅପେକ୍ଷାକୃତ କମ୍ ସମୟ ୧୨.୫୮ ସେକେଣ୍ଡ ନେଇ ପ୍ରଥମ ହୋଇଥିଲେ ମଧ୍ୟ ତାଙ୍କୁ ଦଳରେ ନିଆଯାଇନାହିଁ। ଏନେଇ ମଧ୍ୟ ଏଏଫ୍‌ଆଇର ଅଧିକାରୀମାନେ ସନ୍ତୋଷଜନକ ଉତ୍ତର ଦେଇପାରି ନଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS